



# ସଂଚାର THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 150 | ଭାଗ ୩୩ | ସଂଖ୍ୟା ୧୫୦ Thursday 21 August 2025 | Page 8 Rs. 5.00 ● ଭୁବନେଶ୍ୱର ଗୁରୁବାର ୨୧ ଅଗଷ୍ଟ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


### ଏମ୍ଏସ୍ଏମ୍ଇ ବିଭାଗ କାର୍ଯ୍ୟକ୍ରମର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

## ସବୁ ଜିଲ୍ଲାରେ ପ୍ରତିଷ୍ଠା ହେବ ଏମ୍ଏସ୍ଏମ୍ଇ ପାର୍କ



**ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସମୀକ୍ଷା କରିଛନ୍ତି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏମଏସଏମଇ ହେଉଛି ବ୍ୟାପକ ନିଯୁକ୍ତି ଓ ସମ୍ଭାବନାର କ୍ଷେତ୍ର। ସରକାରୀ ସ୍ତରରେ ଏମଏସଏମଇ ପ୍ରତିଷ୍ଠା ପାଇଁ ସମସ୍ତ ସୁବିଧାସୁଯୋଗ ଯୋଗାଇ ଦିଆଯାଉଛି। ଯୁବଗୋଷ୍ଠୀଙ୍କୁ ଅଧିକରୁ ଅଧିକ ଏ କ୍ଷେତ୍ରକୁ ଆକୃଷ୍ଟ କରିବା ପାଇଁ ବିଭାଗ ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିପାଇଁ ସବୁ ଜିଲ୍ଲାରେ ଏମଏସଏମଇ ପାର୍କ ପ୍ରତିଷ୍ଠା କରିବା ପାଇଁ ପଦକ୍ଷେପ ନିଆଯାଉଛି। ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆମ ଲକ୍ଷପତି ଦିଦି କାର୍ଯ୍ୟକ୍ରମ ଖୁବ ସଫଳ ହେଉଛି। ପ୍ରାୟ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଲେଣି। ଏଥିରେ ଅନେକ କ୍ଷୁଦ୍ର ବ୍ୟବସାୟୀ ଓ ଉଦ୍ୟୋଗୀ ଅଛନ୍ତି। ସେମାନଙ୍କୁ ଉପଯୁକ୍ତ ସହାୟତା ପ୍ରଦାନ କରାଗଲେ, ସେମାନେ ଆଗକୁ ବଢ଼ିପାରିବେ ଏବଂ ଉଦ୍ୟୋଗ ଓ ବାଣିଜ୍ୟ କ୍ଷେତ୍ରରେ ବ୍ୟାପକ ସଫଳତା ହାସଲ ➭ପୃଷ୍ଠା-୬

### ଲୋକସଭାରେ ୩ ବିଧେୟକ ଆଗତ

## ମାସେ ଜେଲ୍‌ଗଲେ ପଦ ହରାଇବେ ନେତା

- ଆଲୋଚନା ପାଇଁ ଜେପିସିକୁ ଗଲା ବିଧେୟକ
- ଶାସକ ଓ ବିରୋଧୀ ଦଳର ୩୧ ସାଂସଦ କରିବେ ତର୍ଜମା
- ସଂସଦରେ ବିରୋଧୀଙ୍କ ଜୋର୍‌ଦାର ହଙ୍ଗାମା
- ଚିରି ଫିଙ୍ଗିଲେ ବିରୋଧୀ ଦଳ ନେତା
- ଗିରଫ ପରେ ନିର୍ଲ୍ଲଜ ଭାବେ ପଦ ରଖିବା ଅନୁଚିତ: ଶାହ



**ନୂଆଦିଲ୍ଲୀ,୨୦।୮:** କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜି ଲୋକସଭାରେ ୩ଟି ବିଧେୟକ ଆଗତ ହୋଇଛି। ଏହି ବିଧେୟକ ସପକ୍ଷରେ ବହୁମତ ପ୍ରକାଶ ପାଇଲେ, ଆଗାମୀ ଦିନରେ ଭାରତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିପାରିବ। ଲୋକସଭାରେ ଜୋରଦାର ହଙ୍ଗାମା ମଧ୍ୟରେ ଏହି ୩ଟି ସଂଶୋଧିତ ବିଧେୟକ ଉପସ୍ଥାପନ କରିଛନ୍ତି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ। ସାମ୍ପ୍ରତିକ ସମୟରେ ରାଜନୀତିରେ ଅପରାଧୀଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏପରି ଜନପ୍ରତିନିଧିଙ୍କୁ ହଟାଇବା ସକାଶେ ଏହି ବିଧେୟକଗୁଡ଼ିକୁ ଆଗତ କରାଯାଇଛି। ସମ୍ପୃକ୍ତ ବିଧେୟକରେ କୌଣସି ଜନପ୍ରତିନିଧି କ୍ରମାଗତ ୩୦ ଦିନ ଜେଲରେ ରହିଲେ ତାଙ୍କୁ ପଦ ହରାଇବାକୁ ପଡ଼ିବ ବୋଲି ବ୍ୟବସ୍ଥା ରହିଛି। ଏଥିସହ ୩ଟିଯାକ ବିଧେୟକକୁ ତର୍ଜମା ପାଇଁ ଯୁଗ୍ମ ସଂସଦୀୟ କମିଟି (ଜେପିସି)କୁ ପଠାଯାଇଛି। ଏହି ବିଧେୟକଗୁଡ଼ିକର ତର୍ଜମା ଦାୟିତ୍ୱ ଶାସକ ଓ ବିରୋଧୀ ଦଳର ୩୧ ଜଣ ସାଂସଦଙ୍କୁ ଦିଆଯାଇଛି। ଆଜି ଲୋକସଭାର ଚଳିତ ମୌସୁମୀ ଅଧିବେଶନ ଅବସରରେ ସମ୍ବିଧାନ (୧୩୦ତମ ସଂଶୋଧନ) ➭ପୃଷ୍ଠା-୬

## ନବୀନଙ୍କ ସହ କଥା ହେଲେ ମୋଦି

- ସୁସ୍ଥ ହେବା ପରେ ହସ୍ପିଟାଲରୁ ହେଲେ ଡିସଚାର୍ଜ
- ଆଶୁ ଆରୋଗ୍ୟ କାମନା କଲେ ଏଆଇସିସି ସଭାପତି

**ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ):** ଚାରି ଦିନ ପରେ ସୁସ୍ଥ ହୋଇ ନବୀନ ନିବାସ ଫେରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଆଜି ସମ ଅଲ୍ଟିମେଟ କେୟାରରୁ ଡିସଚାର୍ଜ ହୋଇଛନ୍ତି ନବୀନ। ଡିହାଇଡ୍ରେସନ ସମସ୍ୟା ପାଇଁ ଗତ ରବିବାର ସେ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଦିନକ ପରେ ତାଙ୍କୁ ଅବଜର୍ଭେସନ ରୁମ୍‌ରୁ କ୍ୟାବିନକୁ ସ୍ଥାନାନ୍ତର କରାଯାଇଥିଲା। ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ ତାଙ୍କର ଚିକିତ୍ସା କରିଥିଲେ। ନବୀନ ହସ୍ପିଟାଲରେ ଥିବା ସମୟରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଫୋନ କରି ତାଙ୍କ ସହ କଥା ହୋଇଥିଲେ। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଦିଲ୍ଲୀ ଆସିଲେ ଦେଖା ➭ପୃଷ୍ଠା-୬





### ଏନ୍ଏଚ୍ଏଆଇକୁ ସୁପ୍ରିମକୋର୍ଟଙ୍କ ଝଟ୍‌କା

## ଟ୍ରାଫିକ ଜାମ୍ କି ଖାଲ ଥିଲେ, ଟୋଲ ଫି' ଆଦାୟ କରିପାରିବେନି

**ତିରୁବନନ୍ତପୁରମ୍,୨୦।୮:** କେରଳ ପଲିୟେକ୍କାରାରେ ଜାତୀୟ ରାଜପଥ ୫୪୪ରେ ଟୋଲ ପ୍ଲାଜାରେ ଟୋଲ ଆଦାୟ ମାମଲାରେ ସୁପ୍ରିମକୋର୍ଟ ଶୁଣାଣି କରିଛନ୍ତି। ଶୁଣାଣି ସମୟରେ ସୁପ୍ରିମକୋର୍ଟ କହିଛନ୍ତି, ଯେଉଁ ରାସ୍ତା ଗାଡ଼ି ଚଳାଇବା ପାଇଁ ଉପଯୋଗୀ ନୁହେଁ କିମ୍ବା ଯେଉଁଠି ଟ୍ରାଫିକ ଜାମ୍ ଲାଗି ରହିବା ସହ ରାସ୍ତାରେ ଖାଲଖଢ଼ା ରହିଥିବ, ସେହି ଜାତୀୟ ରାଜପଥରେ କର୍ତ୍ତୃପକ୍ଷ (ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ-ଏନ୍ଏଚ୍ଏଆଇ) ଟୋଲ୍ ଫି' ଦେବାକୁ କୌଣସି ଯାତ୍ରୀଙ୍କୁ ବାଧ୍ୟ କରିପାରିବେ ନାହିଁ। ଯଦି କୌଣସି ରାସ୍ତା ପାର୍ ହେବାକୁ ୧୨ ଘଣ୍ଟା ସମୟ ଲାଗୁଛି, ତା'ହେଲେକାହିଁକି କିଏ ୧୫୦ ଟଙ୍କା ଟୋଲ୍ ଫି' ଦେବ ବୋଲି ସୁପ୍ରିମ୍‌କୋର୍ଟ ପ୍ରଶ୍ନ କରିଛନ୍ତି।

ଭାରତର ପ୍ରଧାନ ବିଚାରପତି ଭୂଷଣ ଆର ଗଭାଇଙ୍କ ଅଧ୍ୟକ୍ଷତାରେ ବିଚାରପତି ବିନୋଦ ଚନ୍ଦ୍ରନ ଏବଂ ବିଚାରପତି ଏନଭି ଅଞ୍ଜାରିୟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏନ୍ଏଚ୍ଏଆଇ ପକ୍ଷରୁ ଦାଖଲ ପିଟିସନକୁ ଖାରଜ କରିଦେଇଛନ୍ତି। ଏହି ପୀଠରେ ଟୋଲ ଆଦାୟ ହେବାର ଆର୍ଥିକ କ୍ଷତିର ତୁଳନାରେ ନାଗରିକଙ୍କ ➭ପୃଷ୍ଠା-୬





ନୂଆଦିଲ୍ଲୀଠାରେ ଏନଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନଙ୍କୁ ଭେଟିଲେ ଓଡ଼ିଶା ପ୍ରଦେଶର ବିଜେପି ସାଂସଦଗଣ, ବଧେଇ ଜଣାଉଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

## କେଉଁଠି ଲୁଚିଛି 'କୁଜି' ମୁକ୍ତିକାନ୍ତ ?

### କାହା ଇଙ୍ଗିତ ଅପେକ୍ଷାରେ ପୁଲିସ



**ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ):** ବିଜେପି ସରକାରରେ ରାଜ୍ୟରେ ସାମ୍ବାଦିକଙ୍କୁ ସବୁ ପ୍ରକାର ସୁରକ୍ଷା ଦେବାକୁ ଦଳର ବରିଷ୍ଠ ନେତା ଏପରିକି ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଘୋଷଣା କରିଛନ୍ତି। ହେଲେ ଦଳର କିଛି କୁଜି ନେତା ନିଜକୁ ଅତି ପାରିବାର ବୋଲି ଦେଖେଇ ହୋଇ ସାମ୍ବାଦିକଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଉଛନ୍ତି। ସବୁଠାରୁ ଉଦବେଗର କଥା ହେଉଛି ଖାରବେଳ ନଗର ଥାନାରେ ଏଫଆଇଆର ହୋଇଥିଲେ ମଧ୍ୟ ପୋଲିସ ଏହି ବାହାପିଆ କୁଜି ନେତା ମୁକ୍ତିକାନ୍ତ ମହାପାତ୍ରଙ୍କୁ ଗିରଫ କରୁନାହିଁ। ଘଟଣା ଘଟିବା ପରଠାରୁ ଏହି ଆତ୍ମଘୋଷିତ ନେତା ଜଣକ କୁଆଡେ ଉଭାନ ହୋଇଯାଇଛନ୍ତି। ନା ତାଙ୍କୁ ଦଳୀୟ କାର୍ଯ୍ୟାଳୟ ଆଖପାଖ ଅଞ୍ଚଳରେ ଦେଖିବାକୁ ମିଳୁଛି ନା ଯେଉଁ ସାମ୍ବାଦିକଙ୍କୁ ସେ ଧମକ ଦେଇଥିଲେ ତାଙ୍କୁ ଆଉ ଫୋନ କରୁଛନ୍ତି। ବରିଷ୍ଠ ସାମ୍ବାଦିକ ସାମ୍ବାଦିକ ସୁବୋଧ କୁମାର କାନୁନଗୋଙ୍କୁ ମୁକ୍ତିକାନ୍ତ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଖାରବେଳ ନଗର ଥାନାରେ ସୁବୋଧ କରିଥିବା ଅଭିଯୋଗ ଅନୁଯାୟୀ, ବିଭିନ୍ନ ସମୟରେ ସେ ଭିନ୍ନ ଭିନ୍ନ ପ୍ରସଙ୍ଗରେ ଗଣମାଧ୍ୟମରେ ନିଜ ମତ ରଖିଥାନ୍ତି । ଏହି କ୍ରମରେ ନିକଟରେ ସେ ଏକ ଦୁର୍ନୀତି ପ୍ରସଙ୍ଗରେ ଏକ ଗଣମାଧ୍ୟମରେ ନିଜ ମତାମତ ରଖିଥିଲେ। ତାଙ୍କର ଏହି ମତକୁ ନେଇ ତାଙ୍କୁ ମୁକ୍ତିକାନ୍ତ ଗୁଳି କରି ମାରିଦେବାକୁ ଧମକ ଦେଇଥିଲେ ।

ମୁକ୍ତିକାନ୍ତ ତାଙ୍କୁ କୌଣସି ଗଣମାଧ୍ୟମରେ ମୁହଁ ନଖୋଲିବାକୁ ଧମକ ଦେଇଥିଲେ। ଆଉ କେଉଁଠି ମୁହଁ ଖୋଲେ, ତୋ ଅବସ୍ଥା ବାରଣ୍ଡା ଦି' କଡା କରିଦେବି ବୋଲି ଧମକ ➭ପୃଷ୍ଠା-୬

## ପଞ୍ଚାୟତରେ ନିଯୁକ୍ତ ହେବେ ପାରା ଲିଗାଲ ଭଲ୍ୟୁଣ୍ଟର

### ନିର୍ଯାତିତା ମହିଳାଙ୍କ ସହାୟତା କରିବେ

**ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ):** ମହିଳା ଓ ଶିଶୁ ସୁରକ୍ଷା ନେଇ ରାଜ୍ୟ ସରକାରଙ୍କ ବଡ଼ ପଦକ୍ଷେପ । ପ୍ରତି ପଂଚାୟତରେ ନିଯୁକ୍ତ ହେବେ ପାରା ଲିଗାଲ ଭଲ୍ୟୁଣ୍ଟର । ଏମାନେ ମହିଳା ବିରୋଧୀ ଅପରାଧ ହେଲେ ପୀଡ଼ିତାଙ୍କୁ ପ୍ରାରମ୍ଭିକ ନ୍ୟାୟିକ ସାହାଯ୍ୟ କରିବେ। ଏ ନେଇ ମହିଳା ଓ ଶିଶୁ ବିକାଶ ବିଭାଗ ସହ ଆଇନ ବିଭାଗର ବୈଠକ ହୋଇଛି। ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ କଲ୍ୟାଣ ବିଭାଗ ମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଏନେଇ ଆଲୋଚନା ହୋଇଛି। ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ଲିଗାଲ ସର୍ଭିସ ଅଥରିଟିର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ। ଗାଁରେ ରହୁଥିବା ସାଧାରଣ ପରିବାର ଓ ଜନଜାତି ପରିବାରଙ୍କୁ ନ୍ୟାୟିକ ଅଧିକାର ଦେବା ଉପରେ ସରକାର ଗୁରୁତ୍ୱ ଦେଇଆସିଛନ୍ତି। ଏହି ଅଧିକାର ବାବଦରେ ସାଧାରଣ ମହିଳାଙ୍କୁ ସଚେତନତା କରିବେ ସରକାର। ଏହି କାମରେ ଅଙ୍ଗନବାଡି କର୍ମୀଙ୍କୁ ମଧ୍ୟ ସାମିଲ କରାଯିବ। କୌଣସି ମହିଳା ନିର୍ଯାତନା କିମ୍ବା ଘରୋଇ ହିଂସାର ଶିକାର ହେଲେ ପ୍ରଥମେ ସେ ଏ ସମ୍ପର୍କରେ ପାରା ଲିଗାଲ ଭଲ୍ୟୁଣ୍ଟରଙ୍କୁ ଜଣାଇବେ। ନ୍ୟାୟିକ ଦିଗ ନେଇ ଭଲ୍ୟୁଣ୍ଟର ପୀଡ଼ିତାଙ୍କୁ ସହଯୋଗ କରିବେ। ସମସ୍ୟାକୁ ଥାନା ଓ କୋର୍ଟ ପର୍ଯ୍ୟନ୍ତ ସେ ପହଞ୍ଚାଇବେ। ଆଗକୁ ଏହି କାର୍ଯ୍ୟକ୍ରମ ପଞ୍ଚାୟତିରାଜ ଓ ଏସସିଏସଟି ବିଭାଗକୁ ଯୋଡ଼ାଯିବ ବୋଲି ଜଣାପଡ଼ିଛି।

## ଆତ୍ମସମର୍ପଣ କଲେ ୪ ହାର୍ଡକୋର୍ ମାଓବାଦୀ

**ମାଲକାନଗିରି,୨୦।୮(ସଂଚାର ବ୍ୟୁରୋ):** ଦିନକୁ ଦିନ ଦୁର୍ବଳ ହେଉଛି ମାଓଗଡ଼। କାରଣ କ୍ରମାଗତ ଭାବେ ମାଓବାଦୀମାନେ ଅସ୍ତ୍ରତ୍ୟାଗ କରି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେଉଛନ୍ତି। ଏହି କ୍ରମରେ ଆଜି ୪ ଜଣ ହାର୍ଡକୋର୍ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ମାଲକାନଗିରି ସୀମାନ୍ତ ଛତିଶଗଡ଼ କୋଣ୍ଡାଗାଁ ଜିଲ୍ଲାରେ ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଥିବା ଜଣାପଡ଼ିଛି। ଏହି ମାଓବାଦୀମାନେ ଦୀର୍ଘଦିନ ଧରି ଓଡ଼ିଶା-ଛତିଶଗଡ଼ ସୀମାରେ ସକ୍ରିୟ ଥିଲେ। ସେମାନଙ୍କ ନାଁରେ ଥିଲା ୨୨ ଲକ୍ଷ ଟଙ୍କାର ପୁରସ୍କାର। ଆତ୍ମସମର୍ପଣ କରିଥିବା ମାଓବାଦୀ ହେଲେ ଲକ୍ଷ୍ମଣ କୋରାମ ଓରଫ ଜୁନୁ, ସଖିରମ, ଲକ୍ଷ୍ମଣର ପତ୍ନୀ ମାଦୋ ଓରଫ ଜରିନା ଏବଂ ପାଣ୍ଡୁରାମ। ଏମାନେ ବସ୍ତର, କୋଣ୍ଡାଗାଁ, କାଂକେର, ଦନ୍ତେୱାଡା ଓ ମାନପୁର ଅଂଚଳରେ ଅନେକ ମାଓ ହିଂସାରେ ସାମିଲ ଥିଲେ। ସମସ୍ତ ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କୁ ୫୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ➭ପୃଷ୍ଠା-୬

### ପ୍ରକାଶ ପାଇଲା ନିଟ୍ ପିଜି ପରୀକ୍ଷାଫଳ

## ସର୍ବଭାରତୀୟ ସ୍ତରରେ ପୁଷନ୍ ଟପ୍ପର୍



**କଟକ,୨୦।୮(ସଂଚାର ବ୍ୟୁରୋ):** ସର୍ବଭାରତୀୟ ନିଟ ପିଜି ପରୀକ୍ଷାରେ ସର୍ବଭାରତୀୟସ୍ତରରେ ଟପ୍ପର ହୋଇଛନ୍ତି ଓଡ଼ିଆ ପୁଅ ପୋଷନ। ସାରା ଭାରତରେ ଅଢ଼େଇ ଲକ୍ଷ ପିଲାଙ୍କୁ ପଛରେ ପକାଇ କଟକ କାଳିଗଳିର ପୁଷନ ମହାପାତ୍ର ଏକ ନମ୍ବର ସ୍ଥାନ ଅଧିକାର କରିଛନ୍ତି। ଡାକ୍ତର ବନିବ ପୁଅ। ପିନ୍ଧିବ ଧଳା ଆପ୍ରନ, ବେକରେ ପକାଇବ ଷ୍ଟେଥୋ। କାରଣ ପୁଅ ଆଜି ନିଟ୍ ପିଜି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛି। ପୁଅ ସହ ସେମାନଙ୍କର ବି ବର୍ଷ ବର୍ଷର କଠିନ ପରିଶ୍ରମ ସାକାର ହୋଇଛି। ସେମାନଙ୍କ ଆଖିରେ ଆଖିଏ ସ୍ୱପ୍ନ ଆଜି ସାକାର ହେବ। ସର୍ବଭାରତୀୟ ନିଟ ପିଜି ପରୀକ୍ଷାରେ ଟପ୍ପର ହୋଇଛନ୍ତି ପୁଷନ। ଏସିସିବିରେ ଏମବିବିଏସ କରିଥିବା ପୁଷନ ସର୍ବମୋଟ ୮୦୦ରୁ ସର୍ବାଧିକ ୭୦୭ ନମ୍ବର ରଖି ଏହି ସଫଳତା ହାସଲ କରିଛନ୍ତି। ଆଗକୁ ସେ ମେଡିସିନ ଓ ରେଡିଓଲୋଜିରେ ସ୍ନାତକୋତ୍ତର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତାଙ୍କ ସଫଳତାର ଶ୍ରେୟ ସେ ନିଜ ପରିବାର ଲୋକଙ୍କୁ ଦେଇଛନ୍ତି। ଆଉ ତାଙ୍କ ଭଳି ସଫଳତା ହାସଲ କରିବା ପାଇଁ ଚାହୁଁଥିବା ଛାତ୍ରଛାତ୍ରୀଙ୍କୁ ଏକାଗ୍ରତା ସହ କଠିନ ପରିଶ୍ରମ କରିବାକୁ ସେ ପରାମର୍ଶ ମଧ୍ୟ ଦେଇଛନ୍ତି। ପୁଷନ୍ ଏସସିବି ବଡ଼ ମେଡିକାଲ ➭ପୃଷ୍ଠା-୬

## ଅଗ୍ନି-୫ର ସଫଳ ପରୀକ୍ଷଣ



**ଭୁବନେଶ୍ୱର, ୨୦।୮ (ସଂଚାର ବ୍ୟୁରୋ) :** ଅଗ୍ନି-୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ । ସଶକ୍ତ ହେବାରେ ଲାଗିଛି ଦେଶର ପ୍ରତିରକ୍ଷା କ୍ଷେତ୍ର । ଆନ୍ତଃମହାଦେଶୀୟ ବାଲିଷ୍ଟିକ ମିସାଇଲ ଅଗ୍ନି ୫ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ କରିଛି ଡିଆରଡିଓ। ଧାମରାରେ ଥିବା ଅବଦୁଲ କଲାମ ଦ୍ୱୀପରୁ ସଫଳତାର ସହ ପରୀକ୍ଷଣ ହୋଇଛି ଅଗ୍ନି-୫ କ୍ଷେପଣାସ୍ତ୍ର । ସମସ୍ତ ପରିଚାଳନା ଓ ପ୍ରଯୁକ୍ତିଗତ ମାପଦଣ୍ଡକୁ ପୂରଣ କରିଛି ଏହି କ୍ଷେପଣାସ୍ତ୍ର । ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ନେତୃତ୍ୱରେ ଏହି ପରୀକ୍ଷଣ ହୋଇଥିବା ପ୍ରତିରକ୍ଷା ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି । ଅଗ୍ନି- ୫ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୭ ହଜାରରୁ ଅଧିକ କିଲୋମିଟର ରହିଛି । ଡିଆରଡିଓ ଏହି କ୍ଷେପଣାସ୍ତ୍ରକୁ ବିକଶିତ କରିଛି ।



### କାନ ଡେରିଥା

ସବୁଦିନ ଏବେ ଗାଇଚୋରି କରି
ଦଲାଲ ଖାଆନ୍ତି ମାଡ଼
କେତେବେଳେ ଗାଈ ଚକାତଳେ
ପଡି
ଭାଙ୍ଗିଯାଏ ତାଙ୍କ ହାଡ଼
ସୁରକ୍ଷା ପ୍ରସଙ୍ଗ ବଡ଼...
ମୂଳ ସୁଧାରିଲେ ଗାଈଯେ ବଞ୍ଚିବେ
ଆଇନ ସୁଧାର କର ।

■ ଦେବାଶିଷ

### ଚିହ୍ନିରଖ ଭ୍ରାତାଙ୍କ ବଦନ

## ବିଜେଡିକୁ ଭାଙ୍ଗିବାକୁ ଚଳାଇଛନ୍ତି ଗୋଟି

### ସବୁ ସୁବିଧାବାଦୀ ଏକଜୁଟ



**ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ):** ବିଜେଡିକୁ ଭାଗ ଭାଗ କରିବାକୁ ଦଳର ଗୋଟିଏ ଗୋଷ୍ଠି ଏବେ ସକ୍ରିୟ । ତେବେ ଦଳକୁ ଭାଙ୍ଗିବାପାଇଁ ଏମାନେ ଏବେ ପାଣ୍ଡିଆନଙ୍କୁ ମୋହରା କରିବା ବିଜେଡିରେ ହଟଚମଟ ସୃଷ୍ଟି କରିଛି। ଦଳ ଓ ସରକାରରେ ରହି ଯେଉଁମାନେ ନିଜ ପାଇଁ ସବୁ ସୁବିଧା ହାସଲ କରିଥିଲେ ସେମାନେ ଏବେ ଏହି ଦଳଭଙ୍ଗା ରଣନୀତିର ସେନାପତି ସାଜିଛନ୍ତି ।

ନବୀନ ପଟ୍ଟନାୟକ ଏବେ ଡାକ୍ତରଖାନାରେ ରହି ଚିକିତ୍ସିତ ହେଉଥିବାବେଳେ ଏହି ସୁବିଧାବାଦୀମାନେ ସେମାନଙ୍କ କାମରେ ଲାଗି ପଡିଛନ୍ତି । କୌଣସି ପ୍ରକାରେ ବିଜେଡିରେ ବିଭାଜନ ପାଇଁ ଉଦ୍ୟମ ଚଳାଇଥିବା ଆଲୋଚନା ହେଉଛି। ତେବେ ଦଳ ଭାଙ୍ଗିବାପାଇଁ ଏମାନେ କୌଣସି ନିର୍ଦ୍ଦିଷ୍ଟ କାରଣ ପାଉନଥିବାବେଳେ ଏବେ ପାଣ୍ଡିଆନଙ୍କୁ ମୋହରା କରିଛନ୍ତି। ଯେହେତୁ ନବୀନ ଚିକିତ୍ସାଧିନ ଅଛନ୍ତି ତେଣୁ ଏହି ମଉକାରେ ପାଣ୍ଡିଆନଙ୍କୁ ବଦନାମ କରି ଦଳର କିଛି ଅସନ୍ତୁଷ୍ଟଙ୍କ ନିଜ ପଟକୁ ଆଣିବାପାଇଁ ଏମାନେ ଲାଗି ପଡିଛନ୍ତି।

ନବୀନ ଡାକ୍ତରଖାନାରେ ଭର୍ତ୍ତି ହେବା ପରେ ପରେ ଏହି ଖେଳ ଆରମ୍ଭ ହୋଇଛି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ସମ ଅଲ୍ଟିମେଟ ପକ୍ଷରୁ ନିୟମିତ ବୁଲେଟିନ୍ ପ୍ରକାଶ ପାଉଥିବାବେଳେ ତାଙ୍କର ଆରୋଗ୍ୟ କାମନା କରିବା ପରିବର୍ତ୍ତେ ଚକ୍ରାନ୍ତକାରୀମାନେ କିନ୍ତୁ ପାଣ୍ଡିଆନଙ୍କୁ ନେଇ ନୂଆ ନୂଆ ଗୁଜବ ବଜାରକୁ ଛାଡୁଛନ୍ତି। ବିଜେଡି ନେତାମାନଙ୍କୁ ପାଣ୍ଡିଆନ ଗାଳିଦେବା ଓ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କୁ ତଡିଦେବା ନେଇ ଖବର ପ୍ରକାଶ କରାଇବାରେ ଏମାନେ ସଫଳ ହୋଇଛନ୍ତି । ତେବେ ଗଣମାଧ୍ୟମରେ ଭକ୍ତଙ୍କ ସ୍ପଷ୍ଟୀକରଣ ପରେ ଏମାନେ ଏକ ପ୍ରକାର କାଲୁଆ ମାରି ଯାଇଛନ୍ତି । ତଥାପି ନିଜ ନିଜର ଚେଲା ଚାମୁଣ୍ଡାଙ୍କ ଜରିଆରେ ମିଛ ଖବର ପ୍ରକାଶରୁ ବିରତ ରହିନାହାନ୍ତି ।

ଦଳ ଭିତରେ ରହି ଏଭଳି ଦଳଭଙ୍ଗା ଅଭିଯାନ ଚଳାଇଥିବା ଅଧିକାଂଶ ଅତ୍ୟନ୍ତ ସୁବିଧାବାଦୀ ବୋଲି ଖୋଦ ➭ପୃଷ୍ଠା-୬

### ଚେତାବନୀ ଦେଲେ ଅମର ପଟ୍ଟନାୟକ

## କୁଆଡ଼େ ଗଲେ କଥାକୁହା ନେତ୍ରୀ ?



ସୋସିଆଲ ମିଡିଆରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଏବଂ ତାଙ୍କର ଘନିଷ୍ଠ ପାଣ୍ଡିଆନ ଦମ୍ପତିଙ୍କ ବିରୁଦ୍ଧରେ ଚାଲିଥିବା ଅପପ୍ରଚାରର ମୁକାବିଲା ପାଇଁ ଆଗକୁ ବାହାରିଛନ୍ତି ବିଜେଡି ଆଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ଏନେଇ ସାଇବର ଥାନାରେ ମାମଲା ରୁଜୁ କରିବା ସହ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରି ତୁରନ୍ତ ଦୋଷୀଙ୍କୁ ବାନ୍ଧିବାକୁ ଦାବି କରିଛନ୍ତି। ଶ୍ରୀ ପଟ୍ଟନାୟକ କହିଛନ୍ତି ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ଘନିଷ୍ଠ ସହଯୋଗୀ ପାଣ୍ଡିଆନ ଦମ୍ପତିଙ୍କୁ ନେଇ ସୋସିଆଲ ମିଡିଆରେ ଯେଭଳି ଅରୁଚିକର, ଅସମ୍ବେଦନଶୀଳ ଓ ଅଶୋଭନୀୟ ପ୍ରଚାର କରାଯାଉଛି ତାହା ଆଦୌ ଗ୍ରହଣୀୟ ନୁହେଁ। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି ଏବଂ ମୁଖ୍ୟମନ୍ତ୍ରୀ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଦୋଷୀଙ୍କୁ ବାନ୍ଧିବା ଦିଗରେ ପଦକ୍ଷେପ ନେବା ଉଚିତ। ଏହା ନହେଲେ ବିଜେଡି ଧରିନେବ ଯେ ଏଭଳି ପ୍ରଚାର ପଛରେ ବିଜେପି ରହିଛି ଓ ପରବର୍ତ୍ତୀ ସ୍ଥିତି ଭୟଙ୍କର ହେବ। ଏପରିକି ବିଜେଡି ଏହି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇବ ବୋଲି ମଧ୍ୟ ଅମର ଚେତାବନୀ ଦେଇଛନ୍ତି। ତେବେ ଦଳ ଓ ସଭାପତିଙ୍କ ସମ୍ମାନ ରକ୍ଷାଲାଗି ଅମର ଆଜି ଏଭଳି ଯୁଦ୍ଧଂଦେହି ଡାକରା ➭ପୃଷ୍ଠା-୬

# ମହାନଦୀ ମୁହାଣ ପୋତି ହୋଇଗଲାଣି

## ନିଷ୍କାସନ ହେଉନି ଉଦ୍‌ବୃତ୍ତ ଜଳ, ଜିଲ୍ଲାବାସୀଙ୍କ ଜୀବନଜୀବିକା ପ୍ରଭାବିତ



**କେନ୍ଦ୍ରାପଡ଼ା, ୨୦।୮(ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ମହାନଦୀ ମୁହାଣ ମହାନଦୀ ମୁହାଣ ପୋତି ହୋଇ ଚାଲିଥିଲେ ମଧ୍ୟ ଏହାର ପୁନରୁଦ୍ଧାର ଦିଗରେ ପଦକ୍ଷେପ ନିଆଯଉନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଜଳ ନିଷ୍କାସନ ଏକ ସ୍ଥାୟୀ ସମସ୍ୟାରେ ପରିଣତ ହୋଇଛି। କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ବ୍ଲକ୍ ଅଧୀନ ବାହାକୁଦ ପାଖରେ ଥିବା ମହାନଦୀ ମୁହାଣ ପଟୁମାଟିରେ ପୋତି ହୋଇପଡ଼ିବାରୁ ଜଳ ନିଷ୍କାସନରେ ବାଧକ ସାଜିଛି। ୧୮୦୦ କିମି ବ୍ୟାପୀ ନିଜ ଉତ୍ପତ୍ତି ସ୍ଥଳ ଛତିଶଗଡ଼ରୁ ସୁଦୂର କେନ୍ଦ୍ରାପଡ଼ା ଜିଲ୍ଲା ଅଧୀନ ବାହାକୁଦ ଗ୍ରାମ ସମୁଦ୍ର ମୁହାଣ ପର୍ଯ୍ୟନ୍ତ ଲମ୍ବି ଆସିଥିବା ସମୁଦ୍ର ମୁହାଣରେ ଏବେ ଜଳ ନିଷ୍କାସନରେ ସମସ୍ୟା ସୃଷ୍ଟି ହୋଇଛି। ବର୍ଷ ବର୍ଷ ଧରି ମୁହାଣରେ ପଟୁମାଟି ଜମି ରହିବାରୁ ଉଦ୍‌ବୃତ୍ତ ଜଳ ନିଷ୍କାସନରେ ଗଧା ଉପୁଜିଛି। ବନ୍ୟାଜଳ ତଥା ଉଦ୍‌ବୃତ୍ତ ଜଳ ଅଧିକ ଦିନ ଜମି ରହିବା କାରଣରୁ ଅଞ୍ଚଳର ଜୀବନ ଜୀବିକା ପ୍ରଭାବିତ ହୋଇଛି। ମୁହାଣରୁ ପଟୁମାଟି ସଫେଇ ସହ ନିଷ୍କାସନ ପଥ ମୁକ୍ତ ରଖିବା ସଂକ୍ରାନ୍ତ ପ୍ରକଳ୍ପକୁ ବୈଷୟିକ ଉପଦେଷ୍ଟା ମଣ୍ଡଳୀ (ଟିଏସି) ଦ୍ୱାରା ସ୍ୱୀକୃତି ମିଳିଥିଲେ ହେଁ ପ୍ରଶାସନିକ ଅନୁମତି ମିଳିପାରିନାହିଁ। ମିଳିଥିବା ସୂଚନା ଅନୁସାରେ, ଓଡ଼ିଶାର ଚାଷୀଙ୍କର ଜୀବନ ଜୀବିକା, ମତ୍ସ୍ୟଜୀବୀମାନଙ୍କ ପେଟପାଟଣା, କୃଷି, ଅର୍ଥନୀତି, ଏପରିକି, ଶିଳ୍ପବିକାଶରେ ମହାନଦୀ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇ ଆସିଛି। ପଡ଼ୋଶୀ ଛତିଶଗଡ଼ର ଧନତାରି ଜିଲ୍ଲା ଫରସିଆ ନାମକ ଏକ ଛୋଟ ପାହାଡ଼ିଆ ଗ୍ରାମ ନିକଟ ସିହାୱା ପର୍ବତ ଶ୍ରେଣୀରୁ ମହାନଦୀର ଉତ୍ପତ୍ତି। ଏହା ଓଡ଼ିଶାର ୧୫ଟି ଜିଲ୍ଲା ଦେଇ ପ୍ରାୟ ୧୩୦୩ ଗ୍ରାମ ଅତିକ୍ରମ କରିଛି। ରାୟପୁର ପାଖରେ ଏହାର ପ୍ରସ୍ଥ ମାତ୍ର ୫୦ରୁ ୬୦ ମିଟର। ନଦୀର ବାମପଟେ ଶିଓନାଥ, ମଣ୍ଡ, ଇବ୍, ହସଦୋୟ, ଡାହାଣ ପଟରେ ଅଙ୍ଗ, ଜଙ୍କ, ତେଲ୍ ଓ ଆଉ କିଛି ଶାଖାନଦୀ ମହାନଦୀରେ ମିଶିବା ପରେ ଏହାର ଆକାର ବୃହତ୍ ହୋଇଯାଇଛି। ପରେ ଏହା ବିଶାଳ ରୂପ ଧାରଣ କରି ଶେଷରେ ସମୁଦ୍ରରେ ମିଶିଛି। ଯହାର ଅବବାହିକା ୧ ଲକ୍ଷ ୪୧ ହଜାର ୬୦୦ ବର୍ଗ କିଲୋମିଟର। ମହାନଦୀର ପାଣି ୪୮ ଲକ୍ଷ ହେକ୍ଟର ଚାଷଜମି ଓ ୮ ଲକ୍ଷ ହେକ୍ଟର ବନାନିକୁ ପରିପୁଷ୍ଟ କରିଥାଏ। ମହାନଦୀ ଗର୍ଭରୁ ପ୍ରତି ସେକେଣ୍ଡରେ ହାରାହାରି ୨୧୧୯ ଘନମିଟର ଜଳ ସମୁଦ୍ରକୁ ନିଷ୍କାସିତ ହୋଇଥାଏ। ଉଦ୍‌ବୃତ୍ତ ବର୍ଷାଜଳ ଓ ବନ୍ୟାପାଣି ଏଥିରେ ମିଶିଯାଇ ମହାକାଳପଡ଼ା ବ୍ଲକ୍‌ର ବାହାକୁଦ ପାଖରେ ଏକ ବିରାଟ ମୁହାଣ ଦ୍ୱାରା ସମୁଦ୍ରକୁ ନିଷ୍କାସିତ ହେଉଥିଲା। ଯାହା ପାଇଁ କେନ୍ଦ୍ରାପଡ଼ା ଜିଲ୍ଲାର ଶସ୍ୟକ୍ଷେତକୁ ବିଗତ ଦିନରେ ଏତେଗୀ ବିପଦ ଦେଖାଯାଇନଥିଲା।

## କେନ୍ଦ୍ରାପଡ଼ା ଗସ୍ତରେ ପଞ୍ଚାୟତରାଜ ମନ୍ତ୍ରୀ



**କେନ୍ଦ୍ରାପଡ଼ା,୨୦।୮(ସଂଚାର ବ୍ୟୁରୋ):** ଆଜି କେନ୍ଦ୍ରାପଡ଼ା ଗସ୍ତରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ଶ୍ରୀ ରବିନାରାୟଣ ନାୟକ ଗୁପ୍ତକରୀ ତିନିମୁହାଣୀ ସ୍ଥିତ ଦଣ୍ଡାମୁଣ୍ଡ ଛକ ନିକଟରେ ପହଞ୍ଚିବା ପରେ ଗୁଲନଗର ସରପଞ୍ଚ ଏବଂ ତାଙ୍କ ପ୍ରତିନିଧି ଏବଂ କିଛି ଦଳୀୟ କର୍ମୀ ମାନଙ୍କ ଦ୍ୱାରା ପ୍ରଥମେ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯିବା ପରେ ମାନ୍ୟବର ମନ୍ତ୍ରୀଙ୍କୁ ଯଇଙ୍ଗ ସ୍ଥିତ ପ୍ରଦକ୍ଷିଣ ଭବନ ପର୍ଯ୍ୟନ୍ତ ପୋଲିସ ପ୍ରଶାସନିକ ଅଧିକାରୀ ଓ ଉପସ୍ଥିତ ସମସ୍ତ ଦଳୀୟ କର୍ମୀ ମାନଙ୍କ ଦ୍ୱାରା କଳା ନିଯାଯାଇ ବଳୟ ମଧ୍ୟରେ ପାଛୋଟି ନିଆଯିବା ପରେ ପ୍ରଥମେ ଦଳୀୟ କର୍ମୀ ମାନଙ୍କ ସମେତ ଜିଲ୍ଲାର ସମସ୍ତ ପ୍ରଶାସନିକ ଅଧିକାରୀ ମାନଙ୍କ ସହିତ ବିଭିନ୍ନ ସମସ୍ୟା ବଳି ଗୁଡ଼ିକ ବିଷୟରେ ମନ୍ତ୍ରୀ ଶ୍ରୀ ନାୟକ ଆଲୋଚନା ପର୍ଯ୍ୟାଲୋଚନା କରିଥିଲେ। ପରେ ପରେ ଲୋକ ମାନଙ୍କର କିଛି ସମସ୍ୟା ବଳି ଏବଂ ଅସୁବିଧା ଗୁଡିକ ସମ୍ବନ୍ଧୀୟ ଗ୍ରୀଭାନ୍ସ ପଚାରି ବୁଝି ତୁରନ୍ତ କାର୍ଯ୍ୟ କାରୀ କରାଯିବା ନିମନ୍ତେ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାରେ ଅଧୁରା ରହିଥିବା ପାନୀୟ ଜଳ ସମ୍ବନ୍ଧୀୟ ବିଭିନ୍ନ ସମସ୍ୟା ଗୁଡିକ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଦେଖିବାକୁ ମିଳିଥିଲା। ମନ୍ତ୍ରୀଙ୍କ ସହିତ ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ, ଗୀତାଞ୍ଜଳି ସେଠୀ, ଜିଲ୍ଲା ସଭାପତି ଶଶାଙ୍କ ସେଠୀ, ବିଜେପି ଯୁବ ଲଳିତ ବେହେରା, ଆଳିର ବିଜେପି ବିଧାୟକ ପ୍ରାର୍ଥୀ କୃଷ୍ଣ ଚନ୍ଦ୍ର ପଣ୍ଡା, ତେଜେଶ୍ୱର ପରିଡା, ରମାକାନ୍ତ ପଞ୍ଜନାୟକ, କିଶୋର ପଣ୍ଡା, ଦୁର୍ଯ୍ୟୋଧନ ସାହୁ, ଯୁବ ନେତା ପ୍ରତାପ ସାହୁ ଏବଂ ସଲିମ ଖାଁ ପ୍ରମୁଖଙ୍କ ସମେତ ପ୍ରାୟ ଶତାଧିକ ସମର୍ଥିତ କର୍ମୀ ବା ବ୍ୟକ୍ତିମାନେ ଉପସ୍ଥିତ ରହି ମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିବା ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଅଧିକାରୀଙ୍କ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ନଳକୂପ ଖନନ ପାଇଁ ନିର୍ଦ୍ଦେଶ

**ମାର୍ଶାଘାଇ,୨୦।୮(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ପେଣ୍ଠ-ବାଲିକୁଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ଏକ ନଳକୂପ ବହୁତ ଦିନ ଧରି ଅଚଳ ହୋଇପଡ଼ିଛି। ଯାହାଫଳରେ ପିଲାମାନଙ୍କ ମଧ୍ୟାହ୍ନ ଭୋଜନ ଓ ପାନୀୟ ଜଳ ପାଇଁ ସମସ୍ୟା ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଗ୍ରାମବାସୀ ଓ ପୁରାତନ ଛାତ୍ର ସଂସଦ ତରଫରୁ ପାଟକୁରା ବିଧାୟକଙ୍କୁ ଅବଗତ କରାଇବା ପରେ ବିଧାୟକଙ୍କ ପାଣ୍ଠିରୁ ଏକ ନଳକୂପ ଖନନ ପାଇଁ ମଞ୍ଜୁର ହୋଇଛି। ହେଲେ ବିଭାଗୀୟ ଅବହେଳା ପାଇଁ ନଳକୂପ ଖନନ ହେଉ ନଥିବା ସେମାନେ ଅଭିଯୋଗ କରିଥିଲେ। ଏନେଇ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଘଟଣାକୁ ଯୁବ ସମାଜସେବୀ ତଥା ମହାକାଳପଡ଼ା ଯୁଥ୍ ଗ୍ରୁପ୍ ସଦସ୍ୟ ପ୍ରଭାତ ରଞ୍ଜନ ଜେନା ପଞ୍ଚାୟତିରାଜ ବିଭାଗଙ୍କୁ ଅଭିଯୋଗ ଜଣାଇଥିଲେ। ଅଭିଯୋଗକୁ ଗୁରୁତର ସହ ନେଇ କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟ ଜଳଯୋଗାଣ ବିଭାଗକୁ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଜୀବନ ପାଇଁ ଚାରା ରୋପଣ



**ମହାକାଳପଡ଼ା, ୨୦।୮ (ସଂଚାର ବ୍ୟୁରୋ):** ଭବିଷ୍ୟତ ପିଢ଼ି ଉଦ୍ଦେଶ୍ୟରେ ବୃକ୍ଷ ରୋପଣ କରିଛନ୍ତି ଗ୍ରାମର କିଛି ସଚେତନ ନାଗରିକ। ଏକତ୍ରିତ ଆଲୋଚନା ମାଧ୍ୟମରେ ଗ୍ରାମର ନିର୍ଜନ ସ୍ଥାନରେ ଏକ ବରଗଛ ରୋପଣ କରିଛନ୍ତି। ମହାକାଳପଡ଼ା ବ୍ଲକ ବରକଣ୍ଡା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଛେଡାକଣୀ ଗ୍ରାମର କିଛି ସଚେତନ ନାଗରିକ ଗ୍ରାମର ପୋତା ଢିପ ଠାରେ ଏକ ବଡ଼ ବରଗଛ ରୋପଣ କରିଛନ୍ତି। ଚାଷ ସମୟରେ ହେଉ ଅବା ଗାଈ ଗୋରୁ ଚରାଇବାକୁ ଯାଉଥିବା ଲୋକ ଭେଡା ମଝିରେ ଗଛ ଛାଇ ଟିକିଏ ପାଇବାର ସୁଯୋଗ ପାଉନଥିଲେ। ଏହି ଗଛଟିଏ ବଡ଼ ହୋଇ ସମସ୍ତଙ୍କ ପାଇଁ ଭରସା ପାଲଟିବା ଲକ୍ଷ୍ୟରେ ଏହି ବୃକ୍ଷ ରୋପଣ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଦିପୁ ରାଉତ, କାଳନ୍ଦି ପରିଡ଼ା, ବୁବୁ ରାଉତ, ମୁନା ରାଉଳ, ସୋମ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ମହାବିଦ୍ୟାଳୟରେ ରାଗିଂ ସଚେତନତା ସପ୍ତାହ ପାଳିତ




**କେନ୍ଦ୍ରାପଡ଼ା,୨୦।୮ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଆନୁକୂଲ୍ୟରେ ରାଗିଂ ସଚେତନତା ସପ୍ତାହ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅଧ୍ୟକ୍ଷ ପ୍ରଫେସର ଶାନ୍ତନୁ କୁମାର ଜେନାଙ୍କ ସଭାପତିତ୍ୱରେ ଏବଂ ବାଣିଜ୍ୟ ବିଭାଗ ଅଧ୍ୟାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ତିନିଶହରୁ ଊର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ରାଗିଂ ସମ୍ପର୍କରେ ସଚେତନ କରାଯାଇଥିଲା। ମହାବିଦ୍ୟାଳୟର କୌଣସି ଛାତ୍ର କିମ୍ବା ଛାତ୍ରୀଙ୍କୁ ଶାରିରୀକ, ମାନସିକ ବା ଆର୍ଥିକ ଭାବରେ ରାଗିଂ ନକରିବାକୁ ପରାମର୍ଶ ଦିଆଯାଇଥିଲା। ଯଦି କୌଣସି ଛାତ୍ର ବା ଛାତ୍ରୀ ଏଭଳି କୌଣସି ରାଗିଂର ସମ୍ମୁଖୀନ ହୁଅନ୍ତି ତେବେ ତୁରନ୍ତ ଏସମ୍ପର୍କରେ ମହାବିଦ୍ୟାଳୟର ଆଁ ରାଗିଂ ସେଲକୁ ଜଣାଇବାକୁ ପରାମର୍ଶ ଦିଆଯାଇଥିଲା। ଚଳିତମାସ ୧୨ତାରିଖରୁ ୧୮ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ପାଳନ ଅବସରରେ ମହାବିଦ୍ୟାଳୟରେ ଏହି ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଥିରେ ଆଇ.କ୍ୟୁ.ଏ.ସି. ସଂଯୋଜକ ଡ. ଦୀପ୍ତି ରାୟ, ବାଣିଜ୍ୟ ବିଭାଗ ମୁଖ୍ୟ ୱାଇ. ପଦ୍ମାବତୀ, ଲେଫ୍ଟନା ରଜନୀକାନ୍ତ ତ୍ରିପାଠୀ, ଡ. ସୁରେଶ ଚନ୍ଦ୍ର ଦାସ, ମନୋଜ ପ୍ରଧାନ, ବାବୁଲା ବେହେରା, ଗିରିଶ କୁମାର ସାହୁ ପ୍ରମୁଖ ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ରାଗିଂ ସମ୍ପର୍କରେ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିବା ସହ ସଚେତନ କରାଇଥିଲେ।

## ଆକ୍ସନ ମୁଡ୍‌ରେ ମହାକାଳପଡ଼ା ଥାନା ଅଧିକାରୀ

## ଜୁଆ ଆଡ୍ଡା ଉପରେ ଚଢ଼ାଉ, ବାଇକ୍ ସହ ଟଙ୍କା ଜବତ



### ୫ ଗିରଫ, କୋର୍ଟ ଚାଲାଣ

**ମହାକାଳପଡ଼ା, ୨୦।୮(ସଂଚାର ବ୍ୟୁରୋ):** ମହାକାଳପଡ଼ା ଥାନା ଅଧିକାରୀ ଏବେ ଆକ୍ସନ ମୁଡ୍ କୁ ଆସିଛନ୍ତି। ଅଞ୍ଚଳରେ ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସୁସମ୍ପର୍କ ବଢ଼ାଇବା ସହ ଅପରାଧିକ କାର୍ଯ୍ୟକଳାପ ନିୟନ୍ତ୍ରଣ ପାଇଁ କାର୍ଯ୍ୟ କରି ଲୋକଙ୍କ ଭରଷା ଜିତୁଛନ୍ତି। ଗତକାଲି ବିଳମ୍ବିତ ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ଉ କରି ୫ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସେମାନଙ୍କ ପାଖରୁ ଟଙ୍କା, ମୋବାଇଲ ଫୋନ୍ ଓ ମୋଟର ସାଇକେଲ ଜବତ କରାଯାଇଛି। ଗତକାଲି ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ୧ ଘଟିକା ସମୟରେ ବଳିପାଳ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମରେ ଜୁଆ ଖେଳ ଚାଲିଥିବା ଖବର ପାଇ ମହାକାଳପଡ଼ା ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶନାରେ ଏଏସଆଇ ବିଦ୍ୟାଧର ସ୍ୱାଇଁ, ବିଶ୍ୱଜିତ ଭୋଇ, ପ୍ରଭାତ କୁମାର ରାଉତ, ଦାଶରଥ ମହାରଣା ଓ କନେଷ୍ଟବଳ ଘଟଣା ସ୍ଥଳରେ ପହଞ୍ଚି ଏକ ଘରେ ଜୁଆ ଖେଳ ଚାଲିଥିବା ସମୟରେ ପାଞ୍ଚ ଜଣଙ୍କୁ କାବୁ କରିଥିଲେ। ସେମାନଙ୍କୁ ଗିରଫ କରିବା ସହିତ ସେମାନଙ୍କ ପାଖରୁ ତାସ୍ ସହିତ ୨୮, ୩୦୦ ନଗଦ ଟଙ୍କା, ଛଅଟି ମୋବାଇଲ୍ ଫୋନ୍ ଓ ତିନୋଟି ବାଇକ୍ ପୋଲିସ୍ ଜବତ କରିଛି। ଗିରଫ ହୋଇଥିବା ବ୍ୟକ୍ତି ବଳିପାଳ ପଞ୍ଚାୟତ ଅନ୍ତର୍ଗତ ବାଲିସାହି ଗ୍ରାମର ସଞ୍ଜୟ ରାଉତ, ବିଶ୍ୱାମ୍ବର ନାଉରୀ ଓ ରଞ୍ଜନ ନାୟକ ହୋଇଥିବା ବେଳେ, ବିଜୟନଗର ଗ୍ରାମର ଜନ୍ମେଜୟ ସାହାଣୀ ଓ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଖରିଅଣ୍ଟା ଗ୍ରାମର ସୁମନ୍ତ ମଲ୍ଲିକ ବୋଲି ଜଣାପଡ଼ିଛି। ଏମାନଙ୍କୁ ଗିରଫ କରି ୨୩୭ ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି। ଅପରାଧିକ କାର୍ଯ୍ୟକଳାପ ଉପରେ ମହାକାଳପଡ଼ା ପୋଲିସର ଏହି ଚଢ଼ାଉ ପରେ ଥାନା ଅଧିକାରୀ ଙ୍କୁ ଧନ୍ୟବାଦ ଜଣାଇଛନ୍ତି ଲୋକେ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ବିଭିନ୍ନ ପ୍ରକଳ୍ପର ସମୀକ୍ଷା



**କେନ୍ଦ୍ରାପଡ଼ା,୨୦।୮(ସଂଚାର ବ୍ୟୁରୋ):** ଆଜି ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗର ମାନ୍ୟବର ମନ୍ତ୍ରୀ ରବି ନାରାୟଣ ନାୟକ କେନ୍ଦ୍ରାପଡ଼ା ଗସ୍ତ କରିଥିଲେ। ସ୍ଥାନୀୟ ସର୍କିଟ ହାଉସଠାରେ ସନ୍ଧ୍ୟାରେ ଆୟୋଜିତ ସମୀକ୍ଷା ବୈଠକରେ ମାନ୍ୟବର ମନ୍ତ୍ରୀ ପାନୀୟ ଜଳ ପ୍ରକଳ୍ପ, ଗ୍ରାମ୍ୟ ଗୃହ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ନିଶ୍ଚିତ ଯୋଜନା, ବିକଶିତ ଗାଁ ବିକଶିତ ଓଡିଶା, ସ୍ୱଚ୍ଛ ଭାରତ ମିଶନ ବ୍ୟତୀତ ଲେବର କାର୍ଡ, ଜବ କାର୍ଡ, ପାନୀୟ ଜଳ ଯୋଗାଣକୁ ସୁଗମ କରିବା, ମେଗା ପ୍ରକଳ୍ପ ଇତ୍ୟାଦି ଯୋଜନାରେ ଚାଲିଥିବା କାର୍ଯ୍ୟ ଉପରେ ମାନ୍ୟବର ମନ୍ତ୍ରୀ ଶ୍ରୀ ନାୟକ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ ରାସ୍ତା ସ୍ଥିତି ସହିତ ସମାଜର ଗରିବ ସହିତ ଯୋଗ୍ୟ ହିତାଧିକାରୀ ଯେପରି ଯୋଜନାର ସୁଫଳ ପାଇବେ ସେଥିପ୍ରତି ଅଧିକାରୀ ମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ମାନ୍ୟବର ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଅନ୍ୟ ମାନଙ୍କ ମଧ୍ୟରେ ମହାକାଳପଡ଼ାପଡା ବିଧାୟକ ଦୁର୍ଗା ପ୍ରସନ ନାୟକ, କେନ୍ଦ୍ରାପଡ଼ା ସାଂସଦଙ୍କ ପ୍ରତିନିଧି ଶଶାଙ୍କ ଶେଖର ସେଠୀ, ଜିଲ୍ଲାପାଳ ରଘୁରାମ ଆର ଆୟାର, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଓ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ସମେତ ସମସ୍ତ ଇଂଜିନିୟର ବିଭାଗର ଅଧିକାରୀ, ଜିଲ୍ଲା ସ୍ତରୀୟ ଅଧିକାରୀ, ସମସ୍ତ ବିଡ଼ିଓ ମାନେ ଉପସ୍ଥିତ ଥିଲେ।

## ଚାନ୍ଦୋଳ ରାଜସ୍ୱ ସର୍କଲରେ 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ



**ଡେରାବିଶ,୨୦।୮(ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଅଧନସ୍ଥ ଚାନ୍ଦୋଳ ରାଜସ୍ୱ ସର୍କଲରେ ଆଜି 'ଆମ ଗାଁରେ ତହସିଲ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ମା୍ମମରେ ତହସିଲ ପ୍ରଶାସନ ଗ୍ରାମାଞ୍ଚଳରେ ପହଞ୍ଚି ତହସିଲର ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦେଇଛନ୍ତି। ଏହି ଉପଲକ୍ଷେ ଚାନ୍ଦୋଳ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ସରପଞ୍ଚ ସୁରେନ୍ଦ୍ର ମଳିକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଡେରାବିଶ ବିଡ଼ିଓ ନମିତା ବାରିକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ସମିତିସଭ୍ୟା ମଞ୍ଜୁଲତା ମିଶ୍ର, ଡେରାବିଶ ତହସିଲଦାର ସରୋଜକାନ୍ତ ନାୟକ, ଏବିଡିଓ ମୃଣ୍ମୟ ରାଉତ, ଅତିରିକ୍ତ ତହସିଲଦାର ଭାସ୍କର ବେହେରା, ରାଜସ୍ୱ ପରିଦର୍ଶକ ମାନସ ରଞ୍ଜନ ନାଥ ଓ ଚାନ୍ଦୋଳ ରାଜସ୍ୱ ନିରୀକ୍ଷକ ସ୍ମୃତିରଞ୍ଜନ ନାୟକ ଉପସ୍ଥିତ ରହି ୧୮ ଜଣ ହିତାଧିକାରୀଙ୍କୁ ମ୍ୟୁଟେସନ୍ ପଟ୍ଟା, ୧୨ ଜଣଙ୍କୁ ଓଏଲଆର ପଟ୍ଟା, ୧୬୫ ଜଣଙ୍କୁ ୱାରସ ସଂଶୋଧନ ହୋଇଥିବା ପଟ୍ଟା, ୭ ଜଣଙ୍କୁ ବେବନ୍ଦୋବସ୍ତ ପଟ୍ଟା ଓ ଜଣେ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ପଟ୍ଟା ପ୍ରଦାନ କରିଥିଲେ। ଏଥିସହ ୨୪ ଜଣ ହିତାଧିକାରୀଙ୍କୁ ତତ୍କାଳ ବିଭିନ୍ନ ବିଭିନ୍ନ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ବ୍ୟକ୍ତି ସେମାନଙ୍କ ଜମିବାଡ଼ି ବିବାଦର ସମାଧାନ ଇତ୍ୟାଦି ନିମନ୍ତେ ଆବେଦନ କରିଥିଲେ। ତହସିଲଦାର ଶ୍ରୀ ନାୟକ ଏମାନଙ୍କ ଅଭିଯୋଗର ତ୍ୱରିତ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବା ସହ କିଛି ଅଭିଯୋଗର ତୁରନ୍ତ ସମାଧାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ତହସିଲ ଅଧନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ ଓ ତହସିଲ କର୍ମଚାରୀ ନିରଞ୍ଜନ ବେହେରା, ମୟଙ୍କ ମଞ୍ଜରୀ ସୋରେନ୍, ଉମାକାନ୍ତ ବେହେରା, ଅନାମ ଚରଣ ଗୋଚ୍ଛାୟତ, ପ୍ରଶାନ୍ତ ବାରିକ, ପିତାମ୍ବର ମଳିକ, ଏସ୍. କେ. ଆବିଦ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଚୋରା ମଦ ଜବତ, ୨ ମହିଳା ସମେତ ୫ କୋର୍ଟ ଚାଲାଣ




**କେନ୍ଦ୍ରାପଡ଼ା,୨୦।୮(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ରୁରାଲ ଓ ଜମ୍ବୁ ମେରାଇନ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇ ମାଳିପୁର ଗ୍ରାମର ପ୍ରଶାନ୍ତ ମଳିକ(୩୭)ଙ୍କ ଠାରୁ ୧୯ ଲିଟର ଦେଶୀ ମଦ, ଡାମରପୁର ଗ୍ରାମର କହେଁଇ ସେଠୀ(୪୧)ଙ୍କ ଠାରୁ ୨୩ ଲିଟର ବିଦେଶୀ ମଦ, ଜମ୍ବୁ ଗ୍ରାମର ନୀଳମାଧବ ମଣ୍ଡଳ(ବୟସ-୪୬) ଙ୍କ ଠାରୁ ୪୬୯ ଲିଟର ଦେଶୀ ରନ୍ଧା ମଦ, ଶିବାନୀ ମଣ୍ଡଳ(୪୫)ଙ୍କ ଠାରୁ ୭୬୮ ଲିଟର ଦେଶୀ ରନ୍ଧା ମଦ ଓ କାଜଲ ମଣ୍ଡଳ (୫୭) ଙ୍କ ଠାରୁ ୮୯୧ ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୨୧୭୦ ଲିଟର, ଦେଶୀ, ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇ ୨ ମହିଳାଙ୍କ ସମେତ ୫ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ନିରିକ୍ଷକ ହିତାଂଶୁ ଶେଖର ମଳିକ କହିଛନ୍ତି। ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ।

## ଠକେଇ ଅଭିଯୋଗରେ ମହିଳା ଗିରଫ

**ରାଜନଗର,୨୦।୮(ସଂଚାର ବ୍ୟୁରୋ):** ଠକେଇ ଅଭିଯୋଗରେ ରାଜନଗର ପୋଲିସ ମହିଳାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନା ମୁତାବକ ରାଜନଗର ଥାନା ଅନ୍ତର୍ଗତ କେରେଡାଗଡ଼ ଗାଁର ରୂପାଲି ମାଝି, କବିତା ମାଝି, ସବିତା ମାଝି, ଫୁଲରାଣୀ ମାଝି, ଶାନ୍ତିଲତା ମାଝି, ମିନା ମାଝି, ସାବିତ୍ରୀ ମାଝି ଓ ବାଲିସାହିପାଟଣା ଗାଁର କୁନି ଲଟା ମାଝି ଗତ ନଭେମ୍ବର ୧୯ ତାରିଖରେ ସେମାନଙ୍କୁ ଚଞ୍ଚକତା କରି ଓ ମିଥ୍ୟା ପ୍ରଲୋଭନ ଦେଖାଇ କେରେଡାଗଡ଼ ଗାଁର ମମତା ମାଝି ୧୪ ଲକ୍ଷ ୧୫ ହଜାର ଟଙ୍କା ଠକି ନେଇଥିଲେ ବୋଲି ଅଭିଯୋଗ କରିଥିଲେ। ରାଜନଗର ଥାନାରେ କେସ ନମ୍ବର ୪୧୮/୨୦୨୪ ରେ ମାମଲା ରୁଜୁ ହୋଇଥିଲା।

## ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ



**କେନ୍ଦ୍ରାପଡ଼ା,୨୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଯୁବ ରେଡକ୍ରସର କାର୍ଯ୍ୟକାରିଣୀ ବୈଠକ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧକ୍ଷ ତଥା ଜିଲ୍ଲା ଯୁବରେଡକ୍ରସର ସଭାପତି ପ୍ରାଧାପକ ଶାନ୍ତନୁ କୁମାର ଜେନାଙ୍କ ପୌରହିତ୍ୟରେ ବୁଧବାର ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକାରିଣୀ ବୈଠକରେ ଜିଲ୍ଲାର ୩୦ଟି ମହାବିଦ୍ୟାଳୟ ଓ ଉଚ୍ଚମାଧମିକ ବିଦ୍ୟାଳୟର ଯୁବରେଡକ୍ରସର ପରାମର୍ଶଦା।ମାନେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଯୁବରେଡକ୍ରସର ଜିଲ୍ଲା ଆବାହକ ତଥା ସମ୍ପାଦକ ଅଧାପକ ବିକାଶ କୁମାର ନାୟକ କାର୍ଯ୍ୟକାରିଣୀର ଉଦେଶ୍ୟ ଜ୍ଞାପନ କରିଥିଲେ। ଜିଲ୍ଲା ସଂଯୋଜକ ରତ୍ନାକର ସେଠୀ ଜିଲ୍ଲା ଯୁବରେଡକ୍ରସ ପକ୍ଷରୁ ୨୦୨୪-୨୫ବର୍ଷରେ ହୋଇଥିବା କାର୍ଯ୍ୟକ୍ରମର ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। 'ଦାନା' ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନର ସହଯୋଗରେ କେନ୍ଦ୍ରାପଡା ଯୁବରେଡକ୍ରସ ଦ୍ୱାରା ରାଜନଗରରେ ରିଲିଫ ପ୍ରଦାନ କାର୍ଯ୍ୟ ପରିଚାଳନାକୁ ସମସ୍ତେ ଉଚ୍ଚ ପ୍ରଶଂସା କରିଥିଲେ। ୨୦୨୫-୨୬ ବର୍ଷରେ ଜିଲ୍ଲା ଯୁବରେଡକ୍ରସ ପକ୍ଷରୁ ରକ୍ତଦାନ ଶିବିର, ବୃକ୍ଷରୋପଣ, ସ୍ୱାସ୍ଥ୍ୟ ଶିବିର, ସଡକ ସୁରକ୍ଷା ଓ ନିଶାମୁକ୍ତି ଅଭିଯାନ ପ୍ରମୁଖ ୧୨ଟି କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପି ଗ୍ରହଣ କରାଯାଇଥିଲା। ଚଳିତବର୍ଷ ମାର୍ଶାଘାଇ ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ଜ୍ଞାନ ଆହରଣ ଓ ପ୍ରଶିକ୍ଷଣ ଶିବିର, ଚାନ୍ଦୋଳସ୍ଥିତ ହୃଦାନନ୍ଦ ସ୍ମାରକୀ ମହାବିଦ୍ୟାଳୟରେ ଜିଲ୍ଲା ସ୍ତରୀୟ ବିପର୍ଯ୍ୟୟ ପରିଚାଳନା ତାଲିମ ଶିବିର ଅନୁଷ୍ଠିତ ହେବାକୁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଛି। ଶେଷରେ ଡ. ହିମାଂଶୁ ଭୂଷଣ ପରିଡା ଧନ୍ୟବାଦ ଅର୍ପଣ କରିଥିଲେ।

## ମୃତ ମଇଁଷିଙ୍କୁ ପୋତିବା ପକ୍ରିୟା ଆରମ୍ଭ



**ରାଜନଗର,୨୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ ଏକମାଣିଆ ଗାଁ ନିକଟରେ ପ୍ରବାହିତ ନଦୀରେ ୪ ଦିନ ହେଲା ମରି ଭାସୁଥିବା ୭୩ଟି ମଇଁଷିଙ୍କୁ ସ୍ଥାନାନ୍ତର ପକ୍ରିୟା ଆରମ୍ଭ ହୋଇଛି। କେନ୍ଦ୍ରାପଡା ଜିଲପାଳ ଏହାକୁ ଗୁରୁତର ସହ ନେଇଥିଲେ। ଏହାପରେ ମୃତ ମଇଁଷିଙ୍କୁ ପୋତିବା ପକ୍ରିୟା ଆରମ୍ଭ ହୋଇଛି। ବୋଟ ମାଧମରେ ନଦୀରୁ ମଇଁଷିଙ୍କୁ ଟାଣି ଟାଣି ପୋତିବାକୁ ସ୍ଥିର ହୋଇଥିବା ସ୍ଥାନକୁ ଅଣାଯାଉଛି। ଜେସିବି ମାଧମରେ ଗାତ ଖୋଳା ଯାଇଛି। ବିରାଟ ଗାତ ମଧରେ ମୃତ ମଇଁଷିଙ୍କୁ ପୋତାଯିବ। ୪ ଦିନ ତଳୁ ମଇଁଷି ଗୁଡିକ ମରି ଭାସୁଥିବାରୁ ଦୁର୍ଗନ୍ଧରେ ମଇଁଷି ନିକଟକୁ ଯାଇ ହେଉନାହିଁ। ବ୍ରାହ୍ମଣୀ ନଦୀର ଶାଖା ଗଳିଆ ନଦୀରେ ଗଛର ଡାଳ କାଟି ନଦୀ ଭିତରକୁ ଯାଇ ମଇଁଷି ଗୁଡିକୁ ବୋଟ ମାଧମରେ ଟାଣି ଟାଣି ଅଣାଯାଉଛି। ବନ ବିଭାଗର ୩ଟି ବୋଟ ମଇଁଷି ଟାଣି ଆଣିବା କାର୍ଯ୍ୟରେ ନିଯୋଜିତ ରହିଛି। ବନ ବିଭାଗର ୩୫ ଜଣ ଓ ଅଗ୍ନିଶମ ବାହିନୀର ୧୦ ଜଣ କର୍ମଚାରୀଙ୍କ ସହିତ ଅଧିକାରୀ ମାନେ ମଇଁଷି ଉଦ୍ଧାର ଓ ପୋତିବା କାର୍ଯ୍ୟରେ ନିଯୋଜିତ ଅଛନ୍ତି। ଘଟଣା ସ୍ତଳରେ କେନ୍ଦ୍ରପଡା ଉପଜିଲ୍ଲାପାଳ, ଏସିଏଫ ଗଗନ କୁମାର ମଲ୍ଲିକ, ରାଜନଗର ରେଞ୍ଜ ଅଫିସର ଚିତ୍ତ ରଞ୍ଜନ ବେହୁରା, ଆଳି ତହସିଲଦାର, ରାଜସ୍ୱ ନିରିକ୍ଷକ, ଆଳି ବ୍ଲକ ପଶୁ ଚିକିତ୍ସା ଅଧିକାରୀ ରହି ଏହାକୁ ଅନୁଧ୍ୟାନ କରୁଛନ୍ତି।

## ନିଲାମ ହେଉନି ଅଣ୍ଟରା ହାଟ ଦୁର୍ଦ୍ଦଶାରେ ଖାଉଟି ବେପାରୀ



**ପଟ୍ଟାମୁଣ୍ଡାଇ,୨୦।୮ (ସଂଚାର ବ୍ୟୁରୋ):** ଅଣ୍ଟରା ପଞ୍ଚାୟତ କାର୍ଯ୍ୟାଳୟ ଓ ଉଷାଦେବୀ ମହିଳା ଉଚ୍ଚମାଧମିକ ବିଦ୍ୟାଳୟ ସମ୍ମୁଖରେ ଅଣ୍ଟରା ସାପ୍ତାହିକ ହାଟ ପ୍ରତ୍ୟେକ ସୋମବାର ଓ ଗୁରୁବାର ବସିଥାଏ।ବିଭିନ୍ନ ପନିପରିବା ସହିତ ଅନ୍ୟାନ୍ୟ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ହାଟ ରେ ମିଳିଥାଏ ଓଅଣ୍ଟରା, ଅମୃତମଣୋହିଁ, ବଲୁରିଆ, ନୂଆପଡା, ବାଟିପଡ଼ା ପଞ୍ଚାୟତର ଲୋକମାନେ ମୁଖ୍ୟତଃ ଏହି ହାଟ ଉପରେ ନିର୍ଭର କରିଥାନ୍ତି ଗତ କିଛିବର୍ଷ ହେବ ଏହି ହାଟ ପରିଚାଳନାରେ ସମସ୍ୟା ସୃଷ୍ଟି ହୋଇଛି ଓ ୨୦୨୫/୨୬ ଆର୍ଥିକ ବର୍ଷ ପାଇଁ ଏ ପର୍ଯ୍ୟନ୍ତ ହାଟ ନିଲାମ ହୋଇନାହିଁ ଓ ପଞ୍ଚାୟତ ପକ୍ଷରୁ ବେପାରୀଙ୍କ ଠାରୁ ମହାଶୂଲ ଆଦାୟ କରାଯାଉଛି ଓ ମାତ୍ର ହାଟର ପରିଷ୍କାର ପରିଚ୍ଛନ୍ନତା ପ୍ରତି ଧ୍ୟାନ ଦିଆଯାଉନାହିଁ। ଗତ ୨ ବର୍ଷ ତଳେ ପୂର୍ବତନ ବିଧାୟକପାଣ୍ଠି ଅନୁଦାନ ୧୦ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇ ହାଟରେ ଫେବର ବ୍ଲକ ବା କଂକ୍ରିଟ ଇଟା ବିଛା ଯାଇଥିଲା। ସମ୍ପ୍ରତି ହାଟଟି କାଦୁଅରେ ପରିପୂର୍ଣ୍ଣ ହେବା ସହିତ ପଚା ପରିବାପତ୍ର ପଡ଼ିରହିବା ଯୋଗୁଁ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି ଓ ଯାହାଫଳରେ ଉଭୟ ଖାଉଟି ଓ ବେପାରୀ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ଏହି ହାଟ ନିଲାମ ହୋଇ ନଥିବାରୁ ଏପରି ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ପଟ୍ଟାମୁଣ୍ଡାଇ ବିଡିଓ ଓ ସବ କଲେକଟର ତୁରନ୍ତ ହାଟ ନିଲାମ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ଛାତ୍ରୀଙ୍କୁ ସାର୍‌ଙ୍କ ଅସଦାଚରଣ ଅଭିଯୋଗ

**ମହାକାଳପଡ଼ା,୨୦।୮(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲାରେ ପୁଣି ଜଣେ ଛାତ୍ରୀଙ୍କୁ ଅସଦାଚରଣ କରାଯିବା ଘଟଣା ସାମ୍‌ନାକୁ ଆସିଛି। ମହାକାଳପଡ଼ା ବ୍ଲକ ତନ୍ତିଆପାଳ ସାମୁଦ୍ରିକ ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଟ୍ୟୁଶନ ଶିକ୍ଷକ ଅଶ୍ଳୀଳ ମେସେଜ ପଠାଇବା, ଶରୀରର ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରିବା ସୋମବାର ଛାତ୍ରୀ ଅଭିଯୋଗ କରିଥିଲେ। ମଙ୍ଗଳବାର କେନ୍ଦ୍ରାପଡ଼ା ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ କୋର୍ଟରେ ବିଏନ୍‌ଏସ୍‌ଏସ୍ ଧାରା ୧୮୩ ଅନୁଯାୟୀ ତାଙ୍କ ବୟାନ ରେକର୍ଡ କରାଯାଇଛି। ନ୍ୟାୟ ନ ପାଇଲେ ସେ ଆତ୍ମାହୁତି କରିବେ ବୋଲି ଧମକ ଦେଇଛନ୍ତି। ଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ସେ ଦଶମ ଶ୍ରେଣୀରେ ପଢୁଥିବା ବେଳେ ଯୁବକ ତାପସ ବେରାଙ୍କ ପାଖରେ ଟ୍ୟୁଶନ ହେଉଥିଲେ। ଏହି ସୁଯୋଗରେ ତାପସ ଛାତ୍ରୀଙ୍କ ମୋବାଇଲକୁ ଅଶ୍ଳୀଳ ମେସେଜ ପଠାଇବା ସହ ତାଙ୍କ ସମ୍ବେଦନଶୀଳ ଅଙ୍ଗକୁ ସ୍ପର୍ଶ କରୁଥିଲେ। ଏ କଥା କାହାକୁ କହିଲେ ଅଶ୍ଳୀଳ ପୋଷ୍ଟ ଭାଇରାଲ କରିଦେବାକୁ ଧମକ ଦେଉଥିଲେ।



ନିଟ୍ ପିଜି ପରୀକ୍ଷାରେ ସର୍ବଭାରତୀୟ ସ୍ତରରେ ଟପ୍‌ର୍ ହୋଇଥିବା ପୁଷ୍କନ୍ ମହାପାତ୍ରଙ୍କୁ ବଧେଇ ଜଣାଉଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

### ପ୍ରଧାନମନ୍ତ୍ରୀଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଧନ୍ୟବାଦ ସଭା

# କ୍ୟାପିଟାଲ ରିଙ୍ଗରୋଡ ଡବଲ ଇଞ୍ଜିନ୍‌ର ବିକାଶ ମଡେଲ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): କ୍ୟାପିଟାଲ ରିଜିୟନ ରିଂରୋଡକୁ କେନ୍ଦ୍ର କ୍ୟାବିନେଟର ମଂଜୁରୀ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇ ଏହା ଡବଲ ଇଞ୍ଜିନର ବିକାଶ ମଡେଲ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମିଶନ ପୂର୍ବୋଦୟରେ ଓଡିଶାକୁ ଆଉ ଏକ ବଡ ପ୍ରକଳ୍ପ ପାଇଁ ଆଜି ଉଭୟ ରାଜ୍ୟ ସରକାର ଏବଂ ବିଜେପି ପକ୍ଷରୁ ଆୟୋଜନ ହୋଇଥିଲା ଧନ୍ୟବାଦ ସଭା।

ପ୍ରକଳ୍ପ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବାକୁ ରାଜ୍ୟ ଅତିଥି ଭବନରେ ଏକାଠି ହୋଇଥିଲେ ମୁଖ୍ୟମନ୍ତ୍ରୀ, ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ପ୍ରଭାରୀ ବିଜୟ ପାଲ ସିଂ ତୋମାର। ଏକାଧିକ ମନ୍ତ୍ରୀ ବିଧାୟକ ବି ଏକାଠି ହୋଇ ରିଂ ରୋଡ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ମୁଖ୍ୟମନ୍ତ୍ରୀ କହିଥିଲେ, କ୍ୟାପିଟାଲ ରିଜନ୍ ରିଙ୍ଗ ରୋଡ ପାଇଁ ସଡକ ପରିବହନ ମନ୍ତ୍ରୀ ନୀତିନ ଗଡକରୀଙ୍କ ପାଖରେ ଆମେ ଦାବି କରିଥିଲୁ। ପ୍ରଧାନମନ୍ତ୍ରୀଙ୍କ ଫୋକସରେ ରହିଛି ଓଡିଶା। ଦେଶ ବିକାଶର ଗ୍ରୋଥ ଇଞ୍ଜିନ ଓଡିଶାକୁ କରିବାକୁ ମୋଦୀଙ୍କ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି।

କ୍ୟାପିଟାଲ ରିଜିଅନ୍ ରିଙ୍ଗ ରୋଡ୍ ଅଧୀନରେ ନିର୍ମାଣ ହେବ ଭୁବନେଶ୍ୱର ବାଇପାସ୍। ଏହି ପ୍ରସ୍ତାବିତ ବାଇପାସ ତିନିଟି ପ୍ରମୁଖ ଜାତୀୟ ରାଜପଥ ୫୫, ୫୭ ଓ ୬୫୫ ସହ ରାଜ୍ୟ ରାଜପଥ ୬୫ ମଧ୍ୟ ସଂଯୋଗ କରିବ। ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଢେଙ୍କାନାଳକୁ ସଂଯୋଗ ଏକ ପ୍ରକାର ସହଜ ହୋଇଯିବ। ଆର୍ଥିକ, ସାମାଜିକ ଓ ଲଜିଷ୍ଟିକ୍ସ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଯୋଡ଼ିବ ଏଇ ରାସ୍ତା। କେବଳ ମାଲ ପରିବହନ ନୁହେଁ, ଯାତ୍ରୀ ପରିବହନରେ ବି ଏହା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବ। ୮ ହଜାର ୩୦୮ କୋଟିରୁ ଅଧିକ ଟଙ୍କାରେ ନିର୍ମାଣ ହେବାକୁ ଥିବା ଭୁବନେଶ୍ୱର ବାଇପାସ୍ ପ୍ରକଳ୍ପକୁ ଆସନ୍ତା ଅଢେଇ ବର୍ଷରେ ସାରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଏହି ରାସ୍ତା ଭୁବନେଶ୍ୱର, କଟକ ଓ ଖୋର୍ଦ୍ଧା ସହରରେ ଦେଖାଦେଉଥିବା ଟ୍ରାଫିକ ସମସ୍ୟାକୁ ଦୂର କରିବ ବୋଲି ଆଶା କରାଯାଉଛି।



# କଳିଙ୍ଗ ସେନାର ସଭାପତି ଭାବେ ହେମନ୍ତ ରଥ ପୁନଃନିର୍ବାଚିତ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ରାଜ୍ୟର ଅନ୍ୟତମ ରାଜନୈତିକ ଦଳ କଳିଙ୍ଗ ସେନାର ସଭାପତି ଭାବେ ହେମନ୍ତ ରଥ ଆଜି ପୁନଃନିର୍ବାଚିତ ହୋଇଛନ୍ତି। ଏଥିସହିତ ଉପସଭାପତି ଭାବେ ଅଧିବକ୍ତା ସବ୍ୟସାଚୀ ମହାପାତ୍ର, ଅବ୍ଦୁଲ କୟୁମ୍ ଖାନ, ଉମାକାନ୍ତ ଜେନା, ହିମାଂଶୁ ନାୟକ, ହେମନ୍ତ ସିଂ, ଅଧିବକ୍ତା ତୁଳସୀ ନାରାୟଣ ଦାସ, ଗୌରାଙ୍ଗ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ରାଉ, ଇଂ ମନୋଜ କୁମାର ନାୟକ, ଇଂ ସ୍ୱାତିଶ ରଞ୍ଜନ ସାହୁ, ଅମୂଲ୍ୟ ନାୟକ, ବରୋଦାକାନ୍ତ ମହାନ୍ତି, ଇଂ ରାଧାମୋହନ ପଟ୍ଟନାୟକ, ବିଶ୍ୱଜିତ ପାତ୍ର ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ପ୍ରଧାନ, ମୋନାଲିଶା ବିଶ୍ୱାଳ, ରଞ୍ଜିତ ସାମଲ, ମଧୁସୁଦନ ସାହୁ, ଅଶୋକ ସାହୁ, ସରୋଜ ଆଚାର୍ଯ୍ୟ, ସମୀର ପ୍ରଧାନ ଏବଂ ରାଜ୍ୟ କମିଟିକୁ ବିଭୁତି ପରିଡା, ମନୋଜ କୁମାର ମିଶ୍ର, ବିକ୍ରମ ପ୍ରଧାନ, ଦିଲ୍ଲୀପ ନାଥ, ସୁଧାକର ବେହେରା, ପ୍ରମୋଦ ନାୟକ, ପାର୍ଥସାରଥି ତ୍ରିପାଠୀ ନିର୍ବାଚିତ ହୋଇଛନ୍ତି। ଆଜି ଏଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଦଳୀୟ କର୍ମକର୍ତ୍ତାମାନେ ଶ୍ରୀ ରଥଙ୍କୁ ଆସନ୍ତା ତିନି ବର୍ଷ ପାଇଁ ସଭାପତି ଦାୟିତ୍ୱ ପ୍ରଦାନ କରିଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଦାୟିତ୍ୱ ତୁଲାଇଥିଲେ।

# ଅଙ୍ଗନବାଡ଼ି କର୍ମୀଙ୍କ ସମସ୍ୟାର ସମାଧାନ ପାଇଁ ଦାବି



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଅଙ୍ଗନବାଡି କେନ୍ଦ୍ରରେ ହିତାଧିକାରୀ ଓ ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟ ଓ ଗର୍ଭବତୀ, ପ୍ରସୂତି ଓ ୭ ମାସରୁ ୩ ବର୍ଷ ପିଲାଙ୍କୁ ପ୍ରଦାନ କରାଯାଉଥିବା ଖାଦ୍ୟର ଫେସ୍ କ୍ୟାପ୍‌ଚର ଓ ଇକେୱାଇସି ଅପ୍‌ଡେଟ୍ କରିବା ସଂକ୍ରାନ୍ତ ସରକାରଙ୍କ ନିର୍ଦ୍ଦେଶନାମା ଫଳରେ ରାଜ୍ୟରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏହା ବିରୋଧରେ ଆସନ୍ତା ୪ ତାରିଖରେ ଏଆଇଟିୟୁସି ସାଧାରଣ ସମ୍ପାଦକ ଅମରଜିତ୍ କୌରଙ୍କ ସାଧାରଣ ସଭାରେ ବ୍ୟାପକ ମାତ୍ରାରେ ଯୋଗଦେବା ସକାଶେ ଆଜି ଏଠାରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଅଙ୍ଗନବାଡ଼ି କର୍ମୀଙ୍କୁ ଆହ୍ୱାନ ଦିଆଯାଇଛି। ନିଖିଳ ଓଡ଼ିଶା ଅଙ୍ଗନବାଡ଼ି କର୍ମୀ ସଂଘର ରାଜ୍ୟ କାର୍ଯ୍ୟକାରୀ ସଭାପତି ବିଜୟ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଅଭିଯୋଗ ଉପସ୍ଥାପନ କରାଯାଇଛି।

# କ୍ରୁଜ୍ ଇଣ୍ଡିଆ ମିଶନ ଓଡ଼ିଶାରେ ୪ଟି ନଦୀ କ୍ରୁଜ୍ ସର୍କିଟ ଯୋଜନା



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): କେନ୍ଦ୍ର ସରକାର କ୍ରୁଜ୍ ଇଣ୍ଡିଆ ମିଶନ ଅଧୀନରେ ଓଡ଼ିଶାରେ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ ୪ଟି ନୂଆ ନଦୀ କ୍ରୁଜ୍ ସର୍କିଟ ବିକାଶ କରିବାକୁ ଯୋଜନା କରିଛନ୍ତି। କେନ୍ଦ୍ର ବନ୍ଦର, ନୌବାଣିଜ୍ୟ ଓ ଜଳପଥ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ରାଜ୍ୟସଭାରେ ଏକ ପ୍ରଶ୍ନର ଉତ୍ତରରେ କହିଛନ୍ତି ଯେ ଏହି ଉଦ୍ୟମ ଓଡ଼ିଶାର ବିସ୍ତୃତ ନଦୀ ଓ ଉପକୂଳବର୍ତ୍ତୀ ସମ୍ଭାବନାକୁ ପର୍ଯ୍ୟଟନ ପାଇଁ ବ୍ୟବହାର କରିବାକୁ ଲକ୍ଷ୍ୟ ରଖିଛି। ଯୋଜନା ଅନୁଯାୟୀ, ବିକଶିତ ହେବାକୁ ଥିବା ୪ଟି ସର୍କିଟ୍ ହେଲା ବୈତରଣୀ ନଦୀ ସହ ଜାତୀୟ ଜଳପଥ ୧୪ରେ ଭିତରକନିକା ସର୍କିଟ, ମହାନଦୀ ସହ ଜାତୀୟ ଜଳପଥ ୬୪ରେ ଜୋବ୍ରା ସର୍କିଟ, ବିରୁପା, ବଡ଼ ଗେଙ୍ଗୁଟି ଓ ବ୍ରହ୍ମଣୀ ନଦୀ ସହ ଜାତୀୟ ଜଳପଥ ୨୨ରେ ଲଳିତଗିରି-ଉଦୟଗିରି-ରତ୍ନଗିରି ସର୍କିଟ ଓ ବୁଢ଼ାବଳଙ୍ଗ ନଦୀ ସହ ଜାତୀୟ ଜଳପଥ ୨୩ରେ ବାଲେଶ୍ୱର ଲୁକ୍କାୟିତ ବେଳାଭୂମି ସର୍କିଟ।

# ସିକଲ୍ ସେଲ୍ ଓ ଥାଲାସେମିଆ ପରିଚାଳନା ବୈଠକ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ସିକଲ୍ ସେଲ୍ ଓ ଥାଲାସିମିଆ ପରିଚାଳନା ବୈଠକ କମିଶନର ତଥା ଶାସନ ସଚିବ ଅସ୍ୱତୀ ଏସ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ରାଜ୍ୟରେ ସିକଲ୍ ସେଲ୍ ଓ ଥାଲାସିମିଆର ବର୍ତ୍ତମାନ ସ୍ଥିତି, ପ୍ରାରମ୍ଭିକ ସନ୍ଧାନ, ପ୍ରତିରୋଧୀମୂଳକ ବ୍ୟବସ୍ଥା, ଚିକିତ୍ସା ସୁବିଧା ଓ ରୋଗୀ ସେବା ସମ୍ପର୍କରେ ସମୀକ୍ଷା କରାଯାଇଛି।

■ ମିଶନ୍‌ରେ ୨୧ ଜିଲ୍ଲା ସାମିଲ୍

■ ଅଦ୍ୟାବଧି ୪୬.୬୫ ଲକ୍ଷ ରୋଗୀ ଚିହ୍ନଟ

ବୈଠକରେ ସ୍କ୍ରିନିଂ ପ୍ରୋଗ୍ରାମ୍, ଜିନେଟିକ କାଉନସେଲିଂ, ନିଦାନ ସୁବିଧା ବାବଦରେ ଆଲୋଚନା କରାଯାଇଛି। ଏନ୍‌ଏଚ୍‌ଏମ୍ ମିଶନ୍ ନିର୍ଦ୍ଦେଶକ ଡ. ବୃନ୍ଦା ଡି. ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ରାଜ୍ୟର ୨୧ଟି ଜିଲ୍ଲା ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼ ଆଦିକୁ ଜାତୀୟ ସିକଲ ସେଲ ଆନିମିଆ ନିରାକରଣ ମିଶନରେ ସାମିଲ୍ କରାଯାଇଛି। ଏହି ଜିଲ୍ଲାଗୁଡ଼ିକରେ ବିଭିନ୍ନ ମାଧ୍ୟମରେ ସିକଲ ସେଲ ପରୀକ୍ଷା ସୁବିଧା ବି ଯୋଗାଇ ଦିଆଯାଉଛି।

ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର ସ୍ତରରେ ଜନ୍ମଠାରୁ ୧୮ ବର୍ଷ ପର୍ଯ୍ୟନ୍ତ ଆର୍‌ବିଏସ୍‌କେ ଟିମ୍ ଦ୍ୱାରା ସ୍କ୍ରିନିଂ ଓ ଗର୍ଭବତୀମାନଙ୍କୁ ଆଣ୍ଟିନାଟାଲ୍ କେୟାର ସମୟରେ ସ୍କ୍ରିନିଂ କରାଯାଉଛି। ଆଦିବାସୀ ଅଞ୍ଚଳରେ ମୋବାଇଲ୍ ହେଲ୍‌ଥ ୟୁନିଟ୍ ମାଧ୍ୟମରେ ପରୀକ୍ଷା ସୁବିଧା ବି ଯୋଗାଇ ଦିଆଯାଉଛି। ସହରାଞ୍ଚଳରେ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଓ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ପରୀକ୍ଷା ସୁବିଧା କରାଯାଇଛି। କାର୍ଯ୍ୟକ୍ରମ ଆରମ୍ଭ (ଜୁଲାଇ ୨୦୨୩)ଠାରୁ ୨୦୨୫-୨୬ ଅବଧି ପର୍ଯ୍ୟନ୍ତ ୪୬.୬୫ ଲକ୍ଷ ପରୀକ୍ଷା କରାଯାଇଛି। ଏଥିରୁ ୯୭,୫୦୧ ଜଣ ସିକଲ ସେଲ ପରୀକ୍ଷାର ଫଳାଫଳ ପଜିଟିଭ୍ ଚିହ୍ନିତ ହୋଇଛି। ଚିହ୍ନିତ ରୋଗୀମାନଙ୍କୁ ସରକାରୀ ହସ୍ପିଟାଲ୍‌ରେ ଆବଶ୍ୟକୀୟ ଚିକିତ୍ସା ସେବା ବି ଯୋଗାଇ ଦିଆଯାଉଛି।

ଉଲ୍ଲେଖଯୋଗ୍ୟ ଯେ ପ୍ରତ୍ୟେକ ପଞ୍ଜିକୃତ ସିକଲ ସେଲ ରୋଗୀଙ୍କୁ ଯାତାୟାତ ଖର୍ଚ୍ଚ ବାବଦରେ ସେମାନଙ୍କ ବ୍ୟାଙ୍କ ଖାତାକୁ ପ୍ରତି ମାସରେ ପାଞ୍ଚ ଶହ ଟଙ୍କା ଏବଂ ମାଗଣା ରକ୍ତ ଯୋଗାଇ ଦିଆଯାଉଛି। ବ୍ଲଡ୍ ପ୍ୟାକ୍ ସର୍ଭିସ୍ ଚାର୍ଜରୁ ସେମାନଙ୍କୁ ମଧ୍ୟ ମୁକ୍ତ କରାଯାଇଛି। ସରକାରୀ ହସ୍ପିଟାଲ୍‌ରେ ମାଗଣା ଔଷଧ ଯୋଗାଇ ଦିଆଯାଉଛି। ୧୨ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ପାଇଁ ବୋନ୍ ମାରୋ ଟ୍ରାନ୍ସପ୍ଲାଣ୍ଟ ପାଇଁ ସର୍ବୋଚ୍ଚ ୧୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ବି ଯୋଗାଇ ଦିଆଯାଉଛି। ସଭାରେ ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର, ସ୍ୱତନ୍ତ୍ର ସଚିବ ସ୍ମିତା ବିଶ୍ୱାଳ, ଡା. ଜିତେନ୍ଦ୍ର ବେବର୍ତ୍ତା, ନିର୍ଦ୍ଦେଶକ ଡା. ବିଶ୍ୱମୋହନ ମିଶ୍ର, ଯୁଗ୍ମ ସଚିବ ଶ୍ରୀକାନ୍ତ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

### ● ନଗର ଉନ୍ନୟନ ପ୍ରମୁଖ ସଚିବଙ୍କୁ ଭେଟିଲେ ସୁରବନ ଜୁରଙ୍ଗ ପ୍ରତିନିଧି

# ନୂତନ ସହର ରୂପରେଖ ନେଇ ଆଲୋଚନା



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ସିଙ୍ଗାପୁରସ୍ଥିତ ଅନ୍ତର୍ଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଓ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ଆଜି ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦିଆଯିବା ସହ ସହରାଞ୍ଚଳ ଭିତ୍ତିଭୂମି ଓ ପରିଚାଳିତ ସେବା ଉପରେ ଆଲୋଚନା ହୋଇଥିଲା। ରାଜ୍ୟ ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏହି ପ୍ରକଳ୍ପ ଏକ ମଡେଲ ସହର କଳ୍ପନା କରିବା ସହ ଏଥିରେ ଜମି ମୂଲ୍ୟକୁ ଉନ୍ନତ କରିବା ଏବଂ ଅନ୍ତର୍ଜାତୀୟ ବ୍ରାଣ୍ଡିଂ ହାସଲ କରିବା ପାଇଁ ଡିଜାଇନ୍ କରାଯାଇଛି। ବିଡିଏ ମାଷ୍ଟର ପ୍ଲାନ୍ ପ୍ରସ୍ତୁତ କରିବ ଏବଂ ବିକାଶ ପାଇଁ ସର୍ବୋତ୍ତମ ଉପଯୁକ୍ତ ଉତ୍ପାଦ ତାହା ସୁପାରିସ୍ କରିବା ପାଇଁ ଜେଏଲଏଲକୁ ବିଚାରକୁ ନେବ। ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଓ ଜେଏଲଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏ ସଂକ୍ରାନ୍ତରେ ଶ୍ରୀମତୀ ପାଢ଼ୀ କହିଛନ୍ତି ଯେ ଭୁବନେଶ୍ୱର ନୂତନ ସହର ପ୍ରକଳ୍ପ ଓଡ଼ିଶା ପାଇଁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ଗଠନ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଭବିଷ୍ୟତ ପିଢ଼ି ପାଇଁ ଅନ୍ତର୍ଭୁକ୍ତି, ସ୍ଥାୟିତ୍ୱ ଓ ସ୍ଥିରତାକୁ ପ୍ରତିଫଳିତ କରୁଛି।

# ୪୪ ଅଞ୍ଚଳକୁ ତୁରନ୍ତ ଏନଏସି ମାନ୍ୟତା ଦେବାକୁ ବିଜେଡିର ଦାବି




ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ବିଜେଡି ସରକାର ରାଜ୍ୟରେ ୫୬ଟି ନୂଆ ଏନଏସି ଘୋଷଣା କରିଥିଲେ। ସେଥି ମଧ୍ୟରୁ କେବଳ ୧୨ଟି ଅଞ୍ଚଳକୁ ଏନଏସି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ନେଇଥିବା ବେଳେ ଏହାକୁ ବିଜେଡି ସମାଲୋଚନା କରିଛି। ଆଜି ଶଙ୍ଖ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ସରକାରଙ୍କ ଉପରେ ବର୍ଷିଛନ୍ତି । ଶ୍ରୀ ମିଶ୍ର କହିଛନ୍ତି ଯେ ସରକାର ଏକ ନିରନ୍ତର ପ୍ରକ୍ରିୟା। ପୂର୍ବ ବିଜେଡି ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ଏବର ବିଜେପି ସରକାର ରାଜନୈତିକ ଦୃଷ୍ଟିକୋଣରୁ ପଛଘୁଞ୍ଚା ଦେବା ଦୁର୍ଭାଗ୍ୟଜନକ। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜେଡି ସରକାର ୫୬ଟି ଏନଏସି ଘୋଷଣା କରିଥିଲେ। କିନ୍ତୁ ବିଜେପି ସରକାର ସେଥିରୁ ମାତ୍ର ୧୨ଟି ଅଞ୍ଚଳକୁ ସ୍ୱୀକୃତି ଦେବା ରାଜ୍ୟର ବିକାଶକୁ ପଛକୁ ନେବା ସଦୃଶ। ଗତ ୧୪ ମାସର ସରକାର ସମୟରେ ରାଜ୍ୟର ବିକାଶ ଠପ୍ ହୋଇଯାଇଛି। ବିଜେଡି ସରକାର ସମୟରେ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡିକର ଅଗ୍ରଗତି ପରିଲକ୍ଷିତ ହେଉନାହିଁ। ରାଜ୍ୟ ସରକାର ତୁରନ୍ତ ବାକି ରହିଯାଇଥିବା ୪୪ଟି ଅଞ୍ଚଳକୁ ଏନଏସି ଘୋଷଣା କରନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। ସେହିପରି ଶ୍ରୀ ଦିଶାରୀ କହିଛନ୍ତି ଯେ କଳାହାଣ୍ଡି ଜିଲ୍ଲାରେ ମଦନପୁର ରାମପୁର, ନର୍ଲା, ଜୟପାଟଣା ଓ ନୂଆପଡା ଜିଲ୍ଲାର ସିନାପାଲିକୁ ଏନଏସି କରାଯିବ ବୋଲି ବିଜେଡି ସରକାର ଘୋଷଣା କରିଥିଲା। କିନ୍ତୁ ଏବେ ବିଜେପି ସରକାର ଘୋଷଣା କରିଥିବା ୧୨ଟି ଏନଏସି ମଧ୍ୟରେ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଗୋଟିଏ ବି ପୂର୍ବ ଘୋଷିତ ଅଞ୍ଚଳ ସ୍ଥାନ ପାଇନାହିଁ, ଯାହାକି ଦୁଇ ଜିଲ୍ଲାର ବାସିନ୍ଦାମାନଙ୍କୁ ନିରାଶ କରିଛି। ରାଜ୍ୟ ସରକାର ଏପରି ନିଷ୍ପତ୍ତି ନେଇ ଦୁଇ ଜିଲ୍ଲା ପ୍ରତି ପ୍ରତାରଣା କରିଛନ୍ତି। ତେଣୁ ସରକାର ତୁରନ୍ତ ଏପରି ନିଷ୍ପତ୍ତିର ପୁନଃର୍ବିଚାର କରି ପୂର୍ବ ଘୋଷିତ ଅଞ୍ଚଳଗୁଡିକୁ ଏନଏସି ମାନ୍ୟତା ଦିଅନ୍ତୁ, ନଚେତ ବିଜେଡି ଏହା ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଶ୍ରୀ ଦିଶାରୀ ଚେତାବନୀ ଦେଇଛନ୍ତି।

# ପୋଲାଭରମ ପ୍ରକଳ୍ପ କାମ ବନ୍ଦ ହେଉ: ବିଜେଡ଼ି

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ପୋଲାଭରମ ପ୍ରକଳ୍ପ କାମ ବନ୍ଦ କରାଯାଉ। ପୋଲାଭରମକୁ ନେଇ କେନ୍ଦ୍ରୀୟ ଜଳ କମିଶନଙ୍କୁ ଭେଟି ଦାବି ରଖିଲେ ବିଜେଡି ପ୍ରତିନିଧି ଦଳ। ଜଳ କମିଶନଙ୍କୁ ସ୍ମାରକପତ୍ର ଦେଲେ। ପୋଲାଭରମ ପାଇଁ ମାଲକାନଗିରିର ଅଧିକାଂଶ ଅଞ୍ଚଳ ପ୍ରଭାବିତ ହେବ। ମାଲକାନଗିରି ଜିଲ୍ଲାର ଆଦିବାସୀଙ୍କ ଜୀବନଜୀବିକା ପ୍ରଭାବିତ ହେବ। ତୁରନ୍ତ ଧ୍ୟାନ ଦେବା ସହ ପ୍ରତିକାରମୂଳକ ପଦକ୍ଷେପ ନିଆଯାଉ ବୋଲି ଦାବି କରିଛନ୍ତି । ୧୦ ଦଫା ଦାବି ଉପସ୍ଥାପନ କରିଛି ବିଜେଡି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ ସବୁ ପକ୍ଷଙ୍କ ସହ ଆଲୋଚନା ହେଉ। କେନ୍ଦ୍ରୀୟ ଜଳ କମିଶନ (ସିଡବ୍ଲ୍ୟୁସି)ଙ୍କ ଜରିଆରେ ପୋଲଭରମ ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେବାକୁ ଥିବା ରାଜ୍ୟଗୁଡିକର ମୁଖ୍ୟମନ୍ତ୍ରୀମାନଙ୍କ ସହ ଆଲୋଚନା କରାଯିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଓଡ଼ିଶାର ଦାବି ପୂରଣ ନ ହେବା ଯାଏ ପ୍ରକଳ୍ପ କାମ ବନ୍ଦ କରିବାକୁ ଆନ୍ଧ୍ରପ୍ରଦେଶ ସରକାରକୁ ନିର୍ଦ୍ଦେଶ ଦିଆଯାଉ ବୋଲି ବିଜେଡି ଦାବି କରିଛି। ଏହାସହ ଓଡ଼ିଶା ଉଠାଇଥିବା ସମସ୍ୟାର ସମାଧାନ ନ ହେବା ଯାଏ, ପ୍ରକଳ୍ପର ମୂଳ ଡିଜାଇନରେ ପରିବର୍ତ୍ତନ କରା ନ ଯାଉ। ରିଭାଇଜଡ୍ ଡିଜାଇନ ଯୋଗୁଁ ହେବାକୁ ଥିବା ବ୍ୟାକ ୱାଟର ଫ୍ଲଡର ନୂଆ କରି ଅନୁଧ୍ୟାନ କରାଯିବା ସକାଶେ ମଧ୍ୟ ବିଜେଡି ପକ୍ଷରୁ ଦାବି କରାଯାଇଛି। ମାଲକାନଗିରିରେ ବୁଡ଼ି ଅଂଚଳ ଚିହ୍ନଟ ସହ ଆଦିବାସୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉ । ଓଡ଼ିଶା ସହ ଆଲୋଚନା କରି ଥଇଥାନ ଓ ପୁନର୍ବାସର ଚୂଡ଼ାନ୍ତ ଯୋଜନା ହେଉ। ବୁଡ଼ି ଅଂଚଳର ପୁନଃ ସମୀକ୍ଷା କରି ଓଡ଼ିଶା ଉପରେ ଯେପରି ପ୍ରଭାବ ନପଡିବ ସେ ଅନୁଯାୟୀ ପ୍ରକଳ୍ପର ପୁନଃ ଡିଜାଇନ୍ ହେଉ। ଏହାସହ ବନ୍ୟା ପ୍ରଭାବକୁ ଦୃଷ୍ଟିରେ ରଖି ସ୍ପିଲ୍ ୱେରୁ ଜଳ ନିଷ୍କାସନ ଓ ଜଳ ଭଣ୍ଡାର ପରିଚାଳନା ନିର୍ଦ୍ଧାରିତ ହେଉ। ଏହାସହ ବ୍ୟାକ ୱାଟରର ପ୍ରଭାବ ନେଇ ଆକଳନ ହୋଇଛି କି ନାହିଁ ତାହା ସ୍ପଷ୍ଟ କରାଯାଉ ବୋଲି ବିଜେଡି ଦାବି ରଖିଛି ।

# ପିସିସି ପାଳିଲା ରାଜୀବଙ୍କ ଜନ୍ମଜୟନ୍ତୀ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ସ୍ୱର୍ଗତଃ ରାଜୀବ ଗାନ୍ଧିଙ୍କ ଜନ୍ମଜୟନ୍ତୀ ସ୍ଥାନୀୟ କଂଗ୍ରେସ ଭବନଠାରେ ପାଳିତ ହୋଇଛି। ଏହି ଅବସରରେ ସକାଳେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ଦଳୀୟ ନେତୃବୃନ୍ଦ ଭୁବନେଶ୍ୱରସ୍ଥିତ ରାଜୀବ ଭବନ ପରିସରସ୍ଥିତ ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ମଧ୍ୟ ରାଜୀବଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ରାମଚନ୍ଦ୍ର କାଡାମ, ପ୍ରସାଦ ହରିଚନ୍ଦନ, ନଗେନ୍ଦ୍ର ପ୍ରଧାନ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି, ଅମିୟ ପଟ୍ଟନାୟକଙ୍କ ସମେତ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

### ■ କେନ୍ଦ୍ରାପଡ଼ାରେ ଯୁବତୀଙ୍କ ଆତ୍ମାହୁତି ଘଟଣାରେ ଏନ୍‌ଏଚ୍‌ଆର୍‌ସିଙ୍କ ହସ୍ତକ୍ଷେପ

# ଦୁଇ ସପ୍ତାହରେ ରିପୋର୍ଟ ଦେବାକୁ ଡିଜିଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଗତ ୬ ତାରିଖରେ କେନ୍ଦ୍ରାପଡ଼ା ଜିଲ୍ଲାର ଜନୈକା ୧୯ ବର୍ଷୀୟା ଯୁବତୀ ଆତ୍ମାହୁତି ଦେଇଥିବା ବେଳେ ଆଜି ଏହି ଘଟଣାରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ସ୍ୱତଃ ହସ୍ତକ୍ଷେପ କରିଛନ୍ତି। ସମ୍ପୃକ୍ତ ଯୁବତୀ ଜଣଙ୍କୁ ତାଙ୍କର ପୂର୍ବତନ ପୁରୁଷ ବନ୍ଧୁ ବାରମ୍ବାର ଧମକଚମକ ଦେଉଥିଲେ। ଏ ସମ୍ପର୍କରେ ଅଭିଯୋଗ ହେବାର ୬ ମାସ ପର୍ଯ୍ୟନ୍ତ ପୁଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ଅଭିଯୋଗ ହୋଇଛି। ପୀଡ଼ିତାଙ୍କର ପୁରୁଷ ବନ୍ଧୁ ତାଙ୍କର ଆପତ୍ତିଜନକ ଫଟୋ ଓ ଭିଡିଓକୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିବାକୁ ଧମକ ଦେଉଥିଲା ବୋଲି ମଧ୍ୟ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଏନଏଚଆରସି ସ୍ୱତଃ ଘଟଣାରେ ହସ୍ତକ୍ଷେପ କରିଛନ୍ତି। ଆୟୋଗ ହୃଦୟଙ୍ଗମ କରିଛନ୍ତି ଯେ ଯଦି ପ୍ରକାଶିତ ଖବର ସତ୍ୟ ହୋଇଥାଏ, ତେବେ ଏହା ଗମ୍ଭୀର ମାନବାଧିକାର ଉଲ୍ଲଂଘନ ସହ ଜଡ଼ିତ ପ୍ରସଙ୍ଗ। ତେଣୁ ଏହି ମାମଲାରେ ତଦନ୍ତ ସ୍ଥିତି ସହିତ ବିସ୍ତୃତ ରିପୋର୍ଟ ଦୁଇ ସପ୍ତାହ ମଧ୍ୟରେ ଦାଖଲ କରିବା ଲାଗି ପୁଲିସ୍ ଡିଜିଙ୍କୁ ଆୟୁକ୍ତ ନୋଟିସ ଜାରି କରିଛନ୍ତି। ଗତ ୭ ତାରିଖରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ଖବର ମୁତାବକ, ପୀଡ଼ିତା ଜଣଙ୍କ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ମହାବିଦ୍ୟାଳୟରେ ଅଧ୍ୟୟନ କରୁଥିଲେ। ତାଙ୍କର ପୂର୍ବତନ ପୁରୁଷ ବନ୍ଧୁ ବାରମ୍ବାର ତାଙ୍କୁ ଧମକାଉଥିବା ନେଇ ନେଇ ପିତା ଅଭିଯୋଗ କରିଛନ୍ତି। ପ୍ରାୟ ୬ ମାସ ପୂର୍ବରୁ ପୀଡ଼ିତାଙ୍କ ବାପା ଏ ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ଏଫଆଇଆର ଦାଖଲ ହୋଇନଥିଲା କି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହା ପରିବର୍ତ୍ତେ ଜଣେ ପୁଲିସ ଅଧିକାରୀ ପୀଡ଼ିତାଙ୍କ ବାପାଙ୍କୁ ଏହି ମାମଲା ଆଗକୁ ବଢ଼ାଇବାକୁ ନିରୁତ୍ସାହିତ କରିଥିଲେ ଓ ବ୍ଲାକମେଲ୍ କରୁଥିବା ଅଭିଯୁକ୍ତଙ୍କ ଫୋନ୍ ନମ୍ବର ବ୍ଲକ୍ କରିବାକୁ ପରାମର୍ଶ ଦେଇଥିଲେ ବୋଲି ଅଭିଯୋଗ ହୋଇଛି।

# ଅନୁବାଦ ପୁସ୍ତକ 'ନାଦନ ପ୍ରେମମ୍' ପାଠକାର୍ପିତ



ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଅନୁବାଦ ଓ ଅନୁସୃଜନ ସାହିତ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗ। ଅନୁବାଦ ଯେତେବେଳେ ଅନୁବାଦ ଭଳି ନ ଲାଗି ପାଠକ ଭିତରେ ନିରନ୍ତରତା ଓ ଭାବପ୍ରବଣତା ବଜାଇ ରଖିବ, ତାହା ହେବ ଏକ ସଫଳ ଅନୁବାଦ ବୋଲି ବରିଷ୍ଠ ଅନୁବାଦିକା ଓ ଗାଳ୍ପିକା କନକ ମଞ୍ଜରୀ ସାହୁଙ୍କ ହିନ୍ଦୀରୁ ଅନୁବାଦ ଉପନ୍ୟାସ 'ନାଦନ ପ୍ରେମମ୍'ର ପାଠକାର୍ପିତ ଉତ୍ସବରେ ଅତିଥିଗଣ ମତ ବ୍ୟକ୍ତ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଇଂରାଜୀ ସାହିତ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡଃ ଧରଣୀଧର ସାହୁଙ୍କ ପୌରୋହିତ୍ୟରେ କେଶୁରାସ୍ଥ ମନୋହର ରେସିଡେନ୍ସିଠାରେ ଆୟୋଜିତ ଉତ୍ସବରେ ବିଶିଷ୍ଟ ଔପନ୍ୟାସିକ ଓ କଥାକାର ମନୋଜ କୁମାର ମହାପାତ୍ର, ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ତଥା ସାହିତ୍ୟିକ ଅରବିନ୍ଦ ବେହେରା, ବିଶିଷ୍ଟ କଥାକାର ଓ ସ୍ତମ୍ଭକାର ଅଧ୍ୟାପକ ବିଶ୍ୱରଞ୍ଜନ, ବୋଉ ଫାଉଣ୍ଡେସନ୍‌ର ଅଧ୍ୟକ୍ଷ ଅତିଶ ମହାନ୍ତି, ବ୍ୟାସନଗର କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ନିରଞ୍ଜନ ଶତପଥି, ବିଶିଷ୍ଟ କବି ତଥା ପ୍ରଶାସକ ପ୍ରଦୀପ ବିଶ୍ୱାଳ, ଅବସରପ୍ରାପ୍ତ ପ୍ରଶାସକ ଓ ସାହିତ୍ୟିକ ପ୍ରଦୀପ ରଥ, କବି ଓ ସ୍ତମ୍ଭକାର ନିରାକାର ଦାସ, ଗାଳ୍ପିକ ରଞ୍ଜନ କୁମାର ସାହୁ, ଶକ୍ତି ମିଶ୍ର, ରମେଶ ଖାଡ଼ାଙ୍ଗା, ଅବିନାଶ ସାହୁ, ସନ୍ଦୀପ ସାହୁ ପ୍ରମୁଖ ଯୋଗଦେଇ ଅନୁବାଦ ସାହିତ୍ୟ କିପରି ଭାଷା ଭାଷା ମଧ୍ୟରେ ସେତୁ ଭଳି କାର୍ଯ୍ୟ କରେ, ସେନେଇ ଆଲୋଚନା କରିଥିଲେ। ଜ୍ଞାନପୀଠ ବିଜେତା ଏସ୍.କେ. ପୋଟ୍ଟେକ୍କାଟଙ୍କ ମୂଳ ଲିଖିତ ମାଲାୟାଲାମ୍ ଉପନ୍ୟାସ ଓ ଡ. ଆରୁସଙ୍କ ଦ୍ୱାରା ହିନ୍ଦୀ ଅନୁଦିତ ଓ ଶ୍ରୀମତୀ ସାହୁଙ୍କ ଦ୍ୱାରା ଓଡ଼ିଆ ଅନୁଦିତ 'ନାଦନ୍ ପ୍ରେମମ୍'ର ସମୀକ୍ଷା ଗାଳ୍ପିକ ଦେବପ୍ରିୟ ଦାସ କରିଥିଲେ। ବ୍ଲାକ୍ ଇଗଲ୍ ଦ୍ୱାରା ଏହି ପୁସ୍ତକ ପ୍ରକାଶିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ମୋନାଲିସା ସାହୁ ଧନ୍ୟବାଦ ଦେଇଥିଲେ।

# ୨୨୭୭ ଅଙ୍ଗନବାଡି ସକ୍ଷମ ଅଙ୍ଗନବାଡିକୁ ଉନ୍ନୀତ

ଭୁବନେଶ୍ୱର,୨୦।୮: ଓଡ଼ିଶାର ୧୨, ୧୪୦ଟି ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ କେନ୍ଦ୍ରକୁ ଉନ୍ନୀତ ପାଇଁ ନିଷ୍ପତ୍ତି ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୨୨୭୭ଟି କେନ୍ଦ୍ରର ଉନ୍ନତି ସମ୍ଭବ ହୋଇଛି। ଏଥିପାଇଁ ୨୯ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି। କେନ୍ଦ୍ର ମହିଳା ଓ ଶିଶୁ ବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ଅଙ୍ଗନବାଡି କେନ୍ଦ୍ର ସଂକ୍ରାନ୍ତରେ ଆସିଥିବା ଏକ ପ୍ରଶ୍ନର ଉତ୍ତରରେ ଦେଇଥିବା ସୂଚନାରୁ ଏହା ଜଣାପଡ଼ିଛି। ମନ୍ତ୍ରୀ ଦର୍ଶାଇଛନ୍ତି ଯେ ସମଗ୍ର ଦେଶରେ ୧୨ ଲକ୍ଷ ୭୬ ହଜାର ୪୦୧ଟି ଅଙ୍ଗନବାଡି କେନ୍ଦ୍ରରେ ପାନୀୟ ଜଳ ସୁବିଧା ଥିବାବେଳେ ୮ ଲକ୍ଷ ୪୪ ହଜାର ୭୧୪ଟି କେନ୍ଦ୍ରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ହୋଇଛି। ୧୦ ଲକ୍ଷ ୬୯ ହଜାର ୬୧୦ଟି ଅଙ୍ଗନବାଡି କେନ୍ଦ୍ରରେ ଶୌଚାଳୟ ସୁବିଧା ଥିବା ବେଳେ ୯ ଲକ୍ଷ ୪୧ ହଜାର ୮୧୩ଟି କେନ୍ଦ୍ରରେ ରୋଷେଇ ଘର ଏବଂ ୯ ଲକ୍ଷ ୯ ହଜାର ୯୬୯ଟି ଅଙ୍ଗନବାଡି କେନ୍ଦ୍ରରେ ସ୍ଥାୟୀ ବିଦ୍ୟୁତ୍ ସଂଯୋଗ ରହିଛି।

୨୦ ପ୍ରତିଶତରୁ କମ୍ ଦିନ ଖୋଲୁଥିବା ଅଙ୍ଗନବାଡି କେନ୍ଦ୍ର ତାଲିକାରେ ଓଡ଼ିଶାର ମାତ୍ର ୭ଟି କେନ୍ଦ୍ର ରହିଛି। ତେବେ ୮୦ ପ୍ରତିଶତରୁ ଅଧିକ ଦିନ ଖୋଲୁଥିବା କେନ୍ଦ୍ର ତାଲିମାରେ ୭୩, ୫୨୬ଟି କେନ୍ଦ୍ର ରହିଥିବା ଜଣାଯାଇଛି। ସେହଭଳି କେନ୍ଦ୍ର ସରକାର ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡି କେନ୍ଦ୍ରକୁ ଉନ୍ନତ କରିବା ପାଇଁ ଅର୍ଥ ଯୋଗାଇ ଦେଉଛନ୍ତି। ଓଡ଼ିଶାର ୧୨,୧୪୦ଟି ଅଙ୍ଗନବାଡି କେନ୍ଦ୍ରକୁ ସକ୍ଷମ ଅଙ୍ଗନବାଡି କେନ୍ଦ୍ରରେ ପରିଣତ ପାଇଁ ୭୨ କୋଟି ୮୪ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ପ୍ରାୟ ୨୯ କୋଟି ୨୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଇତି ମଧ୍ୟରେ ୨୨୭୭ଟି ଅଙ୍ଗନବାଡି କେନ୍ଦ୍ର ସକ୍ଷମ ଅଙ୍ଗନବାଡି କେନ୍ଦ୍ରକୁ ରୂପାନ୍ତରିତ ହୋଇସାରିଛି। କେନ୍ଦ୍ରୀୟ ପ୍ରବର୍ତ୍ତିତ ସକ୍ଷମ ଅଙ୍ଗନବାଡି କେନ୍ଦ୍ର ଏବଂ ପୋଷଣ ୨.୦ ରେ ଜନ୍ମରୁ ୬ବର୍ଷ ବୟସର ଶିଶୁ, ଗର୍ଭବତୀ ମହିଳା ଏବଂ ସ୍ତନ୍ୟପାନ କରାଉଥିବା ମହିଳାଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଥାଏ। ପିଲାମାନଙ୍କର ଶୈଶବର ବିକାଶ ସହିତ ସେମାନଙ୍କ ଠାରେ ଯେଭଳି ପୁଷ୍ଟିହୀନତା ପରଲକ୍ଷିତ ନହେବ ତାହା ଉପରେ ଗୁରୁତ୍ୱ ଦିଆଯାଇଥାଏ। ଏହି ଯୋଜନାରେ ଅଙ୍ଗନବାଡି ବ୍ୟବସ୍ଥାକୁ ଅଧିକ ମଜବୁତ କରାଯାଇଥାଏ। ଅଙ୍ଗନବାଡି କେନ୍ଦ୍ର ଜରିଆରେ ପୁଷ୍ଟିକର ଖାଦ୍ୟ ଯୋଗାଣ ସହିତ ଛୋଟ ଛୋଟ ପିଲାମାନଙ୍କୁ ଏଠାରେ ପାଠ ପଢ଼ାଯାଇଥାଏ। ଶିଶୁମାନଙ୍କୁ ବିଭିନ୍ନ ରୋଗରୁ ରକ୍ଷା କରିବାକୁ ସକ୍ଷମ ଅଙ୍ଗନବାଡି କେନ୍ଦ୍ରରେ ସେମାନଙ୍କୁ ଟୀକା ପ୍ରଦାନ କରାଯାଇଥାଏ। ଏହାଛଡା ନିୟମିତ ବ୍ୟବଧାନରେ ଶିଶୁମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହିତ ସେମାନଙ୍କୁ ଆବଶ୍ୟକ ଚିକିତ୍ସା ଆଦି ଯୋଗାଯାଉଛି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ଗୁରୁବାର ୨୧ ଅଗଷ୍ଟ ୨୦୨୫, ଭୁବନେଶ୍ୱର
Thursday 21 August 2025, Bhubaneswar



# ଚୀନ ସହ ବ୍ୟାପାର ସମ୍ପର୍କ ଏକ ସମ୍ଭାବନା



ଭାରତ ଏବଂ ଚୀନ୍ ମଧ୍ୟରେ ସମ୍ପ୍ରତି ଘୋଷଣା ହୋଇଥିବା ନୂଆ ବ୍ୟାପାର ସମ୍ପର୍କ ସମ୍ପର୍କରେ ଆଲୋଚନା କରିବାକୁ ହେଲେ, ଏହା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ବୋଲି କହିବାକୁ ପଡ଼ିବ। ଅଗଷ୍ଟ ୨୦୨୫ରେ, ଉଭୟ ଦେଶ ପ୍ରତ୍ୟକ୍ଷ ବିମାନ ଯୋଗାଯୋଗ ପୁନଃପ୍ରାରମ୍ଭ କରିବାକୁ, ସୀମା ବ୍ୟାପାରକୁ ତିନୋଟି ନିର୍ଦ୍ଦିଷ୍ଟ ବିନ୍ଦୁରେ ପୁନଃଖୋଲିବାକୁ ଏବଂ ବ୍ୟାପାର ଓ ନିବେଶକୁ ବୃଦ୍ଧି କରିବାକୁ ସହମତ ହୋଇଛନ୍ତି। ଏହି ପଦକ୍ଷେପ ଡୋନାଲ୍ଡ୍ ଟ୍ରମ୍ପଙ୍କ ନୂଆ ବ୍ୟାପାର ନୀତି ଏବଂ ଟ୍ୟାରିଫ୍ ଯୁଦ୍ଧର ପ୍ରଭାବରେ ଆସିଛି, ଯାହା ଭାରତ-ଚୀନ୍ ସମ୍ପର୍କକୁ ନୂଆ ଦିଗ ଦେଉଛି।

ପୃଷ୍ଠଭୂମି ଦେଖିଲେ, ୨୦୨୦ର ଗାଲୱାନ୍ ଘାଟୀ ସଂଘର୍ଷ ପରେ ଉଭୟ ଦେଶର ସମ୍ପର୍କ ବହୁତ ଖରାପ ହୋଇଯାଇଥିଲା। ବ୍ୟାପାର ଉପରେ ପ୍ରଭାବ ପଡ଼ିଥିଲା ଏବଂ ଭାରତ ଚୀନ୍‌ରୁ ଆମଦାନୀକୁ ହ୍ରାସ କରିବାକୁ ଚେଷ୍ଟା କରିଥିଲା। କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ, ଆମେରିକାର ଟ୍ୟାରିଫ୍ ନୀତି ଯୋଗୁଁ ଭାରତ ଏବଂ ଚୀନ୍ ପରସ୍ପରର ନିକଟତର ହେବାକୁ ବାଧ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍‌ର ବରିଷ୍ଠ ରାଜନୟିକ ୱାଙ୍ଗ୍ ଇ ମଧ୍ୟରେ ହୋଇଥିବା ବୈଠକରେ ଏହି ସମ୍ପର୍କର ସ୍ଥିର ଅଗ୍ରଗତି ଉପରେ ଆଲୋକପାତ କରାଯାଇଛି।

ଏହି ନୂଆ ସମ୍ପର୍କର ସୁଫଳ ଅନେକ। ପ୍ରତ୍ୟକ୍ଷ ବିମାନ ଯୋଗାଯୋଗ ପୁନଃପ୍ରାରମ୍ଭ ହେବା ଦ୍ୱାରା ବ୍ୟାପାରିକ ଯାତ୍ରା ସହଜ ହେବ ଏବଂ ପର୍ଯ୍ୟଟନ ବୃଦ୍ଧି ପାଇବ। ସୀମା ବ୍ୟାପାର ପୁନଃଖୋଲା ଯାଇ ଉଭୟ ଦେଶର ସ୍ଥାନୀୟ ଅର୍ଥନୀତିକୁ ବଳ ଯୋଗାଇବ। ଏହା ବ୍ୟତୀତ, ନିବେଶ ବୃଦ୍ଧି ଭାରତର ଉତ୍ପାଦନ କ୍ଷେତ୍ରକୁ ଶକ୍ତିଶାଳୀ କରିବ ଏବଂ ରୋଜଗାର ସୃଷ୍ଟି କରିବ। କିନ୍ତୁ ଏହାର ଅନ୍ୟ ପାର୍ଶ୍ୱ ମଧ୍ୟ ରହିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଚୀନ୍ ସହିତ ବ୍ୟାପାର ଅସନ୍ତୁଳନ ୯୯.୨ ବିଲିୟନ୍ ଡଲାରରେ ପହଞ୍ଚିଛି, ଯାହା ଚିନ୍ତାର ବିଷୟ। ଏହି ପରିପ୍ରେକ୍ଷୀରେ, ଏହି ନୂଆ ବ୍ୟାପାର ସମ୍ପର୍କକୁ ସ୍ୱାଗତ କରାଯିବା ଉଚିତ୍, କିନ୍ତୁ ସୁରକ୍ଷା ଏବଂ ରାଷ୍ଟ୍ରୀୟ ସ୍ୱାର୍ଥକୁ ଧ୍ୟାନରେ ରଖି। ସୀମା ବିବାଦ ଏବଂ ଟିବେଟ୍ ଡ୍ୟାମ୍ ସମସ୍ୟାକୁ ସମାଧାନ କରିବାକୁ ଆବଶ୍ୟକ। ଶାନ୍ତିପୂର୍ଣ୍ଣ ଏବଂ ପରସ୍ପର ଲାଭଦାୟକ ସମ୍ପର୍କ ଦ୍ୱାରା ଉଭୟ ଦେଶର ଅର୍ଥନୀତି ଉନ୍ନତ ହେବ ଏବଂ ଏସିଆର ଶକ୍ତି ବୃଦ୍ଧି ପାଇବ।

ଶେଷରେ, ଏହି ପଦକ୍ଷେପ ଭାରତର ବୈଦେଶିକ ନୀତିର ଏକ ସନ୍ତୁଳିତ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି, ଯେଉଁଠାରେ ଆର୍ଥିକ ଲାଭ ସହିତ ସୁରକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଆଶା କରାଯାଉଛି ଯେ ଏହା ଏକ ଦୀର୍ଘକାଳୀନ ଶାନ୍ତିର ଆଧାର ହେବ।

# ସ୍ୱାଧୀନତା ରାଷ୍ଟ୍ର ସମୃଦ୍ଧତାର ପ୍ରତୀକ

**ଡକ୍ଟର ଲକ୍ଷ୍ମଣ ସାହୁ**



ଭାରତ କେବଳ ୧୯୪୭ ମସିହାରେ ଜନ୍ମ ହୋଇଥିବା ଏକ ନୂତନ ରାଷ୍ଟ୍ର ନୁହେଁ, ବରଂ ଏକ ପ୍ରାଚୀନ ରାଷ୍ଟ୍ର ଯାହା ସାତ ସମୁଦ୍ର କୋଳରେ ପାଳିତ ହୋଇଛି। ବେଦର ସ୍ୱରରେ ପ୍ରତିଧ୍ୱନିତ ହେଉଛି, ଉପନିଷଦର ଚିନ୍ତା ପ୍ରକ୍ରିୟାରେ ପ୍ରବାହିତ ହେଉଛି, ଯାହାର ସାଂସ୍କୃତିକ ଚେତନା ହଜାର ହଜାର ବର୍ଷ ଧରି ଅକ୍ଷୁର୍ଣ୍ଣ ରହିଛି। ଭାରତ ଅନନ୍ତ ସାଂସ୍କୃତିକ ମୂଲ୍ୟବୋଧ ସହିତ ପରିଚିତ। ଆମେ ଭାରତ ମାତା କୀ ଜୟ ଜପ କରୁ। ଯାହା ଧର୍ମ, ଦର୍ଶନ, ସାହିତ୍ୟ, ସଙ୍ଗୀତ, କଳା ଓ ଲୋକଙ୍କ ଜାତୀୟ ଚେତନାର ପ୍ରତୀକ। ଏହି ସ୍ଲୋଗାନ ଆମକୁ କୁହେ ଯେ ହିମାଳୟରୁ କନ୍ୟାକୁମାରୀ ଓ ଦ୍ୱାରକାରୁ କାମରୂପ ପର୍ଯ୍ୟନ୍ତ ଭାଷା, ଉପଭାଷା। ଯାହା ସାମାଜିକ ପରମ୍ପରାରେ ବିବିଧତା ସତ୍ତ୍ୱେ ଭାରତ ଚିନ୍ତାଧାରାରେ ଏକ।

ଭାରତର ସ୍ୱାଧୀନତା ସଂଗ୍ରାମ କେବଳ ରାଜନୈତିକ ମୁକ୍ତି ପାଇଁ ଲଢ଼େଇ ନଥିଲା। ଏହା ଆତ୍ମ-ସ୍ମୃତିକୁ ପୁନରୁଦ୍ଧାର କରିବାର ଏକ ସଂକଳ୍ପ ଥିଲା। ଯାହା ଶୋଷଣ ବିରୁଦ୍ଧରେ ଲୋକଙ୍କ ଅନ୍ତର୍‌ଆତ୍ମାର ଏକ ଡାକ ପାଲଟିଥିଲା। ଏହା ସେହି ସମାନ ସଂଘର୍ଷ ଥିଲା, ଯାହା ମହାତ୍ମା ଗାନ୍ଧୀଙ୍କ କରୁଣା, ଭଗତ ସିଂହଙ୍କ ଚେତନା, ସୁଭାଷ ବ୍ୟାସଙ୍କ ଗର୍ଜନ ତଥା ସାଭରକରଙ୍କ ନିର୍ଭୀକତାରେ ଏକକାଳୀନ ଜୀବନ୍ତ ହୋଇଯାଇଥିଲା। ପ୍ରତ୍ୟେକ ସ୍ୱାଧୀନତା ଦିବସରେ, ଯେତେବେଳେ ଲାଲକିଲ୍ଲାର ପ୍ରାଚୀରରୁ ତ୍ରିରଙ୍ଗା ଉତ୍ତୋଳନ କରାଯାଏ, ଇତିହାସ ଆମକୁ କହେ ଯେ ଏହା ସେହି ପ୍ରାଚୀର ଯାହା ଔରଙ୍ଗଜେବଙ୍କ ହିଂସାର ସାକ୍ଷୀ ଥିଲା। ବାହାଦୁର ଶାହ ଜାଫରଙ୍କ ଅସହାୟତା ଭୋଗ କରିଥିଲା ଓ ୧୮୫୭ ବିପ୍ଲବର ବୀରମାନଙ୍କ ରକ୍ତ ପ୍ରବାହିତ ଦେଖିଥିଲା। ଏହା କେବଳ ଏକ ପବିତ୍ର ପ୍ରାଚୀର ନୁହେଁ, ବରଂ ଭାରତୀୟ ସାମାଜିକ ଚେତନାର ପ୍ରତୀକ।

ଭାରତୀୟ ସ୍ୱାଧୀନତା ସଂଗ୍ରାମ ଅଗଣିତ ବଳିଦାନର ଏକ ଗାଥା। ଭଗତ ସିଂହ, ରାଜଗୁରୁ, ସୁଖଦେବଙ୍କ ହସଖୁସିରେ ବଳିଦାନ, ଚନ୍ଦ୍ରଶେଖର ଆଜାଦ, ଅଶଫାକୁଲ୍ଲା ଓ ରାମପ୍ରସାଦ ବିସମିଲଙ୍କ ଜାତୀୟତାବାଦୀ ନିଷ୍ଠା, ଗାନ୍ଧୀଜୀଙ୍କ ସତ୍ୟାଗ୍ରହ, ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଆଜାଦ ହିନ୍ଦ ଫୌଜ, ସର୍ଦ୍ଦାର ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ଭଳି ନେତାଙ୍କ ତୀକ୍ଷ୍ଣ ରାଜନୀତି ଓ ଜନ ଆନ୍ଦୋଳନ ବ୍ରିଟିଶ ସାମ୍ରାଜ୍ୟ ଆଗରେ ତିଷ୍ଠି ପାରିଲା ନାହିଁ। ଆଜି ଯେତେବେଳେ ଆମେ ସ୍ୱାଧୀନ, ଏହା ସ୍ୱାଧୀନତାର ଋଣ। ସେହି ଅଗଣିତ ଜ୍ଞାତ ଓ ଅଜଣା ସହିଦମାନଙ୍କ ମଧ୍ୟରୁ ଯେଉଁମାନେ ଭାରତର ଭବିଷ୍ୟତ ବିଷୟରେ ଚିନ୍ତା କରୁଥିଲେ। କିନ୍ତୁ ଆମେ କ'ଣ ପ୍ରକୃତରେ ଏହି ସ୍ୱାଧୀନତା ସଂଗ୍ରାମୀଙ୍କ ସାରକୁ ବୁଝିପାରିଛୁ ? ଆମେ କ'ଣ ଆମର ସାଂସ୍କୃତିକ ଆତ୍ମାକୁ ପୁନଃ ଚିହ୍ନଟ କରିଛୁ ? ଆଜିର ଭାରତ ବିଶ୍ୱ ସ୍ତରରେ ଆଗକୁ ବଢୁଛି, କିନ୍ତୁ ଏହାର ପ୍ରକୃତ ପ୍ରଗତି ସେତେବେଳେ ଅର୍ଥପୂର୍ଣ୍ଣ ହେବ ଯେତେବେଳେ ଏହା ଏହାର ଅନନ୍ତ ମୂଲ୍ୟବୋଧ, ଭାଷା ଓ ସାମାଜିକ ପରମ୍ପରା ସହିତ ଆଗକୁ ବଢ଼େ।

କିନ୍ତୁ ଆମକୁ ଏପରି ଏକ ଭାରତ ନିର୍ମାଣ କରିବାକୁ ପଡିବ ଯାହା ବିଜ୍ଞାନରେ ଅଗ୍ରଣୀ। ଏପରିକି ଆଧ୍ୟାତ୍ମିକ ଭାବରେ ଜାଗ୍ରତ, ଯାହା ବୈଷୟିକ ଜ୍ଞାନରେ ସମୃଦ୍ଧ ଓ ମୂଲ୍ୟବୋଧ ଦ୍ୱାରା ଅନୁପ୍ରାଣିତ। ଆଜିର ଯୁବପିଢ଼ି ଭାରତୀୟ ଜ୍ଞାନର ସେହି ପରମ୍ପରାର ଉତ୍ତରାଧିକାରୀ ହେବା ଉଚିତ ଯାହା ବାଲ୍ମୀକିଙ୍କ ଠାରୁ ବିବେକାନନ୍ଦ, କୃଷ୍ଣଙ୍କ ଠାରୁ ଚାଣକ୍ୟ, ପତଞ୍ଜଳି ଠାରୁ ଭାସ୍କରାଚାର୍ଯ୍ୟ ଓ ଆର୍ଯ୍ୟଭଟ୍ଟଙ୍କ ଠାରୁ ଯୋଗୀରାଜ ଅରବିନ୍ଦ ପର୍ଯ୍ୟନ୍ତ ବ୍ୟାପି ରହିଛି। ଯେତେବେଳେ ପ୍ରଧାନମନ୍ତ୍ରୀ ଐତିହାସିକ ଲାଲକିଲ୍ଲାର ପ୍ରାଚୀରରୁ ଦେଶକୁ ସମ୍ବୋଧିତ କରଛନ୍ତି, ଏହି ଭାଷଣଗୁଡ଼ିକ ସମସାମୟିକ ସାମାଜିକ, ଆର୍ଥିକ, ସାଂସ୍କୃତିକ ଓ ରାଜନୈତିକ ପରିସ୍ଥିତିର ପ୍ରତିଫଳନ ହୋଇ ଥାଏ। ଏହି ବାର୍ତ୍ତାଗୁଡ଼ିକର ସାମାଜିକ ପ୍ରଭାବଶାଳୀତା କେଉଁ ପ୍ରଧାନମନ୍ତ୍ରୀ କେଉଁ ଦୃଷ୍ଟିକୋଣରୁ କେଉଁ ପ୍ରସଙ୍ଗ ଉପସ୍ଥାପନ କରିଥିଲେ ଓ ସେ କେତେ ଜନ ଚିନ୍ତାଧାରା ସହିତ ଯୋଡ଼ି ହୋଇପାରିଥିଲେ ତାହା ଉପରେ ନିର୍ଭର କରେ। ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ଏପର୍ଯ୍ୟନ୍ତ ସମସ୍ତ ପ୍ରଧାନମନ୍ତ୍ରୀ ଯେଉଁ ବାର୍ତ୍ତା ଦେଇଛନ୍ତି ତାହା କେବଳ ଭାଷଣ ନୁହେଁ, ବରଂ ଭାରତୀୟ ସମାଜର ଚିନ୍ତାଧାରା, ମୂଲ୍ୟବୋଧ ଓ ଆଚରଣରେ ପରିବର୍ତ୍ତନ ଆଣିବା ପାଇଁ ଏହାକୁ ପ୍ରସ୍ତୁତ କରାଯାଇଛି।

ପ୍ରତ୍ୟେକ ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ ସେହି ସମୟର ସାମାଜିକ ଆବଶ୍ୟକତା ଓ ଚ୍ୟାଲେଞ୍ଜ ବିଷୟରେ ଆଲୋଚନା କରିଥାନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କ ଭାଷଣ ମାଧ୍ୟମରେ ସାଲ ଦୁର୍ଗକୁ ଏକ ସାଧାରଣ ଆଲୋଚନା ମଞ୍ଚରେ ପରିଣତ କରିବାକୁ ଚେଷ୍ଟା କରିଛନ୍ତି। ସେ 'ସ୍ୱଚ୍ଛ ଭାରତ ଅଭିଯାନ', 'ଜନ ଧନ ଯୋଜନା', 'ହର ଘର ଜଳ' ଓ 'ଆତ୍ମନିର୍ଭର ଭାରତ' ଭଳି ଯୋଜନା ଆରମ୍ଭ କରିଛନ୍ତି। ଭାରତର ଶେଷ ନାଗରିକଙ୍କ ଜୀବନରେ ମର୍ଯ୍ୟାଦା, ସମାନତା ଓ ସାର୍ବଭୌମତ୍ୱର ଆଲୋକ ନ ପହଞ୍ଚିବା ପର୍ଯ୍ୟନ୍ତ ସ୍ୱାଧୀନତାର ଲକ୍ଷ୍ୟ ହାସଲ ହେବ ନାହିଁ। ଆଜି ଯେତେବେଳେ ଆମେ ସ୍ୱାଧୀନତା ଦିବସ ପାଳନ କରୁଛେ, ଏହା ଆତ୍ମନିରୀକ୍ଷଣ କରିବାର ସୁଯୋଗ ଯେ ଆମେ ଏବେ ବି ସ୍ୱାବଲମ୍ବୀ କି ? ଆମର ନୀତିଗୁଡ଼ିକ କ'ଣ ଆମର ମାଟି ଓ ଆଦିବାସୀ ପରମ୍ପରାରୁ ଉତ୍ପନ୍ନ ? ଆଜି ଆମେ ଏପରି ଏକ ଯୁଗରେ ପ୍ରବେଶ କରିଛୁ ଯେଉଁଠାରେ ଭାରତ ଉପରେ ବହୁମୁଖୀ ସଙ୍କଟର ମେଘ ଘନୀଭୂତ ହେଉଛି। ଆଜି ସାଂସ୍କୃତିକ ଆକ୍ରମଣ, ବୈଚାରିକ ବିଖଣ୍ଡନ ଓ ପ୍ରଯୁକ୍ତିବିଦ୍ୟା ଉପନିବେଶବାଦ ପ୍ରତ୍ୟେକ ମୋଡ଼ରେ ଉପସ୍ଥିତ ମୁଖ୍ୟ ସଙ୍କଟ।

ସମାଜରେ ଆଦର୍ଶଗତ ବିଖଣ୍ଡନ ଓ ସାମାଜିକ ଧ୍ରୁବୀକରଣ ଆଜି ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ପହଞ୍ଚିଛି। ଯୁବ ପିଢ଼ି ଇତିହାସରୁ ବିଚ୍ଛିନ୍ନ ହେଉଛନ୍ତି, ସେମାନଙ୍କୁ ଭାରତର ପରମ୍ପରା, ଦର୍ଶନ ଓ ସଂଘର୍ଷ ବିଷୟରେ ଅଜ୍ଞ ରଖାଯାଇଛି। ଆଜିର ସଙ୍କଟ ସହିତ ଲଢ଼ିବା ପାଇଁ ଭାରତରେ ଏକ ସାଂସ୍କୃତିକ ପୁନର୍ଜାଗରଣ ଅଭିଯାନର ଆବଶ୍ୟକତା ଅଛି। ଏହା ଏକ ସଂସ୍କୃତିସମ୍ପନ୍ନ ରାଷ୍ଟ୍ର ସୃଷ୍ଟି କରିବ ନିଃସନ୍ଦେହ...!!!


**ଅଧ୍ୟକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ, କଟକ**
**ମୋବାଇଲ୍: ୯୦୪୦ ୧୫୧୪ ୭୫**




# ଲାଲକିଲ୍ଲାରୁ ବିକଶିତ ଭାରତର ରୋଡମ୍ୟାପ

**ଗୋପାଳ ମହାପାତ୍ର**



ଏଥର ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସମ୍ବୋଧନର ଅନେକ ଅର୍ଥ ରହିଛି। ଏପରିକି ପୂର୍ବ ବର୍ଷ ମାନଙ୍କରେ ଦେଇଥିବା ସମ୍ବୋଧନ ଅପେକ୍ଷା ଏହା ଭିନ୍ନ ଥିଲା। ପ୍ରଥମତଃ ପ୍ରଧାନମନ୍ତ୍ରୀ ଏଥର ୧୦୩ମିନିଟ୍‌ର ଏକ ଲମ୍ବା ଭାଷଣ ଦେଇଥିଲେ। ତାଙ୍କ ଭାଷଣରେ ଉଦ୍‌ବୋଧନ ଏବଂ ପ୍ରଖରତା ଥିଲା। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ପଷ୍ଟତା ଥିଲା। ଘୋଷଣାରେ ସୂଚନା ନଥିଲେ ମଧ୍ୟ ଏକ ସ୍ପଷ୍ଟ ଦୂରଦର୍ଶୀତା, ଠୋସ୍ ଚେତାବନୀ ଏବଂ ବ୍ୟବହାରିକ ରୋଡ଼ମ୍ୟାପର ଝଲକ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ତାଙ୍କ ଭାଷଣରେ ଆତ୍ମନିର୍ଭରତା, ସୁରକ୍ଷା ଏବଂ ଏକତାର କଥା ଥିଲା। ୨୦୪୭ ର ବ୍ଲୁ ପ୍ରିଣ୍ଟ କଥା କହିବା ସହ ଆସନ୍ତା ୨୨ବର୍ଷ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ୧୦ଟ୍ରିଲିୟନ ଡ଼ଲାରରେ ପହଞ୍ଚିବ ବୋଲି କହିଲେ। ପାକିସ୍ତାନକୁ ମଧ୍ୟ ଲାଲକିଲ୍ଲାରୁ ସ୍ପଷ୍ଟ ଚେତାବନୀ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣ ପୂର୍ବର ଭାଷଣ ଠାରୁ ଭିନ୍ନ ବୋଲି କହିବାର ଅର୍ଥ ହେଉଛି ପୂର୍ବରୁ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୫ରେ ଯେଉଁ ଭାଷଣ ଦେଉଥିଲେ ବା ଯେଉଁ ଯୋଜନା କଥା କହୁଥିଲେ ସେଇ ଯୋଜନାକୁ ୫ ରୁ ୧୦ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବା କଥା କହୁଥିଲେ। କିନ୍ତୁ ଏଥର ତାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଅବଧି ଆସନ୍ତା ଦୀପାବଳୀ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶବାସୀଙ୍କୁ ଆଗାମୀ ଦୀପାବଳୀରେ ଡ଼ବଲ ଖୁସି ମିଳିବ। ଯୁବବର୍ଗଙ୍କ ପାଇଁ ବିକଶିତ ଭାରତର ନୂଆ ରୋଜଗାର ସୃଜନ ମଧ୍ୟ ତୁରନ୍ତ ଲାଗୁ କରାଯିବ ବୋଲି କହିଥିଲେ। ଏକଥା ସତ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୈଳୀ ମନମୋହକ, ଆକର୍ଷକ ଏବଂ ଏଥର ଭାଷଣରେ ସେ 'ଦେଶ' ଶବ୍ଦକୁ ୨୦୫ଥର ବ୍ୟବହାର କରିଥିଲେ, ଆତ୍ମନିର୍ଭର ଶବ୍ଦକୁ ୨୨ଥର ଏବଂ କୃଷକ ଶବ୍ଦକୁ ୨୭ଥର ଉଚ୍ଚାରଣ କରିଥିଲେ। ରାଷ୍ଟ୍ରବାଦ ଏବଂ ସ୍ୱାବଲମ୍ବନ ତାଙ୍କ ଭାଷଣର ଦୁଇଟି ସ୍ଥାୟୀ ମୂଲ୍ୟ ଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ପରେ ଦେଶବାସୀଙ୍କୁ ସମ୍ବୋଧନ କଲାବେଳେ ଯେପରି ଭାବରେ ପ୍ରତିରକ୍ଷା ଏବଂ ରାଷ୍ଟ୍ରୀୟ ସୁରକ୍ଷାର ପ୍ରସଙ୍ଗ ଉଠାଇଥିଲେ ତାହା ତାଙ୍କ ଭାଷଣର ସବୁଠାରୁ ଅଧିକ ଭାବନାତ୍ମକ ଏବଂ ଶକ୍ତିଶାଳୀ ଅଂଶ ଥିଲା। ମୋଦୀ ଭାରତର ଆଗାମୀ ପିଢ଼ୀଙ୍କ ସୁରକ୍ଷା ପାଇଁ ସ୍ୱଦେଶୀ ସୁରକ୍ଷା ପ୍ରଣାଳୀ "ସୁଦର୍ଶନ ଚକ୍ର ମିଶନ"ର ଘୋଷଣା କରିଥିଲେ। ଏହାକୁ ଇସ୍ରାଏଲର "ଆଇରନ ଡ଼ୋମ"ର ଭାରତୀୟ ସଂସ୍କରଣ ବୋଲି କୁହାଯାଉଛି। ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୁରର ଉଲ୍ଲେଖ କରି ସୈନିକଙ୍କ ଧୈର୍ଯ୍ୟକୁ ସଲାମ କରିଥିଲେ ଏବଂ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ଆତଙ୍କବାଦ ଏବଂ ହିଂସାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ସିନ୍ଧୁ ଜଳ ବୁଝାବଣା ପ୍ରସଙ୍ଗରେ ସେ କରିଥିଲେ ଯେ "ରକ୍ତ ଏବଂ



ପାଣି ଏକ ସଙ୍ଗରେ କହିପାରିବନାହିଁ"। ପ୍ରଧାନମନ୍ତ୍ରୀ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଧ୍ୟ ଜୋର ଦେଇଥିଲେ। ତାଙ୍କ ଭାଷଣରେ "ହାଇ ପାୱାର ଡ଼େମୋଗ୍ରାଫି ମିଶନ୍"ର ଘୋଷଣା କରିଥିଲେ। ଏହା ଅବୈଧ ପ୍ରବାସିଙ୍କ ଉପରେ ନିୟନ୍ତ୍ରଣ ଏବଂ ସଂଶାଧନକୁ ଭାରତୀୟଙ୍କ ପାଇଁ ସଂରକ୍ଷିତ କରିପାରିବ। ତାଙ୍କର ଏହି ବୟାନ ପୂର୍ବୋଦୟ ରାଜ୍ୟ ଏବଂ ପଶ୍ଚିମବଙ୍ଗଳାର ଅବୈଧ ଅନୁପ୍ରବେଶକାରୀଙ୍କ ଉଦ୍ଦେଶ୍ୟରେ ଥିଲା। ଅନୁପ୍ରବେଶକାରୀ ଯୋଗୁଁ ସୀମାବର୍ତ୍ତୀ ରାଜ୍ୟରେ ଜନସଂଖ୍ୟା ଅସନ୍ତୁଳନକୁ ନେଇ ମୋଦୀ ଚିନ୍ତା ପ୍ରକଟ କରିବା ସହ ବିହାରର ଭୋଟର ତାଲିକା ସଂଶୋଧନ ମଧ୍ୟ ତାଙ୍କ ଭାଷଣରେ ସ୍ଥାନ ପାଇଥିଲା।

ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ବିଧାନର ଗୁରୁତ୍ୱ କଥା କହିବା ସହ ଐତିହାସିକ ବ୍ୟକ୍ତିତ୍ୱ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ଭାଷଣରେ ଗାନ୍ଧୀ, ନେହେରୁ, ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଏବଂ ନେତାଜୀଙ୍କୁ ସ୍ଥାନ ମିଳିଥିଲା। କିନ୍ତୁ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବ୍ୟାପକ ଚର୍ଚ୍ଚା କରିବା ସହ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ବାବଦରେ ସାରଗର୍ଭକ ଭାଷଣ ଦେଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ଆମ ମହାପୁରୁଷମାନଙ୍କର ଯୋଗଦାନ କେବଳ ଦେଶର ସ୍ୱାଧିନତା ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା ବରଂ ରାଷ୍ଟ୍ରୀୟ ଏକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ଭାଷଣରେ ଅନେକ ଭାବନାତ୍ମକ ପ୍ରସଙ୍ଗ ଥିଲା ଓ ଭାରତର ଭାଷାଜନିତ ବିବିଧତା ଏବଂ ସାଂସ୍କୃତିକ ସ୍ଥଳର ପ୍ରସଙ୍ଗ ମଧ୍ୟ ଥିଲା। ବିଦ୍ୟୁତ୍, ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସ୍ୱଦେଶୀ ପ୍ରୟାସ କଥା ଉଲ୍ଲେଖ ତାଙ୍କ ଭାରତକୁ ବିଶ୍ୱ ମାନଚିତ୍ରରେ ଟେକ୍‌ନିକ୍ ଏବଂ ବୈଜ୍ଞାନିକ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶଭାବେ ସ୍ଥାପିତ କରିବା ପାଇଁ ସେ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ। ବିଶ୍ୱସ୍ତରରେ ଭାରତର ଉପଲବ୍ଧିକୁ ରେଖାଙ୍କିତ କରି ଭାରତ ନିଜର ସ୍ୱାର୍ଥରକ୍ଷା କରିବା ସହ ବିଶ୍ୱର ହିତ ସାଧନ କରିବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଦେଇଥିଲେ ଯେ ଭାରତ ବିଶ୍ୱସ୍ତରରେ ନେତୃତ୍ୱର ଦାୟୀତ୍ୱ ନେବା ପାଇଁ ମଧ୍ୟ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱାବଲମ୍ବନ ପାଇଁ ଅଧିକ ପୁଞ୍ଜିନିବେଶ, ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରିବା ଦିଗରେ ରାଜ୍ୟମାନଙ୍କର ସହମତି ଏବଂ ରୋଜଗାର ସୃଜନ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଯୋଗାଡ଼ କରିବାର କଥା ମଧ୍ୟଥିଲା। ମୋଟାମୋଟି ଭାବେ ଦେଶରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଇଥିଲେ ସେଥିରେ ବିକଶିତ ଭାରତ ପାଇଁ ଏକ ସ୍ପଷ୍ଟ ରୋଡ଼ମ୍ୟାପ ଥିଲା। ଏହାକୁ ଆଗାମୀ ଦିନରେ କେତେକ ରାଜ୍ୟରେ ହେବାକୁଥିବା ନିର୍ବାଚନ ପାଇଁ ଏକ ଆକର୍ଷକ ଦସ୍ତାବିଦ୍ ଥିଲା ବୋଲି ଅନେକ କହିପାରନ୍ତି ଓ ଯୁକ୍ତି ଦର୍ଶାଇ ପାରନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଯେପରିଭାବେ ତାଙ୍କ ଭାଷଣରେ ମଧ୍ୟମବର୍ଗ ଏବଂ ଯୁବବର୍ଗଙ୍କ ପ୍ରସଙ୍ଗକୁ ରେଖାଙ୍କିତ କରିଥିଲେ, ରାଷ୍ଟ୍ରୀୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ତାକୁ ଦେଖିଲେ କୁହାଯାଇପାରେ ଯେ ତାଙ୍କ ଭାଷଣ ଭାବନାତ୍ମକ ରାଷ୍ଟ୍ରବାଦ ଏବଂ ଭାରତର ଭବିଷ୍ୟତର ଏକ ମିଶ୍ରଣ ଥିଲା।


**ରାମଚନ୍ଦ୍ରପୁର. ରଣପୁର**
**ମୋବାଇଲ୍: ୯୪୩୮୪୮୫୦୯୪**


# ଯୁବ ନେତୃତ୍ୱ ଶାନ୍ତି, ମୈତ୍ରୀ ଓ ଏକତାର ପ୍ରତୀକ

**କିଶୋର ଚନ୍ଦ୍ର ବେହେରା**



ଦେଶର ସମସ୍ତ ଧର୍ମ ମଧ୍ୟରେ ଶାନ୍ତି, ଜାତୀୟ ଏକୀକରଣ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ଉତ୍ସର୍ଗୀକୃତ। ସଦଭାବନା ଦିବସରେ ବିଭିନ୍ନ ରାଜ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଲୋକମାନେ ଦେଶରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସ୍ଥାପନ ଦିଗରେ କାର୍ଯ୍ୟ କରିବାର ପ୍ରତିଶ୍ରୁତି ନେଇଥାନ୍ତି। ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଜାତୀୟ ଏକୀକରଣ ଏବଂ ଶାନ୍ତି ପ୍ରତିଷ୍ଠା ପୂର୍ବତନ ପ୍ରଧାନମନ୍ତ୍ରୀ ପାଇଁ ରାଜୀବ ଗାନ୍ଧୀଙ୍କ ଭୂମିକା ଅତୁଳନୀୟ। ଜାତୀୟ ଏକତା ସୃଷ୍ଟି କରିବା ସଦଭାବନା ଦିବସର ମୂଳ ଲକ୍ଷ୍ୟ। ଆଧୁନିକ ଚିନ୍ତାଧାରା ଓ ନିର୍ଣ୍ଣାୟକ ମାନସିକତାର ଅଧିକାରୀ ହୋଇ ସୁଦ୍ଧା ରାଜୀବ କଦାପି ଏହା ପ୍ରଦର୍ଶନ କରୁନଥିଲେ। ବିଶ୍ୱର ସର୍ବାଧୁନିକ ପ୍ରଯୁକ୍ତି ମଧ୍ୟରେ ଅବସ୍ଥାନ କରି ସୁଦ୍ଧା ସେ ଥିଲେ ସ୍ଥିରଚିତ୍ତ ଏବଂ ସେ ଯାହା ବାରମ୍ବାର କହୁଥିଲେ, ତାଙ୍କର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଭାରତର ଐକ୍ୟକୁ ଏବଂ ସାର୍ବଭୌମତ୍ୱକୁ ସଦାସର୍ବଦା ସୁରକ୍ଷିତ ରଖିବା ନିମନ୍ତେ ସଦାସର୍ବଦା ପ୍ରଚେଷ୍ଟା ଜାରି ରଖିଥିଲେ। ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖରେ ଦେଶବ୍ୟାପୀ ପାଳନ କରାଯାଉଛି ସଦଭାବନା ଦିବସ। ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ ମସିହାଠାରୁ ସଦଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇ ଏହି ଦିବସକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏପରିକି ସମସ୍ତ ରାଜନୈତିକ ଦଳ ମଧ୍ୟରେ ଶାସକ କିମ୍ବା ବୋରଧୀ ଉର୍ଦ୍ଧ୍ୱରେ ରହି ପାଳନ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ସମଗ୍ର ଭାରତରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ଏବଂ ଉନ୍ନତି ପାଇଁ ଲକ୍ଷ୍ୟ ନେଇ ୧୯୮୬ ମସିହାରେ ଶିକ୍ଷା ଉପରେ ଏକ ଜାତୀୟ ନୀତି ଆରମ୍ଭ କରିଥିଲେ। ସେହିବର୍ଷ ସେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ବିଦ୍ୟାଳୟ ଶିକ୍ଷା ପ୍ରଦାନ କରି ସମାଜର ଗ୍ରାମାଞ୍ଚଳର ଉନ୍ନତି ପାଇଁ ଏକ କେନ୍ଦ୍ରୀୟ ସରକାରୀ ବିଦ୍ୟାଳୟ ଜବାହର ନବୋଦୟ ବିଦ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା କରିଥିଲେ। ଯାହାକି ଗ୍ରାମାଞ୍ଚଳରେ ଶିକ୍ଷାର ଅଗ୍ରଗତି ହେବା ସହ ଗରିବ ମେଧାବୀ ଛାତ୍ରଛାତ୍ରୀ ଜାତୀୟ ସ୍ତରରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ସଫଳତା ପାଇପାରିଲେ। ନିଜ ଶାସନ କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ ଯାହା ଦେଶରେ ସୂଚନା ପ୍ରଯୁକ୍ତିର ବିସ୍ତାର କରିଥିଲା।

ରାଜନୀତିରେ ଯୋଗ ଦେବା ପୂର୍ବରୁ ସେ ଜଣେ ଉଚ୍ଚଶିକ୍ଷିତ ଓ ପେଶାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ଶୋକର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ସ୍ଥିତରୁ ବାହାରିବ ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନରେ ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ରାଜୀବ ଗାନ୍ଧୀ ତାଙ୍କ ଶାସନ ସମୟରେ ବିଭିନ୍ନ ପଦକ୍ଷେପ ନେଇଥିଲେ, ଯାହା ଯୁବକମାନଙ୍କୁ ଦେଶ ଗଢିବାରେ ପ୍ରତ୍ୟକ୍ଷ ଭାବେ ଅଂଶରଦାର କରିଥିଲା। ରାଜୀବ ଗାନ୍ଧୀ ଦେଶରେ



ସୂଚନା କ୍ରାନ୍ତି ଜନକ ଭାବେ ପରିଚିତ ଓ ଦେଶର ଇତିହାସରେ ସବୁଠାରୁ କନିଷ୍ଠ ପ୍ରଧାନମନ୍ତ୍ରୀ ଥିଲେ। ଦେଶର ୭୦ କୋଟି ଭାରତୀୟଙ୍କ ନେତା ଭାବେ ଶାସନ ଆରମ୍ଭ କରିଥିବା ରାଜୀବ ଗାନ୍ଧୀଙ୍କ ଶାସନ କାଳ ବହୁଦୃଷ୍ଟିରୁ ଉଲ୍ଲେଖନୀୟ ହେବା ସ୍ୱାଭାବିକ। ସବୁଠାରୁ ଅଧିକ ବିସ୍ମୟକର ବିଷୟଟି ଥିଲା ଏହି ଯେ ଶ୍ରୀ ଗାନ୍ଧୀ ବିଳମ୍ବରେ ଓ ଅନିଚ୍ଛା ସତ୍ତ୍ୱେ ରାଜନୀତିରେ ପାଦ ଥାପିଥିଲେ ଯଦିଚ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏକ ବିଶିଷ୍ଟ ରାଜନୈତିକ ପରିବାର ଭାବେ ଦୀର୍ଘ ଚାରିପିଢ଼ି ଧରି ଏହା ରାଷ୍ଟ୍ରସେବାରେ ନିଜକୁ ସମର୍ପିତ କରିଥିଲା ଏବଂ ଏହା ପୁଣି ବ୍ୟାପ୍ତ ଥିଲା ସ୍ୱାଧୀନତା ପୂର୍ବବର୍ତ୍ତି ଠାରୁ ସ୍ୱାଧୀନୋତ୍ତର କାଳ ପର୍ଯ୍ୟନ୍ତ। କ୍ରିଡା କ୍ଷେତ୍ରରେ ୧୯୮୨ ମସିହାରେ ଭାରତ ଯେତେବେଳେ ଏସୀୟ କ୍ରୀଡାର ଆୟୋଜନ କଲା, ବହୁ ବର୍ଷ ପୂର୍ବରୁ ଭାରତ ଅନେକ ଷ୍ଟାଡିୟମ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ଘଟାଇବ ବୋଲି ଯେଉଁ ପ୍ରତିଶ୍ରୁତି ପ୍ରଦାନ କରିଥିଲା ତାହା ପୂରଣ କରିଥିଲେ। ସବୁ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୁଏ ସେ ଦାୟିତ୍ୱ ରାଜୀବଙ୍କ କାନ୍ଧରେ ନ୍ୟସ୍ତ କରାଯାଇଥିଲା। ଏସୀୟ କ୍ରୀଡା ଯେପରି କୌଣସି ପ୍ରକାର ଦୋଷତ୍ରୁଟିର ସମ୍ମୁଖୀନ ନହୋଇ ସୁରୁଖୁରୁରେ ସମ୍ପନ୍ନ ହୁଏ ସେ ଭାର ତାଙ୍କୁ ଦିଆଯାଇଥିଲା। ରାଜୀବ ଗାନ୍ଧୀ ଏହି ଚାଲେଞ୍ଜକୁ ସୁଚାରୁ ରୂପେ କରି ଦେଖାଇଥିଲେ। ଏହା ହିଁ ସର୍ବପ୍ରଥମ ତାଙ୍କ କର୍ଯ୍ୟଦକ୍ଷତା ପ୍ରତି ଥିବା ନିଷ୍ଠା ଓ ସମନ୍ୱୟର ପରାକାଷ୍ଠା ପ୍ରତିପାଦନ କରିଥିଲେ। ଏଥିସହ କଂଗ୍ରେସ ଦଳର ସାଧାରଣ ସମ୍ପାଦକ ଭାବେ ସମାନ ନିଷ୍ଠାର ସହ ସେ ଦଳୀୟ ସଂଗଠନକୁ ସନ୍ତୁଳିତ ଓ ଶୃଙ୍ଖଳିତ କରିବାରେ ଲାଗି ପଡିଲେ। ତାଙ୍କର ଏହି ଗୁଣ ପରବର୍ତ୍ତି କାଳରେ ଜଟିଳ ଓ ଘଡିସନ୍ଧି ମୁହୂର୍ତ୍ତରେ କାର୍ଯ୍ୟରେ ଆସିଥିଲା।

ରାଜୀବ ଗାନ୍ଧୀ, ଭାଷଣରେ ସବୁବେଳେ ଏକ ବିଂଶ ଶତାବ୍ଦୀର ପ୍ରଗତିର କଥା ଉଠାଇଥିଲେ। ସେ ବିଶ୍ୱାସ କରୁଥିଲେ ଦେଶର ପରିବର୍ତ୍ତନ ଓ ପ୍ରଗତି ପାଇଁ ଆଧୁନିକ ଜ୍ଞାନକୌଶଳ ବହୁତ ଜରୁରୀ। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଚେଷ୍ଟା ଆରମ୍ଭ କରିଥିଲେ। ଆଗାମୀ ଦଶକରେ ହେବାକୁ ଥିବା ଜ୍ଞାନକୌଶଳ କ୍ରାନ୍ତିର ବୀଜ ରୋପଣ କରିଥିଲେ ରାଜୀବ ଗାନ୍ଧୀ। ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଆତ୍ମଘାତୀ ବିସ୍ଫୋରଣରେ ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିବାରପରେ, ଦେଶ ପ୍ରତି ତାଙ୍କର ଅବଦାନକୁ ସବୁବେଳ ପାଇଁ ମନେ ରଖିବା ନିମନ୍ତେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଅଲ ଇଣ୍ଡିଆ କଂଗ୍ରେସ କମିଟି ୧୯୯୨ ରେ ରାଜୀବ ଗାନ୍ଧୀ ଜାତୀୟ ସଦଭାବନା ପୁରସ୍କାର ପ୍ରତିଷ୍ଠା କରିଥିଲା। ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଦର୍ଶ କାର୍ଯ୍ୟ କରିଥିବା ଲୋକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ସମାଜ ସେବାରେ ଓ ରାଷ୍ଟ୍ର ବିକାଶରେ ବ୍ୟକ୍ତି ବିଶେଷ ହୁଅନ୍ତୁ କିମ୍ବା ଅନୁଷ୍ଠାନ ଉଚ୍ଚକୋଟୀର କାର୍ଯ୍ୟ କରି ରାଷ୍ଟ୍ରର ପ୍ରଗତିରେ ସହଭାଗିତା ହୋଇଥାନ୍ତି ସେହିପରି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ସଦଭାବନା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥାଏ। ରାଜୀବ ଗାନ୍ଧୀଙ୍କ ଭଳି ଅପୂର୍ବ ଧୈର୍ଯ୍ୟ, ସମ୍ମାନବୋଧ ଓ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଜାତୀୟ ଦାୟିତ୍ୱବୋଧ ନିଜ କାନ୍ଧକୁ ନେଇ ବିକାଶ କ୍ଷେତ୍ରରେ ଆଗେଇ ଯିବା ପାଇଁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ କରାଯାଉଛି।


**ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ**
**ସିଦ୍ଧେଶ୍ୱରୀ ସ୍ନାତକ ମହାବିଦ୍ୟାଳୟ**
**ନନ୍ଦପୁର, ଜିଲ୍ଲା: କୋରାପୁଟ**
**ମୋବାଇଲ୍: ୯୪୩୭୯୫୫୫୬୮**



# ୬୨,୦୦୦ କୋଟିରେ ଯୁଦ୍ଧ ବିମାନ କିଣିବାକୁ ମଞ୍ଜୁରୀ

**ନୂଆଦିଲ୍ଲୀ,୧୯।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ 'ମେକ ଇନ ଇଣ୍ଡିଆ' ପ୍ରୋଜେକ୍ଟକୁ ବଡ଼ ପ୍ରୋତ୍ସାହନ ଦେଇ ଭାରତ ସରକାର ମଙ୍ଗଳବାର ଭାରତୀୟ ବାୟୁସେନା ପାଇଁ ୯୭ଟି ଏଲସିଏ ମାର୍କ ୧ଏ ଯୁଦ୍ଧ ବିମାନ କିଣିବା ପାଇଁ ୬୨,୦୦୦ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରୀ ଦେଇଛନ୍ତି। ଏକ ଉଚ୍ଚସ୍ତରୀୟ ବୈଠକରେ ଏହି ଅନୁମୋଦନ ଦିଆଯାଇଛି, ଯାହା ହିନ୍ଦୁସ୍ତାନ ଏରୋନଟିକ୍ସ ଲିମିଟେଡ (ଏଚଏଏଲ)କୁ ଏହି ବିମାନ ନିର୍ମାଣ ପାଇଁ ପଥ ପ୍ରଶସ୍ତ କରିବ। ଏହା ପୂର୍ବରୁ ସରକାର ୪୮,୦୦୦ କୋଟିରେ ୮୩ଟି ଏଲସିଏ ମାର୍କ ୧ଏ ବିମାନ ପାଇଁ ଅର୍ଡର ଦେଇସାରିଛନ୍ତି। ଏହି ପ୍ରକଳ୍ପ ଭାରତୀୟ ବାୟୁସେନାର ମିଗ-୨୧ ବିମାନ ଫ୍ଲିଟକୁ ପର୍ଯ୍ୟାୟକ୍ରମେ ବନ୍ଦ କରିବାରେ ସହାୟକ ହେବ, ଯାହା ଆଗାମୀ କିଛି ସପ୍ତାହ ମଧ୍ୟରେ ସମ୍ପୂର୍ଣ୍ଣ ବନ୍ଦ ହେବ। ଏହି ସ୍ୱଦେଶୀ ଯୁଦ୍ଧ ବିମାନ ପ୍ରକଳ୍ପ ପ୍ରତିରକ୍ଷା ମନ୍ତ୍ରାଳୟ ଓ ବାୟୁସେନା ମୁଖ୍ୟାଳୟ ଦ୍ୱାରା ସମ୍ପୂର୍ଣ୍ଣ ସମର୍ଥିତ ହେଉଛି, ଯାହା ସ୍ୱଦେଶୀକରଣକୁ ପ୍ରୋତ୍ସାହନ ଦେବା ସହ ଦେଶରେ ପ୍ରତିରକ୍ଷା କ୍ଷେତ୍ରରେ କାର୍ଯ୍ୟରତ ଛୋଟ ଓ ମଧ୍ୟମ ଉଦ୍ୟୋଗଗୁଡ଼ିକୁ ବ୍ୟାପକ ବ୍ୟବସାୟର ସୁଯୋଗ ପ୍ରଦାନ କରିବ। ଏଚଏଏଲକୁ ପୁନର୍ଜନନ ପାଇଁ ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସ୍ୱଦେଶୀ ଯୁଦ୍ଧ ବିମାନ, ହେଲିକପ୍ଟର ଓ ଏଞ୍ଜିନ ନିର୍ମାଣ ପାଇଁ ବଡ଼ ଅର୍ଡର ମିଳିଛି। ପ୍ରଧାନମନ୍ତ୍ରୀ ମୋଦି ନିଜେ ସ୍ୱଦେଶୀ ଯୁଦ୍ଧ ବିମାନର ଟ୍ରେନର ଭାରିଆଣ୍ଟରେ ଉଡ଼ାଣ କରିଥିଲେ, ଯାହା ଭାରତର କୌଣସି ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଯୁଦ୍ଧ ବିମାନ ଉଡ଼ାଣ ଥିଲା। ନୂଆ ଏଲସିଏ ମାର୍କ ୧ଏ ବିମାନରେ ପୂର୍ବ ୪୦ଟି ଏଲସିଏ ତୁଳନାରେ ଅଧିକ ଉନ୍ନତ ଏଭିଓନିକ୍ସ ଓ ରାଡାର ରହିଛି, ଏବଂ ଏହାର ସ୍ୱଦେଶୀ ଉପାଦାନ ୬୫%ରୁ ଅଧିକ। ଏହି ପ୍ରକଳ୍ପ 'ଆତ୍ମନିର୍ଭର ଭାରତ' ଓ 'ମେକ ଇନ ଇଣ୍ଡିଆ' ଉଦ୍ୟୋଗର ଅଗ୍ରଦୂତ ହେବା ସହ ମହାକାଶ କ୍ଷେତ୍ରରେ ଭାରତର ଆତ୍ମନିର୍ଭରତାର ପ୍ରତୀକ। ଏଚଏଏଲ ଆଗାମୀ ଦିନରେ ୨୦୦ରୁ ଅଧିକ ଏଲସିଏ ମାର୍କ ୨ ଏବଂ ସମପରିମାଣରେ ପଞ୍ଚମ ପିଢ଼ିର ଆଡ଼ଭାନ୍ସଡ ମିଡିଅମ କମ୍ବାଟ ଏୟାରକ୍ରାଫ୍ଟ ନିର୍ମାଣ ପାଇଁ ମଧ୍ୟ ଚୁକ୍ତି ହାସଲ କରିବ ବୋଲି ଆଶା କରାଯାଉଛି।

# ଟ୍ରମ୍ପଙ୍କ ନାଁ ନ ନେଇ ପୁଟିନ ଦେଲେ ବଡ଼ ଧମକ

**ମସ୍କୋ,୨୦।୮:** ଟାରିଫ ବିବାଦ ଭିତରେ ରୁଷିଆ କରିଛି ବଡ଼ ଘୋଷଣା। ରୁଷିଆ କହିଛି ଯେ ଭାରତ ରୁଷ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। ଏହା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ରୁଷୀୟ ତେଲ କିଣିବା ପାଇଁ ଭାରତ ଉପରେ ଶୁଳ୍କ ଲଗାଇବା ଧମକ ମଧ୍ୟରେ ପୁଟିନ ବଡ଼ ଘୋଷଣା କରିଛନ୍ତି। ଭାରତରେ ଥିବା ରୁଷୀୟ ଦୂତାବାସର ରୋମାନ ବାବୁଶକିନ ଏକ ସାମ୍ବାଦିକ ସମ୍ମିଳନୀରେ ରୁଷୀୟ ତେଲ କିଣିବା ପାଇଁ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଶୁଳ୍କ ଲଗାଯାଇଥିବା ଶୁଳ୍କକୁ ସମାଲୋଚନା କରିଥିଲେ ଏବଂ କହିଥିଲେ ଯେ ଆମେରିକାର ଚାପ ଭୁଲ ଏବଂ ଏକପାଖିଆ ଥିଲା। ସେ କହିଥିଲେ ଯେ ଯଦି ପଶ୍ଚିମ ଦେଶଗୁଡ଼ିକ ତୁମକୁ ସମାଲୋଚନା କରନ୍ତି, ତେବେ ଏହାର ଅର୍ଥ ହେଉଛି ତୁମେ ସବୁକିଛି ଠିକ କରୁଛ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସମ୍ପ୍ରତି ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଟେଲିଫୋନରେ ଆଲୋଚନା କରିଛନ୍ତି। ଏହି ଆଲୋଚନାରେ ରୁଷ-ୟୁକ୍ରେନ ଯୁଦ୍ଧ ଏବଂ ଦ୍ୱିପାକ୍ଷିକ ସହଯୋଗ ଭଳି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା। ଭାରତ ନିରନ୍ତର ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ଆହ୍ୱାନ ଦେଇଛି। ଭାରତର ରଣନୀତି ହେଉଛି ଆମେରିକା ଏବଂ ରୁଷ ଉଭୟ ସହିତ ସନ୍ତୁଳନ ବଜାୟ ରଖିବା। ଆମେରିକା ଭାରତର ଏକ ପ୍ରମୁଖ ବାଣିଜ୍ୟିକ ଏବଂ ରଣନୈତିକ ଅଂଶୀଦାର ହୋଇଥିଲେ ମଧ୍ୟ, ରୁଷ ହେଉଛି ଭାରତର ପାରମ୍ପରିକ ସହଯୋଗୀ। ଏହି କାରଣରୁ ଭାରତ ରୁଷରୁ ତୈଳ ଆମଦାନୀ ବନ୍ଦ କରିବାର ସମ୍ଭାବନାକୁ ପ୍ରତ୍ୟାଖ୍ୟାନ କରିଛି।



ଆମେରିକା ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆର୍ଥିକ କଟକଣାକୁ ଏକ ଅସ୍ତ୍ର ଭାବରେ ବ୍ୟବହାର କରିଛି। ବାବୁଶକିନ ବିଶ୍ୱାସ କରନ୍ତି ଯେ ଏହା ଡଲାର ଉପରେ ବିଶ୍ୱ ବିଶ୍ୱାସକୁ ମଧ୍ୟ ହ୍ରାସ କରୁଛି। ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ରୁଷ କେବେବି ଭାରତ ଉପରେ କଟକଣା ଲଗାଇବ ନାହିଁ କିମ୍ବା ଆର୍ଥିକ ଚାପ ପକାଇବ ନାହିଁ। ବିପରୀତରେ, ରୁଷ ଭାରତକୁ ଅଶୋଧିତ ତୈଳ ଯୋଗାଣ ବଜାୟ ରଖିବା ପାଇଁ ଏକ ସ୍ୱତନ୍ତ୍ର ବ୍ୟବସ୍ଥା ବିକଶିତ କରିଛି, ଯାହା ଦାରା ଏହି ସହଭାଗୀତା ଆମେରିକୀୟ ଚାପ ଦ୍ୱାରା ପ୍ରଭାବିତ ହୋଇପାରିବ।

ବାବୁଶକିନ ଏହା ମଧ୍ୟ ସୂଚନା ଦେଇଛନ୍ତି ଯେ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଏହି ବର୍ଷ ଶେଷ ସୁଦ୍ଧା ଭାରତ ଗସ୍ତରେ ଆସି ପ୍ରଧାନମନ୍ତ୍ରୀ ମୋଦିଙ୍କୁ ଭେଟିବେ। ଏହି ଗସ୍ତ ଭାରତ-ରୁଷ ସମ୍ପର୍କରେ ନୂତନ ଶକ୍ତି ସଞ୍ଚାର କରିପାରିବ। ଏହା ସହିତ, ରୁଷ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟୀଙ୍କ ଭାରତ ଗସ୍ତକୁ ବହୁତ ସଫଳ ବୋଲି ବର୍ଣ୍ଣନା କରିଛି ଏବଂ ଆଶା ପ୍ରକାଶ କରିଛି ଯେ ଖୁବ ଶୀଘ୍ର ଭାରତ-ରୁଷ-ଚୀନର ଏକ ତ୍ରିପାକ୍ଷିକ ବୈଠକ ହେବ। ଏହି ତ୍ରିପାକ୍ଷିକ ସହଯୋଗ ଏସିଆର ଭୂରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ।



# ମୁମ୍ବାଇରେ ବର୍ଷା ବିପ୍ରାତ: ୨୪ ଘଣ୍ଟାରେ ୬ ଜଣଙ୍କର ମୃତ୍ୟୁ

**ମୁମ୍ବାଇ,୨୦।୮:** ମହାରାଷ୍ଟ୍ର ବିପର୍ଯ୍ୟୟ ପରିଚାଳନା ବିଭାଗ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ବର୍ଷା ଏବଂ ବନ୍ୟା ସମ୍ବନ୍ଧୀୟ ଘଟଣାରେ ୬ ଜଣଙ୍କର ମୃତ୍ୟୁ ହୋଇଛି। ନାନ୍ଦେଡ ଜିଲାରେ ବନ୍ୟା ଭଳି ପରିସ୍ଥିତି ଯୋଗୁ ୫ ଜଣ ନିଖୋଜ ଥିବା ସୂଚନା ମିଳିଛି। ସେହି ସମୟରେ, ୬ଟି ଏସ୍‌ଡିଆର୍‌ଏଫ୍ ଦଳ ସହିତ ରାଜ୍ୟର ବିଭିନ୍ନ ସ୍ଥାନରେ ମୋଟ ୧୮ଟି ଏନ୍‌ଡିଆର୍‌ଏଫ୍ ଦଳ ନିୟୋଜିତ ହୋଇଛନ୍ତି।

ପ୍ରବଳ ବର୍ଷା ଯୋଗୁ ରେଳ ଟ୍ରାକରେ ବନ୍ୟା ଆସିବା ଯୋଗୁ ମଙ୍ଗଳବାର ସକାଳେ ବନ୍ଦ ହୋଇଥିବା ହାର୍ବର ଲାଇନ ଲୋକାଲ ଟ୍ରେନ ସେବା ପ୍ରାୟ ୧୫ ଘଣ୍ଟା ପରେ ବୁଧବାର ଭୋର ୩ ଟାରେ ପୁନଃସ୍ଥାପିତ ହୋଇଛି। ଅଧିକାରୀମାନେ କହିଛନ୍ତି ଯେ ପାଣି କମିବା ପରେ ସେବା ପୁନଃସ୍ଥାପିତ ହୋଇଛି। କେନ୍ଦ୍ରୀୟ ରେଳବାଇର ମୁଖ୍ୟ ଜନସମ୍ପର୍କ ଅଧିକାରୀ ସ୍ୱନିଲ ନୀଲା କହିଛନ୍ତି ଯେ ମଙ୍ଗଳବାର ସକାଳେ ଟ୍ରାକ ବୁଡ଼ିଯିବାରୁ ପ୍ରଥମେ ହାର୍ବର ଲାଇନ ଏବଂ ପରେ ମେନ ଲାଇନର ସେବା ବନ୍ଦ କରିବାକୁ ପଡିଥିଲା।

# ମୁଖ୍ୟମନ୍ତ୍ରୀଙ୍କ କେଶ ଧରି ଝିଙ୍କିଲେ, ମୁଣ୍ଡ ପିଟିଦେଲେ

**ନୂଆଦିଲ୍ଲୀ,୨୦।୮:** ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଆକ୍ରମଣ ହୋଇଛି। ସେ ସିଭିଲ ଲାଇନ୍ସ ସ୍ଥିତ ତାଙ୍କ ସରକାରୀ ବାସଭବନରେ ଏକ ଜନଶୁଣାଣି କରୁଥିଲେ, ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ କରିଥିବା ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ସୂଚନା ମିଳିଛି ଯେ ଜନଶୁଣାଣି ସମୟରେ, ଜଣେ ୪୧ ବର୍ଷୀୟ ବ୍ୟକ୍ତି ମୁଖ୍ୟମନ୍ତ୍ରୀଙ୍କ ପାଖକୁ ତାଙ୍କ ଅଭିଯୋଗ ନେଇ ପହଞ୍ଚିଥିଲେ, କିନ୍ତୁ ହଠାତ୍ ସେ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ ଏବଂ ଅପମାନଜନକ ଭାଷା ବ୍ୟବହାର କରିଥିଲେ। ଆକ୍ରମଣକାରୀଙ୍କ ହାତରେ କିଛି କାଗଜପତ୍ର ଥିଲା।

ଏହି ଆକ୍ରମଣ ପରେ, ଘଟଣାସ୍ଥଳରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଅଭିଯୁକ୍ତ କୌଣସି ରାଜନୈତିକ ଦଳ ସହିତ ଜଡିତ



ଥିବା ସନ୍ଦେହ କରାଯାଉଛି ଏବଂ ପୋଲିସ ଏହି ଦୃଷ୍ଟିକୋଣରୁ ମଧ୍ୟ ତଦନ୍ତ କରୁଛି। ପ୍ରାରମ୍ଭିକ ସୂଚନାରେ, ଅଭିଯୁକ୍ତ ତାଙ୍କ ନାମ ରାଜେଶ ଭାଇ ଖିମଜୀ ଭାଇ ସାକାରିଆ ବୋଲି କହିଛନ୍ତି। ଅଭିଯୁକ୍ତ ରାଜକୋଟର ବାସିନ୍ଦା ବୋଲି କୁହାଯାଉଛି। ତାଙ୍କ ବୟସ ୪୧ ବର୍ଷ। ଅଭିଯୁକ୍ତଙ୍କ ମା' ଭାନୁ ବେନ କହିଛନ୍ତି, ମୋ ପୁଅ ଜଣେ ପଶୁପ୍ରେମୀ ଏବଂ ସେ ବୁଲା କୁକୁରଙ୍କ ଉପରେ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତିରେ ଅସନ୍ତୁଷ୍ଟ ଥିଲେ। ସେଥିପାଇଁ ସେ ଦିଲ୍ଲୀ ଯାଇଥିଲେ। ଏହି ସମୟରେ ଦିଲ୍ଲୀ ସରକାରଙ୍କ ମନ୍ତ୍ରୀ ପରଭେଶ ବର୍ମା କହିଛନ୍ତି,ଅଭିଯୁକ୍ତ ୨୪ ଘଣ୍ଟା ଧରି ରେକି କରୁଥିଲେ। ସେ ତାଙ୍କ ଘରକୁ ମଧ୍ୟ ଯାଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଏବଂ ହାତରେ ଆଘାତ ଲାଗିଛି। ସେ ମୁଖ୍ୟମନ୍ତ୍ରୀଙ୍କୁ କେଶ ଧରି ଧରିଥିଲେ ଏବଂ ବହୁତ ସମୟ ପର୍ଯ୍ୟନ୍ତ ଛାଡି ନ ଥିଲେ। କୁହାଯାଇଥିଲା ଯେ, ବ୍ୟକ୍ତି ଜଣକ ପଥର ଭଳି କୌଣସି ଜିନିଷରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲେ, ଯଦିଓ ଭାଜପା ଏହାକୁ ଅସ୍ୱୀକାର କରିଛି। ଆକ୍ରମଣ କରିବାକୁ ଚେଷ୍ଟା କରିଥିବା ବ୍ୟକ୍ତିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷା ଦଳ ଏବଂ ସେଠାରେ ଉପସ୍ଥିତ ଲୋକମାନେ ତୁରନ୍ତ ଘଟଣାସ୍ଥଳରୁ ଧରି ନେଇଥିଲେ।

ଦିଲ୍ଲୀ ବିଜେପି ପକ୍ଷରୁ କୁହାଯାଇଛି ଯେ ଦିଲ୍ଲୀ ରାଜ୍ୟ ସଭାପତି ବୀରେନ୍ଦ୍ର ସଚଦେବ ସାପ୍ତାହିକ ଜନଶୁଣାଣି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ଉପରେ ହୋଇଥିବା ଆକ୍ରମଣକୁ କଡ଼ା ନିନ୍ଦା କରିଛନ୍ତି। ସେ କହିଛନ୍ତି, ଯୁବକ ଜଣକ ମୁଖ୍ୟମନ୍ତ୍ରୀଙ୍କୁ ଏକ କାଗଜ ଦେଇଥିଲେ ଏବଂ ତାଙ୍କୁ ଆଗକୁ ଟାଣି ନେଇଥିଲେ। ଯାହା ଫଳରେ ମୁଖ୍ୟମନ୍ତ୍ରୀଙ୍କ ମୁଣ୍ଡ ଟେବୁଲରେ ବାଜିଥିଲା। ମୁଖ୍ୟମନ୍ତ୍ରୀ ଏବେ ବି ଆଘାତରେ ଅଛନ୍ତି। ତାଙ୍କର ଯାଞ୍ଚ କରାଯାଇଛି ଏବଂ ସେ ସ୍ଥିର ଅଛନ୍ତି। ପଥର ଏବଂ ଚାପୁଡ଼ାର କଥା ଭିତ୍ତିହୀନ। ମୁଖ୍ୟମନ୍ତ୍ରୀ ଜଣେ ସାହସୀ ମହିଳା। ସେ ଭବିଷ୍ୟତରେ ମଧ୍ୟ ଜନଶୁଣାଣି ଏବଂ ଜନସମ୍ପର୍କିତ କାର୍ଯ୍ୟକ୍ରମ ଜାରି ରଖିବେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୧୦୮ କୋଟି ଟଙ୍କାର ଠକେଇ!



**ନୂଆଦିଲ୍ଲୀ,୨୦।୯:** ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୋଦି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ମଧ୍ୟରୁ ଗୋଟିଏ, ଏପର୍ଯ୍ୟନ୍ତ ଏହି ଯୋଜନାରେ ସେହି ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଛି ଯେଉଁମାନଙ୍କର ମୁଣ୍ଡ ଉପରେ ଛାତ ନାହିଁ। କିନ୍ତୁ ପ୍ରୟାଗରାଜରେ ଏହି ଯୋଜନା ସହିତ ଜଡିତ ଏପରି ଖବର ଆସିଛି, ଯାହା ଆଶ୍ଚର୍ଯ୍ୟଜନକ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୯୦୦୦ରୁ ଅଧିକ ଲୋକ ଠକେଇ କରି ୧.୨୦ ଲକ୍ଷ ଟଙ୍କା ନେଇଛନ୍ତି। ଯେତେବେଳେ ସେମାନଙ୍କର ପୂର୍ବରୁ ନିଜସ୍ୱ ଘର ଥିଲା। ମାମଲାର ତଦନ୍ତରୁ ଜଣାପଡିଛି ଯେ ଏହି ଯୋଜନା ଅଧୀନରେ ବଣ୍ଟାଯାଇଥିବା ରାଶିର ଅପବ୍ୟବହାର କରାଯାଇଛି। ଏବେ ପ୍ରଶାସନ ଏହି ସମସ୍ତ ଲୋକଙ୍କଠାରୁ ଯୋଜନାର ଟଙ୍କା ଆଦାୟ କରିବାକୁ ଚେଷ୍ଟା କରୁଛି। ରିପୋର୍ଟ ଅନୁଯାୟୀ, ସମାନ ପେନସନ ଯୋଜନାରେ ମଧ୍ୟ ଠକେଇର ଏକ ମାମଲା ସାମ୍ନାକୁ ଆସିଛି, ଯେଉଁଥିରେ ନକଲି ଦାବି, ମୃତ ହିତାଧିକାରୀ ଏବଂ ପୁନଃବିବାହ ବିଷୟରେ ସୂଚନା ନ ଦେବା ଯୋଗୁଁ ୪୦ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ହଜିଯାଇଛି। ଅଧିକାରୀମାନେ ସ୍ୱୀକାର କରିଛନ୍ତି ଯେ ରାଶି ଫେରାଇ ନେବା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ କାର୍ଯ୍ୟାନୁଷ୍ଠାନ କଷ୍ଟକର ହେଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ତିଆରି କରିବା ପାଇଁ ତିନୋଟି କିସ୍ତିରେ ୧.୨୦ ଲକ୍ଷ ଟଙ୍କା ଦିଆଯାଏ। କିନ୍ତୁ ପ୍ରଥମ କିସ୍ତି ଦେବା ପରେ, ଏକ ସର୍ଭେରୁ ଜଣାପଡିଛି ଯେ ୯,୦୦୦ରୁ ଅଧିକ ଲୋକ ଘର ତିଆରି କରିସାରିଛନ୍ତି। ଏହି ସମସ୍ତ ଲୋକ ଜାଲ କାଗଜପତ୍ର ଦାଖଲ କରି ଯୋଜନାର ଟଙ୍କା ନେଇଯାଇଛନ୍ତି।

## ଦିଲ୍ଲୀରେ ଭୁଶୁଡିଲା ବିଲିଡିଂ, ୩ ମୃତ

**ନୂଆଦିଲ୍ଲୀ, ୨୦।୮:** ରାଜଧାନୀ ଦିଲ୍ଲୀର ଦରିଆଗଞ୍ଜ ଅଞ୍ଚଳରେ ଅପରାହ୍ନ ୧୨.୧୪ ମିନିଟରେ ଏକ ପୁରୁଣା ବିଲିଡିଂ ଭୁଶୁଡିବା ଯୋଗୁଁ ୩ ଜଣଙ୍କ ଜୀବନ ଚାଲିଯାଇଛି। ସୂଚନା ପାଇବା ପରେ ଦମକଳ ଟିମର ୪ଟି ଗାଡି ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ସଦ୍ଭାବନା ପାର୍କ ନିକଟରେ ଥିବା ଏହି ବିଲିଡିଂ ବହୁତ ପୁରୁଣା ହୋଇଥିଲା । ବିଲିଡିଂ ଭୁଶୁଡିବା ଯୋଗୁଁ ଘଟଣା ସ୍ଥଳରେ ଥିବା ୩ ଜଣ ଶ୍ରମିକଙ୍କ ମୃତ୍ୟୁ ହୋଇଛି। ଏମାନଙ୍କ ମୃତ ଦେହକୁ ଉଦ୍ଧାର କରାଯାଇ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି ।

# ନାମାଙ୍କନ ଭରିଲେ ସିପି ରାଧାକ୍ରିଷ୍ଣନ

**ନୂଆଦିଲ୍ଲୀ, ୨୦।୮:** ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ନାମାଙ୍କନ ଭରିଛନ୍ତି ଏନଡିଏ ସମର୍ଥିତ ପ୍ରାର୍ଥୀ ସିପି ରାଧାକ୍ରିଷ୍ଣନ । ଆସନ୍ତାକାଲି ନାମାଙ୍କନ ଭରିବାର ଶେଷ ତାରିଖ ରହିଛି । ଆଜି ନାମାଙ୍କନ ଭରିଛନ୍ତି ଏନଡିଏ ପ୍ରାର୍ଥୀ ସି.ପି ରାଧାକ୍ରିଷ୍ଣନ୍। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ ପ୍ରସ୍ତାବକ ହୋଇଛନ୍ତି । ଏନଡିଏ ନେତାଙ୍କ ଉପସ୍ଥିତିରେ ନାମାଙ୍କନ ଭରିଛନ୍ତି ସିପି ରାଧାକ୍ରିଷ୍ଣନ୍ । ତାମିଲନାଡୁ ବାସୀ ସିପି ରାଧାକ୍ରିଷ୍ଣନ ଦୁଇଥର କୋୟମ୍ବାଟୁରର ସାଂସଦ ରହିଛନ୍ତି । ଭାରତୀୟ ଜନତା ପାର୍ଟିରେ ବହୁତ ଦିନରୁ ସକ୍ରିୟ ରହିଛନ୍ତି । ବର୍ତ୍ତମାନ ସେ ମହାରାଷ୍ଟ୍ରର ରାଜ୍ୟପାଳ ରହିଛନ୍ତି । ବି. ସୁଦର୍ଶନ ରେଡ୍ଡୀଙ୍କୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଘୋଷଣା କରିଛି ଇଣ୍ଡିଆ ମେଣ୍ଟ । ୧୯୪୭ ଜୁଲାଇ ୮ ତାରିଖରେ ସୁଦର୍ଶନଙ୍କ ଜନ୍ମ । ସୁଦର୍ଶନ ଓସମାନିଆ ବିଶ୍ୱବିଦ୍ୟାଳୟର ଆଇନଗତ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି । ୧୯୯୫ ମେ ୨ ତାରିଖରେ ଆନ୍ଧ୍ର ହାଇକୋର୍ଟର ସ୍ଥାୟୀ ବିଚାରପତି ଥିଲେ ସୁଦର୍ଶନ । ୧୯୭୧ ଡିସେମ୍ବର ୨୭ରେ ଆନ୍ଧ୍ରପ୍ରଦେଶ ବାର କାଉନସିଲରେ ଓକିଲ ଥିଲେ ସୁଦର୍ଶନ ରେଡ୍ଡୀ । ଓକିଲାତି ବେଳେ ଆନ୍ଧ୍ର ହାଇକୋର୍ଟ ରିଟ୍ ଓ ସିଭିଲ୍ ମାମଲାରେ ଅଭ୍ୟାସ କରୁଥିଲେ । ୧୯୮୮-୯୦ ପର୍ଯ୍ୟନ୍ତ ସୁଦର୍ଶନ ହାଇକୋର୍ଟରେ ସରକାରୀ ଓକିଲ ଭାବେ କାର୍ଯ୍ୟ କରୁଥିଲେ । ୧୯୯୦ ମଧ୍ୟରେ ମାସ କେନ୍ଦ୍ର ସରକାରଙ୍କ ଅତିରିକ୍ତ ସ୍ଥାୟୀ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି ।

# ଭୟଙ୍କର ସଡ଼କ ଦୁର୍ଘଟଣା, ଚାଲିଗଲା ୭୦ରୁ ଉର୍ଦ୍ଧ୍ୱ ଜୀବନ



**ଆଫଗାନିସ୍ତାନ, ୨୦।୮:** ଆଫଗାନିସ୍ତାନ ହେରାତରେ ମର୍ମନ୍ତୁଦ ବସ୍ ଦୁର୍ଘଟଣା। ୧୭ ଶିଶୁ ସମେତ ୭୦ରୁ ଉର୍ଦ୍ଧ୍ୱ ମୃତ । ଇନ୍ଧନ ବୋଝେଇ ଟ୍ରକ ଓ ବାଇକ ସହ ଧକ୍କା ହୋଇ ଜଳିଗଲା ବସ୍। ବସଟି ପଶ୍ଚିମ ଆଫଗାନିସ୍ତାନରେ ଶରଣାର୍ଥୀଙ୍କୁ ନେଇ କ୍ଷୀପ୍ର ଗତିରେ ଯାଉଥିବାବେଳେ ଦୁର୍ଘଟଣା ହୋଇଥିଲା । ଏହାରି ମଧ୍ୟରେ ପ୍ରାଦେଶିକ ସରକାର ଅହମ୍ମଦୁଲ୍ଲା ମୁତାକି ଦୁର୍ଘଟଣା ନେଇ ସୋସିଆଲ ମିଡିଆ X ରେ ଦୁଃଖ ପ୍ରକାଶ କରିଛନ୍ତି । ଏହାସହ ଏହି ଦୁର୍ଘଟଣା ଏବେକା ସମୟର ସବୁଠୁ ବଡ଼ ଦୁର୍ଘଟଣା ବୋଲି ସେ କହିଛନ୍ତି । ବସର ଦ୍ରୁତ ଗତି ଏବଂ ଚାଳକର ଖାମଖିଆଲି ଯୋଗୁ ଦୁର୍ଘଟଣା ହୋଇଥିବା କହିଛନ୍ତି ଅହମ୍ମଦୁଲ୍ଲା। ବସ ପ୍ରଥମେ ବାଇକ ଓ ପରେ ଟ୍ରକରେ ମାଡ ହୋଇଥିଲା । ଏହାପରେ ବସରେ ଲାଗିଯାଇଥିଲା ନିଆଁ । ତେବେ ବସରେ ଥିବା ଯାତ୍ରୀ ମାନଙ୍କ ମଧ୍ୟରୁ ମାତ୍ର ୩ଜଣ ଜୀବିତ ଥିବା କହିଛନ୍ତି ସ୍ଥାନୀୟ ପୋଲିସ । ଟ୍ରକ ଏବଂ ବାଇକରେ ଥିବା ସମସ୍ତ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ସମସ୍ତ ଆହତଙ୍କୁ ସ୍ଥାନୀୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ଦଶମ ଶ୍ରେଣୀ ଛାତ୍ରକୁ ଛୁରୀ ମାରି ହତ୍ୟାକଲା ୯ମ ଶ୍ରେଣୀ ଛାତ୍ର



**ଅହମ୍ମଦାବାଦ, ୨୦।୮:** ଗୁଜରାଟ ଅହମ୍ମଦାବାଦରେ ଦଶମ ଶ୍ରେଣୀ ଛାତ୍ରକୁ ଛୁରି ଭୁସି ହତ୍ୟା । ଦଶମ ଶ୍ରେଣୀ ଛାତ୍ରକୁ ଛୁରି ଭୁସି ହତ୍ୟା କଲା ଅଷ୍ଟମ ଶ୍ରେଣୀ ଛାତ୍ର। ଘରୋଇ ସ୍କୁଲରେ ଏଭଳି ଅଭାବନୀୟ ଘଟଣା ପରେ ତୁମୁଳକାଣ୍ଡ । ଗତକାଲି ପିଲା ଉପରେ ଆକ୍ରମଣ ହୋଇଥିଲା । ଆଉ ଆଜି ହସପିଟାଲରେ ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି । ପରେ ସ୍କୁଲରେ ଉତ୍ୟକ୍ତ ଲୋକଙ୍କ ଭଙ୍ଗାରୁଜା, ବସ୍ ଉପରକୁ ଟେକାମାଡ଼ କରିଛନ୍ତି । ସ୍କୁଲ୍ ଭିତରକୁ ଧସେଇ ପଶିଲେ ଅଭିଭାବକ ଓ ସ୍ଥାନୀୟ ଲୋକେ । ସ୍କୁଲ୍ କର୍ମଚାରୀଙ୍କୁ ମାଡ଼, ସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ ଲାଠିଚାର୍ଜ କରିଛି । ଖବର ମୁତବାକ, ଅହମ୍ମଦାବାଦର ଖୋଖରାରେ ସ୍ଥିତ ଏକ ଘରୋଇ ସ୍କୁଲରେ ଦଶମ ଶ୍ରେଣୀର ପିଲାକୁ ୯ମରେ ପଢୁଥିବା ଜଣେ ପିଲା ଛୁରୀରେ ଆକ୍ରମଣ କରିଥିଲା । ଗୁରୁତର ଅବସ୍ଥାରେ ଛାତ୍ରକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ତାଙ୍କର ମୃତ୍ୟୁ ହୋଇଛି । ମୃତ ଛାତ୍ର ସିନ୍ଧି ସମ୍ପ୍ରଦାୟର ହୋଇଥିବା ବେଳେ ଅଭିଯୁକ୍ତ ଛାତ୍ର ମୁସଲମାନ। ଯାହା ଯୋଗୁଁ ସାମ୍ପ୍ରଦାୟିକ ଉତ୍ତେଜନା ବ୍ୟାପିଛି । ବୁଧବାର ଉତ୍ୟକ୍ତ ଜନତା ସ୍କୁଲରେ ଭଙ୍ଗାରୁଜା କରିଥିଲେ । ସ୍କୁଲ ସମ୍ପତ୍ତି ନଷ୍ଟ କରାଯାଇଥିଲା, ବସ୍ ଉପରେ ମଧ୍ୟ ପଥର ମାଡ଼ କରାଯାଇଛି । ସୁରକ୍ଷା ଦୃଷ୍ଟିରୁ ସ୍କୁଲରେ ପୋଲିସ ଫୋର୍ସ ମୁତୟନ କରାଯାଇଛି । ମୃତ ଛାତ୍ରଙ୍କୁ ଆକ୍ରମଣ କରିଥିବା ନବମ ଶ୍ରେଣୀ ଛାତ୍ରକୁ ପୋଲିସ ଅଟକ ରଖିଛି । ପୋଲିସ ଜୁଭେନାଇଲ୍ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେଉଛି । ଅଭିଯୁକ୍ତ ଛାତ୍ର ବ୍ୟତୀତ ଅଭିଭାବକମାନେ ସ୍କୁଲର ପ୍ରଧାନଶିକ୍ଷକ ଏବଂ ପରିଚାଳନା ବିରୋଧରେ ଅଭିଯୋଗ ଦାୟର କରିବାକୁ ଦାବି କରିଛନ୍ତି ।

# ଦିଲ୍ଲୀରେ ଜଳ ସଙ୍କଟ

## ମାସିକ ଆୟର ୧୫% ପାଣି କିଣିବାରେ ଖର୍ଚ୍ଚ କରୁଛନ୍ତି




**ନୂଆଦିଲ୍ଲୀ,୧୯।୮:** ଗ୍ରୀନପିସ ଇଣ୍ଡିଆର ଏକ ସାମ୍ପ୍ରତିକ ରିପୋର୍ଟ ଅନୁଯାୟୀ, ଦିଲ୍ଲୀରେ ନିମ୍ନ ଆୟ ବର୍ଗର ପରିବାରମାନେ ଜଳ ସଙ୍କଟ ଓ ବେସରକାରୀ ଜଳ ଯୋଗାଣକାରୀଙ୍କ ଉପରେ ଅଧିକ ନିର୍ଭରଶୀଳ। 'ଓ୍ୱାଟର ଆକ୍ସେସ ଅଡିଟ: ଗ୍ୟାପ୍ସ, କଷ୍ଟସ ଆଣ୍ଡ ବିଓଣ୍ଡ' ଶୀର୍ଷକ ଏହି ଅଧ୍ୟୟନରେ ଦିଲ୍ଲୀର ୧୨ଟି ଅଞ୍ଚଳର ୫୦୦ ପରିବାର ଉପରେ ସର୍ଭେ କରାଯାଇଛି। ରିପୋର୍ଟ ଅନୁଯାୟୀ, ୩୪% ପରିବାର ଦୋକାନରୁ ପାନୀୟ ଜଳ କିଣୁଛନ୍ତି, ୨୯% ଜଳ ଟ୍ୟାଙ୍କର ଉପରେ ନିର୍ଭରଶୀଳ, ୨୧% ଜଳ ଏଟିଏମରୁ ପାଣି ସଂଗ୍ରହ କରୁଛନ୍ତି, ୧୪% ଭୂଗର୍ଭ ଟାଙ୍କି ଏବଂ ୨% ପଡ଼ୋଶୀଙ୍କଠାରୁ ପାଣି ଧାର କରୁଛନ୍ତି। ପ୍ରାୟ ୩୭% ପରିବାର ଦୈନିକ ୨୦-୨୫ ଲିଟର ପାଣି ଆବଶ୍ୟକ କରୁଥିବା କହିଥିବା ବେଳେ, ମାତ୍ର ୨୮% ପରିବାର ପର୍ଯ୍ୟାପ୍ତ ପାଣି ପାଉଛନ୍ତି। ମାସିକ ୬,୦୦୦ ରୁ ୧୦,୦୦୦ ଟଙ୍କା ରୋଜଗାର କରୁଥିବା ପରିବାରମାନେ ସେମାନଙ୍କ ଆୟର ୧୫% ପାଣି କିଣିବାରେ ଖର୍ଚ୍ଚ କରୁଛନ୍ତି। ୭୦% ପରିବାରର ମାସିକ ଖାଦ୍ୟ ବଜେଟ ପାଣିର ମୂଲ୍ୟବୃଦ୍ଧି ଯୋଗୁଁ ପ୍ରଭାବିତ ହେଉଛି। ଏହା ସେମାନଙ୍କର ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ଖର୍ଚ୍ଚକୁ କ୍ଷତିଗ୍ରସ୍ତ କରୁଛି। ୩୮% ଉତ୍ତରଦାତା କହିଛନ୍ତି ଯେ ପାଣି ସଂଗ୍ରହ ପାଇଁ ଲମ୍ବା ଲାଇନରେ ଛିଡ଼ା ହେବା ଯୋଗୁଁ ସେମାନେ କାମ ହରାଇଛନ୍ତି କିମ୍ବା ବିଳମ୍ବରେ ପହଞ୍ଚିଛନ୍ତି। ବିଶେଷତଃ ମହିଳା ଓ ଅସଂଗଠିତ କ୍ଷେତ୍ରରେ କାମ କରୁଥିବା ଶ୍ରମିକମାନେ ଜଳ ଅସୁରକ୍ଷା ଯୋଗୁଁ ଅଧିକ କ୍ଷତିଗ୍ରସ୍ତ।

୨୯% ପରିବାର ଜଳ ଟ୍ୟାଙ୍କର ଉପରେ ନିର୍ଭରଶୀଳ ଥିବା ବେଳେ, ଏହାର ଗୁଣବତ୍ତା ନିମ୍ନମାନର ହେଉଛି। ଅନେକ ଅଞ୍ଚଳରେ ଟ୍ୟାଙ୍କର ସପ୍ତାହରେ ଥରେ କିମ୍ବା ଦୁଇ ସପ୍ତାହରେ ଥରେ ଆସୁଛି, ଯାହା ଲୋକଙ୍କୁ ବେସରକାରୀ ଯୋଗାଣକାରୀଙ୍କ ଉପରେ ନିର୍ଭର କରିବାକୁ ବାଧ୍ୟ କରୁଛି। କେତେକ ପରିବାର ଟ୍ୟାଙ୍କର ନିୟମିତ ଆସିବା ପାଇଁ ଅର୍ଥ ପ୍ରଦାନ କରୁଥିବା ମଧ୍ୟ ରିପୋର୍ଟରେ ଉଲ୍ଲେଖ ରହିଛି। ଏପ୍ରିଲରେ ଦିଲ୍ଲୀ ସରକାର ୩,୦୦୦ ଜଳ ଏଟିଏମ ସ୍ଥାପନର ଘୋଷଣା କରିଥିଲେ ହେଁ, ଏପ୍ରିଲ-ଜୁନ ମଧ୍ୟରେ ମାତ୍ର ୨୦ଟି ଏଟିଏମ ସ୍ଥାପନ ହୋଇଛି। ଏହି ଏଟିଏମଗୁଡ଼ିକ ସବୁବେଳେ ୨୦ ଲିଟର ପାଣି ଯୋଗାଣ କରୁନାହିଁ ଏବଂ ସର୍ବଦା କାର୍ଯ୍ୟକ୍ଷମ ରହୁନାହିଁ।

ରିପୋର୍ଟରେ ୩,୦୦୦ ଜଳ ଏଟିଏମ ପରିବର୍ତ୍ତେ ୫,୦୦୦ ଏଟିଏମ ସ୍ଥାପନ, ଶ୍ରମଚୌକ, ନିର୍ମାଣ ସ୍ଥଳୀ, ଦୋକାନ, ସରକାରୀ କାର୍ଯ୍ୟାଳୟ ଓ ଶିଳ୍ପ ଅଞ୍ଚଳରେ ଏଟିଏମ ସ୍ଥାପନ, ସରକାରୀ ଜଳ ବିତରଣ ପଏଣ୍ଟର ମରାମତି, ଦିଲ୍ଲୀ ଜଳ ବୋର୍ଡ ଦ୍ୱାରା ନିୟମିତ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ଦୁର୍ନୀତି ରୋକିବା ଏବଂ ଅସଂଗଠିତ ବସ୍ତିରେ ଜଳ ଭିତ୍ତିଭୂମିରେ ବିନିଯୋଗ କରିବାକୁ ସୁପାରିଶ କରାଯାଇଛି।

# ଭେଙ୍କଟେଶ୍ୱରଙ୍କୁ ୧୪୦ କୋଟି ଟଙ୍କାର ସୁନା ଅର୍ପଣ କଲେ ଭକ୍ତ

**ହାଇଦ୍ରାବାଦ, ୨୦।୮:** ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରକୁ ୧୨୧ କିଲୋ ସୁନା ଅର୍ପଣ କରିଛନ୍ତି ଜଣେ ଶ୍ରଦ୍ଧାଳୁ । ଯାହାର ଦାମ୍ ୧୪୦ କୋଟି ବୋଲି ଜଣାପଡିଛି। ନିଜର ନାମ ଗୁପ୍ତ ରଖିଛନ୍ତି ଶ୍ରଦ୍ଧାଳୁ। ନିଜ ବ୍ୟବସାୟରେ ଉନ୍ନତି ହେବା ଯୋଗୁଁ ଭଗବାନଙ୍କୁ ଏହି ସୁନା ଅର୍ପଣ କରିଛନ୍ତି ଭକ୍ତ । ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ ଚନ୍ଦ୍ରବାବୁ ନାଇଡୁ ଏହା ଘୋଷଣା କରିଛନ୍ତି।

ଭଗବାନ ଭେଙ୍କଟେଶ୍ୱର ସ୍ୱାମୀଙ୍କ ଜଣେ ଗୁପ୍ତ ଅନୁଗାମୀ ତାଙ୍କ ବ୍ୟବସାୟିକ ସଫଳତା ପାଇଁ କୃତଜ୍ଞତା ସ୍ୱରୂପ ପ୍ରାୟ ୧୪୦ କୋଟି ଟଙ୍କା ମୂଲ୍ୟର ୧୨୧ କିଲୋଗ୍ରାମ ସୁନା ଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ନାମ



ଗୋପନ ରଖିବାକୁ ଅନୁରୋଧ କରିଛନ୍ତି ଏହି ଭକ୍ତ । ତାଙ୍କ କମ୍ପାନୀର ୬୦% ଷ୍ଟକ୍ ୧.୫ ବିଲିୟନ ଆମେରିକୀୟ ଡଲାର (ପ୍ରାୟ ୬,୦୦୦-୭,୦୦୦ କୋଟି ଟଙ୍କା) ରେ ବିକ୍ରି କରିଛନ୍ତି ଏବଂ ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ଆଶୀର୍ବାଦକୁ ନିଜର ସମ୍ପତ୍ତି ଶ୍ରେୟ ଦେଇ କୃତଜ୍ଞତା ସ୍ୱରୂପ ଭଗବାନଙ୍କୁ ଦାନ କରିବାକୁ ବାଛିଛନ୍ତି ।

ନାଇଡୁ କହିଛନ୍ତି ଯେ, ଭକ୍ତ ଜଣକ ଏକ କମ୍ପାନୀ ଆରମ୍ଭ କରିବାକୁ ଚାହୁଁଥିଲେ। ଭଗବାନ ଭେଙ୍କଟେଶ୍ୱର ସ୍ୱାମୀଙ୍କ କ୍ରୃପାରୁ ତାଙ୍କ କମ୍ପାନୀ ତିଆରି ହୋଇ ବଡ଼ ସଫଳତା ମଧ୍ୟ ହାସଲ କରିଛି। ତେଣୁ ନିଜ ଉନ୍ନତିର ଶ୍ରେୟ ଭଗବାନଙ୍କୁ ଦେଇଛନ୍ତି । ଆଉ ମନ୍ଦିରକୁ ୧୨୧ କିଲୋ ସୁନା ଅର୍ପଣ କରିଛନ୍ତି ।

ଭେଙ୍କଟେଶ୍ୱର ସ୍ୱାମୀ ମୂର୍ତ୍ତିକୁ ପ୍ରତିଦିନ ପ୍ରାୟ ୧୨୦ କିଲୋଗ୍ରାମ ସୁନା ଅଳଙ୍କାରରେ ସଜାଯାଇଥାଏ । ଯାହା ଭକ୍ତଙ୍କ ଜଣକ ଜାଣିବା ପରେ ୧୨୧ କିଲୋ ସୁନା ଅର୍ପଣ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମଙ୍ଗଳଗିରିରେ 'ଦାରିଦ୍ର୍ୟ ଦୂରୀକରଣ' କାର୍ଯ୍ୟକ୍ରମ ପି୪ କୁ ସମ୍ବୋଧିତ କରିବା ସମୟରେ ମୁଖ୍ୟମନ୍ତ୍ରୀ ଏହି ଖବର ସେୟାର କରିଛନ୍ତି ।

ଭଗାନ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିର ଆନ୍ଧ୍ରପ୍ରଦେଶର ତିରୁପତିରେ ରହିଛି । ଏହା ଦୁନିଆର ସବୁଠାରୁ ପ୍ରସିଦ୍ଧ ଏବଂ ଧନୀ ମନ୍ଦିର ମଧ୍ୟରେ ଅନ୍ତମ । ଏହି ମନ୍ଦିରରେ ଭଗବାନ ବିଷ୍ଣୁଙ୍କ ଅବତାର ଭେଙ୍କଟେଶ୍ୱରଙ୍କୁ ସମର୍ପିତ । ପ୍ରତିବର୍ଷ ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତ ଦର୍ଶନ କରିବାକୁ ଆସନ୍ତି । ମନ୍ଦିରର ଭବ୍ୟତା, ଆଧ୍ୟାତ୍ମିକ ମହତ୍ତ୍ୱ ଏବଂ ଦାନ ପରମ୍ପରା ପାଇଁ ବେଶ୍ ଜଣାଶୁଣା । ପ୍ରତିବର୍ଷେ ଏହି ମନ୍ଦିରକୁ ଭକ୍ତ କୋଟି କୋଟି ଟଙ୍କା ସୁନା ରୁପା ଅର୍ପଣ କରନ୍ତି ।

SANCHAR ସଂଚାର

# କୃଷି ବିଭାଗ ଅଧିକାରୀଙ୍କୁ କ୍ଷେତ୍ର ପରିଦର୍ଶନ ପାଇଁ ନିର୍ଦ୍ଦେଶ

## ସପ୍ତାହକ ମଧ୍ୟରେ ଦେବେ ସଂକ୍ଷିପ୍ତ ରିପୋର୍ଟ

ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ସରକାରଙ୍କ ଦ୍ୱାରା ପ୍ରଣୀତ ବିଭିନ୍ନ କୃଷି ଯୋଜନା ଓ କାର୍ଯ୍ୟକ୍ରମର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସୁନିଶ୍ଚିତ ତଥା ଲୋକାଭିମୁଖୀ କରିବା ପାଇଁ କୃଷି ବିଭାଗର ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରିବେ। ଏନେଇ ଆଜି କୃଷି ବିଭାଗ ପକ୍ଷରୁ ଏକ ସୂଚନା ଜାରି କରିଛନ୍ତି ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ। ତୃଣମୂଳ ସ୍ତରରେ ବାସ୍ତବିକ ପରିସ୍ଥିତି ଅନୁଧ୍ୟାନ କରିବା ସହ କୃଷକ ଓ କୃଷି କ୍ଷେତ୍ରରେ ଆଗଧାଡ଼ିରେ କାର୍ଯ୍ୟ କରୁଥିବା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିବ। ନିର୍ଦ୍ଦେଶ ଅନୁଯାୟୀ ନିର୍ଦ୍ଦେଶକ, ଅତିରିକ୍ତ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ, ଉପନିର୍ଦ୍ଦେଶକ ଓ ବିଭିନ୍ନ ଯୋଜନା ଅଧିକାରୀଙ୍କ ସମେତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀମାନେ ନିୟମିତ ଭାବେ ବିଭିନ୍ନ ଜିଲ୍ଲା ଓ ବ୍ଲକର କ୍ଷେତ୍ର ପରିଦର୍ଶନ କରି ବାସ୍ତବିକ ସ୍ଥିତି ଅନୁଧ୍ୟାନ କରିବେ। ଏହି ପରିଦର୍ଶନ ସମୟରେ ଅଧିକାରୀମାନେ ଯୋଜନା କାର୍ଯ୍ୟାନ୍ୱୟନର ସମୀକ୍ଷା କରି ଲୋକଙ୍କ ସମସ୍ୟା ଓ ଗସ୍ତର ଏକ ସଂକ୍ଷିପ୍ତ ରିପୋର୍ଟ ସପ୍ତାହକ ମଧ୍ୟରେ ବିଭାଗୀୟ ସଚିବଙ୍କ ନିକଟରେ ଦାଖଲ କରିବେ। ଏଥିସହ ଆକାଂକ୍ଷୀ ବ୍ଲକ ଓ ଅନୁନ୍ନତ ଅଞ୍ଚଳଗୁଡ଼ିକର ପରିଦର୍ଶନ ସୁନିଶ୍ଚିତ କରି ବିଭିନ୍ନ ଜିଲ୍ଲାର ମାସିକିଆ ଟୁର୍ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ମଧ୍ୟ ବିଭାଗୀୟ ପ୍ରମୁଖ ଶାସନ ସଚିବ ଡ. ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି।। ଲୋକଙ୍କ ସରକାରରେ ସାଧାରଣ ଚାଷୀ ଓ ଅଫିସରଙ୍କ ମଧ୍ୟରେ ସମନ୍ୱୟ ରଖି ସେମାନଙ୍କୁ ବିଭିନ୍ନ ସରକାରୀ ଯୋଜନାର ଲାଭ ପ୍ରଦାନ ସକାଶେ ଏହି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କୃଷି ବିଭାଗ ପକ୍ଷରୁ ନିଆଯାଇଛି।

## ନାବାଳିକା ଦୁଷ୍କର୍ମ ମାମଲାରେ ୧ ଗିରଫ

ଚମ୍ପୁଆ,୨୦।୮(ସଂଚାର ବ୍ୟୁରୋ): ଚମ୍ପୁଆ ଥାନା ଅନ୍ତର୍ଗତ ବଡ଼ନଈ ପାର୍କ ନିକଟରେ ଏକ ନାବାଳିକା ଦୁଷ୍କର୍ମ ମାମଲାରେ ଆଜି ଚମ୍ପୁଆ ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡ଼ିଛି। ମିଳିଥିବା ସୂଚନା ଅନୁସାରେ ଜଣେ ୨୨ ବର୍ଷର ଯୁବକ ଜଣେ ୧୭ ବର୍ଷ ର ନାବାଳିକା ସହିତ ବଡ଼ନଈ ପାର୍କରେ ବସିଥିବା ବେଳେ ସ୍ଥାନୀୟ କିଛି ଯୁବକ ଏମାନଙ୍କ କଥାବାର୍ତ୍ତା ଓ ହାବଭାବକୁ ଲକ୍ଷକରି ସେମାନଙ୍କୁ ସେହିଠାରେ ସିନ୍ଦୁର ଘଷି ବିବାହ କରିବାକୁ କହିଥିଲେ। ଯାହାକୁ ନେଇ ଚମ୍ପୁଆ ପୁଲିସର ହସ୍ତକ୍ଷେପ ପରେ ଏ ସମ୍ବନ୍ଧରେ ଏକ ମାମଲା ରୁଜୁ କରିଥିଲେ। ଚମ୍ପୁଆ ଥାନା କେଶ ନମ୍ବର ୨୪୭/୨୫ ଓ ପକଶୋ ଆଇନ ଭାରତୀୟ ନ୍ୟାୟ ସଂହିତା ୧୧ ବାଲ୍ୟ ବିବାହ ଆଇନଧାରା ୬୪(୨) ଏସରେ ପୋଲିସ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦେଇଥିବା ଚମ୍ପୁଆ ଥାନା ଆଇଆଇସି ରମାକାନ୍ତ ମୁଦୁଲି ସୂଚନା ଦେଇଛନ୍ତି।

## ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗରେ ସ୍ୱାଗତ ଉତ୍ସବ

ବାରିପଦା,୨୦।୮(ସଂଚାର ବ୍ୟୁରୋ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଏବର୍ଷର ନବାଗତ ପ୍ରଥମବର୍ଷ ଛାତ୍ରଛାତ୍ରୀମାନଙ୍କୁ ଦ୍ୱିତୀୟବର୍ଷର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି. ବିଭାଗର ସହକାରୀ ପ୍ରଫେସର ତଥା ସଂଯୋଜକ ଡକ୍ଟର ଶିଶିର ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସମାରୋହରେ ବିଭାଗୀୟ ସହକାରୀ ପ୍ରଫେସର ଡକ୍ଟର ବିଚିତ୍ରନାଥ ସାହୁ, ଅଧ୍ୟାପିକା ଡକ୍ଟର ବିନ୍ଧେଶ୍ୱରୀ କଳିଆ, ଅଧ୍ୟାପକ ରାଜକୁମାର ପାତ୍ର ଓ ହୃଷୀକେଶ ମହାନ୍ତ ନବାଗତ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିବା ସହିତ ବିଶ୍ୱବିଦ୍ୟାଳୟରେ ପାଠ୍ୟ ଦିଗରେ ଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଅଭିଭାଷଣ ରଖିଥିଲେ।

## ରାଜ୍ୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ବୈଠକ

# ୪୫୧୫ କୋଟି ନିବେଶକୁ ମଞ୍ଜୁରୀ

- ସୃଷ୍ଟି ହେବ ୮୨୦୦ ନିଯୁକ୍ତି
- ୮ ଜିଲ୍ଲାରେ କାର୍ଯ୍ୟକାରୀ ହେବ ୧୮ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ




ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ଆଗାମୀ ୨୦୩୬ ସୁଦ୍ଧା 'ସମୃଦ୍ଧ ଓଡ଼ିଶା' ଗଠନ ଲକ୍ଷ୍ୟ ରଖି ଓଡ଼ିଶା ଦ୍ରୁତ ଗତିରେ ଆଗକୁ ବଢୁଥିବା ବେଳେ ସରକାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ସମାବେଶୀ ଓ ସମତୁଲ ଆଞ୍ଚଳିକ ବିକାଶ ପ୍ରତି ଦୃଷ୍ଟି ଦେଇ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରୁଛନ୍ତି। ଏହି କ୍ରମରେ ଆଜି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟିର ୧୩୯ତମ ବୈଠକରେ ୪,୫୧୫ କୋଟିର ୧୮ଟି ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ସବୁ ଅନୁଗୋଳ, ଗଞ୍ଜାମ, ଯାଜପୁର, ଜଗତସିଂହପୁର, ଖୋର୍ଦ୍ଧା, ସୁନ୍ଦରଗଡ ଓ ଝାରସୁଗୁଡ଼ା ଆଦି ୮ଟି ଜିଲ୍ଲା ୮୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାର ସମ୍ଭାବନା ରହିଛି। ବିଭିନ୍ନ କ୍ଷେତ୍ରରେ ନିବେଶ ବ୍ୟାପକ କରି ସରକାର ରୋଜଗାର ସୃଷ୍ଟି ମାଧ୍ୟମରେ ଆର୍ଥିକ ବିକାଶ, ସ୍ଥାନୀୟ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହ ସମାନୁପାତିକ ଶିଳ୍ପର ବିକାଶ ସୁନିଶ୍ଚିତ କରୁଛନ୍ତି।

ସଦ୍ୟ ଅନୁମୋଦନ ଲାଭ କରିଥିବା ପ୍ରକଳ୍ପଗୁଡ଼ିକରେ ୨ଟି ଦିଗକୁ ଗୁରୁତ୍ୱ ଦେଇଛି। ପାରମ୍ପରିକ ଗ୍ରୋଥ ଇଞ୍ଜିନ୍ ଯଥା ଇସ୍ପାତ, ଭିତ୍ତିଭୂମି ଭଳି ପାରମ୍ପରିକ ବିକାଶ ଇଞ୍ଜିନ୍, ପର୍ଯ୍ୟଟନକୁ ଶକ୍ତିଶାଳୀ କରାଯିବା ସହ ସେଥିରେ ନୂତନ କ୍ଷେତ୍ର ଗ୍ରୀନ୍ ଏନର୍ଜି, ଇଲେକ୍ଟ୍ରିକ୍ ଭେହିକଲ୍, ଡାଟା ସେଣ୍ଟର ବାୟୋ ଫୁଏଲ୍ସ ଏବଂ ଫାର୍ମାସ୍ୟୁଟିକାଲ୍ସକୁ ଗୁରୁତ୍ୱ ଦିଆଯାଇଛି। ସମ୍ମିଶ୍ରିତ ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ଆଗାମୀ ବିକାଶରେ ଏକ ସ୍ଥାୟୀ, ଭବିଷ୍ୟତର ପ୍ରସ୍ତୁତ ଅର୍ଥନୀତି ଗଢ଼ିବା ସହ ସମତୁଲ ଉଦ୍ୟୋଗ ବିକାଶ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି। ପ୍ରମୁଖ କ୍ଷେତ୍ର ମଧ୍ୟରେ ସବୁଜ ଉର୍ଜା ଓ ସବୁଜ ହାଇଡ୍ରୋଜେନ୍ କ୍ଷେତ୍ରରେ ଆଇନକ୍ସ ସୋଲାର ଲିମିଟେଡ୍ ଢେଙ୍କାନାଳରେ ୨୮୩ କୋଟି ନିବେଶରେ ୫ ଜିଡବ୍ଲ୍ୟୁଏଚ୍ ବ୍ୟାଟେରୀ ଏନର୍ଜି ଷ୍ଟୋରେଜ୍ ସିଷ୍ଟମ୍ ଆସେମ୍ବଲିଂ ପ୍ଲାଣ୍ଟ ସ୍ଥାପନ କରିବ। ସେହିପରି ଜିନ୍ଦଲ ଷ୍ଟେନ୍‌ଲେସ୍ ଲିମିଟେଡ୍ ଯାଜପୁରରେ ୯୦ କୋଟିର ନିବେଶ ସହ ୧୫୦୦ ଏନ୍‌ଏମ୍‌କ୍ୟୁବ୍ ପ୍ରତି ଘଣ୍ଟାର ଗ୍ରୀନ୍ ହାଇଡ୍ରୋଜେନ୍ ପ୍ରସ୍ତୁତି ୟୁନିଟ୍ ପ୍ରତିଷ୍ଠା କରିବ, ଯାହା ୮୯ ନିଯୁକ୍ତି ସୃଷ୍ଟି କରିବ। ରାୟପୁରର ଏକ ସବୁଜ ଶକ୍ତି ସାମଗ୍ରୀ ପ୍ରସ୍ତୁତକାରୀ କମ୍ପାନୀ ଗଞ୍ଜାମରେ ୭୫୦ କୋଟିର ନିବେଶ ସହ ୨ ଗିଗାୱାଟ୍ ସୋଲାର ସେଲ୍ ଉତ୍ପାଦନ ୟୁନିଟ୍ ସ୍ଥାପନ କରିବ। ଏହାଦ୍ୱାରା ୫୧୫ ନିଯୁକ୍ତି ସୃଷ୍ଟି ହେବ। ବର୍ଜ୍ୟବସ୍ତୁ ପରିଚାଳନା କ୍ଷେତ୍ରରେ ଗ୍ରାଭିଟା ଇଣ୍ଡିଆ ଲିମିଟେଡ୍ ଅନୁଗୋଳରେ ଏକ ସମ୍ପୂର୍ଣ୍ଣ ପୁନର୍ବ୍ୟବହାର ୟୁନିଟ୍‌ରେ ୩୫୦ କୋଟି ନିବେଶ କରି ପରିଶୋଧିତ ଲିଡ୍,ମିଶ୍ରଧାତୁ, ପିପି ଗ୍ରାନୁଲ୍ ଉତ୍ପାଦନ କରିବ, ଯାହା ୨୭୦ ନିଯୁକ୍ତି ସୃଷ୍ଟି କରିବ। ବୈଠକରେ ରାଜ୍ୟର ନିଯୁକ୍ତି, ମୂଲ୍ୟଯୁକ୍ତ ଉତ୍ପାଦ, ଆଞ୍ଚଳିକ ସମତୁଲ ବିକାଶ ପ୍ରତି ଗୁରୁତ୍ୱ ଦିଆଯାଇଥିଲା।

## ଚିକିତ୍ସା ଅବହେଳାରୁ ଛାତ୍ର ମୃତ୍ୟୁ :୨ କୋର୍ଟ ଚାଲାଣ

ଚମ୍ପୁଆ,୨୦।୮(ସଂଚାର ବ୍ୟୁରୋ): ଚମ୍ପୁଆ ଉପଖଣ୍ଡ ମୁଖ୍ୟାଳୟଠାରେ ଓଡ଼ିଶା ଷ୍ଟେଟ ବ୍ରିଗେଡ଼ ସ୍କୁଲର ଚତୁର୍ଥ ଶ୍ରେଣୀ ଛାତ୍ର ରାଜ କୁମାର ମୁଣ୍ଡା (୧୧)ଙ୍କ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟଠାରେ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁସାରେ ରାଜକୁମାର ବିଦ୍ୟାଳୟର ଛାତ୍ରବାସ ରେ ରହି ଚତୁର୍ଥ ଶ୍ରେଣୀରେ ପାଠ ପଢୁଥିଲା। ତେବେ ଛାତ୍ର ଜଣକ ଆଜି ଅସୁସ୍ଥ ହେବାରୁ ୧୦ଘ.୪୩ ମିନିଟ ସମୟରେ ଦେହ ଦେଖାଇବାକୁ ଚମ୍ପୁଆ ଡାକ୍ତରଖାନାକୁ ଆଣିଥିଲେ। ଶିଶୁ ରୋଗ ବିଶେଷଜ୍ଞ ଡଃ ଦାସ ଆଡମିଶନ କରିବାକୁ କହିଥିଲେ। ମାତ୍ର ତାର ଅଭିଭାବକ ଆସି ନଥିବାରୁ ବିଦ୍ୟାଳୟରୁ ଆସିଥିବା ଶିକ୍ଷକ ପୁଣି ବିଦ୍ୟାଳୟକୁ ନେଇଯାଇଥିଲେ। କିନ୍ତୁ ଛାତ୍ର ର ଦେହ ପୁଣି ଗୁରୁତର ଅସୁସ୍ଥ ହେବାରୁ ୧୨ଘ.୩୦ ମିନିଟ ସମୟରେ ଡାକ୍ତରଖାନାରେ ଭର୍ତି କରିଥିଲେ। ପ୍ରାୟ ୨ଘ.୧୬ମିନିଟ ସମୟରେ ଛାତ୍ର ଜଣକର ମୃତ୍ୟୁ ଘଟିଥିଲା। ତେବେ ଛାତ୍ର ଜଣକର ପାଞ୍ଚ ଦିନ ପୂର୍ବରୁ ଦେହ ଅସୁସ୍ଥ ଥିବା କଥା ଜଣା ପଡ଼ିଥିଲା।

## ଦେଶି ଓ ବିଦେଶି ମଦ ଚାଲାଣ ବେଳେ ଚଢ଼ଉ, ୩ ଗିରଫ

ଜୟପୁର,୨୦।୮(ସଂଚାର ବ୍ୟୁରୋ): ଦେଶି ଓ ବିଦେଶି ମଦ ଚାଲାଣ ହେଉଥିବା ଖବର ପାଇ ଡିଏଫଏସ କୋରାପୁଟ, ଜୟପୁର ଅବକାରୀ ନିରିକ୍ଷକ ଓ ଅବକାରି ଥାନା ଓ ମିଳିତ ଚଢ଼ଉ କରି ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଅଭିଯକ୍ତ ମାନେ ହେଲେ ଧଡ଼ିଗୁଡ଼ା ଶ୍ୟାମ ସୁନ୍ଦର ବିଷୋୟୀ, କଟଲାଗୁଡ଼ା ତ୍ରିନାଥ ବାଗରିଆ, ଦିରିବିଗୁଡ଼ା ହରି ହରିଜନ। ସୂଚନା ଅନୁଯାଇ, ଦେଶି ଓ ବିଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ୩ଟି ସ୍ଥାନରେ ମିଳିତ ଚଢ଼ଉ କରିଛି। ଚଢ଼ଉ କରି ୪.୮ ବିଦେଶି ମଦ ଓ ୧୭ ଲିଟର ଦେଶି ମଦ ଜବତ କରିଛି। ଗିରଫ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଜୟପୁର ଅବକାରି ଥାନା ଓଆଇସି ସୁବ୍ରତ କେଶରି ହରିନ କହିଛନ୍ତି।

# ସଂଗ୍ରହ ହେବ ପୂଜାଫୁଲ, ତିଆରି ହେବ ଧୂପକାଠି

### ବିଏମ୍‌ସିର ଅଭିନବ ପ୍ରୟାସ




ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ): ପୂଜା ଫୁଲ ଲାଗିବ ଠାକୁରଙ୍କ ପୂଜାରେ। ଏଥିପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଆରମ୍ଭ ହୋଇଛି ପ୍ରୟାସ। ଭୁବନେଶ୍ୱରରେ ଅତ୍ୟନ୍ତ ଉତ୍ସାହର ସହିତ ପାଳନ କରାଯାଉଥିବା ଗଣେଶ ପୂଜା ଏକ ଗୁରୁତ୍ୱପୂର୍ଣ୍ଣ ପର୍ବ। ତେବେ ଉତ୍ସବରେ ଲାଗି ହେଉଥିବା ଫୁଲ ଓ ପୂଜାର୍ଚ୍ଚନ ବର୍ଜ୍ୟର ଅନୁପଯୁକ୍ତ ନିଷ୍କାସନ ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି କରିବା ସହ ଭକ୍ତଙ୍କ ଭାବାବେଗକୁ ଆଘାତ ପହଞ୍ଚାଉଛି। ଏହି ସାଂସ୍କୃତିକ ଚେତନାକୁ ସମ୍ମାନ ଦେବା ସହ ପରିବେଶର ସ୍ୱଚ୍ଛତା ବୃଦ୍ଧି ପାଇଁ ବିଏମ୍‌ସି ଫୁଲ ଓ ପୂଜା ବର୍ଜ୍ୟରେ ଉପଯୁକ୍ତ ସଂଗ୍ରହ ଏବଂ ପ୍ରକ୍ରିୟାକରଣ ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିଛି । ସଂଗୃହୀତ ପୁଷ୍ପ ବର୍ଜ୍ୟକୁ ଧୂପକାଠି ଭଳି ମୂଲ୍ୟବାନ ଉତ୍ପାଦରେ ପ୍ରକ୍ରିୟାକରଣ କରାଯିବ। ଅର୍ଥାତ୍ ଠାକୁରଙ୍କ ପାଖରୁ ଆସୁଥିବା ଏହି ସମସ୍ତ ପୂଜାଫୁଲ ପୁଣି ସେହି ଠାକୁରଙ୍କ ପାଖରେ ଲାଗି ହେବ। ଏହାଦ୍ୱାରା ଏକ ସ୍ୱଚ୍ଛ, ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି ହେବ ଏବଂ ବର୍ଜ୍ୟବସ୍ତୁର ଉପଯୁକ୍ତ ଉପଯୋଗ ସୁନିଶ୍ଚିତ ହେବ। କେବଳ ଫୁଲ ଏବଂ ପୂଜା ବର୍ଜ୍ୟ ସଂଗ୍ରହ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜୋନରେ ଏକ ନିର୍ଦ୍ଦିଷ୍ଟ ସ୍ୱେଚ୍ଛାସେବୀ ସଂଗଠନକୁ ଗୋଟିଏ ସ୍ୱତନ୍ତ୍ର ଯାନ ପ୍ରଦାନ କରାଯିବ। ସେଥିରେ ଅନ୍ୟ କୌଣସି ଆବର୍ଜନା ସଂଗ୍ରହ କରାଯିବନାହିଁ। ସଂଗୃହୀତ ବର୍ଜ୍ୟବସ୍ତୁ କେବଳ ପୂଜା ମଣ୍ଡପରୁ ସଂଗ୍ରହ କରାଯିବ ଏବଂ ପ୍ରକ୍ରିୟାକରଣ ପାଇଁ ପୋଖରୀପୁଟ ପ୍ଲାଣ୍ଟକୁ ପରିବହନ କରାଯିବ। ଏଥିପାଇଁ ଲୋକଙ୍କୁ ସଚେତନ କରାଯିବ। ସାନିଟାରୀ ଷ୍ଟାଫ୍ ଓ ଏନ୍‌ଜିଓ ପ୍ରତିନିଧିମାନେ ବ୍ୟାପକ ସୂଚନା, ଶିକ୍ଷା ଏବଂ ଯୋଗାଯୋଗ କାର୍ଯ୍ୟକ୍ରମ ପରିଚାଳନା କରିବେ। ସେମାନଙ୍କ ଉଦ୍ଦେଶ୍ୟ ହେଉଛି ପୂଜା କମିଟିର ସଦସ୍ୟମାନଙ୍କୁ ଏହି ସ୍ୱତନ୍ତ୍ର ସେବାର ଉପଯୋଗ କରିବା ପାଇଁ ସଚେତନ କରିବା ଓ ସେମାନଙ୍କ ଆବର୍ଜନାକୁ ନିର୍ବିଚାରରେ ଫିଙ୍ଗିବା ପରିବର୍ତ୍ତେ ନିର୍ଦ୍ଧାରିତ ସଂଗ୍ରହ ସ୍ଥାନରେ ସଠିକ୍ ଭାବେ ନଷ୍ଟ କରିବା। କର୍ପୋରେଟର ଓ ଅନ୍ୟ ଗୋଷ୍ଠୀର ସଦସ୍ୟମାନଙ୍କୁ ସ୍ଥାନୀୟ ବାସିନ୍ଦା/ପୂଜା ମଣ୍ଡପଗୁଡ଼ିକୁ ଏହି ସେବା ବିଷୟରେରେ ସୂଚନା ପ୍ରଦାନ କରିବା ଦିଗରେ ସାହାଯ୍ୟ କରିବାକୁ ନିବେଦନ କରାଯାଇଛି।

ପୂଜା କମିଟି ୧୯୨୯ରେ ସ୍ୱତନ୍ତ୍ର ହେଲ୍ପଲାଇନକୁ କଲ୍ କରି ଏହି ସେବାର ଲାଭ ଉଠାଇପାରିବେ। ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି ଗୋଷ୍ଠୀର ପରମ୍ପରା ଏବଂ ଭାବନାକୁ ସମ୍ମାନ ଜଣାଇ ଏକ ସ୍ୱଚ୍ଛ ଓ ପରିବେଶ ଅନୁକୂଳ ଗଣେଶ ପୂଜା ଉତ୍ସବ ପାଳନ କରିବା। ଏଥିପାଇଁ ସମସ୍ତ ପୂଜା କମିଟିର କାର୍ଯ୍ୟକର୍ତ୍ତା ଓ ସଦସ୍ୟସଦସ୍ୟା ସହଯୋଗ କରିବା ସହ ଜନସଚେତନତା ସୃଷ୍ଟି କରିବା ପାଇଁ ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି।

## ରାତିରେ ଛିନତାଇର ଶିକାର ହେଲେ ଦମ୍ପତି

ବାରିପଦା,୨୦।୮(ସଂଚାର ବ୍ୟୁରୋ): ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ବେଳେ ରାତିରେ ଦମ୍ପତିଙ୍କ ପାଖରୁ ଦୁର୍ବୃତ ମାନେ ଛିନତାଇ ଉଦ୍ୟମ କରିଛନ୍ତି। ବାଉରା ଗ୍ରାମର ମଇନା ଟୁଡୁ ଓ ତାଙ୍କ ସ୍ୱାମୀ ନବଘନ ଟୁଡୁ ବାରିପଦା ସହରକୁ ଆସୁଥିବା ବେଳେ ରଘୁନାଥପୁର ଅଞ୍ଚଳର ମଇଳା ଖାଦାନ ନିକଟରେ ଦୁର୍ବୃତ ମାନେ ଛିନତାଇ କରିଥିଲେ। ଗତ ରାତି ପ୍ରାୟ ୧୦ଟା ୩୦ ସମୟରେ ୩ ଜଣ ଯୁବକ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ତାଙ୍କ ପାଖରୁ ଛିନତାଇ ଉଦ୍ୟମ କରିଥିଲେ। ତେବେ ହଠାତ ଦୁର୍ବୃତ ମାନେ ମୋବାଇଲ ଫୋନ ଛଡାଇ ନେଇ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ଏନେଇ ଭଞ୍ଜପୁର ଥାନାରେ ଅଭିଯୋଗ କ୍ରମେ ତଦନ୍ତ ଜାରି ରହିଛି। ସହରରେ ଚୋରି ଓ ଛିନତାଇ ମାତ୍ରାଧିକ ଥିବାବେଳେ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ୍ ରହୁଛି।

## କାର୍ ଦୁର୍ଘଟଣାଗ୍ରସ୍ତ: ଜଣେ ମୃତ

ସୁବର୍ଣ୍ଣପୁର,୨୦।୮(ସଂଚାର ବ୍ୟୁରୋ): ଭାରସାମ୍ୟ ହରାଇ ଡିଭାଇଡର୍ ରେ ଧକ୍କା ଦେବା ପରେ ରାସ୍ତା ଉପରେ ଓଲଟି ପଡ଼ିଲା କାର୍। ଫଳରେ ଜଣକର ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗତକାଲି ରାତି ପ୍ରାୟ ୧୧ଟା ସମୟରେ ଜିଲ୍ଲାପାଳ ଅଫିସ୍ ରାସ୍ତାରେ କାର୍ ଟି ଭାରସାମ୍ୟ ହରାଇ ଡିଭାଇଡର୍ ରେ ପିଟି ହେବା ଦ୍ୱାରା ଏହି ଦୁର୍ଘଟଣା ଘଟିଛି। ଖବର ପାଇ ଟାଉନ୍ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ଶବ ଜବତ କରିବା ସହ ଏହାକୁ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ତେବେ କିପରି ଓ କେଉଁ ପରିସ୍ଥିତିରେ ଦୁର୍ଘଟଣା ଘଟିଲା ସେନେଇ ଅଧିକ ତଦନ୍ତ କରୁଛି ପୋଲିସ।

## ସୁନାଶଙ୍ଖ ବଦଳରେ ବାହାରିଲା ତମ୍ବା ଶଙ୍ଖ

ଜୟପୁର,୨୦।୮(ସଂଚାର ବ୍ୟୁରୋ): ସୁନା ଶଙ୍ଖ କହି ୧୦ ଲକ୍ଷଟଙ୍କା ଚୋରି କରିଥିବା ମାମଲାରେ ଆଜି ଟାଉନପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ ଧରିବା ପାଇଁ ନବରଙ୍ଗପୁର ଜିଲ୍ଲାକୁ ଯାଇଛି। ମିଳିଥିବା ସୂଚନା ଅନୁଯାୟୀ ନବରଙ୍ଗପୁର ଜିଲ୍ଲାର ଦୁଇଜଣ ଯୁବକ ଜୟପୁର ସହରର ଏକ ହୋଟେଲରେ ରହି ବ୍ୟବସାୟୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ୧୦ ଲକ୍ଷ ଟଙ୍କା ବିନିମୟରେ ସୁନା ଶଙ୍ଖ ବୋଲି ତମ୍ବା ଶଙ୍ଖ ଦେଇ ଚାଲିଯାଇଥିଲେ। ଶ୍ରୀ ମହାପାତ୍ର ନକଲି ଶଙ୍ଖ ବୋଲି ଜାଣିବା ପରେ ସେ ଟାଉନଥାନାରେ ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗକୁ ଭିତିକରି ଟାଉନ ପୁଲିସ ଏକ ମକଦ୍ଦମା ରୁଜୁ କରି ୭ କିଲୋ ଓଜନର ଶଙ୍ଖକୁ ଥାନାରେ ରଖି ସନ୍ଧାନ ଆରମ୍ଭ କରିଛନ୍ତି। ଠକ ମାନେ ନବରଙ୍ଗପୁର ଅଞ୍ଚଳର ବୋଲି ପୁଲିସ ଜାଣିବା ପରେ ନବରଙ୍ଗପୁରରେ ଯାଞ୍ଚ ଆରମ୍ଭ କରିଛି।

## ଜିଲ୍ଲା ଠିକାଦାର ସଙ୍ଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ

କେନ୍ଦୁଝର,୨୦।୮(ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଠିକାଦାର ସଂଘ ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା ବ୍ଲଡ୍ ବ୍ୟାଙ୍କ୍ ଠାରେ ପାଖାପାଖି ୩୫ ୟୁନିଟ ରକ୍ତ ଆଜି ସଂଗ୍ରହ କରାଯାଇଛି। ଏହି ରକ୍ତ ଦାନ ଶିବିରକୁ ପୂର୍ବ ବିବାଗର ମୁଖ୍ୟଯନ୍ତ୍ରୀ ସନ୍ତୋଷ କୁମାର ବେହେରା ଉଦଘାଟିତ କରିଥିଲେ ଏବଂ ରକ୍ତ ଦାନ କରି ରକ୍ତ ଦାତା ମାନଙ୍କୁ ଉତ୍ସାହିତ କରିଥିଲେ। ଏହି ଶିବିରରେ ସଂଘର ସଭପତି ପ୍ରଶାନ୍ତି କୁମାର ସାହୁ, ସମ୍ପାଦକ ତଥା ସମାଜସେବୀ ଅନୁପ କୁମାର ମହାନ୍ତି, ଈଶ୍ୱର ଚନ୍ଦ୍ର ବଡପଣ୍ଡା, ଅଜୟ କୁମାର ଦାସ, ଦେବାଶିଷ ମିଶ୍ର, ପ୍ରଫୁଲ୍ଲ କୁମାର ଲେଙ୍କା, ହଳଧର ନନ୍ଦ, ବିଶି କେସନ ରାଉତ, ଶୁଭେନ୍ଦୁ ମଲ୍ଲିକ, ବିକ୍ରମ କୁମାର ରାଉତଙ୍କ ସମେତ ବହୁ ଠିକାଦାର ରକ୍ତ ଦେବା ସହ ଉପସ୍ଥିତ ଥିଲେ। ଏହି ସମାଜସେବୀ କାର୍ଯ୍ୟ ବୁଦ୍ଧିଜୀବୀ ମହଲରେ ଉଚ୍ଚ ପ୍ରଶଂସିତ ହୋଇପାରିଛି।

## ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ

କେନ୍ଦୁଝର,୨୦।୮(ସଂଚାର ବ୍ୟୁରୋ): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ଼ ପରିସରରେ ଉଚ୍ଚ ମାଧମିକ ବିଦ୍ୟାଳୟ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରିଚାଳନା ସମିତିର ସମ୍ପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧକ୍ଷ ବିଜୟ କୁମାର ଦୀକ୍ଷିତ୍ ଅତିଥି ଭାବରେ ଯୋଗ ଦେଇ ଶିଶୁମାନଙ୍କୁ ବକ୍ତବ୍ୟ ଦେବା ଛଳରେ 'ମାଆ ପାଇଁ ଗଛଟିଏ' ଜରିଆରେ ସମସ୍ତ ଛାତ୍ରମାନେ ଗୋଟିଏ ଗୋଟିଏ ଗଛ ଲଗାଇ ବନମହୋତ୍ସବକୁ ସଫଳ କରିବାକୁ କହିଥିଲେ ଓ ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳନ ହୋଇପାରିବ ବୋଲି ମାର୍ଗଦର୍ଶନ କରିଥିଲେ। ମାଧମିକ ବିଦ୍ୟାଳୟର ଅଧକ୍ଷା ସନ୍ତୋଷୀ ନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିଙ୍କ ଓ ଶିକ୍ଷାର୍ଥୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଓ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ମାଧମିକ ବିଭାଗର ସୁପ୍ରଭ ବିଶ୍ୱାଳ, ଆକାଶ ରାଉତ, ରାଜେଶ ମହାନ୍ତ, ସରିତା ବେହେରା, ଅସ୍ମିତା ମହାନ୍ତ, ପ୍ରିୟଙ୍କା ପ୍ରଧାନ, ନାରାୟଣ ଚନ୍ଦ୍ର ସାମଲ, କେଶବ ଚନ୍ଦ୍ର ମହାନ୍ତ, ସଙ୍ଗୀତା ମହାପାତ୍ର ଓ ଦିଲ୍ଲୀପ ମହାନ୍ତ ପ୍ରମୁଖର ବୃକ୍ଷରୋପଣରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସବୁ ଜିଲ୍ଲାରେ...

କରିପାରିବେ। ତେଣୁ ସେମାନଙ୍କୁ ଏମଏସଏମଇ କ୍ଷେତ୍ରରେ ଉଦ୍ୟୋଗ ପ୍ରତିଷ୍ଠା କରିବା ପାଇଁ ସହାୟତା ଦେବାକୁ ମୁଖ୍ୟମନ୍ତ୍ରୀ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।ଓଡିଶାର ଏମ.ଏସ. ଏମ.ଇ କ୍ଷେତ୍ରର ଉତ୍ପାଦିତ ସାମଗ୍ରୀକୁ ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ସ୍କୁଲ, କଲେଜ ମାନଙ୍କରେ ବ୍ୟବହାର କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଆରୋପ କରିଥିଲେ। ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ସ୍କୁଲ କଲେଜର ଆସବାବପତ୍ର, ପୋଷାକ ଇତ୍ୟାଦିକୁ ଓଡିଶା ଏମଏସଏମଇମାନଙ୍କରୁ କିଣିବା ପାଇଁ ଆଲୋଚନା ହୋଇଥିଲା। ଏହାଫଳରେ ଏମଏସଏମଇ କ୍ଷେତ୍ରର ଏହି ଉଦ୍ୟୋଗଗୁଡିକୁ ଉପଯୁକ୍ତ ପ୍ରୋତ୍ସାହନ ମିଳିପାରିବ। ଏମଏସଏମଇ କ୍ଷେତ୍ରରେ ଅଧିକ ରପ୍ତାନୀ ଓ ଆମଦାନୀ ସୁବିଧା ପାଇଁ ଉଭୟ ସମୁଦ୍ରପଥ ଓ ଆକାଶପଥରେ କାର୍ଗୋ ସୁବିଧା ବୃଦ୍ଧି କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ। ଏମଏସଏମଇ କ୍ଷେତ୍ରକୁ ବ୍ୟାଙ୍କ ପକ୍ଷରୁ ଯେପରି ଅଧିକ ଋଣ ମିଳିବ ଓ ସେଥିପାଇଁ ପ୍ରକ୍ରିୟା ଯେପରି ସରଳ ଓ ସୁବିଧାଜନକ ହେବ, ସେଥିପ୍ରତି ବିଭାଗ ଦୃଷ୍ଟି ଦେବାକୁ ଓ ଏ ସମ୍ପର୍କରେ ନିରନ୍ତର ସମୀକ୍ଷା କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପିଏମ୍ ବିଶ୍ୱକର୍ମା ଯୋଜନାରେ ଅଧିକ ହିତାଧିକାରୀଙ୍କୁ ଅନ୍ତର୍ଭୁକ୍ତ କରିବା, କ୍ଲଷ୍ଟର ବେସ୍‌ଡ ପ୍ରୋଜେକ୍ଟଗୁଡ଼ିକୁ ଅଧିକ ପ୍ରୋତ୍ସାହନ ଦେବା ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା।

ସୂଚନାଯୋଗ୍ୟ ଯେ କେନ୍ଦ୍ର ସରକାରଙ୍କ ଉଦ୍ୟମ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଏମଏସଏମଇ ରାଜ୍ୟରେ କାର୍ଯ୍ୟକ୍ଷମ ଅଛନ୍ତି ଏବଂ ଏହା ମାଧ୍ୟମରେ ୮୭ ଲକ୍ଷରୁ ଅଧିକ ଲୋକଙ୍କୁ ନିଯୁକ୍ତି ମିଳିଛି। ବୈଠକରେ ଏମ୍‌ଏସ୍‌ଏମ୍‌ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଏମଏସଏମଇ ବିଭାଗର କମିଶନର ତଥା ଶାସନ ସଚିବ ଡି. ପ୍ରଶାନ୍ତ କୁମାର ରେଡ୍ଡୀ ଓ ନିର୍ଦ୍ଦେଶକ ଆବୋଲି ସୁନିଲ ନରୱାନେ ଉପସ୍ଥିତ ଥିଲେ।

### ନବୀନଙ୍କ...

ହେବ ବୋଲି କହିଛନ୍ତି। ମୋଦି କଥା ହେବାର କିଛି ଘଣ୍ଟା ପରେ ଏଆଇସିସି ସଭାପତି ମଲ୍ଲିକାର୍ଜୁନ ଖଡଗେ ମଧ୍ୟ ନବୀନଙ୍କ ସହ ଟେଲିଫୋନରେ କଥା ହୋଇ ତାଙ୍କ ପଚାରି ବୁଝିବା ସହ ତାଙ୍କର ଦ୍ରୁତ ଆରୋଗ୍ୟ କାମନା କରିଥିଲେ। ଆନ୍ଧ୍ର ଓ ଛତିଶଗଡର ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ମଧ୍ୟ ନବୀନଙ୍କ ସହ କଥା ହୋଇଥିଲେ ଏବଂ ତାଙ୍କ ସ୍ୱାସ୍ଥ୍ୟ ସମ୍ପର୍କରେ ପଚାରି ବୁଝିଥିଲେ।

ଏଥିସହିତ ପିସିସି ସଭାପତି ଭକ୍ତ ଦାସ, ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଧନ୍ୟବାଦ ଜଣାଇଛନ୍ତି ନବୀନ। ତାଙ୍କ ଅସୁସ୍ଥତା ଖବର ପାଇ ସ୍ୱାସ୍ଥ୍ୟ ଅବସ୍ଥା ବୁଝିବା ପାଇଁ ହସ୍ପିଟାଲକୁ ଆସିଥିବାରୁ ପିସିସି ସଭାପତି, ପୂର୍ତ୍ତ ଓ ଆଇନ ମନ୍ତ୍ରୀ ଓ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀଙ୍କୁ ଆଜି ସନ୍ଧ୍ୟାରେ ନବୀନ ଫୋନ୍ କରି ଧନ୍ୟବାଦ ଜଣାଇଛନ୍ତି। ନବୀନ ଅସୁସ୍ଥ ହେବା ପରେ ବିଜେଡିର ବହୁ ନେତା ସମ ଅଲଟିମେଟରେ ପହଞ୍ଚି ତାଙ୍କ ସ୍ୱାସ୍ଥ କଥା ପଚାରି ବୁଝିବା ସହ ଶ୍ରୀ ଲିଙ୍ଗରାଜ ମନ୍ଦିରରେ ତାଙ୍କ ଆଶୁ ଆରୋଗ୍ୟ କାମନା କରି ଦଳ ତରଫରୁ ଦୀପଦାନ କରାଯାଇଥିଲା।

### ମାସେ...

ବିଧେୟକ, ଜମ୍ମୁ-କାଶ୍ମୀର ପୁନର୍ଗଠନ ଓ କେନ୍ଦ୍ରଶାସିତ ପ୍ରଶାସନ ବିଧେୟକ ସମେତ ୩ଟି ବିଧେୟକ ଶ୍ରୀ ଶାହ ଆଗତ କରିବା କ୍ଷଣି ଏହାକୁ ତୃଣମୂଳ କଂଗ୍ରେସର ସାଂସଦମାନେ ବିରୋଧ କରିଥିଲେ। ଏପରିକି ଶ୍ରୀ ଶାହଙ୍କ ସମ୍ମୁଖରେ ବସିଥିବା ଟିଏମ୍‌ସି ସାଂସଦ ବିଧେୟକ କପି ଚିରି ଫିଙ୍ଗିଦେଇଥିଲେ। ଏହି ସମୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଶ୍ରୀ ଶାହଙ୍କୁ ସୁରକ୍ଷା ଦେବା ସକାଶେ ଆଗେଇ ଆସିଥିଲେ କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ ଓ ରବନୀତ୍ ସିଂହ ବିଟ୍ଟୁ। ଅନ୍ୟପକ୍ଷରେ ଟିଏମ୍‌ସି ସାଂସଦ ସେମାନଙ୍କ ବିରୋଧରେ ମହିଳା ସାଂସଦଙ୍କୁ ଠେଲାପେଲା କରିଥିବା ଅଭିଯୋଗ ଆଣିଥିଲେ। ସେହିପରି ଅନ୍ୟ ବିରୋଧୀ ସାଂସଦମାନେ ଏପରି ବିଧେୟକକୁ ଅଣସାମ୍ବିଧାନିକ ଓ ସଂଘୀୟ ବ୍ୟବସ୍ଥା ବିରୋଧୀ ବୋଲି ଅଭିଯୋଗ କରିଥିଲେ। ସେହିପରି ୨୦୧୦ରେ ଶ୍ରୀ ଶାହ ଗୁଜରାଟରେ ମନ୍ତ୍ରୀ ଥିବା ସମୟର ଘଟଣାକୁ ନେଇ କଂଗ୍ରେସ ସାଂସଦ କେସି ବେନୁଗୋପାଲ ଓ ଶ୍ରୀ ଶାହଙ୍କ ମଧ୍ୟରେ ବେଶ୍ ଯୁକ୍ତିତର୍କ ହୋଇଥିଲା।

ସମ୍ପୃକ୍ତ ତିନି ବିଧେୟକ ଦେଶର ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ରାଜ୍ୟ କିମ୍ବା କେନ୍ଦ୍ରଶାସିତ ଅଞ୍ଚଳର ମନ୍ତ୍ରୀ ଯଦି କ୍ରମାଗତ ୩୦ ଦିନ ଜେଲରେ ରହିବେ, ତା'ହେଲେ ୩୧ତମ ଦିନରେ ସେ ତାଙ୍କ ପଦ ହରାଇବାର ବ୍ୟବସ୍ଥା ରହିଛି। ଉପରୋକ୍ତ ଜନପ୍ରତିନିଧିମାନେ ଯେଉଁ ଅପରାଧିକ ମାମଲାରେ ଜଡିତ ଥିବେ ଏବଂ ସେହି ଅପରାଧରେ ଦଣ୍ଡ ବିଧାନ ୫ ବର୍ଷ ବା ତା'ଠାରୁ ଅଧିକ ସମୟ ଜେଲଦଣ୍ଡ ଥିବ, ତେବେ ଉକ୍ତ ମାମଲାରେ ରାଜନେତାମାନେ ନିଜ ପଦବୀ ହରାଇବେ। ତେବେ ବିଧେୟକଗୁଡ଼ିକୁ ବିରୋଧୀ ଦଳର ସାଂସଦମାନେ ବିରୋଧ କରିବାରୁ ଏହାକୁ ନେଇ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଫଳରେ ଗୃହକୁ ଅପରାହ୍ନ ୩ଟା ଯାଏଁ ମୁଲତବୀ ଘୋଷଣା କରାଯାଇଥିଲା।

ଅନ୍ୟପକ୍ଷରେ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ୍ ଗାନ୍ଧି ଏହି ବିଧେୟକ ପାରିତ ହେବା ଦ୍ୱାରା ଦେଶ ମାନ୍ଧାତା ଅମଳରୁ ଫେରିଯିବ ବୋଲି କହିଛନ୍ତି। ରାଜରାଜୁଡ଼ା ଅମଳରେ ଯେପରି ରାଜାମାନେ ନିଜ ଇଚ୍ଛାନୁସାରେ ଅନ୍ୟ କାହାକୁ ପଦଚ୍ୟୁତ କରୁଥିଲେ, ଆଜି ପାରିତ ହୋଇଥିବା ୩ ବିଧେୟକ ମାଧ୍ୟମରେ କାହାକୁ ବି ଉଦ୍ଦେଶ୍ୟମୂଳକ ଭାବେ ବିଦା କରିହେବ ବୋଲି ରାହୁଲ୍ କହିଛନ୍ତି। ସେ କହିଛନ୍ତି ଯେ ଏହି ବିଧେୟକଗୁଡ଼ିକର ସୁପାରିସ୍‌କୁ କାର୍ଯ୍ୟକାରୀ କରିବା ସକାଶେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ହାତବାରେସୀ କରି କାହା ବିରୋଧରେ ମାମଲା ରୁଜୁ କରିବା ସହ ୩୦ ଦିନ ଲଗାତାର ଜେଲ୍‌ରେ ରଖି ସମ୍ପୃକ୍ତ ଜନପ୍ରତିନିଧିଙ୍କୁ ସହଜରେ ବିଦା କରିଦିଆଯାଇପାରିବ ବୋଲି ରାହୁଲ୍ କହିଛନ୍ତି। କିନ୍ତୁ ଶାସକ ଦଳର ସାଂସଦମାନେ ଏହି ବିଧେୟକ ମାଧ୍ୟମରେ ରାଜନୀତିକୁ ନୈତିକତା ପ୍ରତ୍ୟାବର୍ତ୍ତନ କରିପାରିବ ବୋଲି ମତ ଦେଇଛନ୍ତି।

### ଟ୍ରାଫିକ ...

କଲ୍ୟାଣକୁ ପ୍ରାଥମିକତା ଦିଆଯାଇଛି। ସୁପ୍ରିମକୋର୍ଟଙ୍କ ଖଣ୍ଡପୀଠ କହିଛନ୍ତି ଯେ ନାଗରିକ ସେହି ରାସ୍ତାରେ ଯିବାଆସିବା କରିବା ଉଚିତ, ଯେଉଁଠି ଭଲ ରାସ୍ତା ପାଇଁ ସେମାନେ ପୂର୍ବରୁ ଟ୍ୟାକ୍ସ ଦେଇସାରିଛନ୍ତି ଓ ସେ ଖାଲ-ଢିପ ରାସ୍ତା ଦେଇ ଯିବାଆସିବା ପାଇଁ ଆଉ ଟ୍ୟାକ୍ସ ପଇଠ କରିବାକୁ ପଡିବନି। ଆଲୋଚ୍ୟ ମାମଲାରେ ହାଇକୋର୍ଟଙ୍କ ଯୁକ୍ତି ସହ ଖଣ୍ଡପୀଠ ଆଦୌ ସହମତ ହୋଇପାରିବେ ନାହିଁ। ଉପଭୋକ୍ତାମାନେ ଟ୍ୟାକ୍ସ ଦେବାର ଅର୍ଥ ସେମାନେ ଭଲ ରାସ୍ତା ଦେଇ ଯିବା ଆସିବା କରିବା ପାଇଁ ହକ୍‌ଦାର ବୋଲି ଖଣ୍ଡପୀଠ ତାଙ୍କ ରାୟରେ କହିଛନ୍ତି।

ସୂଚନାଯୋଗ୍ୟ, କେରଳ ହାଇକୋର୍ଟ ୪ ସପ୍ତାହ ପାଇଁ ଟୋଲ୍ ଆଦାୟକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ଏନେଇ କୋର୍ଟ କହିଥିଲେ ଯେ ଏଡାପଲ୍ଲୀ-ମନୁଥି ରାସ୍ତାର ସଠିକ୍ ରକ୍ଷଣାବେକ୍ଷଣ କରାଯାଇନାହିଁ ଏବଂ ନିର୍ମାଣ କାର୍ଯ୍ୟରେ ବିଳମ୍ବ ଯୋଗୁଁ ଏଥିରେ ପ୍ରବଳ ଟ୍ରାଫିକ୍ ଜାମ୍ ହେଉଛି। ଯେତେବେଳେ ରାସ୍ତାର ଖରାପ ରକ୍ଷଣାବେକ୍ଷଣ ଓ ତଜ୍ଜନିତ ଟ୍ରାଫିକ୍ ଜାମ୍ ଯୋଗୁଁ ରାଜପଥରେ ପ୍ରବେଶ ବାଧାପ୍ରାପ୍ତ ହୁଏ, ସେତେବେଳେ ଜନସାଧାରଣଙ୍କଠାରୁ ଟୋଲ୍ ଫି' ଆଦାୟ କରାଯାଇପାରିବ ନାହିଁ। କେରଳ ହାଇକୋର୍ଟଙ୍କ ଏହି ଆଦେଶ ବିରୁଦ୍ଧରେ ସୁପ୍ରିମକୋର୍ଟରେ ଏକ ମାମଲା ଦାୟର କରାଯାଇଥିଲା ।

### କେଉଁଠି ...

ଦେଇଥିବା ଏହି କୁଜି ନେତାକୁ ଦଳ ଓ ପୁଲିସ କାହିଁକି ସୁରକ୍ଷା ଦେଉଛି ତାହା ବୁଝାପଡୁନି। ଯଦି ଦରକାର ପଡେ ତୋ ଲାଶ୍‌ଟା ମୁଁ ଘରକୁ ପଠେଇଦେବି ବୋଲି ମୁକ୍ତିକାନ୍ତ ଧମକ ଦେଇଥିବା ଅଭିଯୋଗ ହୋଇଛି। ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ସୁବୋଧ କାନୁନଗୋ ନ୍ୟାୟ ଅପେକ୍ଷାରେ ଥିବା ବେଳେ ପୁଲିସ କାହା ଇଙ୍ଗିତକୁ ଅପେକ୍ଷା କରିଛି, ତାହା ଏବେ ସନ୍ଦେହରେ। ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭକୁ ପ୍ରତିନିଧିତ୍ୱ କରୁଥିବା ଜଣେ ବରିଷ୍ଠ ସାମ୍ବାଦିକଙ୍କୁ ମାରିଦେବାକୁ ଧମକ ଦିଆଯାଉଛି, ଅଥଚ ପୁଲିସ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠୁଛି।

ଯଦି କୌଣସି ସମ୍ପୃକ୍ତି ନଥାଇ ବିଧାୟକ ପ୍ରାର୍ଥୀ ଜଗନ୍ନାଥ ପ୍ରଧାନଙ୍କୁ ପୋଲିସ ଗିରଫ କରୁଛି, ତେବେ ଟେଲିଫୋନରେ ଜୀବନରେ ମାରିଦେବାକୁ ଧମକ ଦେଉଥିବା ଆତ୍ମଘୋଷିତ ନେତାକୁ ପୁଲିସ କାହିଁକି ଗିରଫ କରୁନାହିଁ, କିଏ ତାଙ୍କର ସୁରକ୍ଷା କବଚ ସାଜିଛି ବୋଲି ସୁବୋଧ ପ୍ରଶ୍ନ କରିଛନ୍ତି। ମୁକ୍ତିକାନ୍ତଙ୍କୁ କିଏ ସୁରକ୍ଷା ଦେଉଛି ନା ସେ ଗିରଫ ଭୟରେ ଲୁଚିଯାଇଛନ୍ତି ତାହା ବି ସନ୍ଦେହରେ।

### ଆତ୍ମସମର୍ପଣ...

ଏଥିସହ ଛତିଶଗଡ଼ ସରକାରଙ୍କ ନୂଆ ଆତ୍ମସମର୍ପଣ ନୀତି ଅନୁସାରେ ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯିବ ବୋଲି କୋଣ୍ଡାଗାଁ ଏସପି ଅକ୍ଷୟ କୁମାର ଓ ସିଆରପିଏଫ୍ କମାଣ୍ଡାଣ୍ଟ ଭବେଶ ଚୌଧୁରୀ କହିଛନ୍ତି।

### ସର୍ବଭାରତୀୟ...

କଲେଜରେ ଏମ୍‌ବିବିଏସ୍ ସାରି ହାଉସସର୍ଜନ ଭାବେ କାର୍ଯ୍ୟରତ ଥିଲେ। ରୋଗୀ ସେବା କରିବା ସହ ସେ ନିଟ ପିଜି ପାଇଁ ପ୍ରସ୍ତୁତି କରୁଥିଲେ। ଶେଷରେ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ଓ କଠିନ ପରିଶ୍ରମ ପ୍ରତିବଦଳରେ ତାଙ୍କୁ ମିଳିଛି ସର୍ବଶ୍ରେଷ୍ଠ ସଫଳତା। ସୂଚନାଯୋଗ୍ୟ ଯେ ନିଟ୍ ପିଜି ଗତ ୩ ତାରିଖରେ ହୋଇଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଏହି ପରୀକ୍ଷା ଗୋଟିଏ ଥରରେ ଆୟୋଜିତ ହୋଇଥିଲା।

### ବିଜେଡିକୁ...

ଦଳୀୟ କର୍ମୀମାନେ କହୁଛନ୍ତି । ଏମାନେ ଦଳରେ ଓ ସରକାରରେ ଥିବାବେଳେ ସମସ୍ତ ପ୍ରକାର ସୁବିଧା ହାତେଇଛନ୍ତି । ନବୀନ ଓ ପାଣ୍ଡିଆନଙ୍କ ଚାରିପଟେ ବୁଲି ବୁଲି ନିଜ ପାଇଁ ଯାହାସବୁ କରିବାକଥା ତାହା କରିଛନ୍ତି । ହେଲେ ଲୋକଙ୍କ ଠାରୁ ଦୂରେଇଯିବା ଫଳରେ ଅନେକ ସୁବିଧାବାଦୀ ଗତ ନିର୍ବାଚନରେ ଚିତ୍‌ପଟାଙ୍ଗ ମାରିଛନ୍ତି । ସେବେଠାରୁ ଏହି ସୁବିଧାବାଦୀମାନେ ନିଜ ଅପରାଗତାକୁ ଲୁଚାଇବାପାଇଁ ବିଜେଡିରେ ବିଭାଜନ ପାଇଁ ଲାଗିଛନ୍ତି ।

ପ୍ରଥମେ ଏମାନେ ପାଣ୍ଡିଆନଙ୍କୁ ବଦନାମ ପାଇଁ ଜୋରଦାର ଉଦ୍ୟମ ଚଳାଇଥିଲେ । ହେଲେ ନବୀନଙ୍କ ନାଲିଆଖି ଦେଖିବାପରେ ତୁନି ପଡିଥିଲେ ।

ଯେହେତୁ ଏବେ ନବୀନ ଚିକିତ୍ସାଧିନ ତେଣୁ ମଉକା ଦେଖି ପୁଣିଥରେ ପାଣ୍ଡିଆନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କରିଦେଇଛନ୍ତି । ନିଇତି ନୂଆ ନୂଆ ଖବର ସହିତ ପାଣ୍ଡିଆନଙ୍କ ନାଁ ଯୋଡି ବାହାରକୁ ଅତି ଚତୁରତାର ସହ ଛାଡୁଛନ୍ତି । ଖବର ପ୍ରଘଟ ପରେ ପରଦା ପଛରେ ରହି ମଜା ଦେଖୁଛନ୍ତି । ଏହା କେତେ ମାତ୍ରା ଭାଇରାଲ ହୋଇପାରିବ ସେ ଦିଗରେ ବି ବୁଦ୍ଧି ଓ ବଳ ଖଟାଉଛନ୍ତି। ହେଲେ ଦଳକୁ କ୍ଷତି କରୁଥିବା ଏଭଳି ଖବରକୁ ଖଣ୍ଡନ କରିବାକୁ ଜଣେ ହେଲେ କେହି ଆଗେଇ ଆସୁ ନାହାନ୍ତି ।

ଦଳ ଓ ସରକାରରେ ପଦ ପଦବୀରେ ରହି ସବୁ ପ୍ରକାର ଫାଇଦା ନେଇଥିବା ଏହି ବିଜେଡିର ସୁବିଧାବାଦୀମାନେ ନବୀନଙ୍କ ସ୍ୱାସ୍ଥ୍ୟକୁ ନେଇ ସେଭଳି ଚିନ୍ତିତ ଥିବା କେହି ଦେଖିବାକୁ ପାଉ ନାହାନ୍ତି। ଡାକ୍ତରଖାନା ପରିସରରେ ମେଳି ହୋଇ ଫଟୋ ଉଠାଇ ତାହାକୁ ସୋସିଆଲ ମିଡିଆରେ ଛାଡିବାରେ ଏମାନଙ୍କ ସମବେଦନା ସୀମିତ । ହେଲେ ନବୀନ ପାଖେ ପାଖେ ରହି ତାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେଉଥିବା ପାଣ୍ଡିଆନଙ୍କୁ କିନ୍ତୁ ଏମାନେ ବଦନାମ କରିବାରେ ଲାଗିଛନ୍ତି । ଏଭଳି ଉଦ୍ୟମ ଦ୍ୱାରା ଏହି ସୁବିଧାବାଦୀମାନେ ଉଭୟ ଦଳ ଓ ନବୀନଙ୍କର କ୍ଷତିକରି ଚାଲିଛନ୍ତି । ଅନେକ ସୁବିଧାବାଦୀ ଏଭଳି ଆଚରଣ କରୁଛନ୍ତି ଯାହା ବିଜେଡି ବିରୋଧିମାନେ କରିବାକୁ ପଛାଇବେ ବୋଲି ଏବେ ବିଜେଡିରେ ଆଲୋଚନା ଜୋର ଧରିଛି ।

### କୁଆଡ଼େ...

ଦେଇଥିବା ବେଳେ ଦଳର ଅନ୍ୟ ନେତାନେତ୍ରୀ ବିଶେଷକରି କଥା କଥାକେ ମୁହଁରେ ପାଉଡର ମାଖିହୋଇ ସୋସିଆଲ ମିଡିଆରେ ହାଜର ହେଉଥିବା ନେତ୍ରୀଙ୍କର କିନ୍ତୁ ଦେଖାଦର୍ଶନ ନାହିଁ। ଯଦି ନବୀନଙ୍କ ବେଳକୁ ଏହି କଥାକୁହା ନେତ୍ରୀ ବାହାରୁନାହାନ୍ତି, ତେବେ କାହା ବେଳକୁ ସୋସିଆଲ ମିଡିଆରେ ମୁହଁ ଦେଖାଇବେ ବୋଲି ଏବେ ଦଳୀୟ ମହଲରେ ଚର୍ଚ୍ଚା ଚାଲିଛି।

# ଖୋର୍ଦ୍ଧା ପୌରାଞ୍ଚଳରେ ଉତ୍କଟ ରୂପ ଧାରଣ କରିଛି ଡ୍ରେନେଜ ସମସ୍ୟା



**ଖୋର୍ଦ୍ଧା,୨୦।୮ (ସଂଚାର ବ୍ୟୁରୋ):** ପୌରାଞ୍ଚଳ ମଧ୍ୟରେ ଜଳ ନିଷ୍କାସନ ନିମନ୍ତେ ନିର୍ମାଣ କରାଯାଇଥିବା ଡ୍ରେନେଜ ଗୁଡିକ ନିୟମିତ ଭାବରେ ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ସଫା କରା ଯାଉନଥିବାରୁ ଅଳିଆ, ଆବର୍ଜନା ଗୁଡିକ ଦ୍ୱାରା ପୋତି ହୋଇପଡ଼ିଛି। ଫଳରେ ବର୍ଷା ଜଳ ନିଷ୍କାସନ ହୋଇନପାରି ରାସ୍ତାରେ ପ୍ରବାହିତ ହେବା ଦ୍ୱାରା ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଛି। ଏପରିକି ଖୋର୍ଦ୍ଧା ପୌର ପରିଷଦ ପକ୍ଷରୁ ନିର୍ମାଣ କରାଯାଇଥିବା ଡ୍ରେନେଜ ଗୁଡିକ କଥା ନକହିଲେ ଭଲ। ସହର ମଧ୍ୟରେ ଥିବା ଅଧିକାଂଶ ଡ୍ରେନେଜ ଗୁଡିକ ଅସମ୍ପୂର୍ଣ ହୋଇ ପଡ଼ି ରହିଥିବା ବେଳେ ଜଳ ନିଷ୍କାସନରେ ସମସ୍ୟା ଉପୁଜିଛି। ପଲ୍ଲା ହନୁମାନ ମନ୍ଦିର ଆଡୁ ଆସିଥିବା ଡ୍ରେନେଜ ଟିକୁ ଅସମ୍ପୂର୍ଣ ଭାବରେ କଣ୍ଟା ଛକ ଠାରେ ଛାଡି ଦିଆଯାଇଛି, ଫଳରେ ବର୍ଷା ଜଳ ସେହିବାଟ ଦେଇ ଲୋକେଶ୍ୱର ମନ୍ଦିର ସମ୍ମୁଖ ରାସ୍ତାରେ ପ୍ରବାହିତ ହେବା ଦ୍ୱାରା ଏକ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଲୋକଙ୍କ ଧର୍ମୀୟ ଭାବନା ପ୍ରତି କୁଠାରଘାତ କରୁଛି। ଏ ସମ୍ପର୍କରେ ସ୍ଥାନୀୟ ଜନ ସାଧାରଣ ଖୋର୍ଦ୍ଧା ପୌରପରିଷଦ ଉଚ୍ଚ କର୍ତ୍ତୃପକ୍ଷଙ୍କ ବହୁବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ତାର କୌଣସି ସୁଫଳ ମିଳିପାରି ନାହିଁ। ଏ ସମ୍ପର୍କରେ ଖୋର୍ଦ୍ଧା ଜିଲ୍ଲାପାଳ ବିଶେଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

# ମାର୍କେଟ କମ୍ପ୍ଲେକ୍ସର ଅବସ୍ଥା: କୃଷକ ବଜାର ଭଳି ହେବ କି ?

- ଅଧିକାରୀଙ୍କ ତଦାରଖ କିନ୍ତୁ କାମର ନାଁ ଗନ୍ଧ ନାହିଁ
- ଜମି ପାଲଟିଛି ଡ଼ମ୍ପିୟାର୍ଡ଼ , ଜମୁଛି ଅସାମାଜିକ ଆଡ୍ଡା
- କାହାର ଇଚ୍ଛାଶକ୍ତି ଅଭାବରୁ କାମ ଅଟକି ଯାଇଛି ?



**ହିଞ୍ଜିଳିକାଟୁ,୨୦।୮ (ସଂଚାର ବ୍ୟୁରୋ):** ଦେଖୁ ଦେଖୁ ସାତ ବର୍ଷ ବିତିଗଲା। ଇତିମଧ୍ୟରେ ହିଞ୍ଜିଳିକାଟୁ ଏନଏସିରୁ ପୌର ପାଳିକା ମାନ୍ୟତା ପାଇଲା।ହେଲେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କେବଳ ସମୀକ୍ଷାରେ ଦିନ କଟୁଛି ସିନା ଉତ୍ତର (ନର୍ଥ)କମ୍ପ୍ଲେକ୍ସ ପାଇଁ ମାଟି ଅାଞ୍ଜୁଳାଏ ବି ପଡ଼ିଲାନି। ସେହି ସ୍ଥାନ ଏବେ ପଚାସଢ଼ା ପରିବା ପଡ଼ି ଡ଼ମ୍ପିୟାର୍ଡ଼ ପାଲଟି ପୁତିଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ତେବେ ପ୍ରଶ୍ନ ଉଠୁଛି ନିୟନ୍ତ୍ରିତ ବଜାର କମିଟି(ଆର୍‌ଏମ୍‌ସି) ପରିସରରେ ୨୦୦୨ ମାସିହାରେ ୬୮.୯୨ ଲକ୍ଷ ଟଙ୍କାରେ କୃଷକ ବଜାର ନିର୍ମାଣ କରାଯାଇଥିଲା। କିନ୍ତୁ ତାହା ଏବେ ମାଟି ଗଦା ସହ ମିଶି ଗଛ ଉଠିଗଲାଣି ଓ ନା ପରିବା ବଜାର ହଟୁଛି ନା କୃଷକ ବଜାର ଆରମ୍ଭ ହେଉଛି। ଗୋଟିଏ ଦିନ ମଧ୍ୟ ଚାଷୀ ଓ ଲୋକଙ୍କ ଫାଇଦାରେ ଏହା ବ୍ୟବହାର ଉପଯୋଗୀ ହୋଇପାରିଲା ନାହିଁ। ତେଣୁ ଉକ୍ତ ମାର୍କେଟ କମ୍ପ୍ଲେକ୍ସ ସେଇ ଭଳି ମାଟି ଗଦା ସହ ମିଶିଯିବନି ତ ?

ପ୍ରକାଶ ଥାଉ କି, ସ୍ଥାନୀୟ ଅଞ୍ଚଳର ବହୁ ଦାବି ପରେ ଯୁବକଙ୍କୁ ରୋଜଗାର କ୍ଷେତ୍ରରେ ବାଟ ଦେଖାଇବା ପାଇଁ ଅବା ଆତ୍ମନିର୍ଭରଶୀଳ ହେବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଅବା ବିରୋଧୀ ଦଳ ନେତା ତଥା ବର୍ତ୍ତମାନ ହିଞ୍ଜିଳି ବିଧାୟକ ନବୀନ ପଟ୍ଟନାୟକ ୨୦୧୮ମସିହା ଏପ୍ରିଲ ୪ତାରିଖରେ ପ୍ରାୟ ୭କୋଟି ବ୍ୟୟ ଅଟକଳରେ ମାର୍କେଟ କମ୍ପ୍ଲେକ୍ସ (ଉଭୟ ସାଉଥ ଓ ନର୍ଥ) ବ୍ଲକ ପାଇଁ ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ।ଦକ୍ଷିଣ (ସାଉଥ) ବ୍ଲକ ପାଇଁ ୫କୋଟି ୨୩ଲକ୍ଷ ଟଙ୍କା ବ୍ୟୟବରାଦ ହୋଇ ଯୋଜନାକୁ ହାତକୁ ନିଆଯାଇଥିବା ବେଳେ ୧ କୋଟି ୭୭ଲକ୍ଷ ଉତ୍ତର (ନର୍ଥ)ପାଇଁ ବ୍ୟୟ ବରାଦ ହେଲା।ହେଲେ ଭିତ୍ତିପ୍ରସ୍ତରକୁ ୭ବର୍ଷ ବିତିଥିଲେ ବି ଦକ୍ଷିଣ (ସାଉଥ ) ବ୍ଲକ କାର୍ଯ୍ୟ ସରିଛି କିନ୍ତୁ ଏହା କାର୍ଯ୍ୟକ୍ଷମ ହୋଇପାରୁନି।ଯାହା ଫଳରେ ଏଠାରେ ମଦ ଭାଟି ଥିବାରୁ ସନ୍ଧ୍ୟା ହେଲେ ତଳ କୋଠାରେ ତାଖଣା ସାଙ୍ଗକୁ ଜାଗା ଓପନ ବାର ପାଲଟୁଛି। ପୂର୍ତ୍ତ ବିଭାଗ କହିଛି ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି।ହେଲେ ସ୍ଥିତି ଯଥା ପୂର୍ବଂ ତଥା ପରଂ, ଇଞ୍ଚେଟିଏ କାମ ଆଗଉନି। ଏଥିପାଇଁ ରାଜନୈତିକ ଇଚ୍ଛା ଶକ୍ତିର ଅଭାବ ନା ପ୍ରଶାସନିକ ଉଦାସୀନତା ଅଭାବ ନା ଠିକାଦାର ଦାୟୀ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।ବିରାଟ ଗାତ ଖୋଳି ଛାଡିଥିବାରୁ ପରିବା ବେପାରୀ ମାନେ ରାସ୍ତା କଡରେ ବସି ବେପାର କରୁଛନ୍ତି, ସେଥିପାଇଁ ରାସ୍ତା ସଂକୁଚିତ ସହ ଦୁର୍ଘଟଣା ଘଟୁଛି। ଆଉ ଏସବୁ ଭିତରେ ଅଧିକାରୀ ପୌର ପରିଷଦକୁ ନୂତନ ଅଧିକାରୀ ଆସୁଛନ୍ତି ଯାଉଛନ୍ତି କିନ୍ତୁ କାମ ହେବାର ନାଁ ଗନ୍ଧ ନାହିଁ।ଯାହା ଫଳରେ ମାର୍କେଟ କମ୍ପ୍ଲେକ୍ସ ହେଲେ ବ୍ୟବସାୟ ଉଦ୍ଦେଶ୍ୟରେ ଜଗି ବସିଥିବା ଯୁବକ ମାନେ ନିଜ ଭିଟାମାଟି ଛାଡ଼ି ରୋଜଗାର ଅବା ପେଟପାଟଣା ନିମନ୍ତେ ବାହାର ରାଜ୍ୟକୁ ଯାଉଛନ୍ତି। ଏ ନେଇ ନୂତନ ଭାବେ ଦାୟିତ୍ୱ ନେଇଥିବା ପୌର ନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରାଙ୍କୁ ବୁଝିବାରୁ କାର୍ଯ୍ୟ ଆରମ୍ଭ ପାଇଁ ପ୍ରକ୍ରିୟା ଜାରି ଥିବା କହିଛନ୍ତି। ଏଠି ଦୁଇଟି ପ୍ରଶ୍ନ ଉଠୁଛି ସହରର ମୁଖ୍ୟ କେନ୍ଦ୍ରବିନ୍ଦୁରେ ଏତେ ବଡ଼ ସ୍ଥାନ ଥାଇ ଲାଭ କ'ଣ, ଯେଉଠି ଯୁବକମାନେ ବେକାର ହୋଇ ବସିରହିବେ ? ପୂର୍ବରୁ ପରିବାପାଲି ବ୍ୟବସାୟୀମାନଙ୍କୁ ଏଠାରୁ ହଟାଇ ସହରର ଘୋଡ଼ାହାଡ଼ ନଦୀ ତଟକୁ ନିଆଗଲା କାହିଁକି ?? ସ୍ଥାନୀୟ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ନୂତନ ସରକାର ଘଟଣାକୁ ଗୁରୁତ୍ୱ ଦେଇ କେବେ କାର୍ଯ୍ୟ ଆରମ୍ଭ ହେବ ତାହା ଦେଖିବାକୁ ବାକି ରହିଲା ?

# ଅସ୍ତରଙ୍ଗ ଥାନାରେ ନୂତନ ଥାନାଅଧିକାରୀଙ୍କ ଯୋଗଦାନ

**କାକଟପୁର,୨୦।୮(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନାର ନୂତନ ଥାନା ଅଧିକାରୀ ଭାବରେ ଦୁର୍ଗା ଚରଣ ମହାପାତ୍ର ବୁଧବାର ଅପରାହ୍ନ ରେ ଯୋଗଦାନ କରିଛନ୍ତି। ଏହା ପୂର୍ବରୁ ଜିଲ୍ଲା ପୋଲିସ ବିଭାଗରେ ଜଣେ ଦକ୍ଷ ଅଧିକାରୀ ଭାବେ କାର୍ଯ୍ୟ ତୁଲାଇ ଆସୁଥିଲେ। ଶ୍ରୀ ମହାପାତ୍ର ପୁରୀ ଜିଲ୍ଲାର ଗଡ଼ିଶାଗଦା ଥାନାରେ ଥାନା ଅଧିକାରୀ ଭାବରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦକ ମଧ୍ୟ କରିଥିଲେ। ଥାନା ଅଧିକାରୀ ଭାବରେ ଅସ୍ତରଙ୍ଗ ଥାନା ଅଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା, ଭାତୃତ୍ୱ, ସଂହତି ପ୍ରତିଷ୍ଠା କରିବା ସହ ଜନସାଧାରଣ ଏବଂ ପୋଲିସ ବିଭାଗ ମଧ୍ୟରେ ସୁ ସମନ୍ୱୟ ରକ୍ଷା କରି ଉପଯୁକ୍ତ ଆଇନି ସେବା ସହ ଅପରାଧି ମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବାକୁ ପ୍ରାଥମିକତା ଦେବେ ବୋଲି 'ସଂଚାର 'କୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଏହି ଅବସରରେ ଥାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀ, ଅସ୍ତରଙ୍ଗ ମିଡ଼ିଆ ଫୋରମ୍ ସଭାପତି ବିଜୟ କୁମାର ବେହେରା, ଉପସଭାପତି ମାନସ ରଞ୍ଜନ ଖଣ୍ଡୁଆଳ, ସମ୍ପାଦକ ମଳୟ ବେହେରା ଓ ବୁଦ୍ଧିଜୀବୀ ମାନେ ସୌଜନ୍ୟ ମୂଳକ ସାକ୍ଷାତ କରି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ରାଜସ୍ୱ ଆଦାୟ ହେଉନି ; ବିକାଶ ବାଧାପ୍ରାପ୍ତ

## କର୍ମଚାରୀ ଅଭାବ, କ୍ଷତି ସହୁଛି ବିଇଏମସି




**ବ୍ରହ୍ମପୁର,୨୦।୮(ସଂଚାର ବ୍ୟୁରୋ):** ଆବଶ୍ୟକୀୟ କର୍ମଚାରୀ ଅଭାବରୁ ରାଜସ୍ୱ ଆଦାୟ କରିପାରୁନି ବ୍ରହ୍ମପୁର ମହାନଗର ନିଗମ। ଏପରିକି ମହାନଗର ନିଗମକୁ ରାଜ୍ୟ ସରକାରଙ୍କ ଅନୁଦାନ ହ୍ରାସ ପାଇବାରେ ଲାଗିଛି। ଯାହାର ପ୍ରଭାବ ଏବେ ସହରର ଉନ୍ନତିମୂଳକ ପ୍ରକଳ୍ପ ଗୁଡ଼ିକ ଉପରେ ପଡୁଛି। ଅନୁଦାନ ଅଭାବରୁ ଅନେକ ପ୍ରକଳ୍ପ ଅଧପନ୍ତରିଆ ଅବସ୍ଥାରେ ପଡ଼ିଥିବା ବେଳେ ବହୁ ପ୍ରକଳ୍ପର କାର୍ଯ୍ୟ ଆରମ୍ଭ ହୋଇପାରୁ ନାହିଁ। ବିଇଏମସି ବର୍ଷକୁ ପ୍ରାୟ ୨୦ କୋଟି ଟଙ୍କାର କ୍ଷତି ସହୁଛି। ନିୟମିତ ବ୍ୟବଧାନରେ ବ୍ରହ୍ମପୁର ମହାନଗର ନିଗମର ୱାର୍ଡ ସଂଖ୍ୟା ବଢୁଛି। ଏହି ସଂଖ୍ୟା ବଢ଼ିବଢ଼ି ୪୨ଟି ୱାର୍ଡରେ ପହଞ୍ଚିଲାଣି। ସହରର ନବକଳେବର ମଧ୍ୟ ହେବାରେ ଲାଗିଛି। ବ୍ୟବସାୟିକ ପ୍ରତିଷ୍ଠାନ ସହିତ ବାସଗୃହ ସଂଖ୍ୟା ମଧ୍ୟ ବଢୁଛି। ମହାନଗର ନିଗମ ଅଞ୍ଚଳରେ ୪୦ ହଜାର ବାସଗୃହ ଥିବା ବେଳେ ୨୦ ହଜାର ହେଉଛି ବ୍ୟବସାୟିକ ଗୃହ। ଉଭୟ ବ୍ୟବସାୟିକ ଏବଂ ବ୍ୟକ୍ତିଗତ ବାସଗୃହରୁ ପ୍ରତି ବର୍ଷ ହୋଲଡିଂ ଟିକସ ଆଦାୟ କରାଯାଉଛି। ଏହାକୁ ଦେଖିଲେ କେବଳ ହୋଲଡିଂ ଟ୍ୟାକ୍ସ ବାବଦରେ ବର୍ଷକୁ ୧୨ କୋଟି ଟଙ୍କା ଆଦାୟ ହେବା କଥା। ସେହିଭଳି ମହାନଗର ନିଗମର ଦୋକାନ ଘରଗୁଡ଼ିକର ଭଡ଼ା ବାବଦରେ ୩ କୋଟି ଏବଂ ବିଭିନ୍ନ ପ୍ରକାର ୟୁଜର୍ସ ଫି' ବାବଦରେ ଆଉ ୨୨ କୋଟି ୫୦ ଲକ୍ଷ ଟଙ୍କା ଆଦାୟ ହେବା କଥା। ଏସବୁକୁ ମିଶାଇଲେ ବାର୍ଷିକ ପ୍ରାୟ ୩୮ କୋଟି ଟଙ୍କା ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥାଏ। ହେଲେ ଆଦାୟ ରାଜସ୍ୱ ଏହି ଧାର୍ଯ୍ୟ ଲକ୍ଷ୍ୟକୁ ଛୁଇଁପାରୁ ନାହିଁ। ସବୁକୁ ମିଶାଇ ପ୍ରାୟ ୧୮ କୋଟି ଟଙ୍କା ଆଦାୟ ହେଉଛି। କେଉଁ ବର୍ଷ ଏହା କମୁଥିବା ବେଳେ ଆଉ କେଉଁ ବର୍ଷ ସାମାନ୍ୟ ବଢୁଛି। ତଥାପି ୧୮ କୋଟି ଆଖପାଖରେ ହିଁ ରାଜସ୍ୱ ଆଦାୟ ରହୁଛି। ଏହାକୁ ଦେଖିଲେ ବାର୍ଷିକ ପ୍ରାୟ ୨୦ କୋଟି ଟଙ୍କାର ରାଜସ୍ୱ ଆଦାୟ ହୋଇପାରୁ ନାହିଁ। କେବଳ ସେତିକି ନୁହଁ, ସହରରେ ଥିବା ହଜାର ହଜାର ଉଠା ଦୋକାନ ଏବଂ ବ୍ୟବସାୟିକ ପ୍ରତିଷ୍ଠାନଗୁଡ଼ିକ ଠାରୁ ୟୁଜର୍ସ ଫି' ମଧ୍ୟ ଆଦାୟ ହୋଇପାରୁ ନାହିଁ।

# ବ୍ରହ୍ମପୁରରୁ ନିଖୋଜ ନାବାଳିକା ସୁରଟରୁ ଉଦ୍ଧାର

## ଅଭିଯୁକ୍ତକୁ ଟ୍ରାଞ୍ଜିଟ ରିମାଣ୍ଡରେ ଆଣିଲା



**ବ୍ରହ୍ମପୁର,୨୦।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଟାଉନ ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଥିବା ବେଳେ ପୋଲିସ ତାଙ୍କୁ ଗୁଜରାଟର ସୁରଥରୁ ଉଦ୍ଧାର କରିଛି। ସେହିପରି ବଳାତ୍କାର କରିଥିବା ଅଭିଯୁକ୍ତକୁ ଗିରଫ କରାଯାଇଛି। ଅଭିଯୁକ୍ତ ଜଣଙ୍କ ଉତ୍ତରପ୍ରଦେଶ ଜୁଅନପୁର ଜିଲ୍ଲା ଅଳମଗଞ୍ଜର ମୂଳ ନିବାସୀ ରାକେଶ ଦୁବେଙ୍କ ପୁଅ କର୍ମରାଜ ଦୁବେ ଓରଫ ସୁବାଳକ(୨୬)। ସେ ଜଣେ ବିବାହିତ ବୋଲି ଜଣାପଡ଼ିଛି। ପୋଲିସ ଅଭିଯୁକ୍ତକୁ ସୁରଥ କୋର୍ଟର ଅନୁମତିରେ ଟ୍ରାଞ୍ଜିଟ୍ ରିମାଣ୍ଡରେ ବ୍ରହ୍ମପୁର ଆଣି ସ୍ଥାନୀୟ କୋର୍ଟରେ ହାଜର କରିଥିଲା। ପରେ ତାଙ୍କୁ ବ୍ରହ୍ମପୁର ମଣ୍ଡଳକାରାଗାର ପଠାଇ ଦିଆଯାଇଛି। ଅନ୍ୟପଟେ ପିଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ୨୦୨୪ ନଭେମ୍ବର ୨୯ ରେ ଟାଉନ ଥାନା ଅଞ୍ଚଳରେ ରହୁଥିବା ୧୭ ବର୍ଷର ନାବାଳିକା ଟିୟୁସନ ଯାଇ ଘରକୁ ଫେରିନଥିଲା। କୌଣସି ବୁଝାମଣା ଅଭାବରୁ ସେ ବାହାରକୁ ଚାଲିଯାଇଥିଲା। ଘର ଲୋକ ଏନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ୩୬୨/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ କରିଥିଲା। ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୋଲିସ ସୁରଥରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ତାଙ୍କରି ବୟାନ ଅନୁସାରେ ସେ ଘରୁ କାମ ଅନ୍ୱେଷଣରେ ସୁରଥ ଚାଲିଯାଇଥିଲେ। ସେଠାରେ ସେ ଜଣେ ଅଟୋଚାଳକଙ୍କୁ ଭେଟିଥିଲେ। ସେ ତାଙ୍କୁ ଚାକିରୀ କରାଇଦେବି ବୋଲି କହି ଘରକୁ ନେଇଥିଲେ। ସେଠାରେ ତାଙ୍କୁ ରଖି ଭୟଭୀତ କରି ବଳାତ୍କାର କରିଥିଲେ। ନାବାଳିକା ଜଣକ ଅନ୍ୟ ଉପାୟ ନପାଇ ସେଠାରେ ତାଙ୍କ ସହ ରହୁଥିଲେ ବୋଲି ପଚରାଉଚରା ବେଳେ ପୋଲିସ୍ ଜାଣିବାକୁ ପାଇଛି।

# ସାହସୀ ଝିଅ ଶୁଭସ୍ମିତାକୁ ଭେଟି ସାବାସୀ ଦେଲେ 'ମାହାଙ୍ଗା ବିକାଶ ପରିଷଦ'ନେତୃମଣ୍ଡଳୀ



**ମାହାଙ୍ଗା,୨୦।୮(ସଂଚାରବ୍ୟୁରୋ):** ଜେ ଏନ କଲେଜ ଛାତ୍ରୀ ଶୁଭସ୍ମିତା ସାହୁ ଦୁର୍ବୃତ୍ତଙ୍କ ଛୁରାମାଡ଼ର ଶୀକାର ହେବାସତ୍ୱେ, ନିଜ ଜୀବନ ଓ ସମ୍ମାନ ପାଇଁ ଯେଉଁଭଳି ଏକୁଟିଆ ଲଢ଼ିଥିଲା, ସେଥିପାଇଁ ଏହି ସାହସୀ ଝିଅକୁ ତାଙ୍କ ବାସଭବନରେ ଆଜି ଭେଟି ସବାସୀ ଜଣାଇଛି 'ମାହାଙ୍ଗା ବିକାଶ ପରିଷଦ'ନେତୃମଣ୍ଡଳୀ। ଦୁଇ ଜଣ ଅସାମାଜିକ ଯୁବକଙ୍କ ସହିତ ରକ୍ତାକ୍ତ ସଂଘର୍ଷ କରି ଶେଷରେ ବିଜୟୀ ହୋଇଥିବା ଏହି କଲେଜ ଛାତ୍ରୀ ଜଣକ ପ୍ରମାଣିତ କରିଛନ୍ତି, 'ନାରୀ କେବେବି' ଅବଳା କିମ୍ବା ଦୁର୍ବଳା ନୁହେଁ, ହସ୍ପିଟାଲରୁ ଚିକିତ୍ସିତ ହୋଇ ଗତ କାଲି ରାତିରେ ନିଜ ଘର ମୂଳବସନ୍ତରେ ପହଂଚି ଥିବା ଶୁଭସ୍ମିତା। ତେବେ ଏହି ସାହସୀ ଝିଅକୁ ଭେଟି ତାକୁ କୃତଜ୍ଞତା ଏବଂ ପ୍ରଶଂସା କରିଛନ୍ତି ମାହାଙ୍ଗା ବିକାଶ ପରିଷଦର କର୍ମକର୍ତ୍ତା ମାନେ। ସ୍ଥାନୀୟ ବିଧାୟକ ତଥା ବିକାଶ ପରିଷଦ ଅଧକ୍ଷ ଶାରଦା ପ୍ରସାଦ ପ୍ରଧାନଙ୍କ ନିର୍ଦ୍ଦେଶ କ୍ରମେ, ପରିଷଦର ଯୁବ ସଂଗଠକ ଭକ୍ତ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ନାଥ ଶତପଥୀ, ରାକେଶ ବେହେରା ଏବଂ ଆରିଫ ଖାଁ, ପ୍ରମୁଖ ଶୁଭସ୍ମିତାଙ୍କ ବାପାଙ୍କୁ ସାକ୍ଷାତ କରି, ଝିଅର ସାହାସିକତା ପାଇଁ ଧନ୍ୟବାଦ ଜଣାଇଲେ।

# ସ୍ୱପ୍ନ ହେବ କି ଇଲିସି: ନଦୀ, ସମୁଦ୍ର ପ୍ରଦୂଷିତ



**କାକଟପୁର/ଅସ୍ତରଙ୍ଗ,୨୦।୮(ସଂଚାର ବ୍ୟୁରୋ):** ବ୍ରିଟିଶ ଇତିହାସରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳ ପ୍ରସିଦ୍ଧ ଲାଭ କରିଥିଲା ଇଲିସି ପାଇଁ। ଏକଦା ଏହି ଅଞ୍ଚଳରୁ ଇଲିସି ମାଛ ଓଡିଶାର ବିଭିନ୍ନ ଅଞ୍ଚଳସହ କଲିକତା ଓ ଅନ୍ୟାନ୍ୟ ପଡୋଶୀ ରାଜ୍ୟକୁ ଯୋଗାଣ କରାଯାଇ ଅସ୍ତରଙ୍ଗ ଅଞ୍ଚଳର ଅର୍ଥନୈତିକ ପ୍ରଗତିରେ ସ୍ୱତନ୍ତ୍ର ଅଧ୍ୟାୟ ସୃଷ୍ଟି କରିଥିଲା। ସମୟ କ୍ରମେ ବଙ୍ଗୋପସାଗର ନିକଟ ଦେବୀ ନଦୀରେ ପ୍ଲାଷ୍ଟିକି, ଚିଙ୍ଗୁଡ଼ି ଘେରିର ରାସାୟନିକ ପଦାର୍ଥ ଜଳରେ ମିଶି ନଦୀ ସାଗର ଜଳକୁ ପ୍ରଦୂଷଣ କରିବା ସଙ୍ଗେ ସଙ୍ଗେ ବିଷ ବଳୟ ମଧ୍ୟକୁ ଠେଲି ହୋଇଗଲାଣୀ। ଫଳରେ ମାଛ, କଙ୍କଡା, ଯାଆଁଳ କମିଗଲା। ଚାହିଦା ଅନୁସାରେ ସମୁଦ୍ର ମାଛ ଆମଦାନୀ ହୋଇପାରିଲା ନାହିଁ। ବିଶେଷ କରି ଇଲିସି ମାଛର ଆମଦାନୀ କମିଲା ଓ ଖାଉଟି ମାନଙ୍କ ଚାହିଦା ଅନୁସାରେ ଇଲିସି ମାଛ କେଜି ପନ୍ଦରଶହ ଠାରୁ ୩ ହଜାର ଟଙ୍କାରେ ପହଂଚିଲାଣି। ଗରିବ ମଧ୍ୟବିତ୍ତ ଲୋକେ ଇଲିସି ମାଛ କିଣିବାରେ ଅସମର୍ଥ ହେଲେ। ଯାହା ଆମଦାନୀ ହେଲା ତାହା ଚଢ଼ା ଦରରେ ବିକ୍ରି ହେବା ପାଇଁ ବାହାର ରାଜ୍ୟକୁ ଚାଲାଣ ହୋଇଗଲା। ବର୍ଷକୁ ବର୍ଷ ଚିଙ୍ଗୁଡ଼ି ଚାଷ ବୃଦ୍ଧି ହେବା ଫଳରେ ଚିଙ୍ଗୁଡ଼ି ମାଫିଆଙ୍କ କବଳରେ ଚାଷ ଜମି କ୍ରମଶଃ ଧୀରେ ଧୀରେ କମି କମି ଗଲା ଓ ଧାନ ଚାଷ କ୍ଷତି ଗ୍ରସ୍ତ ହେଲା। ବହୁ ଚାଷ ଜମି ଚାଷ ନ ହୋଇ ପଡ଼ିଆ ମଧ୍ୟ ପଡୁଛି। ଅପର ପକ୍ଷେ ମାଛ ବଜାରରେ ଇଲିସି ମାଛ କାଁ ଭାଁ ଦେଖିବାକୁ ମିଳୁଛି। ଏକ ସର୍ଭେ ରୁ ଜଣା ପଡ଼ିଛି ଆଉ କିଛି ବର୍ଷ ପରେ ଇଲିସି ମାଛ ଖାଇବା ଓ ବଜାର ରେ ଦେଖିବା କେବଳ ସ୍ୱପ୍ନ ହୋଇଯିବ। ଆମର ବଂଶଧର କେବଳ ଫଟୋ ରେ ଇଲିସି ମାଛର ଛବି ଦେଖିବେ ବୋଲି ପ୍ରକୃତି ଓ ପରିବେଶ ବିତି ମତ ଦେଲଣି। ଚିଙ୍ଗୁଡ଼ି ଘେରିର ବିଷାକ୍ତ ପାଣି କେବଳ ସମୁଦ୍ର ଓ ନଦୀ ଜଳକୁ ବିଷାକ୍ତ କରୁ ନାହିଁ ଜଳବାୟୁକୁ ମଧ୍ୟ ବହୁ ମାତ୍ରାରେ ପ୍ରଦୂଷିତ କରୁଛି। ଯାହା ଫଳରେ ନଦୀ ଓ ସମୁଦ୍ର ଉପକୂଳ ଅଞ୍ଚଳରେ ରୋଗ ବ୍ୟାଧି ବଢ଼ିବାରେ ପୂର୍ବ ଅପେକ୍ଷା ବୃଦ୍ଧି ପାଉଛି। ସର୍ବୋଚ୍ଚ ନ୍ୟାୟଳୟ ଚିଙ୍ଗୁଡ଼ି ଘେରି ଉପରେ ଅଙ୍କୁଶ ଲଗାଇ ଥିଲେ ବି ସରକାର ଓ ସ୍ଥାନୀୟ ପ୍ରଶାସନ ଏଥିପ୍ରତି ଆଖିବୁଜି ଦେଇଛନ୍ତି। ହୃତଗୌରବ ଫେରାଇ ଆଣିବା ପାଇଁ ବୁଦ୍ଧିଜୀବୀ ଉଦ୍ୟମ କରିବା ଉଚିତ ବୋଲି କହିଛନ୍ତି।

# ମାରୁତି ସୋ'ରୁମ କର୍ମଚାରୀଙ୍କୁ ମାଡ ଓ ଟଙ୍କା ଲୁଟ୍ ଅଭିଯୋଗ

**ବ୍ରହ୍ମପୁର,୨୦।୮(ସଂଚାର ବ୍ୟୁରୋ):** ମାରୁତି ସୁଜୁକି ସୋ'ରୁମର ଜଣେ କର୍ମଚାରୀଙ୍କୁ ମାଡ ମରାଯାଇ ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ୍ କରାଯାଇଥିବା ଅଭିଯୋଗ ହୋଇଛି। ଉକ୍ତ ସୋ'ରୁମର ମ୍ୟାନେଜର ଓ ଆକାଉଣ୍ଟ ମ୍ୟାନେଜରଙ୍କ ନା'ରେ ଏଭଳି ଅଭିଯୋଗ ହୋଇଛି। ମାଡ ଖାଇଥିବା କର୍ମଚାରୀ ଜଣଙ୍କ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାପ୍ରକାରେ, ସୋମନାଥନଗରର ଦ୍ୱିତୀୟ ଲାଇନରେ ରହୁଥିବା ପି. ସୁଶୀଲ କୁମାର ପାତ୍ର ମାରୁତି ସୁଜୁକି ନେକ୍ସା ସୋ'ରୁମରେ ସେଲସ ଏକଜ୍ୟୁକୁଟିଭ ଭାବେ କାର୍ଯ୍ୟ କରୁଥିଲେ। ସେ ଅନ୍ୟ କମ୍ପାନୀରେ ଚାକିରି ପାଇବା ପରେ ଗତ କିଛି ଦିନ ତଳେ ଏହି ସୋ'ରୁମରୁ ଇସ୍ତଫା ଦେଇଥିଲେ। ସେହି ସମୟରେ ଏହି ସୋ'ରୁମର ମ୍ୟାନେଜର ଓ ଆକାଉଣ୍ଟ ମ୍ୟାନେଜର ତାଙ୍କୁ ଚ୍ୟାମ୍ବରକୁ ଡାକି ଗାଳିଗୁଲଜ କରିବା ସହ ଇସ୍ତଫା ନଦେବାକୁ ଧମକାଇଥିଲେ। ଏପରିକି ସେ ସୋ ରୁମରୁ ଠକେଇ କରିଛନ୍ତି ତେଣୁ ଚାକିରି ଛାଡି ପାରିବେନି କହିବା ସହ ଜୋର ଜବରଦସ୍ତ ସୁଶୀଲଙ୍କ ଫୋନ-ପେରୁ ୧ ଲକ୍ଷ ୫୦ ହଜାର ଟଙ୍କା ନେଇ ଯାଇଥିଲେ। ଏହାପରେ ସେମାନେ ସୁଶୀଲଙ୍କୁ କାର ଭିତରେ ବସାଇ ମାଡ ମାରିବା ପରେ ସୋମନାଥ ନଗର ସ୍ଥିତ ଘରକୁ ନେଇଥିଲେ। ସେଠାରେ ୫ଟି ଚେକରେ ଦସ୍ତଖତ କରାଇ ନେଇଥିଲେ ବୋଲି ସୁଶୀଲ ନିଜ ଅଭିଯୋଗରେ ଦର୍ଶାଇଛନ୍ତି।

### ଗୋପ ବାଇପାସ ରାସ୍ତା କାର୍ଯ୍ୟ ନିମ୍ନମାନର

# ସାମାନ୍ୟ ବର୍ଷାରେ ଭୁଶୁଡ଼ିଲା ଗଲା ରାସ୍ତା



କୋଟିକୋଟି ଟଙ୍କା ପାଣିରେ ପଡ଼ିବା ଆଶଙ୍କା

**ଗୋପ,୨୦।୮(ସଂଚାର ବ୍ୟୁରୋ):** ଗୋପ କୁଶୁପପୁର ଠାରୁ ତହସିଲ ଛକ ପର୍ଯ୍ୟନ୍ତ ଚାଲିଥିବା ବାଇପାସ୍ ରାସ୍ତା କାର୍ଯ୍ୟ ନିମ୍ନମାନର। ଆରମ୍ଭରୁ ଏହି କାର୍ଯ୍ୟରେ ଦୁର୍ନୀତି ଦେଖାଦେଇଥିବା ବେଳେ ଏବେ କାର୍ଯ୍ୟ ଶେଷ ନହେଉଣୁ ବିଭିନ୍ନ ସ୍ଥାନରେ ରାସ୍ତା ଭୁଶୁଡ଼ିବା ରେ ଲାଗିଛି। ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବ ସାଙ୍ଗକୁ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଥିବା ଏହି କାର୍ଯ୍ୟରେ କୋଟିକୋଟି ଟଙ୍କା ପାଣିରେ ପଡ଼ିବା ଆଶଙ୍କା କରାଯାଇଛି। ସୁଚନାମୁତାବକ ଗୋପ ବଜାରରେ ସୃଷ୍ଟି ହେଉଥିବା ଟ୍ରାଫିକ ସମସ୍ୟାକୁ ନେଇ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାସଙ୍କ ଉଦ୍ୟମରେ ଗତ ବର୍ଷ ଜଳସଂପଦ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇ ୮ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ କୁଶୁପୁର ବାହାଣିଆ ଠାରୁ ବାୟାକୁଦା ତହସିଲ ଛକ ପର୍ଯ୍ୟନ୍ତ ଏକ ବାଇପାସ୍ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ଅଞ୍ଚଳବାସୀଙ୍କ ଆଶା ଥିଲା ଏହି ରାସ୍ତା ହେବା ଦ୍ୱାରା ଯାନବାହାନ ଯାତାୟତରେ ସୁବିଧା ହେବା ସହ ଗୋପ ବଜାରର ଟ୍ରାଫିକ ସମସ୍ୟା ସମାଧାନ ହେବ। ମାତ୍ର ରାସ୍ତା କାର୍ଯ୍ୟ ଆରମ୍ଭରୁ ବ୍ୟାପକ ଅନିୟମିତ ଦେଖାଦେଇଛି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ହାତବାରସି କରି ସଂପୃକ୍ତ ଠିକାଦାର ନିମ୍ନମାନର କଳା ଓ ବାଲିଆ ମାଟି ପକାଇବା ସହ ସଠିକ୍ ଭାବେ ରୋଲିଂ କରି ନଥିବାରୁ ଆଜି ଏହି ରାସ୍ତା ଭୁଶୁଡି ଯାଇଥିବା ଦେଖିବାକୁ ମିଳିଛି। ଏପରିକି କେନାଲର ଶଯ୍ୟା କୁ ପ୍ରାୟ ୫ ଫୁଟ୍ ଖୋଳି ସେହି ମାଟିକୁ ବନ୍ଧରେ ପକାଇ ଲକ୍ଷାଧିକ ଟଙ୍କା ହଡପ କରିଥିଲା ଠିକାଦାର। ଏହି ଘଟଣାକୁ ସ୍ଥାନୀୟ ଲୋକେ ବିରୋଧ କରିବା ସହ ବିଭିନ୍ନ ସ୍ତରରେ ବାରମ୍ବାର ଅଭିଯୋଗ ହେବା ପରେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଅଧ୍ୟକ୍ଷଣ ଯନ୍ତ୍ରୀଙ୍କ ମଧ୍ୟ ଅନ୍ୟତ୍ର ବଦଳି ହୋଇଥିଲା। ପରେ ଏହାର ତଦାରଖ ଦାୟିତ୍ୱ ଅନ୍ୟ ଜଣେ ଯନ୍ତ୍ରୀଙ୍କୁ ଦିଆଯାଇଥିଲା।

# ଗଞ୍ଜାମ ବ୍ଲକରେ କୃତ୍ରିମ ସାର ସଙ୍କଟ

- ୟୁରିଆ ସହ ବାଧ୍ୟତାମୂଳକ ନାନୋ ୟୁରିଆ
- ୨୬୬ ଟଙ୍କାର ବସ୍ତା ୪୦୦ ଟଙ୍କାରେ ବିକ୍ରି
- ସରକାରୀ ବଣ୍ଟନ ବନ୍ଦ, ଚାଷୀ ଅସନ୍ତୋଷ



**ଛତ୍ରପୁର,୨୦।୮(ସଂଚାର ବ୍ୟୁରୋ):** ବ୍ଲକରେ କୃତ୍ରିମ ସାର ସଙ୍କଟ ଓ କଳାବଜାରୀ ଦିନକୁ ଦିନ ଗୁରୁତର ରୂପ ନେଇଛି। ଧାନ ଚାଷର ପ୍ରାଥମିକ ପର୍ଯ୍ୟାୟରେ ରୁଆ କାମ ସମାପ୍ତ ହେବା ପରେ ବର୍ତ୍ତମାନ ସାର ବ୍ୟବହାରର ସର୍ବାଧିକ ଆବଶ୍ୟକତା ରହିଛି। କିନ୍ତୁ ବ୍ୟବସାୟୀଙ୍କ ପାଖରେ ଆବଶ୍ୟକୀୟ ପରିମାଣରେ ରାସାୟନିକ ସାର ମହୁଜୁଦ ନଥିବାରୁ ଚାଷୀମାନେ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଦେଇଛି। ସୂତ୍ର ଅନୁସାରେ, ଗଞ୍ଜାମ ବ୍ଲକ ଅଧୀନରେ ପଞ୍ଜିକୃତ ଅନେକ ସରକାରୀ ସୋସାଇଟି ଏ ବର୍ଷ ସାର ଉଠାଇବା ପାଇଁ ଆଗ୍ରହ ପ୍ରକାଶ କରିନଥିବା ଦେଖାଦେଇଛି। ସେଥିରେ ଗଞ୍ଜାମ ସୋସାଇଟି ମଧ୍ୟ ଅନ୍ତର୍ଭୁକ୍ତ। ସାର ଉଠାଇନଥିବା ସୋସାଇଟି କୁ କୃଷି ବିଭାଗ ତରଫରୁ କୌଣସି ଓପଚାରିକା ପତ୍ର କିମ୍ବା କାର୍ଯ୍ୟାନୁଷ୍ଠାନ ନିଆନଯାଇଥିବାରୁ ଅଧିକାରୀମାନଙ୍କ ନିଷ୍କ୍ରିୟତା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ଗଞ୍ଜାମ ଏନଏସି ଓ ଆଖପାଖ ଅଞ୍ଚଳରେ ସାରର ଆବଶ୍ୟକୀୟ ଚାହିଦା ମେଣ୍ଟାଇବା ପାଇଁ କେବଳ ଦୁଇଟି ବେସରକାରୀ ଲାଇସେନ୍ସ ପ୍ରାପ୍ତ ଦୋକାନରେ ସାର ବିକ୍ରି ହେଉଛି। ସରକାରୀ ସ୍ତରରେ ୟୁରିଆ ସାର ବଣ୍ଟନ ବନ୍ଦ ଥିବାରୁ ବ୍ୟବସାୟୀମାନେ ସାରର କୃତ୍ରିମ ଅଭାବ ସୃଷ୍ଟି କରି ଉଚ୍ଚଦରରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏହାଛଡା ସାର ବ୍ୟବସାୟୀ ଆବଶ୍ୟକୀୟ ସାର ଅପେକ୍ଷା ଅଧିକ ଲାଭ ମିଳୁଥିବା ସାର ବିକ୍ରି ଉପରେ ଗୁରୁତ୍ୱ ଦେଉଥିବା ମଧ୍ୟ ଅଭିଯୋଗ ହେଉଛି।ଚାଷୀଙ୍କୁ ୟୁରିଆ ବସ୍ତା ସହିତ ବାଧ୍ୟତାମୂଳକ ଭାବରେ ନାନୋ ୟୁରିଆ କିଣିବାକୁ ପଡୁଛି। କେହି ନାନୋ ୟୁରିଆ ନେବାକୁ ମନା କଲେ, ସେମାନଙ୍କୁ ସାଧାରଣ ୟୁରିଆ ବିକ୍ରି କରାଯାଉନାହିଁ।

# ବିଇଏମସିର ରକ୍ତଦାନ ଶିବିର, ରକ୍ତ ଦେଲେ କମିଶନର ଓ ଏସପି

**ବ୍ରହ୍ମପୁର,୨୦।୮(ସଂଚାର ବ୍ୟୁରୋ):** ଆସନ୍ତା ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ଶିବିରକୁ ମହାନଗର ନିଗମ ମେୟର ସଂଘମିତ୍ରା ଦଳାଇ ଉଦ୍ଘାଟନ କରିଥିବା ବେଳେ ବିଧାୟକ କେ. ଅନୀଲ କୁମାର, କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ, ଏସପି ସର୍ବଣା ବିବେକ୍ ଏମ୍ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ବ୍ରହ୍ମପୁର ମହାନଗର ନିଗମର କମିଶନର ଓ ଏସପିଙ୍କ ସମେତ କର୍ପୋରେଟର, ନିଗମ କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନ ସହ ସହରର ବହୁ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା ଯୋଗଦେଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ବ୍ରହ୍ମପୁର ଏମକେସିଜି ହସ୍ପିଟାଲ୍ ର ରେଡକ୍ରସ ରକ୍ତ ଭଣ୍ଡାର ର କର୍ମକର୍ତ୍ତା ଯୋଗ ଦେଇ ରକ୍ତ ସଂଗ୍ରହ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ୧୯୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି।

# କାର୍‌ରୁ ଖଣ୍ଡା ଓ ବ୍ରାଉନସୁଗାର ଜବତ

**ଗଞ୍ଜାମ,୨୦।୮(ସଂଚାର ବ୍ୟୁରୋ):** ଲାଞ୍ଜିପଲ୍ଲୀ ଫାଣ୍ଡି ପୁଲିସ ରାତ୍ରିକାଳୀନ ପାଟ୍ରୋଲିଙ୍ଗ ବେଳେ ଆଙ୍କୁଲି ବାଇପାସ ଛକରେ ଏକ କାରକୁ ଜବତ କରିଛି। ପୁଲିସକୁ ଦେଖି କାର ଆରୋହି ମାନେ କାର ଛାଡି ଚମ୍ପଟ ମାରିଥିଲେ। ପୁଲିସ କାର ଭିତରୁ ତିନୋଟି ଖଣ୍ଡା ଓ ବ୍ରାଉନ ସୁଗାର ଭଳି ମାଦକ ଦ୍ରବ୍ୟ ଜବତ କରିଛି। ବ୍ରହ୍ମପୁର ବୈଦ୍ୟନାଥପୁର ପୁଲିସ ଘଟଣାର ତଦନ୍ତ କରିବା ସହ କାର୍ ଟିକୁ ଜଗି ରହିଛି।

# ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କ ପ୍ରଳମ୍ବାସୁର ବଧ ବେଶ

**ପୁରୀ,୨୦।୮(ସଂଚାର ବ୍ୟୁରୋ):** ଭାଦ୍ରବ ମାସ କୃଷ୍ଣ ପକ୍ଷ ଦ୍ୱାଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ରଙ୍କ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହୋଇଛି। ମଧାହ୍ନ ଧୂପ ଶେଷ ହେବା ପରେ ସେବାୟତ ମାନେ ବଡ ଠାକୁର ଶ୍ରୀବଳଭଦ୍ରଙ୍କୁ ପ୍ରଳମ୍ବାସୁର ବଧ ବେଶ କରିଥିଲେ। ଏହି ସମୟରେ ଶ୍ରୀଜଗନ୍ନାଥ ଓ ଦେବୀ ସୁଭଦ୍ରା ସାଧାରଣ ବେଶରେ ବିରାଜମାନ କରିଛନ୍ତି। ଶ୍ରୀବଳଭଦ୍ରଙ୍କ ଏହି ଦୁର୍ଲ୍ଲଭ ବେଶ ଦର୍ଶନ କରିବା ପାଇଁ ଶ୍ରୀମନ୍ଦିରରେ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି। ଯାହାକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏଠାରେ ଉଲ୍ଲେଖଯୋଗ୍ୟ, ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ଠାରୁ ଆରମ୍ଭ ହୋଇଥିବା ଶ୍ରୀକୃଷ୍ଣ ଲୀଳାର ଗତକାଲି ଏକାଦଶୀ ତିଥିରେ ରତ୍ନ ସିଂହାସନ ଉପରେ ଶ୍ରୀଜୀଉଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା।

ନୂଆଦିଲ୍ଲୀରେ ଓଡ଼ିଶା ଭବନ ନିର୍ମାଣ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ସମୀକ୍ଷା

# ରହିବ ଓଡ଼ିଆ ଐତିହ୍ୟର ଝଲକ



**ଭୁବନେଶ୍ୱର,୨୦।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ଆଜି ନୂଆଦିଲ୍ଲୀର ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟ ସମ୍ପର୍କରେ ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଏହି ଭବନର ପୁନର୍ନିର୍ମାଣ କରାଯାଉଛି।

ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଦେଶର ରାଜଧାନୀ ନୂଆଦିଲ୍ଲୀରେ ନିର୍ମିତ ହେବାକୁ ଥିବା ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରଭୃତ କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ଆର୍କିଟେକ୍ଟଙ୍କୁ ପରାମର୍ଶ ଦେଇଥିଲେ। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକରେ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରୁ ଜଣାପଡ଼ିଛି ଯେ, ସମୁଦାୟ ୪,୭୬୧ ବର୍ଗ ମିଟର ନିର୍ମାଣ ଅଞ୍ଚଳରେ ଏହି G+6 ଭବନ ନିର୍ମାଣ କରାଯିବ ଏବଂ ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଇଟ୍ ଉପଲବ୍ଧ ହେବ। ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କ୍ୟାନସର ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି, ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରି ବ୍ୟବସ୍ଥା କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ସହିତ ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଭକ୍ତ ଓ ଦର୍ଶନାର୍ଥୀ ଯାଉଥିବାରୁ ଏବଂ ହାଇଦ୍ରାବାଦ ଓ ସୁରଟରେ ବହୁଳ ଭାବେ ଓଡ଼ିଆ ଲୋକ ରହୁଥିବାରୁ ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ କୋଲକତା ଉତ୍କଳ ଭବନର ମରାମତି ଓ ନବୀକରଣ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶ୍ରୀ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ମିଶ୍ର ଓ ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଞ୍ଜୟ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ।

## ଏସ୍‌ସିବିରେ ମୁଖ୍ୟମନ୍ତ୍ରୀଙ୍କ ଧର୍ମପତ୍ନୀ ଭର୍ତ୍ତି

● ଆଜିଠାରୁ ଅସ୍ତ୍ରୋପଚାର ପ୍ରସ୍ତୁତି

**କଟକ,୨୦।୮(ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଧର୍ମପତ୍ନୀ ପ୍ରିୟଙ୍କା ମରାଣ୍ଡି ଆଜି ସ୍ଥାନୀୟ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେ ଶଲ୍ୟ ଚିକିତ୍ସା ବିଭାଗରେ ଆଡମିଟ୍ ହୋଇଥିବା ବେଳେ ତାଙ୍କର ଏକ ଛୋଟ ଧରଣର ଅସ୍ତ୍ରୋପଚାର କରାଯିବ। ଏହି ଅସ୍ତ୍ରୋପଚାର ପାଇଁ ଆସନ୍ତାକାଲିଠାରୁ ପ୍ରସ୍ତୁତି ଆରମ୍ଭ ହେବ। ଏଥିପାଇଁ ମେଡିକାଲ ପକ୍ଷରୁ ଏକ ୧୦ ଜଣିଆ ଡାକ୍ତରୀ ଟିମ୍ ପ୍ରସ୍ତୁତ କରାଯାଇଛି। ସର୍ଜରୀ ବିଭାଗ ପ୍ରଫେସର ଏଲ୍‌ଭି ଗୌରୀଙ୍କ



ନେତୃତ୍ୱରେ ଏହି ଅସ୍ତ୍ରୋପଚାର କରାଯିବ। ଆଜି ଶ୍ରୀମତୀ ମାରାଣ୍ଡିଙ୍କର ସବୁପ୍ରକାର ପରୀକ୍ଷା ନିରୀକ୍ଷା ଶେଷ ହୋଇଛି। ସମସ୍ତ ପରୀକ୍ଷା ରିପୋର୍ଟ ଆସିବା ପରେ ଆସନ୍ତାକାଲି ଅସ୍ତ୍ରୋପଚାର ନିମନ୍ତେ ପ୍ରସ୍ତୁତି ଆରମ୍ଭ ହେବ। ସେ ଏବେ ସର୍ଜରୀ କ୍ୟାବିନରେ ରହିଛନ୍ତି।

## କଟକରେ ୨୨୧ ବିପଜ୍ଜନକ ଘର, ଭାଙ୍ଗିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ



**କଟକ,୨୦।୮(ସଂଚାର ବ୍ୟୁରୋ):** କଟକ ସହରରେ ୨୨୧ଟି ଘର ବାସ ପାଇଁ ବିପଜ୍ଜନକ ଘୋଷଣା କରାଯାଇଛି। ଏହି ଅଟ୍ଟାଳିକାଗୁଡ଼ିକରେ ଅନେକର କାନ୍ଥରୁ ପ୍ଲାଷ୍ଟର ଖସୁଛି ଓ ଛାତ ଦୁର୍ବଳ ହୋଇପଡ଼ିଛି, ଯାହା ବାସିନ୍ଦାଙ୍କ ପାଇଁ ଗୁରୁତର ବିପଦ ସୃଷ୍ଟି କରୁଛି। ଜିଲ୍ଲା ପ୍ରଶାସନ ଓଡ଼ିଶା ହାଇକୋର୍ଟଙ୍କୁ ଏହି ବିପଜ୍ଜନକ ଘର ସମ୍ପର୍କରେ ସୂଚନା ଦେଇଛି ଏବଂ ସମ୍ପୃକ୍ତ ପକ୍ଷମାନଙ୍କୁ ନୋଟିସ ଜାରି କରିଛି। ଏହା ମଧ୍ୟରେ ୮ଟି ସରକାରୀ ଓ ୨ଟି ଘରୋଇ ଘର ସାମିଲ ରହିଛି। ଆଇନ ଅନୁଯାୟୀ, ଏହି ଘରଗୁଡ଼ିକୁ ଖାଲି କରାଯାଇ ଭାଙ୍ଗି ଦିଆଯିବ। କଟକ ଜିଲାପାଳ କହିଛନ୍ତି, "୨୦୦ରୁ ଅଧିକ ଘର ଚିହ୍ନଟ ହୋଇଛି। ପ୍ରଥମେ ବିକାଶମୂଳକ କାର୍ଯ୍ୟ ଚାଲୁଥିବା ସ୍ଥାନ ଓ ଗୁରୁତର ଜର୍ଜରିତ ଘରଗୁଡ଼ିକ ଭାଙ୍ଗିବାକୁ ପ୍ରାଥମିକତା ଦିଆଯିବ। ପର୍ଯ୍ୟାୟକ୍ରମେ ସମସ୍ତ ଘର ଭାଙ୍ଗାଯିବ।" ପ୍ରସଙ୍ଗକ୍ରମେ ୧୫ଟି ଅପରାଧିକ ମାମଲା ରୁଜୁ ହୋଇଛି, କିନ୍ତୁ ମାତ୍ର ଦୁଇଟି ଅନୁଷ୍ଠାନ ନୋଟିସର ଜବାବ ଦେଇଛନ୍ତି। ବଡ଼ମ୍ବାଡ଼ି ନୂଆ ଏକ୍ସଥାଇସ କଲୋନୀରେ ୭୨ଟି ବିପଜ୍ଜନକ କ୍ୱାର୍ଟର ଖାଲି କରାଯାଇଥିବା ବାଣିଜ୍ୟ କର ଓ ଜିଏସଟି ବିଭାଗ ଜଣାଇଛି। ଆରଏଣ୍ଡବି ବିଭାଗକୁ ଭାଙ୍ଗିବା ପାଇଁ ଆକଳନ ପ୍ରସ୍ତୁତ କରିବାକୁ କୁହାଯାଇଛି। ବଡ଼ମ୍ବାଡ଼ି ଆବକାରୀ କଲୋନୀରେ ୪ଟି ବିପଜ୍ଜନକ କ୍ୱାର୍ଟର ସମ୍ପର୍କରେ ସ୍ଥିତି ରିପୋର୍ଟ ମଗାଯାଇଛି। ନୋଟିସ ସତ୍ତ୍ୱେ, ଅନେକ ବିପଜ୍ଜନକ ଘରେ ଲୋକେ ଏବେ ବି ରହୁଛନ୍ତି। କେହି ଖାଲି କରିଥିବା ବେଳେ ଅନେକେ ଶୀଘ୍ର ଛାଡ଼ିବେ ବୋଲି କହୁଛନ୍ତି। ସ୍ଥାନୀୟ ଲୋକେ ତୁରନ୍ତ ଭାଙ୍ଗିବା ପାଇଁ ଦାବି କରିଛନ୍ତି, କାରଣ ଏହା ନିକଟସ୍ଥ ରାସ୍ତା ଓ ବିଦ୍ୟାଳୟ ପାଇଁ ବିପଦର କାରଣ ହୋଇପାରେ। ହାଇକୋର୍ଟ ପ୍ରଶାସନକୁ ସେପ୍ଟେମ୍ବର ୧୮ ସୁଦ୍ଧା ଖାଲି ଓ ଭାଙ୍ଗିବା ପ୍ରଗତି ସମ୍ପର୍କରେ ବିସ୍ତୃତ ସତ୍ୟପାଠ ଓ ସ୍ଥିତି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଖାଲି କରିବାକୁ ଅସ୍ୱୀକାର କରୁଥିବା ବ୍ୟକ୍ତିଙ୍କ ବିରୁଦ୍ଧରେ ଅପରାଧିକ ମାମଲା ରୁଜୁ ହେବ ବୋଲି ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

## ଲାଞ୍ଚ ନେଇ ଧରାପଡ଼ିଲେ ସମବାୟ ସମ୍ପାଦକ

● କବାଟକୀଳା ଛାନ୍‌ଭିନ୍‌କୁ ନେଇ ସନ୍ଦେହ



**ଆଳି,୨୦।୮(ସଂଚାର ବ୍ୟୁରୋ):** କୃଷି ଋଣ କରାଇଦେବା ନିମନ୍ତେ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ମହୁ ସମବାୟ ସମିତି ସମ୍ପାଦକକୁ ମାଡିବସିଲା ଭିଜିଲାନ୍ସ ଟିମ। ଭିଜିଲାନ୍ସ ଟିମ ମହୁ ସମବାୟ ସମ୍ପାଦକ ଧୀରେନ୍ଦ୍ର ମହାନ୍ତିଙ୍କୁ ଅଫିସରୁ ଲାଞ୍ଚ ଟଙ୍କା ସହ ଗିରଫ କରି କଟକ ଭିଜିଲାନ୍ସ କାର୍ଯ୍ୟାଳୟକୁ ନେଇଥିବା ଜଣାପଡିଛି। ତେବେ ଭିଜିଲାନ୍ସର ଏକ ଟିମ ସମ୍ପାଦକ ଶ୍ରୀ ମହାନ୍ତିଙ୍କ ସାହୁପଡ଼ାସ୍ଥିତ ବାସଭବନରେ ପ୍ରାୟ ୬ ଘଣ୍ଟା ଧରି ଜେରା କରିଥିଲା। କିନ୍ତୁ ସେତେବେଳେ ଭିଜିଲାନ୍ସ ଭିତରକୁ କୌଣସି ଗଣମାଧ୍ୟମ ପ୍ରତିନିଧିଙ୍କୁ ନ ଛାଡ଼ିବା ଫଳରେ ଛାନ୍‌ଭିନ୍‌କୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। କେଉଁ ଉଦ୍ଦେଶ୍ୟ ନେଇ ଭିଜିଲାନ୍ସ କବାଟକୀଳା ଛାନଭିନ୍ କରିଥିଲା, ତାହାକୁ ନେଇ ସମସ୍ତଙ୍କ ମନରେ ପ୍ରଶ୍ନ ଉଠିଛି। ସେହିପରି ଭିଜିଲାନ୍ସ ଟିମ ତଦନ୍ତ ସାରିବା ପରେ ଗଣମାଧ୍ୟମ ପ୍ରତନିଧିଙ୍କ ପ୍ରଶ୍ନର ମଧ୍ୟ ସନ୍ତୋଷଜନକ ଉତ୍ତର ଦେଇପାରିନଥିଲା। ତେଣୁ ଏହି ମାମଲାରେ ଭିଜିଲାନ୍ସର ଭୂମିକା ଉପରେ ସନ୍ଦେହ ସୃଷ୍ଟି ହୋଇଛି। ମିଳିଥିବା ସୂଚନାନୁସାରେ, ଶ୍ରୀ ମହାନ୍ତି କୃଷି ଋଣ କରାଇଦେବାକୁ କହି ଚାଷୀ ବୀରେନ୍ଦ୍ର କୁମାର ନାଥଙ୍କଠାରୁ ୧୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଏନେଇ ବୀରେନ୍ଦ୍ର ଭିଜିଲାନ୍ସ ସହ ଯୋଗାଯୋଗ କରିବା ପରେ ଭିଜିଲାନ୍ସ ଟିମର ଯୋଜନା ମୁତାବକ ସେ ଆଜି ଟଙ୍କା ନେଇ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପରେ ସେ ଶ୍ରୀ ମହାନ୍ତିଙ୍କୁ ଉକ୍ତ ଟଙ୍କା ଦେବା ସମୟରେ ପୂର୍ବରୁ ସେଠାରେ ଲୁଚି ରହିଥିବା ଭିଜିଲାନ୍ସ ଟିମ ତାଙ୍କୁ ଟଙ୍କା ସହ ଗିରଫ କରିଥିଲା।

## ନାବାଳିକାଙ୍କ ଅଶ୍ଳୀଳ ଭିଡ଼ିଓ ଭାଇରାଲ କରି ୭ ଗିରଫ



**ବରଗଡ଼,୨୦।୮(ସଂଚାର ବ୍ୟୁରୋ):** ଜିଲ୍ଲାର ଭେଡେନ ଥାନା ଅଞ୍ଚଳରେ ଏକ ଅଭାବନୀୟ ଘଟଣା ଘଟିଛି। ଜନୈକା ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ଭାଇରାଲ କରିବା ଅଭିଯୋଗରେ ୭ ଜଣ ଯୁବକଙ୍କୁ ଗିରଫ କରାଯାଇଛି। ନାବାଳିକା ଓ ତାଙ୍କ ପରିବାର ସଦସ୍ୟଙ୍କ ଦ୍ୱାରା ଦାଖଲ ହୋଇଥିବା ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ଭେଡେନ୍ ପୁଲିସ୍ ଉକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଏନେଇ ଗତକାଲି ୧୮।୮/୨୫ରେ ଏକ ମାମଲା ରୁଜୁ ହେବା ସହ ଅଭିଯୁକ୍ତମାନଙ୍କ ବିରୋଧରେ ବିଏନଏସ୍/ଆର୍‌ଡବ୍ଲ୍ୟୁ ଧାରା ୬୬ଇ/୬୭/୬୭ଏ/୬୭ବି, ସୂଚନା ପ୍ରଯୁକ୍ତି ବିଦ୍ୟା (ଆଇଟି) ଆଇନ, ୨୦୦୦, ପକ୍‌ସୋ ଆଇନ, ୨୦୧୨ର ଧାରା ୧୨୬(୨୧), ୨୯୬/୩୫ ଆଦି ଦଫା ଲାଗୁ ହୋଇଛି। ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ବସନ୍ତ ପଟେଲ (୨୪), ଛବିଲା ମଲ୍ଲିକ (୨୩), ଜେବର୍ଦ୍ଧନ ବେହେରା (୨୪), ପ୍ରକାଶ ପାଦନ୍ (୨୪), ସୁବ୍ରତ ପଦ୍ମ (୨୬), ତିରଶବନ୍ତ ପଦ୍ମ (୨୬) ଏବଂ ପ୍ରଡେଲା ବେବେରା (୨୬)। ଭେଡେନ ଥାନା ଆଇଆଇସି ସୁଶାନ୍ତ ଦାସ ଏ ନେଇ କହିଛନ୍ତି ଯେ ଗିରଫ ହୋଇଥିବା ଅଭିଯୁକ୍ତମାନେ ସମ୍ପୃକ୍ତ ନାବାଳିକାଙ୍କ ଅଶ୍ଳୀଳ ଭିଡିଓ ବ୍ୟାପକ ଭାବେ ଭାଇରାଲ୍ କରିଥିଲେ। ଏହି ଘଟଣାରେ ଅନ୍ୟମାନଙ୍କ ସମ୍ପୃକ୍ତି ଜାଣିବା ପାଇଁ ମଧ୍ୟ ପ୍ରୟାସ ଜାରି ରହିଛି। ସେହିପରି ଗିରଫ ପରେ ସମସ୍ତ ଅଭିଯୁକ୍ତଙ୍କ ଡାକ୍ତରୀ ପରୀକ୍ଷା ଓ ଆଇନଗତ କାଗଜପତ୍ର କରାଯାଇଥିବା ଆଇଆଇସି ଶ୍ରୀ ଦାସ କହିଛନ୍ତି। ନାବାଳିକାଙ୍କ ପରିବାର ୭ ଜଣ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ଦାବି କରିଛନ୍ତି। ଏଥିସହ ଏପରି ଏକ ସମ୍ବେଦନଶୀଳ ମାମଲାରେ ସ୍ଥାନୀୟ ପୁଲିସ୍‌ର ତ୍ୱରିତ କାର୍ଯ୍ୟାନୁଷ୍ଠାନକୁ ମଧ୍ୟ ସ୍ଥାନୀୟ ବୁଦ୍ଧିଜୀବୀମାନେ ପ୍ରଶଂସା କରିଛନ୍ତି।

● ନାବାଳିକାଙ୍କୁ ପ୍ରେମ ବିବାହ ପରେ ତଡ଼ିଦେବା ଘଟଣା

## ନିଲମ୍ବିତ ଏସ୍‌ଆଇଙ୍କୁ ଗିରଫ କଲା ସ୍ୱତନ୍ତ୍ର ସ୍କ୍ୱାଡ୍



**ଜଗତସିଂପୁର,୨୦।୮(ସଂଚାର ବ୍ୟୁରୋ):** ଫେରାର ପୁଲିସ ବାବୁଙ୍କୁ ଗିରଫ କରିଛି ସ୍ୱତନ୍ତ୍ର ସ୍କ୍ୱାଡ୍। ପ୍ରଥମେ ଫେସବୁକରୁ ପରିଚୟ ଓ ପରେ ଜଣେ ନାବାଳିକାଙ୍କୁ ସେ ପ୍ରେମ ବିବାହ କରିଥିଲେ। କିନ୍ତୁ ବିବାହ ପରେ ସେ ଉକ୍ତ ନାବାଳିକାଙ୍କୁ ନିର୍ଯାତନା ଦେଇଥିଲେ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ଥାନା ଅନ୍ତର୍ଗତ ରଡେଇ ଗାଁର ଅମିତ ପାଢ଼ୀ ପୂର୍ବରୁ ଏହି ଅଭିଯୋଗ ଆଧାରରେ ନିଲମ୍ବିତ ହୋଇସାରିଛନ୍ତି। କିନ୍ତୁ ଘଟଣା ପ୍ରଘଟ ହେବା ପରେ ସେ ଫେରାର୍ ହୋଇଯାଇଥିଲେ। ତାଙ୍କୁ ଏବେ ରାଜ୍ୟ ବାହାରୁ ସ୍ୱତନ୍ତ୍ର ସ୍କ୍ୱାଡ୍ ଗିରଫ କରିବାରେ ସକ୍ଷମ ହୋଇଛି। ୪ ମାସ ଧରି ଫେରାର ହେବା ପରେ ନିଲମ୍ବିତ ଏସଆଇ ଶ୍ରୀ ପାଢ଼ୀଙ୍କୁ ଗିରଫ କରାଯାଇଛି। ବିବାହ ପରେ ନାବାଳିକାକୁ ଫେସବୁକ୍‌ରେ ଫସାଇ ବିବାହ ପରେ ନିର୍ଯାତନା ଓ ଘରୁ ତଡ଼ି ଦେଇଥିଲେ ଶ୍ରୀ ପାଢ଼ୀ। ଉକ୍ତ ନାବାଳିକା ଜଣଙ୍କ ୪ ମାସ ତଳେ ଥାନାରେ ଅଭିଯୋଗ କରିଥିଲେ ମଧ୍ୟ ସ୍ଥାନୀୟ ପୁଲିସ ଶ୍ରୀ ପାଢ଼ୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା ବୋଲି ପୀଡ଼ିତା ଓ ତାଙ୍କ ମା' ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପାଇବା ପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଅଭିଯୁକ୍ତ ଶ୍ରୀ ପାଢ଼ୀଙ୍କୁ ଚାକିରିରୁ ନିଲମ୍ବନ କରିଥିଲେ।

## ଗାଡ଼ିକୁ ମାଡ଼ି ବସିଲା ପୁଲିସ, କିନ୍ତୁ ଗଞ୍ଜେଇ ଧରି ଅଭିଯୁକ୍ତ ଫେରାର

**ବଲାଙ୍ଗିର,୨୦।୮(ସଂଚାର ବ୍ୟୁରୋ):** ତିନିଟି ଗାଡ଼ିରେ ହେଉଥିଲା ଗଞ୍ଜେଇ ଚାଲାଣ। ଖବର ପାଇ ଗୋଡ଼ାଇଥିଲା ସ୍ଥାନୀୟ ପୁଲିସ। ଫିଲ୍ମ ଷ୍ଟାଇଲରେ ଗାଡ଼ି ଉପରକୁ ଝାମ୍ପ ମାରିଲା। କିନ୍ତୁ ଗଞ୍ଜେଇ ଧରି ଅଭିଯୁକ୍ତମାନେ ପୁଲିସ୍ ଆଖିରେ ଧୂଳି ଦେଇ ଫେରାର ମାରିବାରେ ସକ୍ଷମ ହୋଇଛନ୍ତି। ପୁଲିସ୍ ମଧ୍ୟ କିଛି କରିପାରିଲାନି। ସାମ୍ବାଦିକ ସମ୍ମିଳନୀ ଡାକି ସ୍ଥାନୀୟ ପୁଲିସ ଦେଇଥିବା ତଥ୍ୟ ମଧ୍ୟ ସମସ୍ତଙ୍କୁ ଅବାକ୍ କରିଦେଇଛି। ତେଣୁ ଅଭିଯୁକ୍ତମାନେ ଖସିଯାଇଛନ୍ତି ନା ସେମାନଙ୍କୁ ଜାଣିଶୁଣି ପୁଲିସ୍ ଖସାଇଦେଇଛି, ସେନେଇ ସନ୍ଦେହ ସୃଷ୍ଟି ହେବା ନିଶ୍ଚିତ।

ମିଳିଥିବା ସୂଚନାନୁସାରେ, ଗଞ୍ଜେଇ ଚାଲାଣ ଖବର ପାଇ ଆଷ୍ଟ୍ରନ ମୋଡକୁ ଆସିଥିଲା ସଦର ପୁଲିସ। ଦଳବଳ ସହ ଗାଡ଼ିକୁ ମାଡି ବସିଥିଲେ ଆଇଆଇସି। ଗୋଟିଏ ଟ୍ରକ ସହ ଦୁଇଟି ବାଇକ୍ ଓ ପାଖାପାଖି ୨୦ କିଲୋ ଓଜନର ଗଞ୍ଜେଇ ଜବତ ହୋଇଥିଲା। କିନ୍ତୁ ପୁଲିସକୁ ଦେଖି ଅନ୍ୟ ଏକ କାରରେ ୨ କେଜି ଗଞ୍ଜେଇ ନେଇ ୧୨ ଜଣ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ୨ଟି ଗାଡ଼ିର ଡ୍ରାଇଭରଙ୍କୁ ମଧ୍ୟ ପୁଲିସ୍ କାବୁ କରିବାରେ ସକ୍ଷମ ହୋଇପାରିନାହିଁ। କେବଳ ଗୋଟିଏ ଗାଡ଼ିର



ଡ୍ରାଇଭରକୁ ପୁଲିସ୍ ଗିରଫ କରିଛି। ହେଲେ ସବୁଠାରୁ ଆଶ୍ଚର୍ଯ୍ୟର କଥା ଯେ ସେମାନେ କେତେବେଳେ ଗଞ୍ଜେଇ ଗୋଟିଏ ଗାଡ଼ିରୁ ଅନ୍ୟ ଏକ ଗାଡ଼ିକୁ ନେଇ ସେଠାରୁ ଫେରାର ମାରିଲେ, ତାହାକୁ ନେଇ ପ୍ରଶ୍ନବଚୀ ସୃଷ୍ଟି ହୋଇଛି। ସେତେବେଳ ପର୍ଯ୍ୟନ୍ତ ପୁଲିସ୍ କ'ଣ କରୁଥିଲା? ସାମ୍ବାଦିକ ସମ୍ମିଳନୀରେ ଏସ୍‌ଡିପିଓଙ୍କ ଏପରି ସୂଚନା ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ପୁଲିସ୍‌ର ପାରିବାପଣିଆ ଉପରେ ସନ୍ଦେହ ସୃଷ୍ଟି କରିବାକୁ ବାଧ୍ୟ କରିଛି। ଏଥିସହ ପୁଲିସ୍ ବିଭାଗର ସ୍ୱଚ୍ଛତା ଉପରେ ମଧ୍ୟ ପ୍ରଶ୍ନବାଚୀ ଲାଗିଛି।

ପୁଲିସ୍ ପକ୍ଷରୁ ଜାରି ବିବୃତିରେ ସ୍ପଷ୍ଟ ଭାବରେ ଲେଖାଯାଇଛି ଯେ ସୋଲାର ପ୍ଲାଣ୍ଟ ନିକଟରେ ଏହି ଘଟଣା ଘଟିଥିଲା। ଘଟଣାଟି ଥିଲା ଗତ ୧୬ ତାରିଖ ସକାଳ ସାଢ଼େ ୯ଟା ବେଳର। ଭାରତୀୟ ନ୍ୟାୟ ସଂହିତା (ବିଏନଏସ)ର ଧାରା-୧୮୫ ଅନୁଯାୟୀ ଗଞ୍ଜେଇ ଜବତ ହେଲେ, ଘଟଣାସ୍ଥଳରେ ଜଣେ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ଓଜନ କରାଯିବ। ତା'ର ଭିଡିଓ ରେକର୍ଡିଂ କରାଯିବା ବି ବାଧ୍ୟତାମୂଳକ। କିନ୍ତୁ ଘଟଣା ସମ୍ପର୍କରେ ମାଜିଷ୍ଟ୍ରେଟ୍ ଭାବେ ନିଯୁକ୍ତି ପାଇଥିବା ସହକାରୀ ଜିଲ୍ଲାପାଳ ଟୁକୁ ପ୍ରଧାନଙ୍କୁ ପଚରାଯିବାରେ ସେ କୌଣସି ଉତ୍ତର ଦେବା ପୂର୍ବରୁ ଫୋନ୍ ସଂଯୋଗ ଛିନ୍ନ କରିଦେଇଥିଲେ। ତେଣୁ ଏହି ଘଟଣାରେ ପୁଲିସ୍‌ର ଭୂମିକାକୁ ନେଇ ଜନସାଧାରଣ ଦ୍ୱନ୍ଦ୍ୱରେ ରହିଥିବାରୁ ତୁରନ୍ତ ପୁଲିସ୍ ପ୍ରଶାସନ ସେମାନଙ୍କ ମନରେ ଥିବା ସନ୍ଦେହକୁ ଦୂର କରିବା ଦରକାର ବୋଲି ସ୍ଥାନ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

## ମାଛ ଧରିବାକୁ ଯାଇ ଭାସିଗଲେ ଯୁବକ

**ମୋହନା,୨୦।୮(ସଂଚାର ବ୍ୟୁରୋ):** ମାଛ ଧରିବାକୁ ଯାଇ ନଦୀରେ ଭାସିଗଲେ ଯୁବକ। ଇତିମଧ୍ୟରେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ମିଳିପାରିନାହିଁ। ମାଛ ଧରିବାକୁ ଯାଇ ପାଣିରେ ପୁଅ ଭାସିଯାଇଥିବା ବେଳେ ଘରେ ବୁଢ଼ୀ ମା' ବାହୁନି ବାହୁନି କାନ୍ଦୁଛି। କେତେ ଖୋଜାଖୋଜି କରିସାରିଥିଲେ ମଧ୍ୟ ଯୁବକଙ୍କ ପତ୍ତା ମିଳିପାରିନାହିଁ। ଏଭଳି ଅଭାବନୀୟ ଘଟଣା ଘଟିଛି ଗଜପତି ଜିଲ୍ଲା ଅଡବା ଗ୍ରାମରେ । ଗତକାଲିଠାରୁ ଖୋଜାଖୋଜି ଚାଲିଛି। ଅଡବା ଗ୍ରାମ ଦେଇ ବହିଯାଇଥିବା ହରଭଙ୍ଗୀ ନଦୀରେ ବୁଡି ଯୁବକ ଜଣଙ୍କ ନିଖୋଜ ହୋଇଯାଇଛନ୍ତି। ସେ ଅଡବା ଖ୍ରୀଷ୍ଟିଆନ ସାହିର ସୁବ୍ରତ ନାୟକ ବୋଲି ଜଣାପଡ଼ିଛି। ଗତକାଲି ସନ୍ଧ୍ୟାରେ ସୁବ୍ରତ ଖାଇ ପିଇ ଘରେ ଶୋଇଥିଲେ। କିନ୍ତୁ ରାତିରେ ତାଙ୍କର କିଛି ସାଙ୍ଗ ଆସି ନଦୀକୂଳକୁ ଯିବା ସକାଶେ ଡାକିବାରୁ ସେ ସେମାନଙ୍କ ସହ ବାହାରି ଯାଇଥିଲେ। ତେବେ ସାଙ୍ଗମାନଙ୍କ ସହ ସେ ନଦୀରେ ମାଛ ଧରୁଥିବା ସମୟରେ ଅଚାନକ ପାଣିରେ ବୁଡି ନିଖୋଜ ହୋଇଯାଇଥିଲେ। ଖବର ପାଇ ଅଡବା ପୁଲିସ ମୋହନା ଅଗ୍ନିଶମ ସହାୟତାରେ ଯୁବକଙ୍କ ସନ୍ଧାନ ଜାରି ରଖିଛି। ତେବେ ସୁବ୍ରତଙ୍କ ନିଖୋଜ ଖବର ପ୍ରଚାରିତ ହେବା ପରେ ଗାଁ ଲୋକେ ତାଙ୍କ ଫେରିବା ବାଟକୁ ଅନେଇ ବସିଛନ୍ତି। ଅଗ୍ନିଶମ ବାହିନୀ ମଧ୍ୟ ତା'ର ସର୍ଚ୍ଚ ଅପରେସନ ଜାରି ରଖିଛି। କିନ୍ତୁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ସୁବ୍ରତଙ୍କ ପତ୍ତା ମିଳିପାରିନାହିଁ।

● ଶିମିଳିପାଳକୁ ଖୁବ୍ ଶୀଘ୍ର ଆସିବ ନୂଆ ଅତିଥି

## ବାଘୁଣୀ ଜୀନତ ଗର୍ଭବତୀ

**ମୟୂରଭଞ୍ଜ,୨୦।୮(ସଂଚାର ବ୍ୟୁରୋ):** ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟକୁ ଖୁବ୍‌ଶୀଘ୍ର ନୂଆ ଅତିଥି ଆଗମନ କରିବ। ମହାରାଷ୍ଟ୍ରର ତାଡୋବା-ଅନ୍ଧାରୀ ବ୍ୟାଘ୍ର ସଂରକ୍ଷଣ କେନ୍ଦ୍ରରୁ ଏଠାକୁ ଆସିଥିବା ବାଘୁଣୀ ଜୀନତ ଗର୍ଭବତୀ ହୋଇଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଏସଟିଆର) ଅଧିକାରୀମାନେ ବୁଧବାର ସୂଚନା ଦେଇଛନ୍ତି। ଜୀନତ ମୁକ୍ତ ହେବା ପରେ ଶିମିଳିପାଳର କର ଅଞ୍ଚଳରେ ଅଧିକାଂଶ ସମୟ ରହୁଥିବା ବେଳେ ସେ ନିୟମିତ ଭାବେ ସାମ୍ବାର, ଚିତଳ ଓ ବଣୁଆ ଘୁଷୁରୀ ଆଦି



ଜଙ୍ଗଲୀ ଜନ୍ତୁଙ୍କୁ ଶିକାର କରୁଛି। ଏବେ ତା'ର ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଭଲ ଥିବା ଜଣାପଡ଼ିଛି। ଜୀନତର ଗତିବିଧି ଉପରେ ସାଟେଲାଇଟ ଟ୍ରାକିଂ ଓ ନିୟୋଜିତ ବନ କର୍ମଚାରୀମାନେ ୨୪ ଘଣ୍ଟା ନିରୀକ୍ଷଣ କରୁଛନ୍ତି। ଏଥିସହ କର ଅଞ୍ଚଳରେ ଲାଗିଥିବା କ୍ୟାମେରା ଟ୍ରାପ ମଧ୍ୟ ତା'ର ଗତିବିଧିକୁ ରେକର୍ଡ କରିବା ସହ ତା'ର ସ୍ୱାସ୍ଥ୍ୟ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରୁଛି। ଉଲ୍ଲେଖଯୋଗ୍ୟ ଯେ ଗତ ବର୍ଷ ଡିସେମ୍ବରରେ ଜୀନତ ଶିମିଳିପାଳ ଛାଡ଼ି ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ତିନୋଟି ରାଜ୍ୟରେ ୨୩ ଦିନ ଧରି ଭ୍ରମଣ କରି ବେଶ୍ ଚର୍ଚ୍ଚାରେ ଥିଲା। ଶେଷରେ ସେ ପଶ୍ଚିମବଙ୍ଗର ବାଙ୍କୁରା ଜିଲ୍ଲାରୁ ଧରାପଡ଼ି ଗତ ଜାନୁଆରୀ ୧ ତାରିଖରେ ଶିମିଳିପାଳକୁ ଫେରିଥିଲା। ଏବେ ଜୀନତ ଗର୍ଭବତୀ ଥିବା ବେଳେ ଏହାକୁ ନେଇ ବନ ଅଧିକାରୀମାନେ ବେଶ୍ ଆଶାବାଦୀ ଅଛନ୍ତି।

## ପଦ୍ମଶ୍ରୀ ବିନୋଦ ପଶାୟତଙ୍କ ପରଲୋକ

'ହାଏ କୃଷ୍ଣ ହାଏ କୃଷ୍ଣ ବଲି...' ପାଇଁ ପାଇଥିଲେ ପ୍ରସିଦ୍ଧି



**ସମ୍ବଲପୁର,୨୦।୮(ସଂଚାର ବ୍ୟୁରୋ):** ବିଶିଷ୍ଟ ସାହିତ୍ୟିକ ପଦ୍ମଶ୍ରୀ ବିନୋଦ ପଶାୟତଙ୍କର ଆଜି ପରଲୋକ ହୋଇଯାଇଛି। ପରଲୋକ ବେଳକୁ ତାଙ୍କୁ ୯୧ ବର୍ଷ ବୟସ ହୋଇଥିଲା। ସମ୍ବଲପୁର ସଦର ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଛି। ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ହୋଇ ଗତ କିଛି ଦିନ ହେଲା ଚିକିତ୍ସାଧୀନ ଥିଲେ। ଗତ ବର୍ଷ କେନ୍ଦ୍ର ସରକାରଙ୍କ ପକ୍ଷରୁ ତାଙ୍କୁ ପଦ୍ମଶ୍ରୀ ଉପାଧି ପ୍ରଦାନ କରାଯାଇଥିଲା। ଶ୍ରୀ ପଶାୟତଙ୍କ ଜନ୍ମ ୧୯୩୫ ମସିହାରେ ବଲାଙ୍ଗୀର ସହରର ଟିକରାପଡ଼ାଠାରେ ହୋଇଥିଲା। ୧୯୫୩ରେ ସେ ସମ୍ବଲପୁର ଆସି ଏଠାରେ ହିଁ ରହିଯାଇଥିଲେ। ଶ୍ରୀ ପଶାୟତ ଅଲଇଣ୍ଡିଆ ରେଡିଓ ଓ ଦୂରଦର୍ଶନର ଜଣେ ସ୍ୱୀକୃତିପ୍ରାପ୍ତ କଳାକାର ଭାବେ କାର୍ଯ୍ୟ କରୁଥିଲେ। ଏଠାରୁ ସେ ପରିଚୟ ଓ ପ୍ରସିଦ୍ଧି ପାଇଥିବା କହିଛନ୍ତି। ସମ୍ବଲପୁରୀ ଭଜନ 'ହାଏ କୃଷ୍ଣ ହାଏ କୃଷ୍ଣ ବଲି ଯାଉ ମୋର ଜୀବନ...' ରଚନା କରି ସେ ଖୁବ୍ ଖ୍ୟାତି ଅର୍ଜନ କରିଥିଲେ ଓ ଏହି ଭଜନ ତାଙ୍କୁ ସମସ୍ତଙ୍କ ନିକଟରେ ଚିରପରିଚିତ କରାଇପାରିଥିଲା। ଏହାଛଡ଼ା ଶ୍ରୀ ପଶାୟତ୍ ଏ ନନୀ ସୁଲୋଚନା, ଲବଙ୍ଗଲତା ମୋର ଗଜମୁକ୍ତା, ଗଲା ରାତି ଝୁମରା ସୁରେ, ଲିଟି ଉଡ଼େ ଫୁରୁପୁରୁ, ରଥର ଚକା ଚାଲେ ଘିଡ଼ି ଘିଡ଼ି, ସରବ ସହେନି ମା' ଗୋ ତୁଇ, ବୋଇଲେ ରାଧିକା ସୁନଗୋ ଦୁତି ଭଳି ଶତାଧିକ ଲୋକପ୍ରିୟ ଗୀତ ମଧ୍ୟ ଭେଟି ଦେଇଥିଲେ। 'ତାହାର ବା', ମୁଁ ନାଇଁ ମରେ, ଚୁଟକୁଛୁଟା, ଉଖୀ ଭଳି ବ୍ୟଙ୍ଗନାଟକ ମଧ୍ୟ ସେ ରଚନା କରିଥିଲେ, ଯାହା ଏବେ ବି ସମସ୍ତଙ୍କ ମନରେ ରହିଛି। ଏହାଛଡ଼ା ଶ୍ରୀ ପଶାୟତ୍ ସଙ୍ଗୀତ ନାଟକ ଏକାଡେମୀ ସମ୍ମାନ ସହ ବହୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହୋଇଥିଲେ। କିନ୍ତୁ ପରିଣତ ବୟସରେ ବି ସେ ତାଙ୍କର କୌଳିକ ବୃତ୍ତିକୁ ଛାଡ଼ି ନଥିଲେ।

### ଯୋଗଦାନ ସ୍ମରଣୀୟ ହୋଇରହିବ: ଧର୍ମେନ୍ଦ୍ର

କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ବଲପୁରର ବିଶିଷ୍ଟ ନାଟ୍ୟକାର, କବି ଓ ଲେଖକ ପଦ୍ମଶ୍ରୀ ବିନୋଦ କୁମାର ପଶାୟତଙ୍କ ବିୟୋଗରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନ ଏକ ଶୋକବାର୍ତ୍ତାରେ କହିଛନ୍ତି ଯେ ଶ୍ରୀ ପଶାୟତଙ୍କ ବିୟୋଗ ଖବର ଶୁଣି ମୁଁ ଦୁଃଖିତ ଓ ମର୍ମାହତ। ଦଶନ୍ଧି ଦଶନ୍ଧି ଧରି ସମ୍ବଲପୁରୀ ସାହିତ୍ୟ ତଥା ସଙ୍ଗୀତ କ୍ଷେତ୍ରରେ ଅମୂଲ୍ୟ ଯୋଗଦାନ ରଖି ସେ ଆମ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି। ସମ୍ବଲପୁରୀ ସାହିତ୍ୟକୁ ନୂଆ ଉଚ୍ଚତାରେ ପହଞ୍ଚାଇବାରେ ତାଙ୍କର ଯୋଗଦାନ ଅତୁଳନୀୟ। ସେ ଥିଲେ ଜଣେ ନୀରବ ସାଧକ। ସମ୍ବଲପୁରୀ ସାହିତ୍ୟ ଜଗତ ପ୍ରତି ତାଙ୍କର ଅବଦାନ ଚିର ସ୍ମରଣୀୟ ହୋଇରହିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏଥିସହ ସେ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## ବୁଗୁଡ଼ା ବନାଞ୍ଚଳ ଅଧିକାରୀ ସସ୍‌ପେଣ୍ଡ

**ବୁଗୁଡା,୨୦।୮(ସଂଚାର ବ୍ୟୁରୋ):** ଗତ ୧୭ ତାରିଖ ଦିନ ବୁଗୁଡା ବନାଞ୍ଚଳ ଅଧିକାରୀ ପ୍ରଦୀପ କୁମାର ମିଶ୍ର ଜଣେ କାଠ ମାଫିଆଙ୍କଠାରୁ ଟଙ୍କା ଗ୍ରହଣ କରୁଥିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ପରେ ଏନେଇ ବିଭିନ୍ନ ବୈଦ୍ୟୁତିକ ଓ ଛାପା ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଅଧିକାରୀଙ୍କ ବିରୋଧରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଯାଇଥିଲା। ତେବେ ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ପୁଙ୍ଖାନୁପୁଙ୍ଖ ତଦନ୍ତ ପରେ ବ୍ରହ୍ମପୁରସ୍ଥ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ବିଶ୍ୱନାଥ ନୀଳାନ୍ନଭର ସମ୍ପୃକ୍ତ ବନାଞ୍ଚଳ ଅଧିକାରୀଙ୍କୁ ନିଲମ୍ବନ କରିଥିଲେ। ତାଙ୍କ ସ୍ଥାନରେ ଆସିକା ବନାଞ୍ଚଳ ଅଧିକାରୀ ପ୍ରମୋଦ କୁମାର ପଣ୍ଡା ଆଜିଠାରୁ ବୁଗୁଡା ବନାଞ୍ଚଳ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନେଇଛନ୍ତି।

ମହାତ୍ମାଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉତ୍ସବରେ ଯୋଗଦେଲେ ରାଜ୍ୟପାଳ

# କୁଷ୍ଠାଶ୍ରମ ଆରୋଗ୍ୟ, ଆଶା ଓ ମାନବିକ ମର୍ଯ୍ୟାଦାର ପବିତ୍ର ସ୍ଥାନ

**କଟକ,୨୦।୮(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧିଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉପଲକ୍ଷେ ଆଜି ସ୍ଥାନୀୟ ନୂଆବଜାରସ୍ଥିତ ଏସିଆର ସର୍ବବୃହତ କୁଷ୍ଠାଶ୍ରମରେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି କହିଛନ୍ତି ଶହେ ବର୍ଷ

**ମହାତ୍ମା କୁଷ୍ଠ ସେବା ସ୍ମୃତି ବନ ଉଦ୍‌ଘାଟିତ**

ପୂର୍ବେ ୧୯୨୫ରେ ଗାନ୍ଧିଜୀ ଓଡ଼ିଶାକୁ ତାଙ୍କର ଦ୍ୱିତୀୟ ଗସ୍ତ ସମୟରେ ଏଠାକୁ ଆସିଥିଲେ। ସେହି ଯାତ୍ରା କେବଳ ଏକ ଶାରୀରିକ ଯାତ୍ରା ନଥିଲା, ବରଂ ଏକ ନୈତିକ ତୀର୍ଥଯାତ୍ରା ଥିଲା। ଯେତେବେଳେ କଳଙ୍କ, ଭୟ ଓ ଭେଦଭାବ ସମାଜର ପ୍ରତିକ୍ରିୟାକୁ ପରିଭାଷିତ କରୁଥିଲା, ଗାନ୍ଧିଜୀ କରୁଣା, ସାହସ ଓ ଯତ୍ନର ସହ ପ୍ରତିକ୍ରିୟା ଦେଇଥିଲେ। ସେ କଲୋନୀରେ ରୋଗୀଙ୍କୁ ଅଲଗା କରିବାର ଅଭ୍ୟାସକୁ ବିରୋଧ କରିଥିଲେ। ବିଶ୍ୱାସ କରୁଥିଲେ ଯେ ପୃଥକୀକରଣ କେବଳ ଦୁଃଖକୁ ଆହୁରି ଗଭୀର କରିଥାଏ ଓ କୁଷ୍ଠରୋଗରେ ପୀଡ଼ିତ ଲୋକଙ୍କୁ ବାଦ ଦିଆଯିବା ଉଚିତ୍ ନୁହେଁ, ବରଂ ସମାଜ ଗଠନରେ ଏକୀକୃତ କରିବା ଉଚିତ। ଗାନ୍ଧିଜୀଙ୍କ ଉପସ୍ଥିତିର ସରଳତା ଓ ତାଙ୍କ ଆତ୍ମାର ମହାନତା ମାଧ୍ୟମରେ ସେ ଭୟ ଓ ଅପବାଦର ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗିଦେଇଥିଲେ ଏବଂ ବାସିନ୍ଦାମାନଙ୍କୁ କରୁଣା ଓ ସମ୍ମାନର ସହ ଆଲିଙ୍ଗନ କରିଥିଲେ। କୁଷ୍ଠାଶ୍ରମ କେବଳ ଚିକିତ୍ସାର ଏକ କେନ୍ଦ୍ର ନୁହେଁ; ଏହା ଆରୋଗ୍ୟ, ଆଶା ଏବଂ ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ। ପ୍ରକୃତ ପ୍ରଗତି କେବଳ ଭୌତିକ କିମ୍ବା ବୈଜ୍ଞାନିକ ସଫଳତା ଦ୍ୱାରା ମପାଯାଏ ନାହିଁ, ବରଂ ସତ୍ୟ,



ଅହିଂସା, ସରଳତା ଏବଂ କରୁଣାରେ ବଞ୍ଚିବାର ଆମର କ୍ଷମତା ଦ୍ୱାରା ମପାଯାଏ ବୋଲି ଗାନ୍ଧିଜୀ ଆମକୁ ମନେ ପକାଇ ଦେଇଛନ୍ତି। ତାଙ୍କର କାଳଜୟୀ ନୀତି ଆମକୁ ଏହା ନିଶ୍ଚିତ କରିବାକୁ ଅନୁରୋଧ କରେ ଯେ ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ସର୍ବଦା ନୀତିଶାସ୍ତ୍ର ଦ୍ୱାରା ପରିଚାଳିତ ହୁଏ ଏବଂ ମାନବିକ ମର୍ଯ୍ୟାଦା, ସମନ୍ୱୟ ଏବଂ ନୈତିକ ଦାୟିତ୍ୱ ବିକାଶର ମୂଳରେ ରହିଥାଏ ବୋଲି ରାଜ୍ୟପାଳ କହିଛନ୍ତି।

ସେହିପରି ଏହି ଅବସରରେ ରାଜ୍ୟପାଳ କୁଷ୍ଠାଶ୍ରମ ପରିସରରେ ମହାତ୍ମା କୁଷ୍ଠ ସେବା ସ୍ମୃତି ବନକୁ ଉଦ୍‌ଘାଟନ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ଯେ କୁଷ୍ଠ ରୋଗୀମାନଙ୍କର ଆଧୁନିକ ଚିକିତ୍ସା କରିବା ସହ ଅଙ୍ଗ ହରାଇଥିବା ବ୍ୟକ୍ତିଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯାଉଛି। ସେମାନଙ୍କ ପୁନଃଥଇଥାନର ସମସ୍ତ ବ୍ୟବସ୍ଥା ପ୍ରତି ସରକାର ଯତ୍ନବାନ ଅଛନ୍ତି। କଟକ ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ ସ୍ୱାଧୀନତା ସମସ୍ତଙ୍କ ପାଇଁ। ଦଳିତ, ପ୍ରପୀଡ଼ିତ, ନିଷ୍କେସିତଙ୍କ ପାଇଁ ମଧ୍ୟ ସମାନ ସ୍ୱାଧୀନତା ଯୋଗାଇ ଦେବା ଥିଲା ମହାତ୍ମାଙ୍କ ସ୍ୱପ୍ନ। ଏହି ସ୍ୱପ୍ନ ସାକାର କରିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। କଟକ ମହାନଗର ନିଗମ ମେୟର ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ସିଏମ୍‌ସି କମିଶନର୍ କିରନଦୀପ କୌର ସହୋତା ମଧ୍ୟ ଉପସ୍ଥିତ ଥିଲେ। ଶେଷରେ ନୟନ କିଶୋର ମହାନ୍ତି ଧନ୍ୟବାଦ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଆମେରିକାର ଅଭିଯୋଗ

# ‘ନିଜ ଲାଭ ପାଇଁ ରୁଷରୁ ତେଲ କିଣୁଛି ଭାରତ’

ୱାସିଂଟନ. ୨୦।୮: ରୁଷ୍‌ରୁ ତେଲ କିଣୁଥିବା ଭାରତ ଉପରେ ଆମେରିକା ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ ଗମ୍ଭୀର ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ନିଜ ଲାଭ ପାଇଁ ଭାରତ ରୁଷ୍‌ରୁ ତେଲ କିଣୁଛି। ୟୁକ୍ରେନ୍ ସହ ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ଭାରତ ନିଜ ଆବଶ୍ୟକତାର ମାତ୍ର ୧ ପ୍ରତିଶତ ତେଲ ରୁଷ୍‌ରୁ କିଣୁଥିଲା। ଏବେ ଏହା ୪୨ ପ୍ରତିଶତ ତେଲ ରୁଷ୍‌ରୁ କିଣୁଛି। ଭାରତ ନିଜ ଆଭିମୁଖ୍ୟକୁ ଯୁଦ୍ଧ ପରେ ସମ୍ପୂର୍ଣ୍ଣ ବଦଳାଇ ଦେଇଛି। କେବଳ ଲାଭ କରିବା ଆଶାରେ ଏହା ରୁଷ୍ ତେଲ କିଣୁଥିବା ସେ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ଭାରତ ରିହାତି ଦରରେ ରୁଷ୍‌ରୁ ତେଲ କିଣୁଛି ଓ ତାହାକୁ ବିଶୋଧନ କରି ବିକ୍ରି କରୁଛି। ଯୁଦ୍ଧ ସମୟରେ ସେମାନେ ଯେଉଁଭଳି ଭାବେ ତେଲ କିଣା ବଢ଼ାଇଛନ୍ତି ତାହା ଆଦୌଁ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ରୁଷ୍‌ରୁ ତେଲ କିଣୁଥିବା ଚୀନ୍ ପ୍ରତି କାହିଁକି




କଠୋର ଆଭିମୁଖ୍ୟ ଗ୍ରହଣ କରାଯାଇନାହିଁ, ତାହାର କାରଣ ସମ୍ପର୍କରେ ବେସେଣ୍ଟ କହିଛନ୍ତି ଯେ ଚୀନ୍ ଧାରା ବଦଳାଇନାହିଁ। ଦୀର୍ଘଦିନରୁ ତାହା ରୁଷ୍‌ରୁ ଅଧିକ ତେଲ କିଣୁଥିଲା। ଯୁଦ୍ଧ ପରେ ମଧ ସେହି ଧାରା ବଜାୟ ରଖିଛି। ସେଥିପାଇଁ ଚୀନ୍‌ର ରୁଷ୍ ତେଲ କିଣାକୁ ଭିନ୍ନ ଦୃଷ୍ଟିରେ ଦେଖାଯାଉଥିବା ସେ କହିଛନ୍ତି। ବାଣିଜ୍ୟ ରାଜିନାମାରେ କରିବାରେ ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲଗାଇଛନ୍ତି। ରୁଷ୍‌ରୁ ତେଲ କିଣୁଥିବାରୁ ଅତିରିକ୍ତ ୨୫ ପ୍ରତିଶତ ଶୁଳ୍କ ଲଗାଇବାକୁ ଆମେରିକା ଘୋଷଣା କରିଛି ଯାହା ଏପର୍ଯ୍ୟନ୍ତ ଲାଗୁ ହୋଇନାହିଁ। ତେବେ ଆମେରିକା ତରଫରୁ ଚାପ ପ୍ରୟୋଗ କରାଯିବା ପରେ ଭାରତ ପକ୍ଷରୁ ଜୁଲାଇରେ ରୁଷ୍‌ରୁ କମ୍ ତେଲ ମଗାଯାଇଛି। ଏଥି ସହିତ ଧୀରେ ଧୀରେ ଆମେରିକାରୁ ତେଲ କିଣିବା ବଢ଼ାଇ ଦିଆଯାଇଛି।

## ଆଜିର ସୁନା ଦର



ଆଜି ସୁନା-ରୂପା ଦରରେ ହୋଇଛି ପରିବର୍ତ୍ତନ । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୦, ୧୫୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧,୮୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୦୦,୭୫୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୯୨, ୩୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୦୦,୧୫୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୮୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୩୦୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧, ୯୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୦,୧୫୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ହଜାର ୮୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୦୦,୭୫୦ ଓ ୯୨ ହଜାର ୩୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫,୦୦୦ ଟଙ୍କା ହୋଇଛି।

# ଲଞ୍ଚ ହେବ ବିଶ୍ୱର ପ୍ରଥମ ସିଏନ୍‌ଜି ସ୍କୁଟର

### ୧ କିମିକୁ ଖର୍ଚ୍ଚ ହେବ ଟଙ୍କାରୁ କମ୍

ନୂଆଦିଲ୍ଲୀ, ୨୦।୮: ଆପଣ ଆଗାମୀ ଦିନରେ ଏକ ପାୱାରଫୁଲ୍ ସ୍କୁଟର କିଣିବାକୁ ପ୍ଲାନ୍ କରୁଛନ୍ତି, ତେବେ ଏହି ଖବର ଆପଣଙ୍କ ପାଇଁ ବେଷ୍ଟ ହେବ। ଜାଣିରଖନ୍ତୁ ଯେ, ଟିଭିଏସ୍ ଜାନୁଆରୀରେ ଦିଲ୍ଲୀରେ ଅନୁଷ୍ଠିତ ଅଟୋ ଏକ୍ସପୋ ୨୦୨୫ରେ ଅନେକ ନୂଆ ଟୁ-ହୁଇଲର ମଡେଲ ଉପସ୍ଥାପନ କରିଥିଲା, ଯେଉଁଥିରେ ଟିଭିଏସ୍ ଜୁପିଟର୍ ସିଏନ୍‌ଜିର ନାମ ମଧ ସାମିଲ୍। ରିପୋର୍ଟ ଅନୁସାରେ, ଆଗାମୀ ମାସଗୁଡ଼ିକରେ ଟିଭିଏସ୍ ଜୁପିଟର୍ ସିଏନ୍‌ଜି ସ୍କୁଟର ଲଞ୍ଚ ହୋଇପାରେ।

ଟିଭିଏସ୍ ଜୁପିଟର୍ ସିଏନ୍‌ଜିକୁ ବିଶ୍ୱର ପ୍ରଥମ ସିଏନ୍‌ଜି ଚାଳିତ ସ୍କୁଟର ବୋଲି କୁହାଯାଏ। କମ୍ପାନୀ ଦାବି କରିଛି ଯେ ଏହାର ଚାଳନ ଖର୍ଚ୍ଚ ପ୍ରତି କିଲୋମିଟରରେ ୧ ଟଙ୍କାରୁ କମ୍। ଏଥିରେ ୧.୪ କିଲୋଗ୍ରାମର ସିଏନ୍‌ଜି ଟ୍ୟାଙ୍କ୍ ଅଣ୍ଡରସିଟ୍ ଏରିୟାରେ ରଖାଯାଇଛି। କମ୍ପାନୀ କହିଛି ଯେ ଏହି ସ୍କୁଟରଟି ୧ କିଲୋଗ୍ରାମ ସିଏନ୍‌ଜିରେ ୮୪ କିଲୋମିଟର ମାଇଲେଜ୍ ଦେବ। ଏହା ସହିତ, ଟିଭିଏସ୍ ଜୁପିଟର୍ ସିଏନ୍‌ଜି ଟାଙ୍କି ଫୁଲ୍ ହେବା ପରେ ୨୨୬ କିଲୋମିଟର ପର୍ଯ୍ୟନ୍ତ ଚାଲିପାରିବ। ତେବେ ଆସନ୍ତୁ ଜାଣିବା ଏହି ପାୱାରଫୁଲ୍ ସ୍କୁଟରର ସମ୍ପୂର୍ଣ୍ଣ ଡିଟେଲ୍ସ।

ଟିଭିଏସ୍ ଜୁପିଟର୍ ସିଏନ୍‌ଜିର ପାୱାରଟ୍ରେନ୍: ଯଦି ଆମେ ପାୱାରଟ୍ରେନ୍ ବିଷୟରେ କଥା ହେବା, ତେବେ ଜୁପିଟର୍ ସିଏନ୍‌ଜି ରେ ଏକ ଓବିଡି୨ବି କମ୍ପଲେଣ୍ଟ ଇଞ୍ଜିନ୍ ଅଛି। ଏଥିରେ ଏକ ୧୨୫CC ବାୟୋ-ଫୁଏଲ ଇଞ୍ଜିନ୍ ମଧ ରହିଛି, ଯାହା ୬୦୦ଆରପିଏମରେ ୫.୩କେଡବ୍ଲ୍ୟୁ ପାୱାର ଏବଂ ୫୫୦୦rpm ରେ ୯.୪ଏନଏମ ଟର୍କ ଜେନେରେଟ୍ କରେ। ଟିଭିଏସ୍ ଜୁପିଟର୍ ସିଏନ୍‌ଜିର



ଫିଚର୍ସ: ଜୁପିଟର ସିଏନଜିକୁ ନୂଆ ଏବଂ ସ୍ମାର୍ଟ ଫିଚର୍ସ ଦିଆଯାଇଛି। ଏଥିରେ ଏଲଇଡି ହେଡଲାଇଟ, ୟୁଏସବି ଚାର୍ଜର, ଷ୍ଟାଣ୍ଡ କଟ୍-ଅଫ୍ ଏବଂ ବ୍ଲୁଟୁଥ୍ କନେକ୍ଟିଭିଟି ଭଳି ଦମଦାର୍ ଫିଚର୍ସ ରହିଛି। ଏହି ସ୍କୁଟରଟି ଇକୋ-ଫ୍ରେଣ୍ଡଲି ଏବଂ ଫ୍ୟୁଏଲ୍-ସେଭିଙ୍ଗ୍ ପାଇଁ ଖାସ୍ ଭାବରେ ଡିଜାଇନ୍ କରାଯାଇଛି। ଟିଭିଏସ୍ ଜୁପିଟର୍ ସିଏନ୍‌ଜିର ପ୍ରାଇସ୍: ବର୍ତ୍ତମାନ, ଟିଭିଏସ୍ ଜୁପିଟର ୧୨୫ ପେଟ୍ରୋଲ ଭର୍ସନର ମୂଲ୍ୟ ଭାରିଆଣ୍ଟ ଉପରେ ନିର୍ଭର କରି ୮୮,୧୭୪ ଟଙ୍କାରୁ ୯୯,୦୧୫ ଟଙ୍କା ମଧରେ ରହିଛି। ଏହା ବିଶ୍ୱାସ କରାଯାଉଛି ଯେ ଏହାର ନୂଆ ସିଏନ୍‌ଜି ଭର୍ସନ ମଧ ସମାନ ରେଞ୍ଜରେ, ଅର୍ଥାତ୍ ୯୦,୦୦୦ ଟଙ୍କାରୁ ୯୯,୦୦୦ ଟଙ୍କା ମଧରେ ଲଞ୍ଚ ହେବ। ହେଲେ, ଏଥିରେ ସିଏନ୍‌ଜି ଟ୍ୟାଙ୍କ ଥିବାରୁ, ବୁଟ୍ ସ୍ପେସ୍ ଟିକେ କମ୍ ହୋଇପାରେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।



## ଆସନ୍ତାବର୍ଷ କାର୍ଯ୍ୟକ୍ଷମ ହେବ ପଟାଙ୍ଗୀ ଖଣି

# ନାଲ୍‌କୋ ୩୭ ହଜାର କୋଟି ନିବେଶ କରିବ

ଭୁବନେଶ୍ୱର, ୨୦।୮: ନବରତ୍ନ ନ୍ୟାସନାଲ୍ ଆଲୁମିନିୟମ୍ କମ୍ପାନି ଲିମିଟେଡ୍ (ନାଲ୍‌କୋ) ସମ୍ପ୍ରସାରଣରେ ପ୍ରାୟ ୩୭ ହଜାର କୋଟି ଟଙ୍କା ନିବେଶ କରିବ। କମ୍ପାନିର ସିଏମ୍‌ଡି ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ ଅନୁଗୁଳରେ ଆଲୁମିନିୟମ ସ୍ମେଲଟର କ୍ଷମତାକୁ ୦.୫ ନିୟୁତ ଟନ୍ ବଢ଼ାଇବାରେ କମ୍ପାନି ୧୭,୧୬୩ କୋଟି ଟଙ୍କା ନିବେଶ କରିବ। ସେହି ସମୟରେ ପାୱାର ପ୍ଲାଣ୍ଟ୍ କ୍ଷମତା ୧୦୮୦ ମେଗାୱାଟ୍ ବଢ଼ାଇବାରେ ୧୨,୦୦୦ କୋଟି ଟଙ୍କା, ଦାମନଯୋଡ଼ିରେ ୧ ନିୟୁତ ଟନ୍ ବିଶିଷ୍ଟ ଆଲୁମିନା ରିଫାଇନାରିର ପଞ୍ଚମ ଷ୍ଟ୍ରିମ୍ ପାଇଁ ୫୬୭୭ କୋଟି ଟଙ୍କା ଏବଂ ୩.୫ ନିୟୁତ ଟନ୍ କ୍ଷମତା ବିଶିଷ୍ଟ କୋରାପୁଟ ଜିଲ୍ଲାର ପଟାଙ୍ଗୀ ବକ୍ସାଇଟ୍ ଖଣି ପାଇଁ ୧୯୬୧ କୋଟି ଟଙ୍କା ନିବେଶ କରିବ। ଆସନ୍ତା ୪-୫ ବର୍ଷ ମଧରେ ବା ୨୦୩୦ ସୁଦ୍ଧା ସମ୍ପ୍ରସାରଣ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ଉପରେ କମ୍ପାନି ଗୁରୁତ୍ୱ ଦେବ ବୋଲି ସେ କହିଛନ୍ତି। ନବରତ୍ନରୁ ଏକ ମହାରତ୍ନ କମ୍ପାନିରେ ପରିଣତ ହେବା ଲାଗି କମ୍ପାନିକୁ ନିଜର କ୍ଷମତା ଓ ଆୟ ବଢ଼ାଇବାକୁ ପଡ଼ିବ ବୋଲି କହିବା ସହ ତାହାକୁ ନଜରରେ ରଖି ସମ୍ପ୍ରସାରଣ ଯୋଜନା




ପ୍ରସ୍ତୁତ କରାଯାଇଥିବା ଶ୍ରୀ ସିଂହ କହିଛନ୍ତି। ଉଭୟ ପରିଚାଳନା ଦକ୍ଷତା ବଢ଼ାଇବା ଓ ଖର୍ଚ୍ଚ କମ୍ କରିବା ଉପରେ କମ୍ପାନି ଜୋର୍ ଦେଉଛି। ଅନୁଗୁଳ ସ୍ମେଲଟର ସମ୍ପ୍ରସାରଣ ସମ୍ପର୍କରେ ସେ କହିଛନ୍ତି ଯେ ଡିପିଆର୍ ପ୍ରସ୍ତୁତ କରାଯାଉଛି। ଜମି ଅଧିଗ୍ରହଣ ଅଗ୍ରଣୀ ପର୍ଯ୍ୟାୟରେ ରହିଛି। ରାଜ୍ୟ ସରକାର ଆବଶ୍ୟକ ସହଯୋଗ ଦେଉଛନ୍ତି। ଆସନ୍ତା ବର୍ଷ ଜୁନ୍ ସୁଦ୍ଧା ପଟାଙ୍ଗୀ ବକ୍ସାଇଟ୍ ଖଣି କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି। ନେଟ୍ ଜିରୋ ହେବା ଲାଗି କମ୍ପାନି ଅକ୍ଷୟ ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱ ଦେଉଛି। ଆସନ୍ତା ୩-୪ ବର୍ଷ ମଧରେ କମ୍ପାନି ୩୦୦-୪୦୦ ମେଗାୱାଟ୍ ପର୍ଯ୍ୟନ୍ତ ଅକ୍ଷୟ ଶକ୍ତି କ୍ଷମତା ଯୋଡ଼ିବ। ଅନ୍ୟମାନଙ୍କଠାରୁ ମଧ ଅକ୍ଷୟ ଶକ୍ତି ସଂଗ୍ରହ କରିବ ବୋଲି ସେ କହିଛନ୍ତି। ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ଶୁଳ୍କ ସମ୍ପର୍କରେ ଶ୍ରୀ ସିଂହ କହିଥିଲେ ଯେ ଯେହେତୁ ନାଲ୍‌କୋ ଆମେରିକାକୁ ରପ୍ତାନି କରେନାହିଁ, ତେଣୁ ଏହା କୌଣସି ପ୍ରକାରରେ ପ୍ରଭାବିତ ହେବ ନାହିଁ। ନିକଟରେ ବ୍ରିଟେନ୍ ସହ ସ୍ୱାକ୍ଷର ହୋଇଥିବା ବାଣିଜ୍ୟ ରାଜିନାମା କମ୍ପାନି ପାଇଁ ସୁଯୋଗ ସୃଷ୍ଟି କରିଛି। ଯେହେତୁ ସେଠାରେ ଆଲୁମିନିୟମ ସ୍ମେଲଟର ନାହିଁ, ତେଣୁ କମ୍ପାନି ସେଠାକୁ ଉତ୍ପାଦ ରପ୍ତାନି କରି ବ୍ୟବସାୟ ବଢ଼ାଇପାରିବ। ଆଲୁମିନିୟମ ଶିଳ୍ପର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ଥିବା ଦର୍ଶାଇ ସେ କହିଥିଲେ ଯେ ଆଲୁମିନିୟମ ଉପଯୋଗିତା ବାର୍ଷିକ ୧୦ ପ୍ରତିଶତ ଚକ୍ରବୃଦ୍ଧି ହାରରେ ବଢ଼ିବା ଆକଳନ କରାଯାଇଛି; ଯାହା ୨୦୩୦ ସୁଦ୍ଧା ୮ ନିୟୁତ ଟନ୍, ୨୦୪୦ ସୁଦ୍ଧା ୧୮ ନିୟୁତ ଟନ୍ ଏବଂ ୨୦୪୭ ସୁଦ୍ଧା ୨୮ ନିୟୁତ ଟନ୍‌କୁ ବୃଦ୍ଧି ପାଇବ।

କମ୍ପାନିର ଆର୍ଥିକ କାରବାର ଉପରେ ଆଲୋକପାତ କରି ଶ୍ରୀ ସିଂହ କହିଥିଲେ ଯେ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନିର ନିଟ୍ ଲାଭ ୭୭ ପ୍ରତିଶତ ବୃଦ୍ଧି ପାଇ ୧୦୬୪ କୋଟି ଟଙ୍କା ଓ ରାଜସ୍ୱ ୩୮୦୭ କୋଟି ଟଙ୍କା ହୋଇଛି। ୨୦୨୪-୨୫ରେ କମ୍ପାନି ସର୍ବକାଳୀନ ସର୍ବାଧିକ ୫୩୨୫ କୋଟି ଟଙ୍କାର ନିଟ୍ ଲାଭ ଓ ୧୬,୭୮୮ କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିଥିଲା। ଲାଭ ବଢ଼ିଥିବାରୁ ସିଏସ୍‌ଆର୍‌ରେ କମ୍ପାନିର ବ୍ୟୟ ୭୦ କୋଟି ଟଙ୍କା ଟପିବ ବୋଲି ଆଶା କରାଯାଉଛି। ଏହି ଅବସରରେ କମ୍ପାନି ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଓ ବୈଷୟିକ) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ମାନବ ସମ୍ବଳ) ଡ. ତାପସ କୁମାର ପଟ୍ଟନାୟକ, ନିର୍ଦ୍ଦେଶକ (ବିତ୍ତ) ଅଭୟ କୁମାର ବେହୁରିଆ ଓ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଉପସ୍ଥିତ ଥିଲେ।

## ଅଯୋଗ୍ୟ ରାଶନ କାର୍ଡଧାରୀଙ୍କୁ ହଟାଇବାକୁ କେନ୍ଦ୍ରର ନିର୍ଦ୍ଦେଶ

ନୂଆଦିଲ୍ଲୀ,୨୦।୮: କେନ୍ଦ୍ର ସରକାର ରାଶନ କାର୍ଡ ଧାରକଙ୍କ ତାଲିକାର ଏକ ବ୍ୟାପକ କାଟଛାଣ୍ଟ ଆରମ୍ଭ କରିଛନ୍ତି। ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ପ୍ରଥମ ଥର ପାଇଁ ରାଶନ କାର୍ଡ ଧାରକଙ୍କ ଏକ ତାଲିକା ପ୍ରସ୍ତୁତ କରିଛି ଯେଉଁମାନେ ମାଗଣା ଶସ୍ୟ ଭଳି ସୁବିଧା ପାଇଁ ଯୋଗ୍ୟ ହୋଇନଥାନ୍ତି। ଏହି ତାଲିକାରେ ପ୍ରାୟ ୧.୧୭ କୋଟି ଲୋକ ଅଛନ୍ତି। ଏମାନେ ଚାରି ଚକିଆ ଯାନ କିମ୍ବା ଆୟକର ଦାତା କିମ୍ବା କମ୍ପାନୀରେ ନିର୍ଦ୍ଦେଶକ। କେନ୍ଦ୍ର ରାଜ୍ୟଗୁଡ଼ିକୁ ସେପ୍ଟେମ୍ବର ୩୦ ସୁଦ୍ଧା ଏହି ଅଯୋଗ୍ୟ କାର୍ଡ ଧାରକଙ୍କୁ ହଟାଇବା ପାଇଁ ଆବଶ୍ୟକ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଛି। ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ ବିଭିନ୍ନ ସରକାରୀ ତଥ୍ୟ ଆଧାର ସହିତ ରାଶନ କାର୍ଡ ଧାରକଙ୍କ ବିବରଣୀ ମେଳ କରି ଏହି ତାଲିକା ପ୍ରସ୍ତୁତ କରିଛି। ଏଥିରେ ଆୟକର ବିଭାଗ (କରଦାତା), କର୍ପୋରେଟ ବ୍ୟାପାର ମନ୍ତ୍ରଣାଳୟ (ନିର୍ଦ୍ଦେଶକ) ଏବଂ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ (ଚାର ଚକିଆ ମାଲିକ) ଭଳି ବିଭାଗରୁ ତଥ୍ୟ ଅନ୍ତର୍ଭୁକ୍ତ। ଏହି କ୍ରସ-ଭେରିଫିକେସନରୁ ଜଣାପଡ଼ିଛି ଯେ ୯୪.୭୧ ଲକ୍ଷ ରାଶନ କାର୍ଡ ଧାରକ ଆୟକର ଦାତା, ୧୭.୫୧ ଲକ୍ଷ ଚାରି ଚକିଆ ଯାନ ଏବଂ ୫.୩୧ ଲକ୍ଷ ଲୋକ କମ୍ପାନୀରେ ନିର୍ଦ୍ଦେଶକ।

## ଗ୍ରାହକଙ୍କୁ ନିରାଶ କଲା ଏୟାରଟେଲ

# ଲୋକପ୍ରିୟ ପ୍ଲାନକୁ ବନ୍ଦ କରିବାକୁ ନେଲା ନିଷ୍ପତ୍ତି




ନୂଆଦିଲ୍ଲୀ, ୨୦।୮: ଏୟାରଟେଲ୍ ସମ୍ପ୍ରତି ତାର ଉପଭୋକ୍ତାମାନଙ୍କୁ ଝଟକା ଦେଇଛି। କମ୍ପାନି ଅଗଷ୍ଟ ୨୦ ତାରିଖ ବୁଧବାର ଦିନ ଶସ୍ତା ତୁଳି ଅନଲିମିଟେଡ୍ ପ୍ଲାନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ପ୍ଲାନ୍ ଆଜି ରାତି ୧୨ ଟାରୁ କମ୍ପାନିର ୱେବସାଇଟରୁ ହଟାଇ ଦିଆଯିବ। ଯଦି ଆପଣ ଜଣେ ଏୟାରଟେଲ୍ ଗ୍ରାହକ ଏବଂ ଆପଣ ଏୟାରଟେଲର ଏହି ଶସ୍ତା ପ୍ଲାନକୁ ବ୍ୟବହାର କରୁଥିଲେ ତେବେ ନିଶ୍ଚିୟ ଆପଣଙ୍କ ପାଇଁ ଏହା ଏକ ନିରାଶଜନକ ଖବର ହେବ। ଏୟାରଟେଲ୍ ତାର ଅଫିସିଆଲ୍ ୱେବସାଇଟରେ ସୂଚନା ଦେଇଛି ଯେ ପ୍ରିପେଡ୍ ରିଚାର୍ଜ ପୋର୍ଟଫୋଲିଓରୁ ୨୪୯ ଟଙ୍କାର ପ୍ଲାନ୍ ହଟାଇ ଦିଆଯିବ। ଏହି ପ୍ଲାନ୍ କମ୍ପାନିର ତୁଳି ଅନଲିମିଟେଡ୍ ପ୍ୟାକ୍ ମଧ୍ୟରୁ ଗୋଟିଏ ଥିଲା, ଯାହାକୁ ବିଶେଷ ଭାବରେ କମ୍ ବଜେଟ୍ ଗ୍ରାହକଙ୍କ ମଧରେ ପସନ୍ଦ କରାଯାଉଥିଲା। ଏଥିରେ, ବ୍ୟବହାରକାରୀମାନେ ଡାଟା, କଲିଂ ଏବଂ ଏସଏମଏସ ଭଳି ମୌଳିକ ସୁବିଧା ପାଉଥିଲେ। ଏହି ପ୍ଲାନ୍ ବର୍ତ୍ତମାନ କମ୍ପାନିର ୱେବସାଇଟରେ 'ପ୍ରଡକ୍ଟ କ୍ଲୋଜିଂ ସୁନାଇଟ' ଟ୍ୟାଗ୍ ସହିତ ନଜର ଆସୁଛି।ଏୟାରଟେଲର ଏହି ପ୍ରିପେଡ୍ ପ୍ୟାକ୍ ପୂର୍ବରୁ ୨୪ ଦିନର ବୈଧତା ପ୍ରଦାନ କରୁଥିଲା, ଯେଉଁଥିରେ ପ୍ରତିଦିନ ୧ ଜିବି ଡାଟା, ଅସୀମିତ କଲିଂ ଏବଂ ୧୦୦ ଏସ୍‌ଏମ୍‌ଏସ୍ ସୁବିଧା ଅନ୍ତର୍ଭୁକ୍ତ ଥିଲା। ଏହାକୁ ନିମ୍ନ ଆୟକାରୀଙ୍କ ପାଇଁ ଏକ ସନ୍ତୁଳିତ ବିକଳ୍ପ ଭାବରେ ବିବେଚନା କରାଯାଉଥିଲା। ଯାହାକି ଆଉ କିଛି ଘଣ୍ଟା ମଧରେ ବନ୍ଦ ହୋଇଯିବ।

# ଦଣ୍ଡନୀୟ ଅପରାଧ ହେବ ଅନଲାଇନ ବେଟିଂ

ନୂଆଦିଲ୍ଲୀ, ୨୦।୮: ଏଣିକି ଅନଲାଇନ ବେଟିଂ ଦଣ୍ଡନୀୟ ଅପରାଧଭାବେ ପରିଗଣିତ ହେବ। ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟତାରେ ବସିଥିବା କ୍ୟାବିନେଟ ବୈଠକରେ ଏ ସଂପର୍କିତ ଏକ ବିଲ୍କୁ ମଂଜୁରୀ ଦିଆଯାଇଛି। ଏହି ବିଲ୍ ଆଗତ ହେବା ପରେ, ଅନଲାଇନ୍ ବେଟିଂ କିମ୍ବା ଗେମିଂ ଆପ୍ସର ଅପବ୍ୟବହାର ପାଇଁ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏହି ନୂତନ ବିଲରେ ଅନଲାଇନ୍ ଗେମ୍ ଉପରେ କଟକଣା ଲଗାଇବାର ବ୍ୟବସ୍ଥା ରହିବ। ଆସନ୍ତାକାଲି ଅର୍ଥାତ୍ ବୁଧବାର ଦିନ ସଂସଦରେ ଏହି ବିଲ୍ ଆଗତ କରାଯାଇପାରେ। ସର୍ବପ୍ରଥମେ ଏହାକୁ ଲୋକସଭାରେ ଅଣାଯିବ। ଗତ କିଛି ବର୍ଷ ହେଲା ମଧରେ ଅନଲାଇନ୍ ଗେମ୍ ମାଧ୍ୟମରେ ବେଟିଂ ଏବଂ ଠକେଇର ଅନେକ ମାମଲା ଆସିବା ଯୋଗୁଁ ସରକାରଙ୍କ ପକ୍ଷରୁ ଏହି ବିଲ୍ ଅଣାଯାଇଛି। ଏହି ଆପ୍ସ ଯୋଗୁଁ ଅନେକ ଯୁବକ ସର୍ବସ୍ୱାନ୍ତ ହେଉଛନ୍ତି, ଏପରିକି କେତେକ ଆତ୍ମହତ୍ୟା ମଧ କରୁଛନ୍ତି। କିଛି ଆପ୍ ନକଲି ପୁରସ୍କାର ଏବଂ ଲୋଭ ଦେଖାଇ ଲୋକଙ୍କୁ ଫସାଉଛନ୍ତି। ଆଜକାଲି ଅନେକ ଫିଲ୍ମ ଷ୍ଟାର ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ମଧ ଏହି ଆପ୍ସକୁ ପ୍ରମୋଟ କରୁଥିବାର ଦେଖାଯାଇଛି। ସରକାର ଏବଂ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ଏବେ ସେହି ସେଲିବ୍ରିଟି ଏବଂ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରମାନଙ୍କ ଉପରେ ନଜର ରଖିଛନ୍ତି ଯେଉଁମାନେ ଏହି ଆପ୍ସକୁ ପ୍ରମୋଟ କରନ୍ତି।



● ଗଞ୍ଜେଇ ଚାଲାଣ ବେଳେ ମାଡି ବସିଲା ଅବକାରୀ ବିଭାଗ

# କାର ସହ ୧୦ କିଲୋ ଗଞ୍ଜେଇ ଜବତ ୧ ଗିରଫ




**ଫୁଲବାଣୀ,୨୦।୮ (ସଂଚାର ବ୍ୟୁରୋ):** ମଙ୍ଗଳବାର କନ୍ଧମାଳ ଜିଲ୍ଲା ସଦର ଅବକାରୀ ବିଭାଗ ଫୁଲବାଣୀ ବୌଦ୍ଧ ରାସ୍ତାର ଭେଟଖୋଲ ଘାଟି ନିକଟରେ ଏକ କାର ସହ ୧୦ କିଲୋ ଗଞ୍ଜେଇ କୁ ଜବତ କରିବାରେ ସଫଳ ହୋଇଥିବା ବେଳେ ଏହି ଘଟଣାରେ ଜଣେ ଯୁବକ ଙ୍କୁ ଗିରଫ କରିଛି ଗିରଫ ଯୁବକ ଜଣକ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅଧୀନରେ ଥିବା ବବଡିଙ୍ଗିଆ ଗାଁର ରାମଦାସ ଦିଗାଳ ବୋଲି ଜଣାପଡ଼ିଛି ଫିରିଙ୍ଗିଆ ଅଞ୍ଚଳରୁ ବୌଦ୍ଧ ଅଞ୍ଚଳକୁ ଏକ କାର ରେ ଗଞ୍ଜେଇ ଚାଲାଣ ହେଉଥିବା କୌଣସି ସୂତ୍ର ରୁ ସଦର ଅବକାରୀ ବିଭାଗ କୁଓ ଖବର ମୁତାବକ ସଦର ଅବକାରୀ ବିଭାଗ ର ଓଆଇସି ପ୍ରକାଶ ଚନ୍ଦ୍ର ମଲ୍ଲିକ ଙ୍କ ସହ ଏକ ସ୍ୱତନ୍ତ୍ର ଟିମ ଭେଟଖୋଲ ଘାଟିରେ ଜଗିରହିଥିଲେ ପରେ କାର ଟି ଆସିବା ପରେ ତାକୁ ଅଟକାଇ ଯାଞ୍ଚ କରିବା ପରେ ଗାଡ଼ିରୁ ଏକ ବସ୍ତାରେ ଦଶ କିଲୋ ଗଞ୍ଜେଇ ବାହାରିଥିଲା ଓ ପରେ କାର ସହ ଗଞ୍ଜେଇ କୁ ଜବତ କରିବା ସହ ଚାଲାଣ କାରି ଯୁବକ କୁ ଗିରଫନକରିଥିଲେ ଓ ଅନ୍ୟପଟେ ଏହି ଘଟଣାରେ ସଦର ଅବକାରୀ ବିଭାଗ ରେ ୯୨/୨୦୨୫ ରେ ଏକ ମାମଲା ରୁଜୁ କରାଯାଇ ମଙ୍ଗଳବାର ଚାଲାଣ କାରି ଯୁବକଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଏହି ଚଢ଼ାଉରେ ବିଭାଗର ଅନିଲ ବେହେରା, ସଚିନ ଗୁରୁ, ସୌମ୍ୟରଞ୍ଜନ ବେହେରା ଙ୍କ ସହ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

ଭତ୍ତା ବଣ୍ଟନରେ କେଳେଙ୍କାରି ଅଭିଯୋଗ

# ହିତାଧିକାରୀଙ୍କୁ ନ୍ୟାୟ ଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ବିଞ୍ଝାରପୁର,୨୦।୮ (ସଂଚାର ବ୍ୟୁରୋ):** ବିଞ୍ଝାରପୁର ବ୍ଲକରେ ପିଛା ଛାଡୁନି ଭତ୍ତା କେଳେଙ୍କାରି ଅଭିଯୋଗ। ଗୋଟାଏ ପରେ ଗୋଟାଏ ଆସୁଛି ଭତ୍ତା ବଣ୍ଟନରେ ଅନିୟମିତତାର ଅଭିଯୋଗ। ବ୍ଲକର ଜରୀ ପଞ୍ଚାୟତର ଶତାଧିକ ବିଧବା, ଶାରୀରିକ ଅକ୍ଷମ, ବୃଦ୍ଧ, ବୃଦ୍ଧା ହିତାଧିକାରୀଙ୍କୁ ନୂତନ ଭତ୍ତା ଟଙ୍କା ବ୍ଲକ କର୍ତ୍ତୃପକ୍ଷ ୨୦୨୨ ସେପ୍ଟେମ୍ବର ମାସରେ ପ୍ରଦାନ କଲାବେଳେ ଚଂଚକତା କରି ପ୍ରତି ହିତାଧିକାରୀଙ୍କୁ ମାତ୍ର୨୫୦୦ ଓ ୧୫୦୦ କରି ଟଙ୍କା ଦେଇ ଅବଶିଷ୍ଟ ୩୫୦୦ ଟଙ୍କା ଓ ୧୫୦୦ ଟଙ୍କା ମୋଟ ପ୍ରାୟ ୧୨ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଲୁଟିନେଇଥିବାର ଗୁରୁତର ଅଭିଯୋଗ ହିତାଧିକାରୀଙ୍କ ପକ୍ଷରୁ ଜିଲ୍ଲାପାଳ, ଉପଜିଲ୍ଲାପାଳ ଓ ବିଡ଼ିଓ ଙ୍କୁ ଲିଖିତ ଭାବେ ପ୍ରଦାନ କରାଯାଇଥିଲା। କିନ୍ତୁ




ଜିଲ୍ଲା ପ୍ରଶାସନ ଓ ବ୍ଲକ ପ୍ରଶାସନ ଜାଣି ଶୁଣି ଏଥିପ୍ରତି କର୍ଣ୍ଣପାତ ନକରିବାରୁ ଜରି ଗ୍ରାମର ଭତ୍ତା ହିତାଧିକାରୀ ଶ୍ରୀ ପ୍ରଦୀପ ସାମଲ, ଦାମୋଦର ମଳିକ, ବାସନ୍ତୀଲତା ଦାଶ, ଆଲ୍ଲାଦିନି ସାମଲ ଓ ଇନ୍ଦୁମତି ସାମଲ ମାନ୍ୟବର ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ କରିଥିଲେ।ଯାହାକି ପିଟସନ ନମ୍ବର-ଡବ୍ଲୁପି (ସି)-୨୨୩୪୬/୨୫ ଅଟେ।ଗତ ଅଗଷ୍ଟ ୧୯ ତାରିଖରେ ମାନ୍ୟବର ହାଇକୋର୍ଟ ଉକ୍ତ କେଶର ବିଚାର କରି ତୁରନ୍ତ ଭତ୍ତା ହିତାଧିକାରୀଙ୍କ ଅଭିଯୋଗକୁ ନିରପେକ୍ଷ ତଦନ୍ତ କରି ସେମାନଙ୍କ ବକେୟା ମାସର ଭତ୍ତା ଅର୍ଥରାଶି ପ୍ରଦାନ କରି ବିହିତ ପଦକ୍ଷେପ ନେବାକୁ ଯାଜପୁର ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ।ଆସନ୍ତା ଚାରି ସପ୍ତାହ ମଧ୍ୟରେ ତଦନ୍ତ କରି ହିତାଧିକାରୀଙ୍କୁ ନ୍ୟାୟ ଦେବାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟ ସମୟସୀମା ଧାର୍ଯ୍ୟ କରିଛନ୍ତି।ଏହି ମାମଲାକୁ ମାନ୍ୟବର ଉଚ୍ଚ ନ୍ୟାୟାଳୟର ଆଡ଼ଭୋକେଟ ଶ୍ରୀଯୁକ୍ତ ବିଜୟ କୁମାର ବେହେରା ପରିଚାଳନା କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ବିଂଝାରପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଭତ୍ତା ଦୁର୍ନୀତିରେ ସଂପୃକ୍ତ ଥିବା ତତ୍କାଳୀନ ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଧର୍ମେନ୍ଦ୍ର ସାହୁ କାର୍ଯ୍ୟରୁ ନିଲମ୍ବିତ ହେବା ପରେ ମଧ୍ୟ ତାଙ୍କ ବିଭାଗର ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଆଦି ନୂତନ ଭାବେ ଯୋଗଦେଇଥିବା ସାମାଜିକ ସୁରକ୍ଷା ଅଧିକାରୀଙ୍କୁ ଏ ଯାଏ ପ୍ରଦାନ କରିନଥିଲେ। ବିଂଝାରପୁର ବିଡ଼ିଓ ଙ୍କ କଥା କୁ କର୍ଣ୍ଣପାତ କରିନଥିଲେ। ଅଭିଯୋଗ ବିଭିନ୍ନ ମହଲ ରୁ ଚାପପଡ଼ିବା ସହ ଉକ୍ତ ଘଟଣା ଯେତେବେଳେ ଅନ୍ଦୋଳନ ରୂପ ନେଲା ସେତେବେଳେ ଯାଇ ବିଡ଼ିଓ ଗତ କିଛି ମାସ ପୂର୍ବେ ଲିଖିତ ଭାବେ ଉପଜିଲ୍ଲାପାଳ ଙ୍କୁ ଜଣାଇଥିଲେ। ତେବେ ଉପଜିଲ୍ଲାପାଳ ଶ୍ରୀ ସାହୁ ଙ୍କ ଠାରୁ ବ୍ଲକର କାଗଜପତ୍ର ଅଦ୍ୟାବଧି ନଆଣିବାକୁ ନେଇ କେଉଁଠି ନା କେଉଁଠି ଏହା ପଛରେ କିଛି ରହସ୍ୟ ରହିଥିବାର ସନ୍ଦେହ ହେଉଛି ବୋଲି ହିତାଧିକାରୀ ମାନେ ଅନୁମାନ କରୁଛନ୍ତି।

## ଉତ୍ତର ପ୍ରଦେଶ ଫେରିବାଲାଙ୍କ ଠାରୁ ଲୁଟ ଘଟଣା,ଦୁଇ ଦୁର୍ବୃତ୍ତ ଗିରଫ

**ବୋରିଗୁମ୍ମା,୨୦।୮(ସଂଚାର ବ୍ୟୁରୋ):** ଜୟପୁର ବ୍ଲକ କେବିଡି ଅଞ୍ଚଳର ଡାଗରା ନିକଟରେ ଫେରିବାଲାଙ୍କ ଠାରୁ ଲୁଟ ଘଟଣା ରେ ପୋଲିସ ଦୁଇ ଜଣ ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି।ସେମାନେ ହେଲେ ଜୟପୁର ଅଞ୍ଚଳର ପୁଷପୁରୀ ଗ୍ରାମର ବାଲେଶ୍ୱର ଶୁକ୍ରି(୨୫ ବର୍ଷ) ଓ ଆକାଶ ହୋନ୍ତାଳ। ପୋଲିସ ସୂତ୍ରରୁ ପ୍ରକାଶ ଯେ କିଛି ଦିନ ତଳେ ଉତ୍ତର ପ୍ରଦେଶର ଜଣେ



ଫେରିବାଲା କପଡ଼ା ବିକ୍ରି କରିବା ପାଇଁ ବିଭିନ୍ନ ଗାଁ କୁ ଯାଇ ବିକ୍ରି କରି ଫେରିବା ବେଳେ ୨ ଦୁର୍ବୃତ୍ତ ଜୟପୁର ବ୍ଲକ କେବିଡି ନିକଟ ଡାଗରା ନିକଟରେ ଫେରିବାଲାକୁ ଅଟକାଇ ଜୋର ଜବରଦସ୍ତ ଶାଢ଼ୀ, କପଡ଼ା ଛଡାଇ ନେବା ସହ ମୋବାଇଲ ନେଇ ସେଠାରୁ ଚମ୍ପଟ ମାରିଥିଲେ।ପରେ ଫେରିବାଲା ବୋରିଗୁମ୍ମା ଥାନାରେ ଲିଖିତ ଭାବେ ଜଣାଇଥିଲେ। ବୋରିଗୁମ୍ମା ପୁଲିସ ଏଏସଆଇ ଦ୍ରୋଣାଚାର୍ଯ୍ୟ ବାଘଙ୍କ ନେତୃତ୍ୱରେ ଦୁଇ ଦୁର୍ବୃତ୍ତ ଙ୍କୁ ଗିରଫ କରିବାରେ ସଫଳ ହୋଇଛି।ଏନେଇ ଥାନାରେ ଏକ ମାମଲା କେସ ନମ୍ବର--୧୭୨/୨୦୨୫ ରୁଜୁ କରାଯାଇ ୨ ଗିରଫ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ ହୋଇଥିବା ଥାନା ଭାରପ୍ରାପ୍ତ ଅଧିକାରୀ ଶ୍ୱେତପଦ୍ମା ସେଠ ସୂଚନା ଦେଇଛନ୍ତି।

## ଦକ୍ଷତା ବିକାଶ ନିର୍ଦ୍ଦେଶକ ଓ ସିଇଓ, ଏସଡିଏଙ୍କ ଜିଲ୍ଲା ଗସ୍ତ ଓ ସମୀକ୍ଷା ବୈଠକ

**ନବରଙ୍ଗପୁର,୨୦।୮(ସଂଚାର ବ୍ୟୁରୋ):** ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ନିୟୋଜନ ନିର୍ଦ୍ଦେଶକ ତଥା ଓଏସଡି ଏ ସି ଇଓ, ଜିଲ୍ଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ୍ ବର୍ମନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିରଞ୍ଚି ନାରାୟଣ ଦରୱାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ।ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ।



ଜିଲା ନୋଡାଲ ଅଧିକାରୀ ଶ୍ରୀମତୀ ପଣ୍ଡା ବିଭିନ୍ନ ବିଭାଗୀୟ ଯୋଜନାର ସମୀକ୍ଷା କରିଥିଲେ। ସମୀକ୍ଷାରେ ନବରଙ୍ଗପୁର ମହାବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର କର୍ତୃପକ୍ଷଙ୍କୁ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଜୀବିକା ପରାମର୍ଶ ଓ ନିଯୁକ୍ତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ ଭାରତ ଏବଂ ବୟୋ ବନ୍ଦନା କାର୍ଡ ବିତରଣ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗ ର ମେଗା ପାନୀୟ ଜଳ ଯୋଜନାରେ ଗାଁ ଅନ୍ତର୍ଭୁକ୍ତ, ପ୍ରତ୍ୟେକ ଘରକୁ ପିଇବା ପାଣି ଏବଂ ହର ଘର ଜଳ, ଶିକ୍ଷା ବିଭାଗର ଛାତ୍ର ଛାତ୍ରୀ ଙ୍କ ପାଠ ସହ ଜୀବିକା ପରାମର୍ଶ, ମେଟ୍ରିକ୍ ପାସ୍ ହାର, ପି ଏମ୍ ଶ୍ରୀ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଜିଲା ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଗଣ୍ଡି ଓ ଭତରା ଭାଷାରେ ପ୍ରାରମ୍ଭିକ ସ୍ତରରେ ଶିକ୍ଷା ପ୍ରଣାଳୀ ପ୍ରକଳ୍ପକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ ଉପରେ ପଚାରି ବୁଝିଥିଲେ।

# ବେନାମୀ ପାଣି ଫ୍ୟାକ୍ଟ୍ରି ଉପରେ ଚଢ଼ାଉ କେବେ ?

**ପାରାଦୀପ,୨୦।୮(ସଂଚାର ବ୍ୟୁରୋ):** ପାରାଦୀପରେ ସବୁଠାରୁ ମୁଖ୍ୟ ସମସ୍ୟା ଭାବେ ପ୍ରଦୂଷଣ ପରେ ଏବେ ସାମ୍ନାକୁ ଆସିଛି ପାଣି। ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏବେ ଯୁଗ୍ମ ଓ ଅଯୁଗ୍ମ ତାରିଖରେ ପାଣି ଦିଆଯାଉଥିବା ବେଳେ ବିଭିନ୍ନ ବସ୍ତି ଅଞ୍ଚଳକୁ ଉଚିତ ପରିମାଣର ପାଣି ଯୋଗାଇ ହେଉନାହିଁ। ଷଣ୍ଢକୁଦ ଅଞ୍ଚଳରେ ଦିନକୁ ଦିନ ଲୋକ ସଂଖ୍ୟା ବୃଦ୍ଧି ପାଉଥିବାବେଳେ ଏଠାରେ ପାଣି ଘୋର ସମସ୍ୟା।

ଯାହାର ସୁଯୋଗ ନେଇ ଅନେକ ବେନାମୀ ପାଣି ଫ୍ୟାକ୍ଟ୍ରି ଖୋଲି ସେମାନଙ୍କର ପାଣି ସପ୍ଲାଇ କରୁଛନ୍ତି। ବିନା ଲାଇସେନ୍ସ କିମ୍ବା ବିନା ମାନଦଣ୍ଡ



ସବୁ ନୀତି ନିୟମକୁ ଫୁ କରି ଏମାନେ ଜୋର ଜବରଦସ୍ତି ପାଣି ଫ୍ୟାକ୍ଟ୍ରି ଖୋଲିଛନ୍ତି।

ଦିନ ଦ୍ୱିପ୍ରହରାରେ ଏମାନେ ଡ଼ାଲା ଅଟୋ ଓ ପିକଅପ ଭ୍ୟାନରେ ପାଣି ଗଳିକନ୍ଦି ବୁଲି ବିକ୍ରି କରୁଛନ୍ତି।

ଏମାନେ ସରକାରୀ ନୀତି ନିୟମରେ ନଥିବାରୁ ପାଣିକୁ ଉଚିତ ଭାବେ ବିଶୋଧନ ନକରି ନାଳ ଓ କେନାଲ ପାଣିକୁ ମଧ୍ୟ ବ୍ୟବହାର କରୁଥିବା ଚର୍ଚ୍ଚା ହେଲାଣି।

ଗତବର୍ଷ କୁଜଙ୍ଗ ତହସିଲ ପକ୍ଷରୁ ଏମାନଙ୍କ ଉପରେ ଚଢ଼ାଉ କରାଯାଇଥିବା ବେଳେ ସେମିତି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା ନାହିଁ। ଧୀରେଧୀରେ ପାରାଦୀପ, ଷଣ୍ଢକୁଦ ଓ ଏହାର ଆଖପାଖ ଅଞ୍ଚଳରେ ଏମାନଙ୍କ ସଂଖ୍ୟା ପ୍ରାୟ ପଚାଶ ଟପିବାକୁ ଯାଉଥିବା ବେଳେ ଏହି ପାଣିରୁ ଲୋକମାନେ ବିଭିନ୍ନ ରୋଗର ଶିକାର ହେଉଥିବା ଆଲୋଚନା ହେଉଛି। ପାରାଦୀପ ବେନାମୀ ପାଣି ଉପରେ କେବେ ଚଢ଼ାଉ କରାଯାଇ ପଦକ୍ଷେପ ଗ୍ରହଣ କରାଯିବ ତାହା, କେବଳ ଦେଖିବାକୁ ବାକି ରହିଲା।

ବିଚ ରାସ୍ତା ଉପରେ ମାତାଲ ଯୁବକର ଉନ୍ମତ୍ତ କାଣ୍ଡ

# ମହିଳାଙ୍କୁ ଟ୍ରକ ଚଢ଼ାଇ ମାରିଦେବାକୁ ଉଦ୍ୟମ

**ଜଗତସିଂହପୁର,୨୦।୮(ସଂଚାର ବ୍ୟୁରୋ):** ଜିଲ୍ଲା ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ମଣିଜଙ୍ଗା ଏରସମା ରାସ୍ତାର ବଡିଲୋ ଛକରେ ଗତରାତି ରେ କୁଖ୍ୟାତ ଚୋର କୁହାଯାଉ ଥିବା ପପେୟା ନାମକ ଜିନିକ ବ୍ୟକ୍ତି ମାତାଲ ଅବସ୍ଥାରେ ଏକ ଟ୍ରକ ଯୋଗେ ଆସି ଏକ ମହିଳା ଙ୍କୁ ଜୀବନରେ ମାରି ଦେବାକୁ ଟ୍ରକ ଚଢ଼ିଇବାକୁ ଯାଇ ଏକ ନଡ଼ିଆ ଗଛରେ ପିଟି ହୋଇଛି। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ମରଣା ଅସ୍ତ୍ର ଧରି ଗ୍ରାମବାସୀ ଙ୍କୁ ଗୋଡ଼ାଇ ଥିଲା ପପେୟା। ଏପରିକି ନିକଟସ୍ଥ ଜଣେ ଝାଲ ମଟର ବିକୁଥିବା ଲୋକଙ୍କୁ ମାଡ଼ମାରି ହାତ ଭାଙ୍ଗିବା ପରେ। ରାତିଯାକ ତୁମ୍ବୀ ତୋଫାନ କରିଥିଲା ସେହି ନିଶାଡୀ ଜଣକ। ପୋଲିସ ଥାନାକୁ ସ୍ଥାନୀୟ ଲୋକେ ଲୋକେ ଫୋନ କରିଥିବା ବେଳେ ପୁଲିସ ଆସିବା ବିଳମ୍ବ ହେବାରୁ ମହିଳା ମାନେ ଆଜି ଭୋର ୬ ଟାରୁ ରାସ୍ତା ରୋକ କରିଥିବା ଦେଖା ଯାଇଛି। ପ୍ରାୟ ୨ଘଣ୍ଟା ରାସ୍ତାରୋକ ହେବା ପରେ ତିର୍ତ୍ତୋଲ ପୋଲିସ ଆସି ସେହି ବଡିଲ ଗ୍ରାମର ଘରେ ନିଶାଗ୍ରସ୍ତ ଅବସ୍ଥାରେ ସୋଇଥିବା ପପେୟା କୁ କୁ ଗିରଫ କରିଛି। ଆସମୀ ପାରାଦୀପ ରୁ ଏକ ଟ୍ରକ ନେଇ ଆସିଥିବା ଖବର ମିଳିଛି। କିନ୍ତୁ ରିଫାଇନ ତେଲ ବୋଝଇ ଟ୍ରକ ଟି କେଉଁ ମାଲିକ ଦେଇଛି କି ଟ୍ରକ ଟି କାହାଠାରୁ ଜୋର ଜବରଦସ୍ତ ଉଠାଇ ଆଣିଛି ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନଥିବା ବେଳେ। ପୋଲିସ ଟ୍ରକ ଟିକୁ ସିଜ କରିଛି। କେବଳ ଏହିକି ନୁହେଁ ସେହି ଯୁବକ ନାମରେ ଆଗରୁ ଚୋରି, ଡକାୟତି, ରାହଜନୀ ଭଳି ଘଟଣା ଅଧିକାଂଶ ଥାନାରେ ଥିବାବେଳେ। ନିକଟରେ ବହୁବାର ଜେଲ ଫେରନ୍ତା କୁ ପୋଲିସ କିଭଳି ନଜର ରଖି ନଥିଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେହିଭଳି ଗତ ଦୁଇ ସପ୍ତାହ ପୂର୍ବରୁ ବଡିଲ ନିକଟସ୍ଥ ନରୁଆ ଛକ ଠାରେ ଦୁର୍ଗା ଙ୍କ ମନ୍ଦିର ଭାଙ୍ଗି ଲକ୍ଷାଧିକ ଟଙ୍କା ଚୋରି ହେବା ଓ ଜଗନ୍ନାଥପୁର ବଜାରରେ ଦୋକାନ ଭାଙ୍ଗିବା ଘଟଣା ରେ ପୋଲିସ ର ନୀରବତା କୁ ନେଇ ଅଞ୍ଚଳ ବାସି ଭୟଭୀତ ଥିବାବେଳେ। ପୂର୍ବରୁ ଏହି ଦୁଇଟି ଚୋରି ଘଟଣା ରେ ତିର୍ତ୍ତୋଲ ପୋଲିସ କାହାକୁ ଜେରା କରିନଥିବା ପୋଲିସ ପ୍ରଶାସନ ପରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ଉନୟନ ମୂଳକ କାର୍ଯ୍ୟ ବୁଲି ଦେଖିଲେ ଜିଲ୍ଲାପାଳ



**ଫୁଲବାଣୀ,୨୦।୮(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ନୂତନ ଭାବେ ଜିଲ୍ଲାପାଳ ବେଦ ଭୂଷଣ ଯୋଗଦାନ କଲାପରେ ପ୍ରତିଦିନ ଜିଲ୍ଲାର ବିଭିନ୍ନ ବ୍ଲକକୁ ଗସ୍ତ କରି ସରକାରଙ୍କ ବିଭିନ୍ନ ଉନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ବୁଲି ଦେଖୁଥିବା ବେଳେ ପ୍ରତେକ ଅଞ୍ଚଳର ସ୍ଥିତି ବୁଲି ଦେଖିବାକୁ ମିଲି ଛି। ସେହିଭଳି ଶୁକ୍ରବାର ଦିନ ଖଜୁରୀପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତକୁ ଗସ୍ତ କରି ବିଦ୍ୟାଳୟ ଗୁଡ଼ିକ ବୁଲି ଦେଖୁଥିବା ବେଳେ ଅନେକ ଉନୟନ ମୂଳକ କାର୍ଯ୍ୟ ଗୁଡ଼ିକୁ ଦେଖୁଛନ୍ତି। ଜିଲ୍ଲାପାଳ ଶ୍ରୀ ଭୂଷଣ ଶୁକ୍ରବାର ଦିନ ଆର, ନୂଆଗାଁ ପଞ୍ଚାୟତର କଳିଙ୍ଗ ଆଦର୍ଶ ବିଦ୍ୟାଳୟକୁ ପ୍ରଥମେ ଦେଖୁଥିବା ବେଳେ ରଣପାଟୁଳି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଦେଖୁବାକୁ ଯାଇଥିଲେ ଛାତ୍ରଛାତ୍ରୀଙ୍କ ଶ୍ରେଣୀ ଗୃହକୁ ଯାଇ ସେମାନଙ୍କୁ ଶିକ୍ଷା ଉପରେ ବିଭିନ୍ନ ଦିଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ସ୍ଥିତି ପରଖୁଥିଲେ ଏହାପରେ ଦୁତିପଡ଼ା ପଞ୍ଚାୟତର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଂଚି ବୁଲି ଦେଖୁଥିଲେ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ସେଠାରୁ ଦୁତିମେଣ୍ଡି ପଞ୍ଚାୟତର ପ୍ରେମଝରୀ ଗ୍ରାମରେ ମିଶନ ଶକ୍ତିର ମାଁ ତାରାତାରିଣୀ ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱରା କ୍ଲୋଷ୍ଟର ଆପ୍ରଚ ଲୋକଷ୍ଟ ସୋଲାର ଫିନିସିଂ ମଡେଲ ମୋ ବଗିଚା ଚାଷ କୁ ଦେଖୁଥିଲେ। ଏହାପରେ ସମ୍ବେପଦର ଠାରେ ଜନଜାତି ଗୋଷ୍ଠିକେନ୍ଦ୍ର ଗୃହକୁ ପରିଦର୍ଶନ କରିଥିଲେ ଏବଂ ଜନଜାତି ଗୋଷ୍ଠିକେନ୍ଦ୍ର କମିଟି ସଦସ୍ୟ ମାନଙ୍କ ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ଶିକ୍ଷକ ସମ୍ବର୍ଦ୍ଧିତ

**ବୈଶିଙ୍ଗା,୨୦।୮(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅନ୍ତର୍ଗତ ନାଖରା ଗ୍ରାମରେ ୭୯ ତମ ସ୍ୱାଧୀନତା ଦିବସ ଉପଲକ୍ଷେ ଫୋର୍ଡ ସ୍ୱେଚ୍ଛାସେବୀ ଓ ଗ୍ରାମବାସୀଙ୍କ ତରଫରୁ ଏକ ନିଆରା ଢଙ୍ଗରେ ନାଖରା ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ କୁମାର ମହାଳିକ, ଅବନୀ କୁମାର ମହାନ୍ତି, ସଞ୍ଜୀବ କୁମାର ଓଝା, ଜ୍ୟୋସ୍ନାରାଣୀ ବିଶ୍ୱାଳ ଓ ରଶ୍ମିତା ମଲ୍ଲିକ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ସମ୍ବର୍ଦ୍ଧିତ କରାଯାଇଅଛି। ଉକ୍ତ କାର୍ଯ୍ୟକ୍ରମକୁ ଲିୟନ୍ କୁମାର ଖଣ୍ଡା ପରିଚାଳନା କରିଥିଲେ। ଶିକ୍ଷକ ବିଦ୍ୟାଳୟରେ ଛାତ୍ର ଗଠନ ବିଶ୍ୱକର୍ମା ଭାବରେ



କାର୍ଯ୍ୟକରି ସମାଜ ଗଠନ ର ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି, ରାଧାଶ୍ୟାମ ଖଣ୍ଡା, ଚନ ଦାସ, ବେଣୁଧର ଦାସ, ଦେବଲକ୍ଷ୍ମୀ ବେହେରା ଓ ଜୀବନ କୁମାର ନାୟକ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସର୍ବଶେଷ ରେ ସଞ୍ଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ଲଘୁଚାପ ଯୋଗୁଁ ବେହାଲ କୋରାପୁଟ

କୋଟପାଡ଼ରେ ସର୍ବାଧିକ ୧୫୦ ମିମି



**କୋରାପୁଟ,୨୦।୮(ସଂଚାର ବ୍ୟୁରୋ):** ଲଘୁଚାପ ପ୍ରଭାବରେ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଥିବାବେଳେ ଜନଜୀବନ ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି। ଗତ ୨୪ ଘଣ୍ଟାରେ ଜିଲ୍ଲାରେ ୮୮୩୨ ମିମି ବର୍ଷା ପାଣିପାଗ ବିଭାଗ ରେକର୍ଡ କରିଥିବାବେଳେ କୋଟପାଡ ବ୍ଲକରେ ସର୍ବାଧିକ ୧୫୦ ମିମି ବର୍ଷା ହୋଇଥିବା ଜଣା ପଡ଼ିଛି। ସେହିପରି କୋରାପୁଟ ବ୍ଲକରେ ୭୩ ମିମି ବର୍ଷା ହୋଇଥିବା ବେଳେ ଲମତାପୁଟରେ ୭୯, ପଟ୍ଟାଙ୍ଗିରେ ୫୯, ବନ୍ଧୁଗାଁରେ ୫୪, ନନ୍ଦପୁରରେ ୫୫, ଦଶମନ୍ତପୁରରେ ୩୦ ମିମି ବର୍ଷା ହୋଇଛି। ଅନ୍ୟ ପକ୍ଷରେ ନାରାୟଣପାଟଣା ବ୍ଲକରେ ୨୬.୪ ମିମି ବର୍ଷା ହୋଇଥିବା ବେଳେ ଲକ୍ଷ୍ମୀପୁରରେ ୩୫.୨, ସେମିଳିଗୁଡାରେ ୫୩, ଜୟପୁରରେ ୪୬.୬, କୁନ୍ଦୁରାରେ ୪୨.୪, ବୋରିଗୁମ୍ମାରେ ୩୬ ଏବଂ ବୈପାରିଗୁଡ଼ା ବ୍ଲକରେ ୧୪୩ ମିମି ବର୍ଷା ହୋଇଛି।

## ଜିଲ୍ଲା କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧିଙ୍କ ଜନ୍ମ ଜୟନ୍ତୀ ପାଳିତ

**ଜଗତସିଂହପୁର,୨୦।୮(ସଂଚାର ବ୍ୟୁରୋ):** ମହାନ ଜନନାୟକ, ଆଧୁନିକ ଭାରତର ନିର୍ମାତା, ପଞ୍ଚାୟତିରାଜ ବ୍ୟବସ୍ଥାର ଜନକ, ମହିଳା ସଶକ୍ତିକରଣର ପ୍ରାଣ ପ୍ରତିଷ୍ଠାତା,ଆର୍ଥିକ ଉଦାରୀକରଣର ନିର୍ମାତା, ବୈଷୟିକ ବିଜ୍ଞାନର ସ୍ରଷ୍ଟା, ନବ ଭାରତର ବିକାଶ ପୁରୁଷ, ମହାନୁଭବ, ପୂର୍ବତନ



ପ୍ରଧାନମନ୍ତ୍ରୀ, ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀ ଙ୍କ ୮୧ ତମ ଜନ୍ମ ଜୟନ୍ତୀ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ପାଳନ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ରାଜୀବ ଗାନ୍ଧୀ ଙ୍କ ତୈଳ ଚିତ୍ର ଓ ସ୍ଥାନୀୟ ଚର୍ଚ୍ଚିକା ବଜାର ନିକଟସ୍ଥ ରାଜୀବ ଗାନ୍ଧୀ ଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ପୂର୍ବତନ ବ୍ଲକ କଂଗ୍ରେସ ସଭାପତି ଲକ୍ଷ୍ମୀ ନାରାୟଣ ସାମନ୍ତରାୟ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ନିଖିଳ ଉତ୍କଳ ଗ୍ରାମୀଣ ଚାଷୀ ମୂଳିଆ ସଂଘ ସଭାପତି ଇଂ ବେଦଦ୍ୟୁତି ପୃଷ୍ଟି, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ଼ାକ୍ତର ଜଗଦାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଂଖ୍ୟାଲଘୁ ବିଭାଗ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ,ଯୁବ ନେତା ପ୍ରବୀର ପରିଜା, ଦାଶରଥି ସ୍ୱାଇଁ,ସେଖ୍ ଅମିନୁସ ସାଜେଦିନ,ତ୍ରିପୁରେଶ୍ୱର ମଲ୍ଲିକ,ଅତୁଲ୍ୟ କୁମାର ବିଶ୍ୱାଳ, ରମେଶ କୁମାର ବିଶ୍ୱାଳ, ଆର୍ତ୍ତତ୍ରାଣ ଖଟେଇ ପ୍ରମୁଖ ଉପସ୍ଥିତ ରହି ଦିବଂଗତ ନେତା ରାଜୀବ ଗାନ୍ଧୀ ଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ସୂଚନା ଅଧିକାର ଆଇନକୁ ବ୍ଲକ ପ୍ରଶାସନର ବେଖାତିର, ଅପିଲ ପରେବି ମିଳୁନି ସୂଚନା

● ଅଭିଯୋଗ ଆଣିଲେ ସୂଚନା କର୍ମୀ



**ଲାଞ୍ଜିଗଡ଼,୨୦।୮(ସଂଚାର ବ୍ୟୋରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକରେ ମନରେଗା, ସିଏଫସି, ଓ ଏସଏଫସି ଫଣ୍ଡରୁ ବ୍ଲକର ୨୬ଗୋଟି ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ମୂଳକ କାମ ଚାଲିଥିବା ବେଳେ ଅନେକ ପଞ୍ଚାୟତରେ ମନରେଗା, ସିଏଫସି ଓ ଏସଏଫସି ଫଣ୍ଡରେ ଆସୁଥିବା ସରକାରୀ ଅର୍ଥ ରାଶିକୁ ଅଳ୍ପ କାମ କରି ଲକ୍ଷାଧିକ ଟଙ୍କା ହରିଲୁଟ ହେଉଥିବା ଅଭିଯୋଗ ହେଉଛି।ଅଭିଯୋଗକୁ ନେଇ ବ୍ଲକର ୨୬ଗୋଟି ପଞ୍ଚାୟତର ଉକ୍ତ କାମର ଖର୍ଚ୍ଚ ସବିଶେଷ ଜାଣିବା ପାଇଁ ସୂଚନା ଅଧିକାର ଆଇନ ବଳରେ ମାଳିଯୁବାଙ୍ଗ ପଞ୍ଚାୟତ ମାଳିଯୁବାଙ୍ଗ ଗାଁର ରାମଚନ୍ଦ୍ର ମୁଣ୍ଡଛିନା ଏନେଇ ଲାଞ୍ଜିଗଡ଼ ବ୍ଲକ ବିଡ଼ିଓଙ୍କୁ ୧୮/୦୬/୨୫ରେ ସୂଚନା ଅଧିକାର ଆଇନ ବଳରେ ଆର୍ଥିକ ବର୍ଷ ୨୦୨୩-୨୪ ଓ ୨୦୨୪-୨୫ର କାମର ଖର୍ଚ୍ଚ ସବିଶେଷ ସୂଚନା ମାଗିଥିଲେ।ହେଲେ ସମୟ ସୀମା ଅନୁଯାଇ ସୂଚନା ନ'ପାଇବାରୁ ୧୬/୦୮/୨୫ ରେ କର୍ତୃପକ୍ଷଙ୍କ ନିକଟରେ ପ୍ରଥମ ଅପିଲ କରିଥିଲେ।କିନ୍ତୁ ପ୍ରଥମ ଅପିଲ ପରେ ମଧ୍ୟ କୌଣସି ସୂଚନା ମିଳିପାରିନାହିଁ।ତେବେ ଲାଞ୍ଜିଗଡ଼ ବ୍ଲକରେ ମନରେଗା ଦୁର୍ନୀତି ଚରମସୀମାରେ ରହିଛି ନା କେଉଁ ଉଦେଶ୍ୟ ରଖି ଅପିଲ ପରେ ମଧ୍ୟ ଲାଞ୍ଜିଗଡ଼ ପଞ୍ଚାୟତ ସମିତି କୌଣସି ତଥ୍ୟ ଦେଉନାହାନ୍ତି ବୋଲି ସୂଚନା କର୍ମୀ ଶ୍ରୀ ମୁଣ୍ଡଛିନା ଅଭିଯୋଗ ଆଣିଛନ୍ତି।ରାଜ୍ୟରେ ପ୍ରତ୍ୟେକ କାର୍ଯ୍ୟାଳୟରେ ଏହି ନିୟମକୁ ଠିକ ଢଙ୍ଗରେ ପାଳନ କରୁଥିବା ବେଳେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଏହି ନିୟମକୁ ବେଖାତିର କରି ମନରେଗା ଦୁର୍ନୀତିକୁ ଢାଙ୍କିବା ପାଇଁ ନା ଦୁର୍ନୀତି ତଥ୍ୟ ସାମ୍ନାକୁ ଆସିଲେ।

## ସଂଘବଦ୍ଧ ଆକ୍ରମଣ ମାମଲା ୪ ଫେରାର ଅଭିଯୁକ୍ତ ଗିରଫ

**ବୈଶିଙ୍ଗା,୨୦।୮(ସଂଚାର ବ୍ୟୋରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ପୁରୁଣିଆ ଗ୍ରାମରେ ଚଳିତ ମାସ ୧୧ ତାରିଖ ସୋମବାର କମେଣ୍ଟ ମରାକୁ କେନ୍ଦ୍ରକରି ଜନୈକ ବ୍ୟକ୍ତିଙ୍କୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଥିଲା। ଆକ୍ରମଣ ରେ ଯୁବକଙ୍କ ହାତ ଓ ଗୋଡ଼କୁ ହାଣି ପକାଇବା ଯୋଗୁଁ ଗଭୀର କ୍ଷତ ସୃଷ୍ଟି ହୋଇଥିଲା। ସୂଚନା ମୁତାବକ ଶ୍ରୀରାମ ପାଢ଼ୀଙ୍କ ସ୍ତ୍ରୀ ଙ୍କୁ ଗ୍ରାମ ର କିଛି ଯୁବକ ଅଶ୍ଳୀଳ କମେଣ୍ଟ କରୁଥିବା ନେଇ ସେ ତାଙ୍କ ସ୍ୱାମୀଙ୍କୁ ଫୋନ୍ କରି ଜଣାଇବା ପରେ ଶ୍ରୀରାମ ଓ ବଡ଼ଭାଇ କାର୍ତ୍ତିକ ଦୁହେଁ ମିଶି ଘଟଣାସ୍ଥଳକୁ ଯାଇ ସେଠାରେ ଥିବା ଚାରିଜଣ ଯୁବକଙ୍କୁ ପଚାରିବାରୁ ସେମାନେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଦୁଇଭାଇ ବୈଶିଙ୍ଗା ଯାଇ ଥାନାରେ ଅଭିଯୋଗ କରିବାକୁ ବାହାରିଥିଲେ। ହେଲେ ଡାଳଭଙ୍ଗା ଛକ ନିକଟରେ ପ୍ରାୟ ଆଠ ଜଣ ଦୁର୍ବୃତ୍ତ ସେମାନଙ୍କୁ ଘେରିଯାଇ ତେଲେଙ୍ଗା କଟୁରୀ ଓ ଭୁଜାଲିରେ ଆକ୍ରମଣ କରିଥିଲେ। ଦୁଇଭାଇ ଧାନ ବିଲ ଭିତରେ ଦୌଡୁଥିବା ବେଳେ ବଡ଼ ଭାଇ କାର୍ତ୍ତିକ କାଦୁଆ ରେ ଫସି ପଡ଼ିଯାଇଥିଲେ। ତାଙ୍କୁ ସେମାନେ ହାଣି ଚାଲିଥିବା ବେଳେ ପ୍ରଚୁର ରକ୍ତସ୍ରାବ ଯୋଗୁଁ ସେ ଚେତାଶୂନ୍ୟ ହୋଇଯାଇଥିଲେ।



# କସମେଟିକ୍ ସର୍ଜରୀ ପରେ ତ୍ୱଚାର ଯତ୍ନ

ସୌନ୍ଦର୍ଯ୍ୟ ବୃଦ୍ଧି ଓ ଯୁବାପରି ଦିଶିବାକୁ ଲୋକେ ଅନେକ ପ୍ରକାର ଟ୍ରିଟମେଣ୍ଟ କରୁଛନ୍ତି। ଏମିତି ଏକ ଟ୍ରିଟମେଣ୍ଟ ହେଉଛି କସ୍ମେଟିକ୍ ସର୍ଜରୀ। ସାଧାରଣତଃ ୧୫ବର୍ଷ ବୟସ ପରେ ଏହି ସର୍ଜରୀ କରାଯାଇଥାଏ। ବକ୍ଷୋଜର ବୃଦ୍ଧି କିମ୍ବା ଛୋଟ କରିବା, ବେକ ଝୁଲିପଡ଼ିଲେ ଏହାକୁ ପୂର୍ବବସ୍ଥାକୁ ଆଣିବାକୁ, ଓଠ ଓ ନାକର ସୌନ୍ଦର୍ଯ୍ୟ, ପେଟ ଓ ଜଙ୍ଘରୁ ଚର୍ବି କମ୍ କରିବାକୁ କସ୍ମେଟିକ ସର୍ଜରୀ କରାଯାଇଥାଏ। ଅଧୁନା ଶରୀରର ପ୍ରତ୍ୟେକ ଅଙ୍ଗପ୍ରତ୍ୟଙ୍ଗର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ କସମେଟିକ୍ ସର୍ଜରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ କସ୍ମେଟିକ୍ ସର୍ଜରୀ ପରେ କିପରି ତ୍ୱଚାର ଯତ୍ନ ନେବେ ଜାଣନ୍ତୁ। କସ୍‌ମେଟିକ୍ ସର୍ଜରୀ ବିଭିନ୍ନ ପ୍ରକାର ରହିଛି। ଏହି ସର୍ଜରୀ ପୂର୍ବରୁ ପୀଡ଼ିତଙ୍କ ଶାରୀରିକ ଓ ମାନସିକ ସ୍ଥିତି, ଦେଖି କରାଯାଏ। ଏଥିପାଇଁ ଜଳବାୟୁ ତଥା ପାଣିପାଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅଧିକ ତାପମାତ୍ରା ଓ ଆର୍ଦ୍ରତା ଯୋଗୁଁ ସର୍ଜରୀ ପରେ ଚର୍ମର ଦେଖାଶୁଣା କରିବା ଚାଲେଞ୍ଜପୂର୍ଣ୍ଣ ହୋଇଯାଇଥାଏ। ଥଣ୍ଡା ରହିଲେ ଘା ଶୁଖୁଥିବାବେଳେ ଗରମଦିନେ ଘା’ ଶୁଖିବାକୁ ଅଧିକ ସମୟ ଲାଗିଥାଏ। ଯେହେତୁ ଆମ ରାଜ୍ୟର ଜଳବାୟୁରେ ଅଧିକ ଧୂଳିକଣା, ଅଧିକ ତାପମାତ୍ରା ଓ ଆର୍ଦ୍ରତାପୂର୍ଣ୍ଣ। ତେଣୁ ଚର୍ମ ସିଧାସଳଖ ସୂର୍ଯ୍ୟକିରଣରେ ଆସିଲେ, ଅସ୍ତ୍ରୋପଚାର ସ୍ଥାନଟି ଫୁଲିପାରେ କିମ୍ବା କ୍ଷତି ହୋଇପାରେ। ୫ରୁ ୧୦ଦିନ ଖରାକୁ ବାହାରିବା ଅନୁଚିତ। ଏସି କିମ୍ବା ଫଙ୍ଖା ତଳେ ରହିବାକୁ ଡାକ୍ତର ପରାମର୍ଶ ଦେଇଥାନ୍ତି। ବାହାରକୁ ଯିବାବେଳେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ସନ୍ସ୍କ୍ରିନ୍ ବ୍ୟବହାର କରିପାରିବେ।

**ଝାଳ ବାହାରିବାକୁ ଦିଅନ୍ତୁନି:** କସ୍ମେଟିକ ସର୍ଜରୀ ପରେ, ଅତ୍ୟଧିକ ଝାଳ ଚର୍ମ ପାଇଁ କ୍ଷତିକାରକ। ଝାଳ ଅସ୍ତ୍ରୋପଚାର କରାଯାଇଥିବା ସ୍ଥାନକୁ ଓଦାଳିଆ ରଖେ। ଏଠାରେ ଜୀବାଣୁ ବୃଦ୍ଧି ପାଇ ସଂକ୍ରମଣ ହୋଇଥାଏ। ତେଣୁ ଶରୀରରୁ ଝାଳ ନ ବାହାରିବାରୁ ଧ୍ୟାନ ଦିଅନ୍ତୁ। ଅନ୍ୟପଟେ କେବେ ବି କସ୍ମେଟିକ୍ ସର୍ଜରୀ ପରେ ପରେ ଅଧିକ ପରିଶ୍ରମ ତଥା ବ୍ୟାୟାମ କରିବା ଅନୁଚିତ।

**ସ୍ୱଚ୍ଛତାକୁ ଧ୍ୟାନ ଦିଅନ୍ତୁ:** ଅଧିକାଂଶ ଲୋକ ସର୍ଜରୀ ପରେ ସପ୍ତାହରୁ ୧୦ ଦିନ ଗାଧୋଇ ନଥାନ୍ତି। ଅସ୍ତ୍ରୋପଚାର ସ୍ଥାନରେ ବାରମ୍ବାର ମଲମ ଲେପନ କରୁଥାନ୍ତି, ଏହାଦ୍ୱାରା ଚର୍ମରେ ଅଧିକ କ୍ଷତି ହୁଏ। ତେଣୁ ସର୍ଜରୀର ପାଞ୍ଚଦିନ ପରେ ଗାଧୋଇପାରିବେ। ଏହି ସମୟରେ ସ୍ୱଚ୍ଛତାକୁ ଧ୍ୟାନ ଦେଇ ଜୀବାଣୁମୁକ୍ତ ରହିପାରିବେ। ଶରୀରରୁ ହାଇଡ୍ରେଟ୍ ରଖିବାକୁ ଦିନକୁ ପ୍ରଚୁର ମାତ୍ରାର ପାଣି ପିଇପାରିବେ। ରସାୟନମୁକ୍ତ ଉତ୍ପାଦ ଠାରୁ ଦୂରେଇ ରୁହନ୍ତୁ।

# ଶୀତଦିନେ ମର୍ଣ୍ଣିଂୱାକ୍ ପାଇଁ ସତର୍କତା



ଫିଟ୍ ରହିବାକୁ ଲୋକେ ନିୟମିତ ବ୍ୟାୟାମ କରନ୍ତି। ବ୍ୟାୟାମ ଯୋଗୁଁ ଏଣ୍ଡୋରଫିନ୍ ମୁକ୍ତ କରିଥାଏ। ଚାପସ୍ତରକୁ ହ୍ରାସ କରିବାରେ ସାହାଯ୍ୟ କରେ। ତେଣୁ ଶୀତ ହେଉ କି ଗ୍ରୀଷ୍ମ ଅଧିକାଂଶ ସକାଳୁ ସକାଳୁ ଚାଲିବା ଅଭ୍ୟାସ ରଖନ୍ତି। ହେଲେ ଶୀତଦିନେ ଥଣ୍ଡାପାଗ ଓ କୁହୁଡ଼ି ସମୟରେ ଚାଲିବା ସମୟରେ କିଛି ତ୍ରୁଟି ସ୍ୱାସ୍ଥ୍ୟ ପାଇଁ ବିପଦକୁ ଟାଣିଆଣେ। ଏହାକୁ ଅଣଦେଖା କରିବା ଅନୁଚିତ।

**ଗରମ ପୋଷାକ:** ଅଧିକାଂଶ ଲୋକ ଶୀତଦିନେ, ମର୍ଣ୍ଣିଂୱାକ୍ ଯିବା ସମୟରେ କମ୍ ପୋଷାକ ପିନ୍ଧିଥାନ୍ତି। କେହି କେହି ଅତି ପତଳା ଟି-ଶାର୍ଟ ପିନ୍ଧି ସକାଳୁ ଚଲାବୁଲା କରିବାକୁ ଯାଆନ୍ତି। ହେଲେ ଶାରିରୀକ ପରିଶ୍ରମ କରିବା ଦ୍ୱାରା ଶରୀର ଗରମ ଲାଗୁଥିଲେ ମଧ୍ୟ ଶୀତଦିନେ ଚାଲିବା ସମୟରେ ଗରମ ପୋଷାକ ପିନ୍ଧିବା ଜରୁରି। ନଚେତ୍ ଶୀତଦିନେ ଥଣ୍ଡା ବାୟୁ ତ୍ୱଚାରୁ ନମନୀୟତା କମାଇ ଶୁଷ୍କ କରିଦିଏ। ଶରୀରକୁ କ୍ଷତି ପହଞ୍ଚାଇ ପାରେ। ଫଳରେ ଥଣ୍ଡା, କାଶ, ସର୍ଦ୍ଦି ହେବାର ଆଶଙ୍କା ଅଧିକ ରହିଥାଏ।

**ଶରୀରରୁ ହାଇଡ୍ରେଡ ରଖନ୍ତୁ:** ସାଧାରଣତଃ ଶୀତଦିନେ ଥଣ୍ଡା ପାଗ ଯୋଗୁଁ କମ୍ ଶୋଷ ଲାଗିଥାଏ। ଲୋକେ କମ୍ ପାଣି ପିଇଥାନ୍ତି। ଏହାଦ୍ୱାରା ଶରୀର ଡିହାଇଡ୍ରେଟ ହୋଇଯାଏ। ଚର୍ମ ରୁକ୍ଷ ହୋଇଯାଏ, ଶରୀରରୁ ବିଷାକ୍ତ ବର୍ଜ୍ୟ ପଦାର୍ଥ ବାହାରିପାରେ ନାହିଁ। ତେଣୁ ଶୀତଦିନେ ମର୍ଣ୍ଣିଂୱାର୍କ କରିବା ପୂର୍ବରୁ ଶରୀରରୁ ହାଇଡ୍ରେଟ୍ ରଖିବା ଜରୁରି। ସକାଳୁ ଉଠିବା ପରେ ୧ଗ୍ଲାସ ପାଣି ପିଇବାକୁ ଭୁଲନ୍ତୁନି। ତେଣୁ ଶୀତଦିନେ ଦୈନିକ ୮ରୁ ୧୦ ଗ୍ଲାସ ପାଣି ପିଇବା ଉଚିତ। ପ୍ରତିଦିନ ୧୦ରୁ ୧୫ ମିନିଟ୍ ସୂର୍ଯ୍ୟକିରଣରେ ବସିବା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ।

**ମାସ୍କ ପିନ୍ଧିବାକୁ ଭୁଲନ୍ତୁନି:** ଶୀତଦିନେ ଭୋରୁ ମର୍ଣ୍ଣିଂୱାକ୍‌ରେ ଯିବା ସମୟରେ ମାସ୍କ ପିନ୍ଧିବାକୁ ଭୁଲନ୍ତୁନି। ଏହାଦ୍ୱାରା ସଂକ୍ରମଣ ହେବାର ଭୟ କମ୍ ରହିଥାଏ। ଅଧିକ କୁହୁଡି ପଡ଼ିଥିଲେ, ମର୍ଣ୍ଣିଂୱାକ ସମୟ ବଦଳାଇପାରିବେ। ଏହାଦ୍ୱାରା ଶରୀର ସୁସ୍ଥ ରହିଥାଏ।



# ମାନସିକ ଶାନ୍ତି ପାଇଁ କଲର ୱାକିଂ

ମେଦବହୁଳତା ଯୋଗୁଁ ପ୍ରାୟତଃ ବସିବା, ଉଠିବା ଆଦିରେ ସମସ୍ୟା ହୋଇଥାଏ। ଏହା ବିଭିନ୍ନ ରୋଗକୁ ମଧ୍ୟ ଆମନ୍ତ୍ରିତ କରିଥାଏ। ତେଣୁ ପ୍ରତିଦିନ ଚାଲିବା ଦ୍ୱାରା ଓଜନ ନିୟନ୍ତ୍ରଣରେ ରହିବା ସହ ଜଣେ ଫିଟ୍ ଓ ନୀରୋଗ ରହିଥାନ୍ତି। ଯଦିଓ ଓଜନ ହ୍ରାସ ପାଇଁ ପାୱାର ୱାକିଂ, ବ୍ରିସ୍କ ୱାକିଂ, ଜଗିଙ୍ଗ, ରିଭର୍ସ ୱାକିଂ ଆଦି ଟ୍ରେଣ୍ଡରେ ରହିଛି ହେଲେ ଏବେ ‘କଲର ୱାକିଂ’କୁ ନେଇ ଅନେକ ଚର୍ଚ୍ଚା। ଏହି ଚାଲିବା କୌଶଳରେ ଜଣେ ବ୍ୟକ୍ତି ଚାଲିବା ପୂର୍ବରୁ ଗୋଟିଏ ରଙ୍ଗକୁ ବାଛନ୍ତି, ଏହାକୁ ତାଙ୍କର ଚତୁଃପାର୍ଶ୍ୱରେ ଖୋଜନ୍ତି। ସେହିପରି ଚାଲିବା ସମୟରେ ଉକ୍ତ ଏରଙ୍ଗର ବସ୍ତୁକୁ ଦେଖିବା ମାତ୍ରେ ତାହାକୁ ଗଣିବା ଆରମ୍ଭ କରିଦିଅନ୍ତି। କେହି କେହି ଫଟୋ ଉଠାଇ ମଧ୍ୟ ରଖନ୍ତି। ତେଣୁ ମନକୁ ଶାନ୍ତି ଓ ଖୁସି ରଖିବାକୁ କଲର ୱାକିଂ ସବୁଠୁ ପ୍ରଭାବୀ। ୱିଲିୟମ୍ ଏସ୍ ବରୋଜ ନିଜର ବିଦ୍ୟାର୍ଥୀଙ୍କୁ ପ୍ରେରିତ କରିବାକୁ କଲର ୱାକିଂ ଆରମ୍ଭ କରିଥିଲେ। ଏହା ମସ୍ତିଷ୍କକୁ ପ୍ରଭାବିତ କରି ରଚନାତ୍ମକତା ଚିନ୍ତାଧାରା, କଳ୍ପନା, କଳା ଏବଂ ସମସ୍ତ ସମସ୍ୟାକୁ କିପରି ସମାଧାନ କରିହେବ ସେହି ଦକ୍ଷତାକୁ ବୃଦ୍ଧି କରାଏ। ତେଣୁ କଲର ୱାକିଂ ଦ୍ୱାରା ଉଭୟ ମାନସିକ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରୁହେ। ଚିନ୍ତା ଦୂର ହୁଏ। ହୃତ୍‌ପିଣ୍ଡ, ମାଂସପେଶୀ ଏବଂ ସହନଶୀଳ ଶକ୍ତିକୁ ମଜବୁତ କରିଥାଏ। ବିଶେଷ କଥା ହେଉଛି, ପାଦରେ ଚାଲିବା ଦ୍ୱାରା ଏଣ୍ଡରଫିନ୍ ଏବଂ ସେରୋଟୋନିନ ହରମୋନ୍ ବୃଦ୍ଧିରେ ସାହାଯ୍ୟ ହୁଏ। ଏହା ମନକୁ ଖୁସି ରଖେ।

# ଅନିୟମିତ ଜୀବନଶୈଳୀ ଓ ଅର୍ଶ



ଅନିୟମିତ ଜୀବନଶୈଳୀ, ଜଙ୍କଫୁଡ୍, ଫାଷ୍ଟଫୁଡ୍, ଅତ୍ୟଧିକ ମସଲା, ଚର୍ବିଯୁକ୍ତ ଖାଦ୍ୟ, ଅତ୍ୟଧିକ ଆମିଷ ଭୋଜନ, ଭୋଜନରେ ତନ୍ତୁଜାତୀୟ ଖାଦ୍ୟର ଅଭାବ, ଅତ୍ୟଧିକ କଫି ଓ ଚିକ୍କଣିଆ ଖାଦ୍ୟ, ଅନିୟମିତ ଜଳପାନ ଆଦି କାରଣରୁ କୋଷ୍ଠବଦ୍ଧ ହୋଇ ମଳର କଠିନତା କାରଣରୁ ମଳଦ୍ୱାରରେ ଫୁଲା, ଅର୍ଶ, ଭଗନ୍ଦର ଆଦି ସୃଷ୍ଟି ହେବାର ସମ୍ଭାବନା ବୃଦ୍ଧି ପାଇଥାଏ। ତତ୍ସହିତ ବାୟୁ ଚଳାଚଳ ହୋଇପାରୁନଥିବା ସିନ୍ଥେଟିକ୍ ଆସନ, ସୋଫା, ଗଦି, ଗାଡ଼ି ସିଟ୍ ବସିବାଦ୍ୱାରା ଖୁବ୍ କମ୍ ବୟସରେ ଅର୍ଶ ଆଦି ବୃଦ୍ଧି ପାଇବାର ସମ୍ଭାବନା ଥାଏ। ନିଦାନ ପରିବର୍ଜନମ୍, ଅର୍ଥାତ୍ ରୋଗ ସୃଷ୍ଟି ହେଉଥିବା କାରଣଗୁଡ଼ିକୁ ପରିତ୍ୟାଗ କରିବା ସହିତ ଚିକିତ୍ସକଙ୍କ ପରାମର୍ଶରେ ଉପଯୁକ୍ତ ଔଷଧ ସେବନ ଓ ପଥ୍ୟାପଥ୍ୟରେ ରହିବା ଦ୍ୱାରା ଅର୍ଶ ରୋଗରେ ଉପକାର ହୋଇଥାଏ। ଆୟୁର୍ବେଦରେ ସୁରଣ ଅର୍ଥାତ୍ ଅର୍ଶ ପାଇଁ ଓଲୁଅର ବହୁଳ ବ୍ୟବହାର ଦେଖିବାକୁ ମିଳେ। ତେଣୁ ଖାଦ୍ୟରେ ଓଲୁଅ ନିୟମିତ ସେବନ କଲେ ଅର୍ଶର ଉପକାର ହୁଏ। ରାତିରେ ଶୋଇବା ପୂର୍ବରୁ ଦୁଇଚାମୁଚ ମାତ୍ରାରେ ଇସ୍ବଗୁଲ ଭୁଷି ସେବନ କରି ସାମାନ୍ୟ ଉଷୁମ ପାଣି ସେବନ କଲେ, କୋଷ୍ଠ ପରିଷ୍କାର ହୋଇ ଅର୍ଶରେ ଉପକାର ମିଳେ। ସେହିପରି ସକାଳେ ଏବଂ ସନ୍ଧ୍ୟାରେ ତିନିଗ୍ରାମ୍ ମାତ୍ରାରେ ତ୍ରିଫଳା ଚୂର୍ଣ୍ଣ ସେବନ କଲେ, ହିତକର ହୋଇଥାଏ। ଭୋଜନ ପରେ ନିଜର ସାମର୍ଥ୍ୟ ଅନୁସାରେ ଦୁଇ ମିନିଟ୍ରୁ ପନ୍ଦର ମିନିଟ୍ ପର୍ଯ୍ୟନ୍ତ ବଜ୍ରାସନରେ ବସିଲେ ପେଟର ଯାବତୀୟ ଦୂର ହେବା ସହିତ ଅର୍ଶ ରୋଗରେ ମଧ୍ୟ ଉପକାର ହୁଏ। ଦିନକୁ ଆଠରୁ ଦଶଗ୍ଲାସ ପାଣି ଅର୍ଥାତ୍ ପୂର୍ବାହ୍ଣରେ ଅଧିକ ଅପରାହ୍ଣରେଏବଂ ରାତିରେ ଆବଶ୍ୟକ ଅନୁସାରେ ପାଣିକୁ ଭାଗ କରି ପାନ କଲେ ଉପକାର ମିଳିଥାଏ। ଚିକିତ୍ସକଙ୍କ ପରାମର୍ଶରେ ବୃହତ୍ସୁରଣମୋଦକ ଅଭୟାରିଷ୍ଟ, ଆରୋଗ୍ୟବର୍ଦ୍ଧନୀ ଗୁଟିକା, ଯୋଗରାଜଗୁଗୁଲୁ ଆଦି ସେବନ କରାଯାଇପାରିବ। ଅର୍ଶ ଯନ୍ତ୍ରଣା କମାଇବା ପାଇଁ ଏକପାତ୍ରରେ ଉଷୁମ ପାଣି ନେଇ ସେଥିରେ ମଳଦ୍ୱାରକୁ ବୁଡ଼େଇ ବସିଲେ ଉପଶମ ମିଳେ।

# ହେମାଟୁରିଆର ଆୟୁର୍ବେଦ ଉପଚାର

ପରିସ୍ରାରେ ରକ୍ତସ୍ରାବକୁ ହେମାଟୁରିଆ କୁହାଯାଏ। ପରିସ୍ରାରେ ରକ୍ତ ପଡ଼ିବା କୌଣସି ଗମ୍ଭୀର ରୋଗର ଲକ୍ଷଣ ହୋଇପାରେ। ଆୟୁର୍ବେଦରେ ଏହାକୁ ଅଧୋଗ ରକ୍ତପିତ୍ତ ଅନ୍ତର୍ଭୁକ୍ତ କରାଯାଇଛି। ମୂତ୍ରାଶୟ ତଥା ବୃକ୍କରେ ପଥୁରୀ ହେବା, ପରିସ୍ରା ସଂକ୍ରମଣ, ରକ୍ତଜମାଟ ବାନ୍ଧିବା କ୍ଷମତା ନଥିବା, ପ୍ରୋଷ୍ଟେଟ୍ସ ସମସ୍ୟା, ବୃକ୍କରୋଗ, ୟୁରୋଅଲିଆଲ ଲାଟିନ୍ କର୍କଟ ଓ ମୂତ୍ରନଳୀରେ ଦୀର୍ଘକାଳୀନ ସଂକ୍ରମଣ ଆଦି ଯୋଗୁଁ ପରିସ୍ରାରେ ରକ୍ତସ୍ରାବ ହୋଇଥାଏ। ଏହି ସମସ୍ୟା ହେଲେ ପରିସ୍ରା ଜଳାପୋଡ଼ା ଏବଂ ପେଟ ବ୍ୟଥାହୋଇପାରେ। ଚିକିତ୍ସକଙ୍କ ପରାମର୍ଶ ଉସିରାଶବ ୩୦ ମିଲି ସମପରିମିତ ପାଣି ମିଶାଇ ଭୋଜନ ପରେ ଦିନକୁ ଦୁଇଥର ସେବନ କରିପାରିବେ। ପଞ୍ଚତୃଣକଷାୟ ସକାଳ ଓ ସନ୍ଧ୍ୟା ଖାଲିପେଟରେ ୫୦ ମିଲି କରି ଦିନକୁ ଦୁଇଥର ସେବନ ଆବଶ୍ୟକ। ଶୁଣିତ ଅର୍ଗ ରସ ସକାଳ ସନ୍ଧ୍ୟା ଦୂବରସ ମିଶିରି ଗୁଣ୍ଡ ସହିତ ଖାଲି ପେଟରେ ସେବନ କଲେ ହିତକର ହୋଇଥାଏ। ପୀଡ଼ିତ ବ୍ୟକ୍ତିଙ୍କୁ ଏହି ସମୟରେ ଉଷ୍ଣ, ଅମ୍ଳ, ଲବଣ, କଟୁଜାତୀୟ ଦ୍ରବ୍ୟ ସେବନ ନିଷିଦ୍ଧ କରାଯାଏ।



# ମେନ୍ସୁରାଲ୍ କପ୍ ବ୍ୟବହାର କରୁଥିଲେ

ମାସିକ ଧର୍ମ ମହିଳାମାନଙ୍କର ଏକ ସ୍ୱାଭାବିକ ଶାରୀରିକ ପ୍ରକ୍ରିୟା। ଏହି ସମୟରେ ମହିଳାଙ୍କୁ ଅଧିକ ସ୍ୱଚ୍ଛତା ଓ ପରିଷ୍କାର ରହିବାକୁ ହୁଏ। ସାଧାରଣତଃ ମହିଳାମାନେ ଋତୁସ୍ରାବ ସମୟରେ ପ୍ୟାଡ୍ ବ୍ୟବହାର କରିଥାନ୍ତି, ହେଲେ ଆଜିକାଲି କିଛିଜଣ ମେନ୍ସୁରାଲ୍ କପ୍ ବ୍ୟବହାରକୁ ଗୁରୁତ୍ୱ ଦେଉଛନ୍ତି। ତେଣୁ ଏହି କପ୍ ବ୍ୟବହାର ସମୟରେ ବିଶେଷ ଦିଗ ପ୍ରତି ସଚେତନ ନ ରହିଲେ, ମହିଳାମାନେ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରେ ଆକ୍ରାନ୍ତ ହୋଇପାରନ୍ତି ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ସିଲିକନ୍ ତଥା ରବରରୁ ନିର୍ମିତ ମେନ୍ସୁରାଲ କପ୍ ଛୋଟ ଏବଂ ସମ୍ପ୍ରସାରିଣ ହୋଇଥାଏ। ମହିଳାମାନେ ଋତୁସ୍ରାବ ସମୟରେ ଏହାକୁ ଯୌନାଙ୍ଗରେ ଲଗାଇଥାନ୍ତି। ଏହି କପ୍ ପ୍ୟାଡ୍ ପରି କାମ ଦିଏ। ଏହି କପ୍କୁ ସୁରକ୍ଷିତ ଏବଂ ପ୍ରଭାବୀ ବୋଲି ବିବେଚନା କରାଯାଏ। ତେବେ ମାସିକ ଧର୍ମ ସମୟରେ ଏହି କପ୍ ବ୍ୟବହାର ପୂର୍ବରୁ ସ୍ତ୍ରୀ ଓ ପ୍ରସୂତି ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କପ୍ କିଣିବା ପୂର୍ବରୁ କେଉଁ ଆକାରର କପ୍ ଆପଣଙ୍କ ପାଇଁ ଉପଯୁକ୍ତ ତାହା ଜାଣିବା ଆବଶ୍ୟକ। ଏହାର ବ୍ୟବହାରରେ ତ୍ରୁଟି ହେଲେ, ଏହା ଗର୍ଭାଶୟକୁ ସଂକ୍ରମିତ କରିପାରେ। ତେଣୁ ସଂକ୍ରମଣ ରୋକିବାକୁ କପ୍ର ସଠିକ୍ ଆକାର ଚୟନର ଗୁରୁତ୍ୱପୂର୍ଣ୍ଣ ଦିଆଯିବା ଉଚିତ। ପ୍ୟାଡ୍ ପରି ଏହି କପ୍‌କୁ ମଧ୍ୟ ପ୍ରତି ୬ରୁ ୧୩ଘଣ୍ଟାରେ ବଦଳାଇବା ଆବଶ୍ୟକ। କପ୍ ବ୍ୟବହାର ପୂର୍ବରୁ ଲୁବ୍ରିକେଣ୍ଟ ବ୍ୟବହାର କରିପାରିବେ। ସେହିପରି, ମେନସୁରାଲ କପ୍ ମହିଳାଙ୍କ ଯୌନାଙ୍ଗ ଅନୁସାରେ ଡିଜାଇନ୍ କରାଯାଇଥାଏ ତେଣୁ ବ୍ୟବହାର ସମୟରେ ଅଧିକ ଚାପ ଦେବା ଦ୍ୱାରା ଏହା ପରିସ୍ରା ନଳୀକୁ ମଧ୍ୟ ପ୍ରଭାବିତ କରିପାରେ। ଏଥିରୁ ରକ୍ଷା ପାଇବା ପାଇଁ ପ୍ରତିଛଅ ଘଣ୍ଟାରେ ନଖଉଷୁମ ପାଣିରେ ଏହାକୁ ସଫା କରିପାରିବେ। ମେନ୍ସୁରାଲ୍ କପ୍ ଲଗାଇବା ପରେ ଯଦି ପରିସ୍ରାଘର ଜଳାପୋଡ଼ା, କୁଣ୍ଡାଇ କିମ୍ବା ଅନ୍ୟ ପ୍ରକାର ସମସ୍ୟା ସୃଷ୍ଟି ହେଉଛି, ତେବେ ଏହାକୁ ବ୍ୟବହାର ନ କରିବା ଭଲ। ବିଶେଷ କଥା ହେଉଛି, ରବର କିମ୍ବା ସିଲିକନ୍‌ରେ ପ୍ରାୟତଃ ଲୋକଙ୍କୁ ଏଲାର୍ଜିର ଆଶଙ୍କା ଥାଏ। ତେଣୁ ପାର୍ଶ୍ୱପ୍ରତିକ୍ରୟାକୁ ମଧ୍ୟ ଧ୍ୟାନ ଦେବା ଉଚିତ।

# ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟରେ ନର୍ଦ୍ଦମା ପାଣି



**ଯାଜପୁର ରୋଡ଼,୨୦।୮(ସଂଚାର ବ୍ୟୁରୋ):** ନର୍ଦ୍ଦମା ପାଣିରେ ପେଷି ହେଉଛି ପାଣିକୋଇଲି ପ୍ରାଥମିକ କୃଷି ସମବାୟ ସମିତି କାର୍ଯ୍ୟାଳୟ। ଏହି ସମବାୟ କାର୍ଯ୍ୟାଳୟ ଏବେ ଦୁର୍ଗନ୍ଧମୟ ହୋଇଯାଉଛି। ଚାଷୀଙ୍କ ପାଇଁ ଆସୁଥିବା ସାର ଭାସୁଛି ନର୍ଦ୍ଦମା ପାଣିରେ। କେହି'ବି ଅଫିସ ଭିତରକୁ ଯିବାକୁ ହେଲେ ନାକରେ ରୁମାଲ ଦେଇ ଯିବାକୁ ପଡୁଛି। ୫୭ ବର୍ଷର ଘରର କାନ୍ଥ ଏବେ ଫାଟି ଆଁ କଲାଣି। ବର୍ଷା ଦିନେ ସାପ ମଧ୍ୟ ବାହାରୁ ଥିବା ଦେଖିବାକୁ ମିଳୁଛି। ଏହି ସମିତି ଯାଜପୁର ଜିଲ୍ଲାର ଏକ ଆଦର୍ଶ ସମିତି ଭାବରେ ପରିଗଣିତ ହୋଇଥିବା ବେଳେ ପାଣିକୋଇଲି, କରଦା, ଧନେଶ୍ୱର, ପଥରପଦା, ଗୋଲେଇପୁର ଭଳି ପାଂଚ ଗୋଟି ପଞ୍ଚାୟତର ପ୍ରାୟ ପାଖାପାଖି ୩୪୦୦ ଚାଷୀ ଏହି ସମିତି ଉପରେ ନିର୍ଭର କରିଥାନ୍ତି। ସରକାରଙ୍କ ତରଫରୁ ୫୪ ଲକ୍ଷଟଙ୍କା ଆସିଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହେଇପାରୁନଥିବା ସମିତିର ସଭାପତି ଶ୍ରୀ ସୁଦର୍ଶନ ପରିଡା ଅଭିଯୋଗ କରିଛନ୍ତି। ଚାଷୀ ମାନେ ମଧ୍ୟ କାର୍ଯ୍ୟାଳୟକୁ ଆସି ସାର ନେବା, ଚାଷୀ ପଞ୍ଜିକରଣ କରିବା, ଋଣ କାରବାର କରିବା ପାଇଁ ମଧ୍ୟ ଏଠାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ୧୯୬୮ ମସିହାରୁ ନିର୍ମିତ ହୋଇଥିବା ଏହି ଘରର ଛାତରୁ ସିମେଂଟ ଖସିବା ସଙ୍ଗେ ସଙ୍ଗେ ପାଣି ଗଳୁଥିବା ମଧ୍ୟ ଦେଖିବାକୁ ମିଳୁଛି। ତୁରନ୍ତ ସରକାର ଏହି ସମବାୟ ସମିତି ପ୍ରତି ଦୃଷ୍ଟି ଦେବାପାଇଁ ଚାଷୀ ମାନଙ୍କ ତରଫରୁ ଦାବି ହେଉଛି।

● ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ସ୍ପର୍ଶ ଦର୍ଶନ ବନ୍ଦ

## ବାବାଙ୍କ ଲିଙ୍ଗ ଉପରେ ୪ ଫୁଟର ପାଣି



**ନୀଳଗିରି,୨୦।୮(ସଂଚାର ବ୍ୟୁରୋ):** ବନ୍ଦ ହେଲା ଉତ୍ତର ଓଡିଶାର ପ୍ରସିଦ୍ଧ ବାବା ପଞ୍ଚଲିଙ୍ଗେଶ୍ୱର ପୀଠରେ ସ୍ପର୍ଶ ଦର୍ଶନ। ଲଗାଣ ବର୍ଷାର ପ୍ରଭାବରେ ଦେବଗିରି ପାହାଡରୁ ଝରି ଆସୁଥିବା ଝରଣାର ସ୍ରୋତ ପ୍ରଖର ହୋଇଛି । ଫଳରେ ବାବାଙ୍କ ୫ଟି ଲିଙ୍ଗ ଉପରେ ପ୍ରାୟ ୪ ରୁ ୫ ଫୁଟ ଉଚ୍ଚର ପାଣି ପ୍ରବାହିତ ହେଉଛି । ପର୍ଯ୍ୟଟକଙ୍କ ସୁରକ୍ଷାକୁ ଆଖି ଆଗରେ ରଖି ପୀଠରେ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ପର୍ଶ ଦର୍ଶନ ବନ୍ଦ କରାଯାଇଛି । ପାଣି କମିଲେ ପୁଣି ଥରେ ସ୍ପର୍ଶ ଦର୍ଶନ କରାଯିବ ବୋଲି ପଞ୍ଚଲିଙ୍ଗେଶ୍ୱର ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

ଦଶ ଦଫା ଦାବି ନେଇ ଧାରଣା ଦେଲେ ଜିଲ୍ଲା ରାଜସ୍ୱ ଅମଲା ବିଭାଗ

# ଦାବି ପୂରଣ ନ ହେଲା ଯାଏ ଅନିର୍ଦ୍ଦିଷ୍ଟ ପାଇଁ ଜାରିରହିବ କାର୍ଯ୍ୟବନ୍ଦ ଆନ୍ଦୋଳନ

**ଜୟପୁର,୨୦।୮(ସଂଚାର ବ୍ୟୁରୋ):** ଓଡ଼ିଶା ରାଜସ୍ୱ ଅମଲା ସଂଘର ଆହ୍ୱାନ କ୍ରମେ ୧୦ ଦଫା ଦାବି ନେଇ ଗତ ୧୧ ତାରିଖଠାରୁ କୋରାପୁଟ ଜିଲ୍ଲା ଶାଖାର କର୍ମକର୍ତାମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି ଓ ଏହି ଆନ୍ଦୋଳନ ମଙ୍ଗଳବାର ନବମ ଦିନରେ ପହଞ୍ଚିଛି। ଏହି ଆନ୍ଦୋଳନ ଯୋଗୁଁ ଜିଲ୍ଲାର ସମସ୍ତ ବ୍ଲକ, ତହସିଲ ସମେତ ଅନ୍ୟାନ୍ୟ ଅଫିସରେ ସମସ୍ତ ପ୍ରକାର କାର୍ଯ୍ୟ ଏକପ୍ରକାର ଠପ ହୋଇଯାଇଛି। ଏହାରି ଭିତରେ ସରକାରଙ୍କ ରାଜସ୍ୱ ବିଭାଗର ଅତିରିକ୍ତ ଶାସନ ସଚିବ ମଙ୍ଗଳବାର ଏକ ପତ୍ର ମାଧମରେ ରାଜସ୍ୱ ଅମଲାମାନଙ୍କ ଛୁଟି ବାତିଲ କରିବା ପାଇଁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପରେ ରାଜ୍ୟର ୩୦ଟି ଜିଲ୍ଲାର ନେତୃମଣ୍ଡଳୀଙ୍କୁ ନେଇ ସଂଘ ପକ୍ଷରୁ ଏକ ଆଭାସି ବୈଠକ ହୋଇଥିଲା। ବୈଠକରେ ସରକାରଙ୍କ ଏଭଳି ନିଷ୍ପତ୍ତିକୁ ଘୋର ନିନ୍ଦା କରାଯିବା ସହ ଏହା ଦୁର୍ଭାଗ୍ୟଜନକ ବୋଲି ସଂଘ ତରଫରୁ ସୂଚନା ଦିଆଯାଇଛି। ଏହା ପରେ ସମସ୍ତ ଜିଲ୍ଲାର ଅମଲାଙ୍କଠାରୁ ଆଗାମୀ ଦିନର କାର୍ଯ୍ୟପନ୍ଥା ବିଷୟରେ ମତାମତ ଲୋଡ଼ା ଯାଇଥିଲା।

## ସାନ ଭାଇର ଟାଙ୍ଗିଆ ଚୋଟରେ ବଡ ଭାଇର ମୃତ୍ୟୁ

ଚମ୍ପୁଆ, ୨୦ ଅଗଷ୍ଟ (ହି.ସ.) - ଚମ୍ପୁଆ ଥାନା ଅନ୍ତର୍ଗତ ରିମୁଳି କଲୋନୀ ସାହିରେ ସାନ ଭାଇର ଟାଙ୍ଗିଆ ଚୋଟରେ ବଡ଼ ଭାଇର ମୃତ୍ୟୁ ହୋଇ ଥିବା ଜଣା ପଡ଼ିଛି। ଖବର ଅନୁସାରେ ଗତ ରାତି ପ୍ରାୟ ସାତଟା ବେଳେ ମଦ ନିଶାରେ ରିମୁଳି ଗ୍ରାମର ସାନଭାଇ ଧନୁ ନାଏକ ବଡ ଭାଇ ରାହୁଲ ନାଏକକୁ ଏକ ଟାଗିଂଆରେ ଆକ୍ରମଣ କରିଥିଲା। ଧନୁ ନିଶାଶକ୍ତ ଅବସ୍ଥା ରେ ବଡ ଭାଇକୁ ଆକ୍ରମଣ କରିବାରୁ ବଡ ଭାଇ ରାହୁଲର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଖବର ପାଇ ଚମ୍ପୁଆ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତକର ଶବ କୁ ଜବତ କରିବା ସହିତ ଧନୁକୁ ଗିରଫ କରି କେଶ ନଂ ୨୪୯/୨୦୨୫ ରେ ଏକ ମାମଲା ରୁଜୁ କରି ୟୁ/ଏସ - ୧୦୩ (୧) ୧୦୯ (୧) ୧୧୮ (୧) ଓ ୧୧୭ (୨) ରେ ସାନ ଭାଇ ଧନୁକୁ କୋର୍ଟ ଚାଲାଣ କରିବା ସହିତ ଘଟଣା ଉପରେ ଅଧିକ ତଦନ୍ତ ଜାରି ରଖିଥିବା ଜଣା ପଡ଼ିଛି।

# ଦୁଷ୍କର୍ମ ଅଭିଯୋଗରେ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଜୋରିମାନା



**ବାରିପଦା,୨୦।୮(ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ଏକ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ଶରତ ଥାନା ଅନ୍ତର୍ଗତ ନିର୍ବିଲା ଗ୍ରାମ ର ରାଉତା ପୂର୍ତ୍ତି (୫୭) କୁ ଦଫା ୬ ଅଫ ପୋକ୍ସ ଆକ୍ଟ ଅନୁଯାୟୀ କୋଡିଏ ବର୍ଷ ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଆଦାୟ ଜୋରିମାନା ଅର୍ଥ ପୀଡ଼ିତାକୁ ଦେବା ପାଇଁ ରାୟରେ ମଧ୍ୟ ଉଲେଖ କରାଯାଇଅଛି। ଏଥି ସହିତ କ୍ଷତିପୂରଣ ବାବଦରେ ପୀଡିତା ନାମରେ ଏକ ରାଷ୍ଟ୍ରୟତ ବ୍ୟାଙ୍କରେ ତିନି ଲକ୍ଷ ଟଙ୍କା ପାଞ୍ଚ ବର୍ଷ ପାଇଁ ଜମା କରିବା କୁ ଜିଲ୍ଲା ଆଇନ ସହୟତା କର୍ତ୍ତୃପକ୍ଷ ଙ୍କୁ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଅଛି। ମାମଲାର ବିବରାଣୀ ରୁ ପ୍ରକାଶ ଯେ ପୀଡିତା ନିଜ ଗ୍ରାମ ନକଟସ୍ଥ ଏକ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବା ପାଇଁ ଯାଇଥିବା ସମୟରେ ଅଭିଯୁକ୍ତ ରାଉତା ପୂର୍ତ୍ତି ତାକୁ ଏକୁଟିଆ ଦେଖି ୮-୧୧-୨୦୨୨ ଏବଂ ୯-୧-୨୦୨୩ ରେ ତା ସହିତ ପୀଡିତା ର ଅନିଚ୍ଛା ସତ୍ୱେ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା। ଏଥି ସହିତ ଏ କଥା କାହାରି ଆଗରେ ପ୍ରକାଶ ନକରିବାକୁ ଧମକ ମଧ୍ୟ ଦେଇଥିଲା। ଏ ବାବଦରେ ପୀଡିତା ଙ୍କ ପରିବାର ପକ୍ଷରୁ ଶରତ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଶରତ ଥାନାରେ କେସ ନମ୍ବର ୪/୨୪-୧-୨୦୨୩ ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ମାନ୍ୟବର ଅଦଲତ ପକ୍ଷରୁ ସମସ୍ତ ୧୦ ଜଣ ଜଣ ସାକ୍ଷୀ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର କୁ ଭିତ୍ତି କରି ଚୂଡାନ୍ତ ରାୟ ପ୍ରକାଶ ପାଇଅଛି। ଉକ୍ତ କେସକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋରନଞ୍ଜ ପଟ୍ଟନାଏକ ପରିଚାଳନା କରିଥିଲେ।

# ସହର ପୂର୍ତ୍ତ ବିଭାଗ ରାସ୍ତା ଖାଲଖମାରେ ଭର୍ତ୍ତି

## ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ପଡ଼ିବ କେବେ?



**ମ.ରାମପୁର,୨୦।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାର ମ.ରାମପୁର ସହର ମୁଖ୍ୟ ରାସ୍ତା ର କିଛି ଅଂଶ ଏବେ ଖାଲଖମାରେ ଭର୍ତ୍ତି ହୋଇଛି। ଫଳରେ ଏଥିଯୋଗୁଁ ଦୈନିକ ଛୋଟବଡ ଦୁର୍ଘଟଣାମାନ ଘଟୁଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ରାସ୍ତାର ମରାମତି ପାଇଁ ବାରମ୍ବାର ଦାବି କରାଯାଉଥିଲେ ମଧ୍ୟ ପୂର୍ତ୍ତ ବିଭାଗର ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି।ସୂଚନା ଅନୁଯାୟୀ, ମ.ରାମପୁର ପୂର୍ତ୍ତ ବିଭାଗ ଅଧିନରେ ଥିବା ମୁଖ୍ୟ ରାସ୍ତା ଦୁର୍ଗା ମଣ୍ଡପ ଠାରୁ ଚାରିଛକ ପର୍ଯ୍ୟନ୍ତ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ସୃଷ୍ଟି ହୋଇଛି। ଏଥିରେ ଏକାଧିକ ଗର୍ତ୍ତ ସମେତ ୨୦ ରୁ ଉର୍ଦ୍ଧ୍ୱ ଖାଲ ସୃଷ୍ଟି ହୋଇଛି। ଫଳରେ ଏଥିଯୋଗୁଁ ଦୈନିକ ଛୋଟବଡ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ତେବେ ଭବାନୀପାଟଣା ଠାରୁ ମ. ରାମପୁର ଦେଇ ୫୯ ନମ୍ବର ଜାତୀୟ ରାଜପଥ ରାୟପୁର - ଗୋପାଳପୁର ଯିବା ପାଇଁ ଏହା ମୁଖ୍ୟରାସ୍ତା ହୋଇଥିବା ବେଳେ ଦୈନିକ ଶହଶହ ସଂଖ୍ୟାରେ ଗାଡିମୋଟର ଏହି ରାସ୍ତାରେ ଚଳାଚଳ କରୁଛି। ଏ ସଂକ୍ରାନ୍ତରେ ପ୍ରତ୍ୟେକ ବର୍ଷ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇ ଏହି ରାସ୍ତା ଉପରେ ନୂତନ ପିଚୁ ପକାଯାଇ ରାସ୍ତାର ଦୋହରିକରଣ କାର୍ଯ୍ୟ କରାଯାଇଥିଲା। ଅଥଚ ନିମ୍ନମାନର କାର୍ଯ୍ୟ ଯୋଗୁଁ ବହୁ ସ୍ଥାନରେ ଉକ୍ତ ପିଚୁ ଉଠିଯାଇ ଖାଲଖମାରେ ପରିଣତ ହୋଇଥିବା ଅଭିଯୋଗ ହୋଇଛି। ତେବେ ଏହି ରାସ୍ତାରେ ଯାଉଥିବା ସ୍କୁଲ, କଲେଜର ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ରୋଗୀ ଓ ସାଧାରଣ ଲୋକେ ଏଥିଯୋଗୁଁ ଯାତାୟତରେ ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଏହି ରାସ୍ତାର ଆବଶ୍ୟକ ମରାମତି ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# ବିନା ସୂଚନା ଫଳକ ଓ ନିମ୍ନମାନର ଜିପିଏଲଏଫ ଗୃହ ନିର୍ମାଣ ଅଭିଯୋଗ

**ସମ୍ବଲପୁର,୨୦।୮(ସଂଚାର ବ୍ୟୁରୋ):** ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ଅନ୍ତର୍ଗତ ପାରୁଆଭାଡି ଠାରେ ଜିପିଏଲଏଫ ପକ୍ଷରୁ ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ମାତ୍ର କାର ?ୟ୍ୟସ୍ଥଳୀରେ କୈଣସି ସୂଚନା ଫଳକ ନଥିବା ବେଳେ କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। କୁଚିଣ୍ଡା ପଞ୍ଚାୟତ ସମିତିରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀଙ୍କ ତତ୍ୱାବଧାନରେ ପାରୁଆଭାଡି ଠାରେ ୨୨ ଲକ୍ଷ ଟଙ୍କା ବ୍ୟୟରେ ଜିପିଏଲଏଫ ଗୃହ ନିର୍ମାଣ କାର୍ଯ୍ୟ ଚାଲୁଛି। ମାତ୍ର ସରକାରୀ ନିୟମକୁ ଫୁ' ରେ ଉଡାଇ ବିନା ସୂଚନା ଫଳକରେ କାର୍ଯ୍ୟ ହେଉଥିବା ଦେଖିବାକୁ ମିଳିଛି। ନିର୍ମାଣଧୀନ କୋଠରୀ ଗୁଡିକର ତଳେ ବାଲି ବଦଳରେ ପଙ୍କୁଆ ମାଟି ଭର୍ତି କରାଯାଇଛି। କାନ୍ଥ ଯୋଡାଇରେ ବ୍ୟବହାର ହେଉଥିବା ଇଟା ଓ ବାଲି ଅତି ନିମ୍ନମାନର ବୋଲି ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି। ଏପରିକି ବାଲି ଓ ସିମେଣ୍ଟ ମିଶ୍ରଣରେ ସଠିକ୍ ପରିମାଣ ନଥିବା ମଧ ଅଭିଯୋଗ ହେଉଛି। ଯାହାଫଳରେ ନବନିର୍ମିତ ଗୃହର ସ୍ଥାୟୀତ୍ୱ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରାଇଛି। ଚୁକ୍ତି ଅନୁଯାୟୀ ସିଭଲ ସିମେଣ୍ଟ ପରିବର୍ତେ ବାଙ୍ଗର ସିମେଣ୍ଟରେ ଯୋଡାଇ କାମ ଚାଲିଛି। ଗ୍ରାମବାସୀଙ୍କ ଠାରୁ ଏଭଳି ସୂଚନା ପାଇ ସମ୍ବଲପୁର ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ନିର୍ମାଣସ୍ଥଳୀ ପରିଦର୍ଶନ କରିଛନ୍ତି। ସେହିପରି ପଞ୍ଚାୟତର କନିଷ୍ଠ ଯନ୍ତ୍ରୀଙ୍କୁ ଏ ସମ୍ପର୍କରେ ସୂଚନା ଦେବା ପରେ ବର୍ତମାନ କାର୍ଯ୍ୟ ବନ୍ଦ ରହିଛି। ଏସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଭବାନୀ ଶଙ୍କର ପ୍ରଗଣିଆଙ୍କୁ ଯୋଗାଯୋଗ କରିବାରେ ସେ ଠିକାଦାରକୁ ସେଠାରୁ ମାଟି କାଢ଼ି ବାଲି ଭର୍ତି କରିବାକୁ ଓ ଲାଗୁଥିବା ଇଟା ବଦଳାଇ ଭଲ ଇଟା ବ୍ୟବହାର କରିବାକୁ କହିଥିବା ସୂଚନା ଦେଇଛନ୍ତି। ଅପରପକ୍ଷେ ଠିକାଦାରଙ୍କ ସହ କନିଷ୍ଠ ଯନ୍ତ୍ରୀଙ୍କ ଭିତିରିଆ ବୁଝାମଣା ଯୋଗୁଁ କାର୍ଯ୍ୟ ନିମ୍ନମାନର ହେଉଥିବା କିଛି ପୁରୁଖା ଗ୍ରାମବାସୀ ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନର ସାଙ୍ଗଠନିକ ବୈଠକ ଓ ଲିଗାଲ ୟୁନିଟର କର୍ମଶାଳା



**ବାଲିଆପାଳ,୨୦।୮(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲାର ଶ୍ରୀଅରବିନ୍ଦ ପାଠଚକ୍ର ସଙ୍ଗଠନ ର ଜିଲ୍ଲା ସ୍ତରୀୟ ସାଙ୍ଗଠନିକ ବୈଠକ ଓ ଶ୍ରୀଅରବିନ୍ଦ ଲିଗାଲ ୟୁନିଟ କର୍ମଶାଳା ଶ୍ରୀମା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଖଗଡ଼ାପାଳ ଠାରେ ରବିବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମ କୁ ବରିଷ୍ଠ ସାଧକ ରାଖାଲ ମହାନା ଙ୍କ ଉପସ୍ଥିତି ରେ ଲିଗାଲ ୟୁନିଟ ର ଜିଲ୍ଲା ସଂଯୋଜକ ବିଜୟା ନନ୍ଦ ଦ୍ୱିବେଦୀ ସହ ସଂଯୋଜକ ଦାସରଥି ପରିଡ଼ା ଭାରତର ଆଧ୍ୟାତ୍ମିକ ପତାକା ଉତୋଳନ କରି ଉଦଘାଟନ କରିଥିଲେ କ୍ଷବ୍ଲକ ସଙ୍ଗଠକ ହରେନ୍ଦ୍ର ଭାଇ ସମସ୍ତ ଭାଇ ଭଉଣୀ ମାନଙ୍କୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜିଲ୍ଲା ଯୁଗ୍ମ ସଙ୍ଗଠକ ରାମଚନ୍ଦ୍ର ସ୍ୱାଇଁ ବୈଠକ ପରିଚାଳନା କରିଥିଲେ।ପ୍ରଥମ ପର୍ଯ୍ୟାୟରେ ସାଙ୍ଗଠନିକ କାର୍ଯ୍ୟକ୍ରମରେ ୧୨ଟି ବ୍ଲକର ସଙ୍ଗଠକ ବ୍ଲକ ର ପାଠ ଚକ୍ର ବିବରଣୀ ପ୍ରଦାନ କରିବା ସହିତ ଆଗାମୀ ଦିନରେ କିପରି ପଞ୍ଚାୟତ ସ୍ତରରେ ଶ୍ରୀଅରବିନ୍ଦ ପାଠଚକ୍ର ଅଧିକ ସଂଖ୍ୟକ ହୋଇ ପାରିବ ସେ ପାଇଁ ପଞ୍ଚାୟତ ସଙ୍ଗଠକ ବଛା ଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି ମତପୋଷଣ କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ଅରବିନ୍ଦ ଲିଗାଲ ୟୁନିଟ ର କର୍ମଶାଳା ରେ ଜିଲ୍ଲା ସଙ୍ଗଠକ ଶ୍ରୀମାନ ଦୟାନିଧି ପାତ୍ର ଆଇନ କାନୁନ ରେ ଆଧ୍ୟାତ୍ମିକତା ସମ୍ପର୍କରେ ଆଲୋଚନା କରିବା କୁ ଯାଇ ପ୍ରତ୍ୟେକ ଙ୍କ ପାଇଁ ଦିବ୍ୟ ବ୍ୟକ୍ତିତ୍ୱ ଅପରିହାର୍ଯ୍ୟ ବୋଲି ମତ ରଖିଥିଲେ। ବିଜୟା ନନ୍ଦ ଦ୍ୱିବେଦୀ, ଦାସରଥି ପରିଡ଼ା ଭାରତୀୟ ଆଇନ୍ ବ୍ୟବସ୍ଥା ର ବିଭିନ୍ନ ଧାରା ସମ୍ପର୍କରେ ଆଲୋଚନା କରିଥିଲେ । ଏହାପରେ ଆଇନ୍ ଜୀବି ଆଶୋତୋଷ ପରିଡ଼ା ଶ୍ରୀଅରବିନ୍ଦ ଆଇନ୍ କାନୁନ୍ ବ୍ୟବସ୍ଥା ରେ କେବଳ ସତ୍ୟ ସମ୍ପର୍କରେ ସୁନ୍ଦର ଆଲୋଚନା କରିଥିଲେ।

ପୁଲିସ ପଇଁତରା ଢିଲା: ବଢୁଛି ଅସାମାଜିକ କାର୍ଯ୍ୟକଳାପ

# ସନ୍ଧ୍ୟା ହେଲେ ଦୋକାନ ପାଲଟୁଛି ବାର୍



**ବାଲିଆପାଳ,୨୦।୮(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ରେ ୨୮ଟି ପଞ୍ଚାୟତ ହୋଇଥିବା ବେଳେ ଗୋଟିଏ ଥାନାଗୋଟିଏ ଫାଣ୍ଡି ଅଧୀନରେ ଯାଉଛି। ଯେପରିକି କିଛି ପଞ୍ଚାୟତ ସିଂଲା ଥାନା ଅଧୀନରେ, ଅବଶିଷ୍ଟ ପଞ୍ଚାୟତ ବଳିଆପାଳ ଥାନା ଅଧୀନରେ ଯାଉଛି କିନ୍ତୁ ଥାନା ପକ୍ଷରୁ ପଇଁତରା ଅଭାବରୁ ସ୍ଥାନୀୟ ଅଞ୍ଚଳରେ ଦିନକୁ ଦିନ ଚୋରା ମାଦକ ଦ୍ରବ୍ୟ କାରବାର ବଢ଼ି ଚାଲିଛିକୁ ଚୋରି, ରାହାଜାନି, ଲୁଟ, ଛିନତାଇ ଭଳି ଅସାମାଜିକ କାର୍ଯ୍ୟକଳାପ ଘଟୁଛି। ଥାନା ଅଞ୍ଚଳରେ ଜନ ସାଧାରଣ ନିଜକୁ ଆଉ ସୁରକ୍ଷିତ ମଣୁ ନାହାନ୍ତି।ସନ୍ଧ୍ୟା ହେଲେ ବାଲିପାଳ ମୁଖ୍ୟ ବଜାରରେ ବାଲିଆପାଳ ଠାରୁ ସିମୁଳିଆ ମାର୍କେଟ ପର୍ଯ୍ୟନ୍ତ ବିଭିନ୍ନ ଫାଷ୍ଟଫୁଡ ହେଉ ଅବା ବିଭିନ୍ନ ଦୋକାନ ଏକ ରକମର ମଦ୍ୟପଙ୍କ ବାର ପାଲଟୁଛି, ଏହା ସହ ରାସ୍ତା ଗହଳି ରହୁଥିଲେ ମଧ୍ୟ ପୁଲିସର ନାଁ ଅଛି ପାଟ୍ରୋଲିଂ, ନାଁ ହେଉଛି ବିଭିନ୍ନ ଫାଷ୍ଟଫୁଡ ଦୋକାନରେ ଅଚାନକ ଯାଞ୍ଚ ଯାହା ଫଳରେ କି ଅସ୍ତରଙ୍ଗ ମୁଖ୍ୟ ବଜାର ହେଉ କିମ୍ବା ବିଭିନ୍ନ ପଞ୍ଚାୟତର ଛକ ଗୁଡିକରେ ଥିବା ଦୋକାନ ମଦ୍ୟପ ଓ ନିଶାଡିଙ୍କ ଆଡ୍ଡାସ୍ଥଳୀ ପାଲଟୁଛି। ଏହାସହ ଦୈନିକ ଖୁଲମଖୁଲ୍ଲା ଦିନରାତି ବେଆଇନ ଭାରୀ ଯାନରେ ବାଲି ଓ ପଥର ଚାଲାଣ ହେଉଛି। ସକାଳ ଠାରୁ ରାତି ପର୍ଯ୍ୟନ୍ତ ସିମୁଳିଆ ମୁଖ୍ୟ ବଜାର କେତେକ ବ୍ୟବସାୟୀ ରାସ୍ତାକୁ ମାଡି ଆସିବା ଫଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି, ଖୁଲମଖୁଲ୍ଲା ଗାଡି ରେ ଦେଶୀ ଓ ବିଦେଶୀ ମଦ ଚାଲାଣ ସର୍ବ ସମ୍ମୁଖରେ ହେଉଛି। ବିଭିନ୍ନ ଗାଁରେ ବେଆଇନ ମାଦକ ଦ୍ରବ୍ୟ କାରବାର ଗାଁ ଗଳିକନ୍ଦି, ଅନ୍ଧାରିଆ ନିଛାଟିଆ କ୍ୟାବିନି କଡ଼ରେ ଖୋଲା ମେଲାରେ ଚାଲିଛି। ଧଳା ଜହର କାରବାର ପ୍ରତ୍ୟେକ ଗାଁଗଣ୍ଡାକୁ ବ୍ୟାପିଲାଣି। ଶିକ୍ଷିତ ବେକାର ଯୁବକ ଏହାକୁ ସେବନ କରି ଚୋରି, ଲୁଟ ଭଳି ଘଟଣା ଘଟାଇବାକୁ ପଛଘୁଞ୍ଚା ଦେଉନାହାନ୍ତି। ବିଳମ୍ବିତ ରାତି ପର୍ଯ୍ୟନ୍ତ ଛକ ବଜାର, ଗାଁ ମୁଣ୍ଡ ମନ୍ଦିର ବେଢ଼ାରେ ବସି ହୋହାଲ୍ଲା କରୁଛନ୍ତି।

## ବୋଲେରୋ ଧକ୍କାରେ ବାଇକ ଚାଳକ ଆହତ



**ରାୟଗଡ଼ା,୨୦।୮(ସଂଚାର ବ୍ୟୁରୋ):** ରାୟଗଡ଼ା ବ୍ଲକ ପେଣ୍ଟା ପଞ୍ଚାୟତ ମହକୁମାସ୍ଥିତ ଶିବ ମନ୍ଦିର ନିକଟରେ ବୋଲେରୋ ଧକ୍କାରେ ମୋଟରସାଇକେଲ ଚାଳକ ଓ ଆରୋହୀ ଦୁର୍ଘଟଣାଗ୍ରସ୍ତ ହୋଇଛନ୍ତି। ବାଇକ ଚାଳକ ସାମାନ୍ୟ ଆହତ ହୋଇଥିଲେ ହେଁ ଆରୋହୀଙ୍କ ଗୋଡ଼ ଉପରେ ବୋଲେରୋ ମାଡ଼ିଯିବାରୁ ତାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଛି ସେ ଗୁରୁତର ଅଛନ୍ତି। ଉଭୟଙ୍କ ଘର ମୁନିଗୁଡା ବ୍ଲକରେ ବୋଲି ଜଣାପଡିଛି। ଗୁରୁତର ଆହତ ଜଣକ ହେଲେ ବି ସନ୍ତୋଷ କୁମାର(୫୦) ଏବଂ ସୁରେଶ କୁଲେଶିକା(୨୨)। ତେବେ ସେଠାରେ ଦୁର୍ଘଟଣା ଘଟାଇ ବୋଲେରୋ ଗାଡ଼ି ଫେରାର ହୋଇଯାଇଥିବା ବେଳେ ସେଠାରେ ଉପସ୍ଥିତ ଜନସାଧାରଣ ବୋଲେରୋକୁ ଅଟକାଇବା ପାଇଁ ଚେଷ୍ଟା କରିଥିଲେ। ମଧ୍ୟ ବୋଲେରୋ ଫେରାର ହୋଇଯାଇଥିଲା । ତେବେ ଖବରପାଇ ସନ୍ତୋଷଙ୍କ ସମ୍ପର୍କୀୟ ପହଞ୍ଚି ଦୁଇ ଆହତଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଆଣି ଭର୍ତ୍ତି କରିଥିଲେ। ଏଠାରେ ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷଙ୍କ ପରିବାର ତାଙ୍କୁ ଉଚ୍ଚ ଚିକିତ୍ସା ପାଇଁ ପଡୋଶୀ ଆନ୍ଧ୍ରପ୍ରଦେଶ ରାଜ୍ୟକୁ ନେବେ ବୋଲି ଜଣାପଡିଛି।

# ବିଛଣାରେ ପଶି ରାତି ସାରା ମୁଣ୍ଡ ପାଖରେ ଶୋଇଲା ନାଗ



**ବାରିପଦା,୨୦।୮(ସଂଚାର ବ୍ୟୁରୋ):** ବିଷଧର ସାପ ସହ ମଣିଷର ଗୋଟିଏ ରାତି ବିଛଣାରେ ପାହିଲା। ହେଲେ ସାପଟି ମଣିଷର କୌଣସି କ୍ଷତି କରି ନ ଥିଲା। ପରିବାର ଲୋକେ ସାପ ଧରାଳିଙ୍କୁ ଡାକି ଅକ୍ଷତ ଅବସ୍ଥାରେ ଧରି ସାପକୁ ଜଙ୍ଗଲରେ ଛାଡ଼ିଛନ୍ତି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ଗ୍ରାମ ପଞ୍ଚାୟତ ପଣ୍ଡୁଆ ଗ୍ରାମରେ। ସୂଚନାଯୋଗ୍ୟ, ପଣ୍ଡୁଆ ଗ୍ରାମର କମଳାକାନ୍ତ ରାଉତ ସୋମବାର ରାତିରେ ଖାଇସାରି ବିଛଣାରେ ଶୋଇଥିଲେ। ମଶାରୀ ଭିତରେ ସେ ଶୋଇଥିବା ସମୟରେ ଏକ ନାଗସାପ ପଶିଯାଇ ତାଙ୍କ ମୁଣ୍ଡ ପାଖରେ ଶୋଇଥିଲା। ମଶାରୀ ବାହାରକୁ ସାପଟି ବାହାରି ପାରି ନ ଥିବାରୁ ରାତି ତମାମ ଅନ୍ଧାର ଘର ମଧ୍ୟରେ କମଳାକାନ୍ତଙ୍କ ସହ ରହିଥିଲା। ସକାଳେ କମଳାକାନ୍ତ ନିଦରୁ ଉଠି ସାପକୁ ଦେଖି ଚିତ୍କାର କରିଥିଲେ। ସଙ୍ଗେ ସଙ୍ଗେ ପରିବାର ଲୋକେ ପହଞ୍ଚି ସାପକୁ ଦେଖି ସ୍ନେକ ହେଲ୍ପ ଲାଇନକୁ ଫୋନ କରିଥିଲେ। ସ୍ନେକ ହେଲ୍ପ ଲାଇନ କର୍ମଚାରୀ ପହଞ୍ଚି ୬ଫୁଟର ନାଗକୁ ଧରି ସୁରକ୍ଷିତ ସ୍ଥାନରେ ଛାଡ଼ି ଦେଇଛନ୍ତି।

# ଝାଟିମାଟି ଘରେ ବିତୁଛି ଜୀବନ, ଭତ୍ତା ବି ମିଳୁନି



**କେସିଙ୍ଗା,୨୦।୮(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅଧୀନସ୍ଥ କନ୍ଟେଶିର ଗ୍ରାମ ପଞ୍ଚାୟତର ଗେଠିପଡାର ନିବାସୀ ପଦ୍ମଲୋଚନ ରଣା( ୬୫) ଓ ତାଙ୍କ ସ୍ତ୍ରୀ ସେବତୀ ରଣା (୬୩ ) ଦୀର୍ଘ ୩୦ ବର୍ଷ ହେଲାଣି ଝାଟି ମାଟି ଘରେ ଜୀବନ ବିତାଇ ଆସୁଛନ୍ତି। ବର୍ଷା ଋତୁରେ ଖପର ରୁ ପାଣି ଗଳୁଥିବାରୁ ପାଲ ଢାଙ୍କି ରହୁଛନ୍ତି। ଘର ଖଣ୍ଡିଏ ପାଇବା ପାଇଁ ବହୁ ବାର ବ୍ଲକ କାର୍ଯ୍ୟାଳୟ, ସ୍ଥାନୀୟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଦୌଡ଼ି ଦୌଡ଼ି ନିରାଶ ହୋଇ ପଡିଛନ୍ତି ପଦ୍ମଲୋଚନ ରଣା । ପଦ୍ମଲୋଚନ ଗୋଟିଏ ପୁଅକୁ ବିବାହ କରିଦେବା ପରେ ସେ ଅଲଗା ରହୁଛନ୍ତି। ଏହା ସହିତ ଗୋଟିଏ ଝିଅକୁ ମଧ୍ୟ ବାହା ଦେଇସାରିଛନ୍ତି। କନ୍ଟେଶିର ଗ୍ରାମର ବସ୍ତିରେ ରହୁଥିବା ବେଳେ ଘର ଭାଙ୍ଗି ଯିବାରୁ ବସ୍ତିରୁ ଯାଇ ଗେଠିପଡାରେ ଝାଟି ମାଟି ଘର ଖଣ୍ଡିଏ ନିର୍ମାଣ କରିଥିଲେ। ବର୍ଷା ଋତୁରେ ପାଣି ଗଳୁଥିବାରୁ ଘର ଭିତରେ ଓଦା ହୋଇ ଯାଉଛି। ଘରକୁ ସମ୍ପୂର୍ଣ୍ଣ ରୂପେ ପଲିଥିନ ଖଣ୍ଡେ ଘୋଡାଇବାର ସମର୍ଥ ମଧ୍ୟ ନାହିଁ। କୁଲିମଜୁରୀ କରି ସ୍ୱାମୀ ସ୍ତ୍ରୀ ବହୁ କଷ୍ଟରେ ଜୀବନ ବିତାଉଛନ୍ତି। ପଦ୍ମଲୋଚନ ଓ ତାଙ୍କ ସ୍ତ୍ରୀ ଭତ୍ତା ପାଇଁ ମଧ୍ୟ ବହୁ ବାର ଗ୍ରାମ ପଞ୍ଚାୟତ ଓ ବ୍ଲକରେ ଆବେଦନ କରିଥିଲେ ମଧ୍ୟ ଆଜି ଯାଏ ଭତ୍ତା ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ସଂକ୍ରାନ୍ତରେ କନ୍ଟେଶିର ଗ୍ରାମ ପଞ୍ଚାୟତର ସରପଞ୍ଚ ମମତା ରାଣୀ ନାଗଙ୍କୁ ପଚାରିବାରୁ ଘର ଓ ଭତ୍ତା ପାଇଁ ଅନଲାଇନରେ ଆବେଦନ କରାଯାଇଛି ବୋଲି ପ୍ରକାଶ କରିଥିଲେ।

ମହିଳା କର୍ମଚାରୀଙ୍କୁ ଅସଦାଚରଣ

# ଗିରଫ ପରେ ନିଲମ୍ବିତ ହେଲେ ଶାଖା ପରିଚାଳକ

**ବରଗଡ଼,୧୯।୮(ପ୍ରେମାନନ୍ଦ ଖମାରୀ)-** ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ, ସୋହେଲାର ଶାଖା ପରିଚାଳକ ପ୍ରଭଞ୍ଜନ ମାଝୀଙ୍କୁ ସୋମବାର ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଅପରପକ୍ଷେ ସହକାରୀ ଶାଖା ପରିଚାଳକ ପ୍ରିୟଙ୍କା ବାରିକଙ୍କୁ ସୋହେଲା ଶାଖାର ଶାଖା ପରିଚାଳକଭାବେ ଅବସ୍ଥାପିତ କରାଯାଇଛି। ସମ୍ବଲପୁର ଜିଲା ସମବାୟ କେନ୍ଦ୍ର ବ୍ୟାଙ୍କ ଲିଃର ବରଗଡ଼ସ୍ଥିତ ମୁଖ୍ୟ କାର୍ଯ୍ୟାଳୟର ପତ୍ରସଂଖ୍ୟା-୨୩୦୧୭ ତା-୧୮।୮।୨୦୨୫ରିଖରେ ଉଲ୍ଲେଖ ରହିଛି, ଗତ ୧୬ତାରିଖରୁ ଶାଖା ପରିଚାଳକ ମାଝୀ ପୋଲିସ ଦ୍ୱାରା ଗିରଫ ହୋଇ ବିଚାର ବିଭାଗୀୟ ହାଜତରେ ରହିଛନ୍ତ। ଏହି ଦୃଷ୍ଟିରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଥିବା ସେହି ପତ୍ରରେ ଉଲ୍ଲେଖିତ ରହିଛି। ପ୍ରକାଶଥାଉ କି, ନିଲମ୍ବିତ ଶାଖା ପରିଚାଳକ ମାଝୀ ପଦ୍ମପୁର ଶାଖାରେ କାର୍ଯ୍ୟରତ ଥିବାବେଳେ ସେଠାରେ ଜଣେ ମହିଳା କର୍ମଚାରୀଙ୍କ ପ୍ରତି ବାରମ୍ବାର ଅସଦାଚରଣ କରି ଆସୁଥିବା ଅଭିଯୋଗ ହୋଇଛି। ଏ ନେଇ ସମ୍ପୃକ୍ତ ମହିଳା କର୍ମଚାରୀ ପଦ୍ମପୁର ଥାନାରେ ଏତଲା ଦେବା ପରେ ପୋଲିସ ତାଙ୍କୁ ଗିରଫ କରିଛି। ସେ ଏବେ ପଦ୍ମପୁର ଉପ କାରାଗାରରେ ବିଚାରାଧିନ ବନ୍ଦୀଭାବେ ରହିଛନ୍ତି।

# ସ୍ୱାଭିମାନୀ ମଞ୍ଚର ବାଲିଆପାଳ ବନ୍ଦ ଡାକରା

## ଏନଏସି ଘୋଷଣାରୁ ବାଦ ବାଲିଆପାଳ

**ବାଲିଆପାଳ,୨୦।୮(ସଂଚାର ବ୍ୟୁରୋ):** ରାଜ୍ୟ ସର ସରକାର ୧୨ଟି ନୂତନ ନୂ ଏନଏସି ଘେ ଘୋଷଣା କରିଥିବା ବେଳେ ତାଲିକାରେ ବାଲିଆପାଳ ବାଦ ପଡିବା ନେଇ ବିଭିନ୍ନ ସାମାଜିକ ସଂଗଠନ ରାଜନୈତିକ ଦଳ ତଥା ବୁଦ୍ଧିଜୀବି ମହଲରେ ଅସନ୍ତୋଷ ଦାନା ବାନ୍ଧୁଥିବାବେଳେ ସାମାଜିକ ସଂଗଠନ ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚ ପକ୍ଷରୁ ବାଲିଆପାଳ ବନ୍ଦ ଘୋଷଣା କରାଯାଇଛି। ବାଲିଆପାଳିଆ ସ୍ୱାଭିମାନୀ ମଞ୍ଚର ଆବାହକ ସତ୍ୟକାମ ମହାନ୍ତି ଆସନ୍ତା ୨୧/୮ ତାରିଖ ସକାଳ ୬ଟାରୁ ଆଠ ଘଣ୍ଟିଆ ବାଲିଆପାଳ ବନ୍ଦ ଡାକରା ଦେଇଛନ୍ତି। ଏନେଇ ବାଲିଆପାଳ ତହସିଲଦାରଙ୍କୁ ସଂଗଠନର ଆମୁଖ୍ୟ ବାବଦରେ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ଓନୂତନ ବିଜ୍ଞାପିତ ଅଞ୍ଚଳ ପରିଷଦ ଗଠନ ନେଇ ସମସ୍ତ ଆବଶ୍ୟକୀୟ ଯୋଗ୍ୟତା ଥାଇ, ବାଲିଆପାଳକୁ ରାଜ୍ୟସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ନୂତନ ଏନଏସି ତାଲିକାରୁ ବାଦ ଦିଆଯାଇଛି। ବାଲିଆପାଳରେ ବ୍ଲକ, ତହସିଲ, ଦମକଳ କେନ୍ଦ୍ର, ଥାନା, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ସରକାରୀ ବସଷ୍ଟାଣ୍ଡ, ଷ୍ଟାଡିୟମ, ସରକାରୀ ତଥା ବେସରକାରୀ ପ୍ରାୟ ସମସ୍ତ ବ୍ୟାଙ୍କର ଶାଖା, ମହିଳା ମହାବିଦ୍ୟାଳୟ ଶରୀରିକ ପ୍ରଶିକ୍ଷଣ ମହାବିଦ୍ୟାଳୟ ଏବଂ ଅନେକ ସରକାରୀ ବେସରକାରୀ ଶିକ୍ଷାନୁଷ୍ଠାନ ଆଦି ରହିଛି। ଡଗରା- ଚଉମୁଖ ବେଳାଭୂମି ପର୍ଯ୍ୟଟନ କ୍ଷେତ୍ରରେ ସ୍ୱତନ୍ତ୍ର ସମ୍ଭାବନା ସୃଷ୍ଟି କରିଥିବା ବେଳେ ବାଲିଆପାଳ ତାର ମୁଖଶାଳା ଭାବେ ଦେଶରେ ପରିଚୟ ସୃଷ୍ଟି କରିପାରିଛି।

ବିଗତ କଂଗ୍ରେସ ସରକାର ସମୟରେ ତତ୍କାଳିନ ଅବିଭକ୍ତ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତି ବାଲିଆପାଳକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ନିମନ୍ତେ ବିଧାନସଭାରେ ଦାବି ଉପସ୍ଥାପିତ କରିଥିଲେ।